


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-339 •SUNDAY •7 JUNE 2026 •PAGE-12+4 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୩୯ •ରବିବାର •୭ ଜୁନ୍ ୨୦୨୬ •ପୃଷ୍ଠା-୧୨+୪ (ସିନ୍ଦୂରା) •ଟ.୭.୦୦





# ବଲାଙ୍ଗିର ପୌରାଞ୍ଚଳରେ ପୋଖରୀ ପଲିଟିକ୍ସ



ବଲାଙ୍ଗିର,୬।୬(ସମିସ)

ବଲାଙ୍ଗିରରେ ପୌର ନିର୍ବାଚନ ପୂର୍ବରୁ ପୋଖରୀ ପଲିଟିକ୍ସ ଦେଖିବାକୁ ମିଳିଛି। ସହରରେ ଥିବା ପ୍ରାୟ ୧୧ ଟି ପୋଖରୀ ପୁନରୁଦ୍ଧାର କାମ ଚାଲିଛି। ଏହାକୁ ନେଇ ବଲାଙ୍ଗିର ରାଜନୀତି ସରଗରମ ହୋଇଛି। କିଛି ଦିନ ହେଲା ଏହି କାମକୁ ନେଇ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଓ ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଥିଲା। ଶନିବାର ଉଭୟ ନେତାଙ୍କ ସମର୍ଥକ ପୁନରୁଦ୍ଧାର କାମ ସ୍ଥଳରେ ମୁହାଁମୁହିଁ ହୋଇଥିଲେ। ପୋଖରୀ କାମରେ ଦୁର୍ନୀତି ଅଭିଯୋଗ ଆଣି ଶନିବାର କଂଗ୍ରେସ କର୍ମୀ କାମର ପ୍ରତିବାଦ କରିଥିଲେ। ବିଜେଡି କର୍ମୀ ସେମାନଙ୍କୁ ଲକ୍ଷ୍ମୀଯୋର କାମ ଦୁର୍ନୀତି ପ୍ରସଙ୍ଗ ଉଠାଇ ବିରୋଧ କରିଥିଲେ। ଏହା ଫଳରେ ଉଭୟ ଦଳର ନେତାଙ୍କ ଭିତରେ ନାରାବାଜି ହେବା ସହ ଉତ୍ତେଜନା ଦେଖିବାକୁ ମିଳିଥିଲା।

ବଲାଙ୍ଗିର ସହର ରାଜୁଡା ଅମଳରୁ ଏକ ବ୍ୟବସ୍ଥିତ ସହର ରହିଥିଲା। ବ୍ୟବସ୍ଥିତ ଯୋଜନା ଅନୁସାରେ ସହର ଭିତରେ ପ୍ରାୟ ୧୭ଟି ପୋଖରୀ ଖନନ କରାଯାଇଥିଲା। ଏହା ସହରର ଭୂତଳ ଜଳସ୍ତରକୁ ସଂରକ୍ଷିତ ରଖିବା ସହ ସହରବାସୀଙ୍କ ପାଣି ସମସ୍ୟାକୁ ଦୂର କରୁଥିଲା। ଏହି ପୋଖରୀଗୁଡ଼ିକ ଭିତରେ ଏକ ସଂଯୋଗ ମଧ୍ୟ ରହିଥିଲା। ଏହାଫଳରେ ଫଳରେ ବର୍ଷସାରା ଏହି ପୋଖରୀରେ ପାଣି ଭର୍ତ୍ତି ହୋଇ ରହୁଥିଲା; କିନ୍ତୁ ସହର ବଢିବା ସହ ସମୟାନୁକ୍ରମେ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ପୋଖରୀଗୁଡିକ ପଙ୍କରେ ପୋତି ହୋଇଥିଲା। ଏହାଫଳରେ ସହରର ପାଣି ସମସ୍ୟା ଦେଖିବାକୁ ମିଳିଥିଲା। କିଛିବର୍ଷ ହେଲା ଏହି ସମସ୍ୟା ଉତ୍କଟ ହୋଇଥିଲା। ଏହାକୁ ନେଇ ପୋଖରୀଗୁଡିକର ପୁନରୁଦ୍ଧାର କରିବା ପାଇଁ ଦାବି ହୋଇଥିଲା। ସେହି ଅନୁସାରେ ୨ ବର୍ଷ ତଳେ ସହରର ମହାରାଣୀ ସାଗର ପୁନରୁଦ୍ଧାର କରାଯାଇଥଲା। ଚଳିତ ବର୍ଷ ସହରରେ ଥିବା ୧୧ଟି ପୋଖରୀରୁ ପୌର ପରିଷଦ ଏକାସାଙ୍ଗେ ପୁନରୁଦ୍ଧାର କାମ ଆରମ୍ଭ କରିଛି।

ଏହିକ୍ରମରେ ନରସିଂହ ପୋଖରୀ ଓ କରଙ୍ଗାକଟା କାମ ମଧ୍ୟ ଜାରି ରହିଛି। ନରସିଂହ ବନ୍ଧ କାମ ୬୨ ଲକ୍ଷ ଟଙ୍କା ବ୍ୟୟରେ ପୁରୀ ଜିଲ୍ଲା ପିପିଲିର ଏକ ସଂସ୍ଥା କରିଥିବା ବେଳେ ୨ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟରେ କରଙ୍ଗାକଟା କାମ କଟକର ଏକ ସଂସ୍ଥା କରୁଛି। ସେହିପରି ବେହେରାପାଲି ବନ୍ଧ କାମ ୨ କୋଟି ୬୮ ଲକ୍ଷ ଟଙ୍କାରେ ପିପିଲର ସଂସ୍ଥା କରୁଛି। କନ୍ଦପାଲି ବନ୍ଧ କାମ ୨ କୋଟି ୧୮ ଲକ୍ଷରେ କଟକର ଠିକା ସଂସ୍ଥା କରୁଛି। ପ୍ରତାପ ସାଗର ୯୪ ଲକ୍ଷ ୨୬ ଲକ୍ଷ ଟଙ୍କା ବ୍ୟୟରେ ରେମୁଣାର ସଂସ୍ଥା ନେଇଛି। ତାଲପାଲି ବନ୍ଧ ୪୫ ଲକ୍ଷ ଟଙ୍କା ବ୍ୟୟରେ ରେମୁଣାର ଠିକା ସଂସ୍ଥା ପାଇଛି। ଘିକୁଡି ବନ୍ଧ ୪୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ରେମୁଣାର ଠିକା ସଂସ୍ଥା ପୁନରୁଦ୍ଧାର କାମ କରୁଛି। ଏହିଭଳି ଭାବେ ୧୧ଟି ପୋଖରୀ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହି କାମକୁ ନେଇ ପ୍ରଥମେ



ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରଶ୍ନ ଉଠାଇଥିଲେ। ବିନା କୌଣସି ଯୋଜନା ରୂପରେଖ ପ୍ରସ୍ତୁତ କରି ଏହିଭଳି ଗ୍ରୀଷ୍ମ ସମୟରେ ବନ୍ଧ କାମ କରିବା ଦ୍ୱାରା ଭୂତଳ ଜଳସ୍ତର ହ୍ରାସ ପାଇଛି। ସହରରେ ପାଣି ସମସ୍ୟା ଦେଖା ଦେଇଛି। କାମରେ ଦୁର୍ନୀତି କରାଯାଇଥିବା ସେ ଅଭିଯୋଗ କରିଥିଲେ।

ଏହାର ଉତ୍ତରରେ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଜବାବ ରଖି ଲକ୍ଷ୍ମୀଯୋର କାମରେ ହୋଇଥିବା ଦୁର୍ନୀତି କଥା ଉଠାଇଥିଲେ। ଉଭୟଙ୍କ ମଧ୍ୟରେ ବାକ୍ ଯୁଦ୍ଧ ଚାଲିଥିବା ବେଳେ ଶନିବାର ତାଙ୍କ ସମର୍ଥକ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ପୋଖରୀ କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି କଂଗ୍ରେସ ନେତା ବୁଲୁ ଦାନୀ, ଅଙ୍କିତ ସାହୁଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ନରସିଂହ ବନ୍ଧ ଓ କରଙ୍ଗାକଟାରେ ପ୍ରତିବାଦ କରାଯାଇଥିଲା। ଏହି ସମୟରେ ପୌରାଧ୍ୟକ୍ଷା ଲିକା ସାହୁଙ୍କ ସହ ବହୁ ବିଜେଡି କାଉନସିଲର ଓ କର୍ମୀ ସେଠାରେ ପହଞ୍ଚି କଂଗ୍ରେସ ଆନ୍ଦୋଳନକୁ ବିରୋଧ କରିଥିଲେ। ଏହାଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଦଳର ନେତା ନାରାବାଜି କରିଥିଲେ। ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଆଇଆଇସି ଅବନୀ ସାହୁ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

● କାଦୋପଡ଼ାରେ ନିମ୍ନମାନର କଂକ୍ରିଟ ନାଳ ନିର୍ମାଣ ଘଟଣା

# କ୍ଷମତାର ଅପବ୍ୟବହାର କରି ଦୁର୍ନୀତି ଚାପିଦେବାକୁ ଷଡ଼ଯନ୍ତ୍ର

## ନିର୍ବାଚନ ସମୟରେ ଉଚିତ ଜବାବ ଦେବାକୁ ପଡ଼ାବାସୀଙ୍କ ଚେତାବନୀ

ପାଟଣାଗଡ଼,୬।୬(ସମିସ): ପାଟଣାଗଡ଼ ସହରର କାଦୋପଡାରେ ନିମ୍ନମାନର ଡ୍ରେନ ନିର୍ମାଣ କାମ ଚାଲିଥିବା ଜଳ ଜଳ ହୋଇ ଦିଶୁଛି। ଆଣ୍ଠୁଏ ପାଣି ଭିତରେ କଂକ୍ରିଟକରଣ ସହ ରଡ୍ ବାଇଣ୍ଡିଂ କାମ କରାଯାଉଛି। ତଥାପି ଠିକାଦାର ଶାସକ ଦଳର ହୋଇଥିବାରୁ ଏଭଳି ଏକ ଦୁର୍ନୀତିକୁ ଏନଏସି ଇଓ କାର୍ଯ୍ୟାନୁଷ୍ଠାନ ବଦଳରେ କିଭଳି ଚାପି ଦିଆଯିବ ଉଦ୍ୟମ ଜାରି ରଖିଛନ୍ତି। ଏହା ପଛରେ ବଡ଼ ଧରଣର ପିସି କାରବାର ରହିଛି ବୋଲି ପଡ଼ାବାସୀ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଏଥିସହ କ୍ଷମତା ଚାପରେ ଜଳ ଜଳ ହୋଇ ଦିଶୁଥିବା ଦୁର୍ନୀତିକୁ ଚାପିଦେବାକୁ ବଡ଼ ଷଡଯନ୍ତ୍ର ହୋଇଥିବା ମଧ୍ୟ ଅଭିଯୋଗ ହେଉଛି। ତେବେ ବିଜେପି ସରକାର ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଛି।

ଏଭଳି ଏକ ଦୁର୍ନୀତି କ୍ଷେତ୍ରରେ ତଦନ୍ତ କରାଯାଉନାହିଁ ଏବଂ ଜାଣିଶୁଣି ପଛଘୁଞ୍ଚା ଦିଆଯାଉଛି। ତେଣୁ ଲୋକଙ୍କ ନୁହେଁ; ଦୁର୍ନୀତି ସରକାର ବୋଲି ମଧ୍ୟ ପଡାର କିଛି ଯୁବକ ଅଭିଯୋଗ ଆଣିଛନ୍ତି। ଏଥିସହ ନିର୍ବାଚନ ସମୟରେ ଉଚିତ ଜବାବ ଦିଆଯିବ ବୋଲି ସିଧାସଳଖ କହିଛନ୍ତି। ଗତବର୍ଷ ବର୍ଷା ସମୟରେ କାଦୋପଡାରେ ଡ୍ରେନ ପାଣି ନିଷ୍କାସିତ ହୋଇ ନ ପାରିବାରୁ ପଡାରେ ଆଣ୍ଠୁଏ ପାଣି ଜମା ହୋଇଥିଲା। ତେଣୁ ପଡ଼ାବାସୀଙ୍କ ହିତ ପାଇଁ ବିଧାୟକଙ୍କ ପ୍ରଚେଷ୍ଟାରେ ପ୍ରାୟ ୨ କୋଟି ଟଙ୍କାରେ ନୂତନ ଡ୍ରେନ ନିର୍ମାଣ ପାଇଁ ଅନୁଦାନ ଦିଆଯାଇଥିଲା। ଅନ୍ୟପଟେ ଗତ ୨ଦିନ ହେଲା ପୁଣି ଡ୍ରେନ କାମ ବନ୍ଦ ରହିଛି। ଏହାଫଳରେ ବର୍ଷା ପୁର୍ବରୁ ଡ୍ରେନ କାମ ସରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଥିସହ ନିମ୍ନମାନର କାମ ଯୋଗୁଁ ପୁଣି ପଡାରେ ପାଣି ଜମିବା ଭଳି ସ୍ଥିତି ଉପୁଜିଛି। ତେଣୁ ଏହି ଡ୍ରେନ କାମ କାହା ପାଇଁ ବୋଲି ପଡ଼ାବାସୀ ପ୍ରଶ୍ନ କରିଛନ୍ତି।

# ଖଇରମାଳରେ ଆଦିମ ଅଧିବାସୀଙ୍କ ବୈଠକ



କଣ୍ଟାମାଳ,୬।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଲମ୍ବସରି ପଞ୍ଚାୟତ ଖଇର ମାଳରେ ଆଦିମ ଅଧିବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ଜଙ୍ଗଲ ବୃଦ୍ଧି ହେବା ପରିବର୍ତ୍ତେ ଜଙ୍ଗଲ କ୍ଷୟ ହେଉଛି। ଜଙ୍ଗଲ ହ୍ରାସ ଯୋଗୁଁ ବୌଦ୍ଧ ଜିଲ୍ଲାରେ ତାପମାତ୍ର ବୃଦ୍ଧି ପାଉଛି। ପ୍ରବଳ ଖରାରେ ଜନ ସାଧାରଣ ଅସ୍ତବ୍ୟସ୍ତ ହେଉଛନ୍ତି। ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷ ଓ ଜଙ୍ଗଲଜାତ ଖାଦ୍ୟ ଲୋପ ପାଇବାକୁ ବସିଲାଣି। ଏହାଦ୍ୱାରା ଆଦିବାସି ତଥା ଜନଜାତି ଲୋକଙ୍କ ଜୀବନ ଜୀବିକାରେ ଅସୁବିଧା ସୃଷ୍ଟି ହେବାକୁ ବସିଲାଣି। ଜଙ୍ଗଲ କ୍ଷୟ ଯୋଗୁଁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ବୈଠକରେ ସୁଶାନ୍ତ ମଳିକ, ଗୁରେଖ ସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଲାଙ୍ଗିର,୬।୬(ସମିସ): ବଲାଙ୍ଗିର ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଭବ୍ୟ ସମ୍ବର୍ଦ୍ଧନା ଓ ବିଦାୟକାଳୀନ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ପୂର୍ବତନ ସାଂସଦ ନିରଞ୍ଜନ ବିଶି, ଏଡିଇଓ ପ୍ରବୀର ପଣ୍ଡା, ଏଡିଇଓ ରୀନା କୁମାରୀ ବେହେରା, ଏଡିଇଓ ସେବାଶ୍ରୀ ଭୋଇ, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଶିକ୍ଷକ, ଶିକ୍ଷୟତ୍ରୀ, ପୁରାତନ ଛାତ୍ରୀ, ଅଭିଭାବକ, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ



ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ। ତେବେ ଦୀର୍ଘ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ନିଷ୍ଠା, ଦାୟିତ୍ୱବୋଧ ଓ ଉତ୍ସର୍ଗୀକୃତ ସେବା ପାଇଁ ଶ୍ରୀ ମିଶ୍ର ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ। ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ଶିବୁଡୁଲା ଉଚ୍ଚ ବିଦ୍ୟାଳୟରୁ ଶ୍ରୀ ମିଶ୍ର ଶିକ୍ଷକତା ଆରମ୍ଭ କରିଥିଲେ। ପରେ ଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ୍ ରାକ୍ସିମୁଣ୍ଡା ହାଇସ୍କୁଲରେ ଯୋଗ ଦେଇଥିଲେ। ଏହାପରେ ବଲାଙ୍ଗିର ସରକାରୀ ଟାଉନ ବାଳିକା ହାଇସ୍କୁଲକୁ ବଦଳି ହୋଇଥିଲେ। କିଛି ବର୍ଷ ପରେ ରାମଗୋପାଳ ହିନ୍ଦୀ ହାଇସ୍କୁଲରେ ଦାୟିତ୍ୱ ନିର୍ବାହ କରିଥିଲେ। ପଦୋନ୍ନତି ପାଇ ପୁଣି ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇଥିଲେ।

# ବ୍ୟବସାୟୀ ସାଧୁଚରଣ ମେହେରଙ୍କ ପରଲୋକ

ମନମୁଣ୍ଡା,୬।୬ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୁଡଭେଲିପଦର ନିବାସୀ ବ୍ୟବସାୟୀ ସାଧୁଚରଣ ମେହେର



(୫୫)ଙ୍କ ପରଲୋକ ହୋଇଯାଇଛି। ଶନିବାର ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଶଗଡ଼ା ବାଘ ନଦୀ ଘାଟରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ପୁଅ ରିଙ୍କୁ ମୁଖାଗ୍ନି ଦେଇଥିଲେ। ଏହି ଦୁଃଖଦ ଘଟଣାରେ ଆଜି ଶଗଡ଼ା ବଣିକ ସଂଘ ସମସ୍ତ ଦୋକାନ ବନ୍ଦ କରି ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲା।

# ୨୮ ରୁ ଦେମୁହାଁଣୀ ଗଣ୍ଡାପଡ଼ା ଅନ୍ଧାର

କଣ୍ଟାମାଳ,୬।୬ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ଦେମୁହାଁଣୀ ଗ୍ରାମର ଗଣ୍ଡାପଡ଼ାକୁ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ଅଣଦେଖା କରାଯାଇଛି। ଗତ ୨୮ ଭୟଙ୍କର ଝଡ଼ତୋଫାନ ହେବା ଦ୍ୱାରା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ଏହାଫଳରେ ଗାଁକୁ ବିଜୁଳି ଯୋଗାଣ ବନ୍ଦ ରହିଛି। ଏ ନେଇ ଲୋକେ ବିଦ୍ୟୁତ ବିଭାଗୁ ଜଣାଇ ଥିଲେ ସୁଦ୍ଧା ମରାମତି କରାଯାଉନି। ଗ୍ରାମବାସୀ ଗରମରେ କଳବଳ ହେଉଛନ୍ତି। ଲୋକେ ଦିନରେ ବାଧହୋଇ ଆମ୍ବ ତୋଟାରେ ବିଶ୍ରାମ ନେଉଛନ୍ତି। ଏହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଛି।



ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

# ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ ହେବା ଉଚିତ



ତରଭା,୬।୬(ସମିସ)

ସୁବର୍ଣ୍ଣପୁର ବନଖଣ୍ଡ ବିଭାଗ ପକ୍ଷରୁ ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ ହେବା ଉଚିତ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ଅଜିତ ବିଶିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ମହାରଣା, ଏସିଏଫ୍ ଗିରିଧାରୀ ନାଗ, ଏସିଏଫ୍ ଅବିନାଶ ବରିହା ପ୍ରମୁଖ ଯୋଗ ଦେଇଥିଲେ। ପରିବେଶ ସୁସ୍ଥ ରଖିବାକୁ ହେଲେ ଜଙ୍ଗଲ ସୁରକ୍ଷା ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ଅପରିହାର୍ଯ୍ୟ। ଏଣୁ ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ ହେବା ଉଚିତ୍ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି। ବିଷୟବସ୍ତୁ ବିଶେଷଜ୍ଞ ପ୍ରକାଶ ସହୁ ସଭା ସଂଯୋଜନା କରିଥିବା ବେଳେ ଶେଷରେ ସୋନପୁର ରେଞ୍ଜର ସୁବାସ ଚନ୍ଦ୍ର ମହାପାତ୍ର ଧାନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ବିନିକା ଫବସି ଗାଁର ଅଖୋଜ୍ ଷାଣ୍ଡ, ବୀରମହାରାଜପୁର ଗୋବିନ୍ଦପୁରର ପ୍ରଫୁଲ୍ଲ ସାହୁ, ଡୁଙ୍ଗୁରିପାଲି ଗଜବନ୍ଧର ଯୁଧିଷ୍ଠିର ରଣା, ସୋନପୁର ବ୍ଲକ୍ କୀର୍ତ୍ତିପୁରର ଗଜାନନ ସାଥୁଆ, ଉଲଣ୍ଡା ବ୍ଲକ୍ ଖଜୁରିଆପାଲିର ସୁନୀତା ଗଡଡ ଓ ତରଭା ବ୍ଲକ୍ ପୋଲବନ୍ଧର ଗିରିଧାରି ଭୋଇ ପ୍ରମୁଖଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଇଥିଲା। ସେହିପରି ବୀରମହାରାଜପୁର ବ୍ଲକ୍ ପିତାମହୁଲର ସରକାରୀ ୟୁଜିଏଚସି ବିଦ୍ୟାଳୟ, ଡୁଙ୍ଗୁଙ୍ଗୁରିପାଲି ବ୍ଲକ୍ ମାୟାବାହାର ପଞ୍ଚାୟତ ହାଇସ୍କୁଲ, ସୋନପୁର ବ୍ଲକ୍ ବାଲପୁର ନେତାଜୀ ପାଠାଗାର, ବିନିକା ବ୍ଲକ୍ ବିଶାଳପାଲି ସରକାରୀ ୟୁପି ସ୍କୁଲ ଓ ତରଭା ମାହେଶ୍ୱରୀ କ୍ଲବକୁ ପ୍ରକୃତି ମିତ୍ର ପପୁରସ୍କାର ପ୍ରଦାନ କରାଯାଇଥିଲା।

**ବୌଦ୍ଧ:** ବୌଦ୍ଧ ବନଖଣ୍ଡ ମାଧପୁର ବନାଞ୍ଚଳ ରେଞ୍ଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ରେଞ୍ଜ ଅଧିକାରୀ ଆସିକ ଦିଗାଲଙ୍କ ତତ୍ତ୍ୱାବଧାନ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିବେଶର ସୁରକ୍ଷା, ବନ ସମ୍ପଦର ବିକାଶ ଏବଂ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ଗୋଛାସାହି ଗ୍ରାମ୍ୟ ଜଙ୍ଗଲରେ ୨୫ଟି ପିପଳ ଓ ୨୫ଟି ବରଗଛ ଚାରା ରୋପଣ କରାଯାଇଥିଲା। ପ୍ରକୃତି ଓ ପରିବେଶ ପାଇଁ ଅତ୍ୟନ୍ତ ଉପଯୋଗୀ ଏହି ଦୁଇ ପ୍ରଜାତିର ବୃକ୍ଷ ଦୀର୍ଘ ସମୟ ଧରି ଅଧିକ ପରିମାଣର ଅମ୍ଳଜାନ ଯୋଗାଇବା ସହ ଜୀବବୈଚିଧତା ସୁରକ୍ଷାରେ ମଧ୍ୟ ସହାୟକ ହୋଇଥାଏ ବୋଲି କୁହାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ରେଞ୍ଜ ଅଧିକାରୀ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ ଅଧିକରୁ ଅଧିକ ଗଛ ଲଗାଇବା ଏବଂ ଲଗାଯାଇଥିବା ଗଛର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ। ମାଧପୁର ରେଞ୍ଜ ପକ୍ଷରୁ ଚଳିତ ବର୍ଷ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ପ୍ରାୟ ୧୬ ହଜାର ବିଭିନ୍ନ ଛାୟା ପ୍ରଦାନ, ଔଷଧୀୟ ଏବଂ ଫଳଚାରା ରୋପଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ନର୍ସରୀରେ ଚାରା ପ୍ରସ୍ତୁତିଠାରୁ ଆରମ୍ଭ କରି ରୋପଣ ସ୍ଥାନ ଚିହ୍ନଟ କାର୍ଯ୍ୟ ଜୋରଦାର ଭାବେ ଚାଲିଛି ବୋଲି ରେଞ୍ଜ ଅଧିକାରୀ କହିଛନ୍ତି। ବନପାଳ ଭକ୍ତ ବତ୍ସଳ ମଲ୍ଲିକ, ବନରକ୍ଷୀ ବୀଣାପାଣି ଖଟୁଆ, ଗଜେନ୍ଦ୍ର କହଁର ଓ ଗ୍ରାମବାସୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ହାଇସ୍କୁଲରେ ପରିବେଶ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଡ. ରବିଚନ୍ଦ୍ର ପଶାୟତ, ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ଭକ୍ତ ଭୋଇ, ଶିକ୍ଷା ବିଦ୍ ସମ୍ପଦ ଖମାରୀ, କୋରାପୁଟ ଜିଲ୍ଲା ମହୁଲି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଉମାକାନ୍ତ ଯୁଆଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ସଂସ୍କୃତ ଶିକ୍ଷକ ରାଜୁ ମେହେର ସଭା ସଂଯୋଜନା କରିଥିବା ବେଳେ ଛାତ୍ରୀ ଦିପ୍ତିଶିଖା ବାଗ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଖେଳ ଶିକ୍ଷକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୀବ ପୂଜାରୀ ବିଭୀଷଣ ଖମାରୀ, ସୂରଜ ଖମାରୀ, ସମୀର କାଠାର ସହଯୋଗ କରିଥିଲେ।

**ହରଭଙ୍ଗା:** ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ, ବୌଦ୍ଧ ତରଫରୁ ହରଭଙ୍ଗା ବ୍ଲକ୍ ପୁରୁଣାକଟକସ୍ଥିତ ଆଇଟିସିଟି କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହେଇଛି। ମୁଖ୍ୟ ଅତିଥି ଭାବେ ଯୋଗଗୁରୁ ଓ ପରିବେଶବିତ ବାଳକୃଷ୍ଣ ନାୟକ ଓ ମୁଖ୍ୟବକ୍ତା ଭାବେ ଲୁଣିବାହାଲସ୍ଥିତ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁ ଯୋଗ ଦେଇଥିଲେ। ଏହି ଦିବସ ପାଳନର ଆବଶ୍ୟକତା, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜୈବ ବିବିଧତାର ସୁରକ୍ଷା ସମ୍ପର୍କରେ ଅତିଥିଗଣ ମାର୍ଗ ଦର୍ଶନ କରାଇଥିଲେ। ସୁଧୀର ଦୀପଙ୍କ ତତ୍ତ୍ୱାବଧନରେ ପରିବେଶ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରର ସହ ନିର୍ଦ୍ଦେଶିକା ଅର୍ଚ୍ଚନା ସାମଲ ଅଧ୍ୟକ୍ଷତା କରିଥିଲେ। ସୁଚରିତା ସେଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଜ୍ଞା ପରିମିତା ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଚାରା ରୋପଣ କରାଯାଇଥିଲା।




## ଚାରା ବାଣ୍ଟି ସଚେତନ କଲେ କରାଟେ ଛାତ୍ରଛାତ୍ରୀ

**ବଲାଙ୍ଗିର:** ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ମିଳିତ ଉଦ୍ୟମରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଜାତୀୟସ୍ତରୀୟ କରାଟେ ଓ ତାଏକ୍ୱୋଣ୍ଡୋ ପ୍ରଶିକ୍ଷକ ତଥା ପରିବେଶ ପ୍ରେମୀ ଅସୀମ ଭୋଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କରାଟେ, ତାଏକ୍ୱୋଣ୍ଡୋ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିଲା। ଏହି ଶୋଭାଯାତ୍ରା କୋଶଲ କଳା ମଣ୍ଡଳ ପଡିଆରୁ ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଛାତ୍ରଛାତ୍ରୀ ଜନସାଧାରଣଙ୍କୁ .ରା ବଣ୍ଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି, ଉପଜିଲ୍ଲାପାଳ ଆଲୋକ ପଟେଲ, ଆଡିସିନାଲ ଏସ୍‌ପି ଗୁଣନିଧି ମଲ୍ଲିକ, ତହସିଲଦାର ଲଗ୍ନଜିତ ବେହେରା, ଡେପୁଟି କଲେକ୍ଟର ସତ୍ୟଜିତ ବାରିକ ଏବଂ ଡେପୁଟି କଲେକ୍ଟର ଜୟକୃଷ୍ଣ ପାଣିଗ୍ରାହୀଙ୍କ ସମେତ ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ଚାରାରୋପଣ କରିବା ଏବଂ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।





## ମାୟାବର୍ହା ହାଇସ୍କୁଲକୁ ପ୍ରକୃତିମିତ୍ର ପୁରସ୍କାର

ଡୁଙ୍ଗୁରିପାଲି,୬।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରଯାଇଛି। ସୋନପୁର ବନଖଣ୍ଡ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରଧାନଶିକ୍ଷକ ଦୀନବନ୍ଧୁ ପ୍ରଧାନ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଡ. ରବିଚନ୍ଦ୍ର ପଶାୟତ ଜିଲ୍ଲାପାଳଙ୍କଠାରୁ ଜିଲ୍ଲାସ୍ତରୀୟ ଭବ୍ୟ ସଭାରେ ସାର୍ଟିଫିକେଟ ଓ ପୁରସ୍କାର ରାଶି ଗ୍ରହଣ କରିଛନ୍ତି।



# ସହରର ପ୍ରବେଶ ପଥରେ ବିପଦସଙ୍କୁଳ ସ୍ୱାଗତ ତୋରଣ

ନୀଳଗିରି, ୬।୬(ସମିସ)



ସହରର ମୁଖ୍ୟ ପ୍ରବେଶ ପଥରେ ନିର୍ମିତ ସ୍ୱାଗତ ତୋରଣ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ସାଂସ୍କୃତିକ ଓ ଐତିହାସିକ ପରିଚୟ ପ୍ରଦାନ କରୁଥିବାବେଳେ ଏବେ ଏହା ବିପଦସଂକୁଳ ଅବସ୍ଥାରେ ରହିଛି। ଯାହାର ମରାମତି ଆବଶ୍ୟକ ହେଉଥିବାବେଳେ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ନୀଳଗିରି ସହରର ମୁଖ୍ୟ ପ୍ରବେଶ ପଥ ତଥା ୧୯ ନଂ ଗାଜ୍ୟ ରାଜପଥ ସେରଗଡ଼ ଝରଣାଘାଟି ରାସ୍ତା ନୀଳଗିରି ଏନ୍‌ଏସିର ମୁଖ୍ୟ ପ୍ରବେଶ ପଥରେ ଏହି ସ୍ଥାୟୀ ସ୍ୱାଗତ ତୋରଣ ନିର୍ମାଣ କରାଯାଇଥିଲା। ଏବେ ଏହି ସ୍ଥାୟୀ ତୋରଣ ଜରାଜୀର୍ଣ୍ଣ ତଥା ବିପଦସଙ୍କୁଳ ଅବସ୍ଥାରେ ରହିଛି।

ଭାରତର ପ୍ରଥମ ଗଡ଼ଜାତ ଭାବେ ନୀଳଗିରି ଇତିହାସରେ ଲେଖାଯାଇଛି। ଏଠାରେ ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରକୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ଭକ୍ତଙ୍କ ସୁଅ ଛୁଟିଥାଏ ଏହି ପୀଠକୁ। ରମଣୀୟ ପ୍ରାକୃତିକ ପରିବେଶ, ଚିରସ୍ରୋତା ଝରଣା, ନୀର ଶଯ୍ୟାରେ ବିଜେ ମହାଦେବଙ୍କୁ ପୂଜାର୍ଚ୍ଚନା କରିବାକୁ ଭକ୍ତଙ୍କ ମନରେ ଭକ୍ତି ଭାବ ରହିଥାଏ। ଗାଁ ପରିମଳ ଧୋବା ତୁଠରୁ ଉଲିଆ ଆଜି ପର୍ଯ୍ୟଟକଙ୍କ ସ୍ୱାଗତ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣ କରଯାଇ ଥିବା ତୋରଣ ଅସୁରକ୍ଷିତ ବିପଦ ସଙ୍କୁଳ ଓ ଅବହେଳିତ ଅବସ୍ଥାରେ ଦଣ୍ଡାୟମାନ ହୋଇ ରହିଛି। ତାର ରକ୍ଷଣାବେକ୍ଷଣ ଅଭାବରୁ ଓ ବିଭାଗର ଅବହେଳା ଯୋଗୁଁ ସ୍ୱାଗତ ତୋରଣରେ ଲେଖାଯାଇଥିବା ଅକ୍ଷର ପ୍ଲେଟ ଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଲୁହା ପ୍ଲେଟଗୁଡ଼ିକ ଅଧାରୁ ଅଧିକ ଖସି ପଡ଼ିଥିବାବେଳେ କିଛି ଅସୁରକ୍ଷିତ ଭାବେ ଠିଆ ହୋଇଛି। କାଳବୈଶାଖୀ ବର୍ଷା ଓ ପବନରେ କେତେବେଳେ ଯେ ଭାଙ୍ଗି ତଳକୁ ଖସିପଡ଼ି ଅଘଟଣ ନଘଟିବ ତାହା କହିହେବ ନାହିଁ। ପ୍ରତିଦିନ ଏହି ରାସ୍ତାରେ ସାଂସଦ, ବିଧାୟକ, ଉପ ଜିଲ୍ଲାପଳଙ୍କ ଠାରୁ ଆରମ୍ଭ କରି ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବାବେଳେ କାହାରି ନଜର ପଡୁନାହିଁ ଏହି ସ୍ୱାଗତ ତୋରଣରେ ଗେଟ୍ ଉପରେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ସମ୍ପର୍କରେ କାହାରି ନଜର ପଡୁନାହିଁ କି ଏହାକୁ ପୁନଃନିର୍ମାଣ ପାଇଁ ଆନ୍ତରିକତା ଥିବାର ଜଣାପଡୁ ନାହିଁ। ଆଗକୁ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପବିତ୍ର ରଥଯାତ୍ରା ମହାଆଡ଼ମ୍ବର ସହକାରେ ଆରମ୍ଭ ହେବାକୁ ଯାଉଛି। ପରେ ପରେ ଶ୍ରାବଣ ମାସରେ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ହଜାର ହଜାର କାଉଡିଆ ଜଳାଭିଷେକକୁ ନେଇ ଏହି ରାସ୍ତାରେ ପ୍ରବଳ ଭିଡ଼ ହେବ। ତେଣୁ ଯୁଦ୍ଧ କାଳୀନ ଭିତ୍ତିରେ ବିପଦସଙ୍କୁଳ ଅବସ୍ଥାରେ ଥିବା ସ୍ୱାଗତ ତୋରଣର କାମ ହେବା ଆବଶ୍ୟକ। ଏ ଦିଗରେ ବାଲେଶ୍ୱର ଜିଲ୍ଲାପାଳ ତତ୍ପର ହେବାକୁ ନେଇ ସାଧାରଣରେ ଦାବି ହେଉଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ବାଲେଶ୍ୱର, ୬।୬(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଚାନ୍ଦିପୁର ବେଳାଭୂମି ନିକଟରେ ଥିବା ବନ୍ୟ ବିଭାଗର ଅତିଥି ଭବନ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଭାରପ୍ରାପ୍ତ ଅଧ୍ୟକ୍ଷ ଲଳିତ କୁମାର ଦାଶ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୀତୀକଣ୍ଠ ପ୍ରଧାନ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ପତଞ୍ଜଳି ସାହୁ, ଶୁଭଶ୍ରୀ ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ପବିତ୍ର ମୋହନ ପଣ୍ଡା, ସୁଦତ୍ତା ପାଣିଗ୍ରାହୀ, ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ଇନ୍ଦଲକର ପ୍ରତୀକ ପ୍ରକାଶ, ଏସିଏଫ୍ଓ ତଟିନୀ ସେଠୀ ତଥା ବନ୍ୟ ବିଭାଗର କର୍ମଚାରୀ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ପାରାଲିଗାଲ୍ ସ୍ୱେଚ୍ଛାସେବୀ/ ଅଧିକାର ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ସଚିବ ସୁମନ୍ ଜେନା ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ବେତନଟୀ, ୬।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବଜାର ଉପକଣ୍ଠ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମୁଖରେ ଥିବା ଜଣେ ବ୍ୟବସାୟୀଙ୍କ ଆଜବେଷ୍ଟସ ଘରେ



ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲିଭାଇବାକୁ ବେତନଟୀ ଓ ବଡସାହି ଅଗ୍ନିଶମ ବାହିନୀର ମିଳିତ ପ୍ରୟାସରେ ପ୍ରାୟ ତିନି ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ବ୍ୟବସାୟୀ ମଳୟ କୁମାର ଦାସଙ୍କ ୮ ବଖରା ବିଶିଷ୍ଟ ଆଜବେଷ୍ଟସ ଘରେ ଗୁରୁବାର ବିଳମ୍ବିତ ରାତିରେ ଇନଭର୍ଟରରୁ ସ୍ପାର୍କିଂ ହୋଇ ନିଆଁ ଲାଗିଥିଲା। ନିଆଁ କ୍ରମଶଃ ସମଗ୍ର ଘରକୁ ବ୍ୟାପି ଯାଇଥିଲା। ଭୋର ପ୍ରାୟ ଚାରିଟା ସମୟରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଖବର ପାଇ ତୁରନ୍ତ ବେତନଟୀ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇ ସଦଳବଳରେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ନିଆଁର ତୀବ୍ରତା ଦେଖି ବଡସାହି ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା। ଉଭୟ ଟିମ୍ ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଉଦ୍ୟମ କରି ସକାଳ ପ୍ରାୟ ସାତଟାରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବାଇକ୍, ସାଇକଲ, ୱାସିଂ ମେସିନ୍, ଟ୍ରେଡମିଲ୍, ଲ୍ୟାପଟପ୍, ଇନଭର୍ଟର ସମେତ ଘରର ବିଭିନ୍ନ ମୂଲ୍ୟବାନ୍ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୌଭାଗ୍ୟବଶତଃ ପୂରା ପରିବାର ପାଖଘରେ ଶୋଇଥିବାରୁ କୌଣସି ପ୍ରାଣହାନି ହୋଇନାହିଁ। ନିଆଁ ଲିଭା କାର୍ଯ୍ୟରେ ବେତନଟୀ ଅଗ୍ନିଶମ କେନ୍ଦ୍ରର ମୁଖ୍ୟ ଅଗ୍ନିକର୍ମୀ ରତିକାନ୍ତ ଦାସ, ଗୌରାଙ୍ଗ ବେହେରା, ଉଦୟ ବାସ୍କେ, ରାକେଶ ମାଝୀ, ବିଦ୍ୟାଧର ମହାଳିକ, ପ୍ରଭୁପ୍ରସାଦ ସାହୁ, ସରୋଜ ଜାମୁଡ଼ା, ଡ୍ରାଇଭର ହାବିଲଦାର ଧନେଶ୍ୱର ଟୁଡୁ ପ୍ରମୁଖ ସାମିଲ ଥିଲେ।

## ବାଲେଶ୍ୱର ଷ୍ଟେସନ୍‌ରୁ ନାବାଳିକା ଛାତ୍ରୀ ଉଦ୍ଧାର

ବେତନଟୀ, ୬।୬(ସମିସ): ବୈଶିଙ୍ଗା ପୁଲିସର ତତ୍ପରତା ଯୋଗୁଁ ଏକ ବଡ଼ ସଫଳତା ଲାଭ କରିଛି। ମାତ୍ର ତିନି ଘଣ୍ଟା ଭିତରେ ଅପହରଣ ହୋଇଥିବା ନାବାଳିକାଙ୍କୁ ବାଲେଶ୍ୱର ରେଳ ଷ୍ଟେସନରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଜି ଅପରାହ୍ନରେ ବୈଶିଙ୍ଗା ଥାନା ଅଧୀନସ୍ଥ ଏକ ଗ୍ରାମର ୧୪ ବର୍ଷୀୟା ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ଆଣି ଝିଅର ମାଆ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ ହୋଇଥିଲା ଓ ସବ୍‌ଇନ୍ସପେକ୍ଟର ସରୋଜ ଜେନାଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ତଦନ୍ତରେ ଝିଅ ରାଗି ଘରୁ ପଳାଇଯାଇଥିବା ଜଣାପଡ଼ିଥିଲା। ତଦନ୍ତକାରୀ ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲେଶ୍ୱର ରେଳଷ୍ଟେସନ୍ ନିକଟରେ ଝିଅଙ୍କୁ ଚିହ୍ନଟ କରି ଉଦ୍ଧାର କରିଥିଲା। ସନ୍ଧ୍ୟାରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ନାବାଳିକା ସୁରକ୍ଷା କ୍ଷେତ୍ରରେ ପୁଲିସର ଏପରି ତତ୍ପରତା ପ୍ରଶଂସନୀୟ ବୋଲି କୁହାଯାଉଛି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ମହୁଲଡିହା, ୬।୬(ସମିସ): ଶୋଇଥିବା ଅବସ୍ଥାରେ ଚିତି ସାପ କାମୁଡ଼ାରେ ବୃଦ୍ଧା ବିଧବା ମହିଳାଙ୍କ ମୃତ୍ୟୁ ହୋଇଛି। ମହୁଲଡିହା ଥାନା ସାତକୋଶିଆ ପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ଚିଆଁବେଡା (ବାଉଁଶରାଇ) ସାହିରେ ଘଟିଛି ଏପରି ଏକ ଅଘଟଣ। ମୃତ ବୃଦ୍ଧା ଜଣକ ହେଉଛନ୍ତି ବୁଦୁନି ପୂର୍ତ୍ତି (୫୦)। ଶୁକ୍ରବାର ରାତି ପ୍ରାୟ ୧୦.୩୦ ମିନିଟ୍‌ରେ ଘରେ ଶୋଇଥିବା ଅବସ୍ଥାରେ ବିଷଧର ଚିତି ସାପ କାମୁଡ଼ି ଦେଇଥିଲା। ସେ ଜାଣିପାରି ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ସାପଟିକୁ ମାରିଦେଇ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସଙ୍ଗେ ସଙ୍ଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ମଧ୍ୟ କଟକ ବଡ଼ ଡାକ୍ତରଖାନାକୁ ନେବା ରାସ୍ତାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଯାଇଥିଲା। ମହୁଲଡିହା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୬।୬(ସମିସ): ଘାଗରବେଡ଼ା ଥାନା ଅଞ୍ଚଳରେ ବାଲି ଚାଲାଣ ବେଳେ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ବାଲି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ନେଇ ଖବର ପାଇ ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ପାନପଦରିଆ ଗ୍ରାମ ନିକଟରେ ଅତର୍କିତ ଚଢ଼ଉ କରିଥିଲେ। ଟ୍ରାକ୍ଟର ଚାଳକ ଓ ଅନ୍ୟମାନେ ଟ୍ରାକ୍ଟର ଛାଡି ଚମ୍ପଟ ମାରିଥିଲେ। ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ହସ୍ତାନ୍ତର କରାଯାଇଥିଲା। କନିଷ୍ଠ ଖଣି ଅଧିକାରୀ ଚାମରୁ ମାଝୀ ଘାଗରବେଡା ଥାନାରେ ଲିଖିତ ଅଭିଯୋଗକ୍ରମେ ଲଘୁ ଖଣିଜ ଚୋରା ଚାଲାଣ ନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୁଲିସ।

## ରରୁଆଁ ଅଞ୍ଚଳରୁ ଦୁଇଟି ବାଲି ବୋଝେଇ ଟିପ୍ପର ଜବତ

ରାଇରଙ୍ଗପୁର, ୬।୬(ସମିସ): ବେଆଇନ ବାଲି ଚାଲାଣ ଥମିବାର ନାଁ ନେଉନି। ରରୁଆଁ ଥାନା ଅଞ୍ଚଳରେ ବାଲି ଚାଲାଣ ବେଳେ ଦୁଇଟି ବାଲି ଟିପ୍ପର ଜବତ କରାଯାଇଛି। ରରୁଆଁ ଥାନା ଅନ୍ତର୍ଗତ ନଦୀ କୂଳ ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ଏହାକୁ ନେଇ ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ଆଦିପୁର ଗ୍ରାମ ନିକଟରେ ଅତର୍କିତ ଚଢ଼ଉ କରିଥିଲେ। ବାଲି ବୋଝେଇ ଦୁଇଟି ଟିପ୍ପର ଜବତ କରି ରରୁଆଁ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଥିଲା। କନିଷ୍ଠ ଖଣି ଅଧିକାରୀ ଚାମରୁ ମାଝୀ ଓ ଚାରୁ ମାଝୀଙ୍କ ରରୁଆଁ ଥାନାରେ ଅଭିଯୋଗକ୍ରମେ ଲଘୁ ଖଣିଜ ଚୋରା ଚାଲାଣ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ୩ ମାସ ହେଲା ମିଳୁନି ଭତ୍ତା

# ବାଜା ଓ ଖଞ୍ଜଣି ବଜାଇ ଅଭିନବ ପ୍ରତିବାଦ

ବାଲେଶ୍ୱର, ୬।୬ (ସମିସ): ୩ମାସ ହେଲା ହିତାଧିକାରୀଙ୍କୁ ମିଳୁନି ଭତ୍ତା। ଏହାକୁ ନେଇ ଅଭିନବ ପ୍ରତିବାଦ କରିଛନ୍ତି ହିତାଧିକାରୀ। ବାଜା ଓ ଖଞ୍ଜଣି ବଜାଇ ବାଲେଶ୍ୱର ସଦର ବ୍ଲକ୍ ସମ୍ମୁଖରେ ବସିଛନ୍ତି ଶତାଧିକ ବୃଦ୍ଧ, ବିଧବା

### ବିଡିଓଙ୍କୁ ୭ ଦିନର ମହଲତ ଦେଲେ ହିତାଧିକାରୀ

ଓ ଦିବ୍ୟାଙ୍ଗ ହିତାଧିକାରୀ। ଏହି ସମସ୍ୟାର ସମାଧାନ ପାଇଁ ଆଜି ହିତାଧିକାରୀମାନେ ଏକତ୍ରିତ ହୋଇ ସଦର ବ୍ଲକ୍ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହ ଅଭିଯୋଗ ନେଇ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ବିଡିଓଙ୍କୁ ୭ ଦିନର ମହଲତ ଦେଇଛନ୍ତି ହିତାଧିକାରୀ।



ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚନ ସମୟରେ ସରକାରଙ୍କ ପକ୍ଷରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମାସିକ ୩ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ପୂର୍ବରୁ ବ୍ୟାଙ୍କ ମାଧ୍ୟମରେ ସେମାନଙ୍କୁ ପ୍ରତି ମାସରେ ନିୟମିତ ଭତ୍ତା ମିଳୁଥିବା ବେଳେ, ଗତ ୩ ମାସ ହେଲା ଏହା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅନ୍ୟପଟେ କିଛି ସ୍ଥାନରେ ନଗଦ ଟଙ୍କା ଆକାରରେ ଭତ୍ତା ବଣ୍ଟନ କରାଯାଉଥିବା ବେଳେ ବ୍ୟାଙ୍କ ଖାତା ଜରିଆରେ ଟଙ୍କା ପାଉଥିବା ଏହି ହିତାଧିକାରୀମାନଙ୍କ ପ୍ରତି ପ୍ରଶାସନ କାହିଁକି ଅବହେଳା କରୁଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ବାର୍ଦ୍ଧକ୍ୟ ଓ ଶାରୀରିକ ଅକ୍ଷମତା ଯୋଗୁଁ ଚଳପ୍ରଚଳ କରିବାରେ କଷ୍ଟ ଭୋଗୁଥିବା ଏହି ଅସହାୟ ହିତାଧିକାରୀମାନେ ଭତ୍ତା ନପାଇ ଏବେ ଦୁର୍ଦ୍ଦିନରେ ଗତି କରୁଛନ୍ତି। ଯଦି ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନଦିଏ ଏବଂ ବ୍ୟାଙ୍କ ଖାତା ଜରିଆରେ ବାକି ଥିବା ୩ ମାସର ଭତ୍ତା ଟଙ୍କା ଆଗାମୀ ସାତ ଦିନ ଭିତରେ ପ୍ରଦାନ ନକରେ, ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ନିରଞ୍ଜନ ପାତ୍ର (୮୨), ପାରୁଲି ଧରାମି, ବାସନ୍ତୀ ମଣ୍ଡଳ, ମହାଦେବ ମିର୍ଦ୍ଧା, ଚମତ୍କାର ମିର୍ଦ୍ଧାଙ୍କ ସହ ଶତାଧିକ ହିତାଧିକାରୀ ଚେତାବନୀ ଦେଇଛନ୍ତି। ସେପଟେ ସରକାର ଯାହା ନିଷ୍ପତ୍ତି ନେବେ ସେଇ ଅନୁସାରେ ହିତାଧିକାରୀ ସୁବିଧା ପାଇବେ ବୋଲି ବାଲେଶ୍ୱର ସଦର ବିଡିଓ ଉତ୍ତମ କୁମାର ଜେନା ପ୍ରତିଶ୍ରୁତି ଦେଇଛନ୍ତି। ଏହି ବିକ୍ଷୋଭରେ ଜିଲ୍ଲା ସଭାପତି ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମାନସ ଦାସ ପଟ୍ଟନାୟକ, ଅଙ୍କୁର ତରାଇ, ଶଶଧର ପଟ୍ଟନାୟକ, ବରଦା ପ୍ରସନ୍ନ ପଟ୍ଟନାୟକ, ସଞ୍ଜୟ କୁମାର ମଣ୍ଡଳ, ବିଜୟ କୁମାର ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ମହିଳା ଗୁରୁତର

କାଳିପଦା, ୬।୬(ସମିସ): ବାଲିଆପାଳ ଥାନା ବଡ଼ାଶ ଗ୍ରାମର ଜଣେ ମହିଳା ଶନିବାର ଅପରାହ୍ଣ ସମୟରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ଶୁଖିଲା ଜାଳେଣି ଉଠାଇବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ଗୁରୁତର ମହିଳା ଜଣକ ହେଲେ ବଡ଼ାଶ ଗ୍ରାମର ବରେନ୍ଦ୍ର ପାତ୍ରଙ୍କ ସ୍ତ୍ରୀ ବାସନ୍ତୀ ପାତ୍ର (୪୫)। ବାସନ୍ତୀଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପରିବାର ଲୋକ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବାସନ୍ତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାର ଜଣାଯାଇଛି।

## ଥାନାରେ ନାବାଳିକାଙ୍କ ଚେତାଶୂନ୍ୟ ଘଟଣା

# ନ୍ୟାୟ ଦେଇ ପାରିଲେନି ଏସ୍‌ପି, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ପୀଡ଼ିତା



ବାରିପଦା/ମୋରଡା, ୬।୬(ସମିସ): ମୋରଡ଼ା ଥାନାକୁ ନ୍ୟାୟ ପାଇଁ ଯାଇଥିବା ଜଣେ ନାବାଳିକାଙ୍କୁ ଅଧିକାରୀ ସୁମିତ କୁମାର ସୋରେନ ବିଭିନ୍ନ ମାନସିକ ଅତ୍ୟାଚାର ସହ ଧମକ ଦେବା ପରେ ଚେତାଶୂନ୍ୟ ଘଟଣା ଭିନ୍ନ ମୋଡ଼ ନେଇଛି। ଘଟଣାକୁ ନେଇ ପୀଡ଼ିତା ନାବାଳିକା ପରିବାର ମେ ୨୬ ତାରିଖରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏସପି ଅଭିଯୋଗକୁ ଗ୍ରହଣ କରି ବେତନଟୀ ଏସଡିପିଓଙ୍କୁ ୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ୫ ଦିନ ବିତି ୧୨ ଦିନ ପରେ ମଧ୍ୟ ଥାନା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୁନର୍ବାର ପୀଡ଼ିତା ପରିବାର ଶନିବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଗସ୍ତରେ ଆସୁଥିବାରୁ ତାଙ୍କୁ ଭେଟି ଗୁହାରୀ ଜଣାଇବା ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ମୋରଡ଼ା ଥାନାକୁ ଗତ ମେ ୧୬ ତାରିଖରେ ନାବାଳିକା ଉପରେ ହୋଇଥିବା ଅତ୍ୟାଚାରକୁ ନେଇ ପୀଡିତା ନାବାଳିକାଙ୍କ ପରିବାର ଅଭିଯୋଗ କରିବା ପାଇଁ ଯାଇଥିବାବେଳେ ଥାନା ଅଧିକାରୀ ଶ୍ରୀ ସୋରେନ କେଶ ନ ଦେବାକୁ ଚାପ ପକାଇବା ସହ କେଶ କଲେ ନାବାଳିକାକୁ ୭ ବର୍ଷ ଜେଲ ହେବ

### କାହା ଛତ୍ରଛାୟା ତଳେ ଥାନାବାବୁ

ବୋଲି ଧମକ ଦେଇଥିଲେ। ଫଳରେ ନାବାଳିକା ଚେତାଶୂନ୍ୟ ଅବସ୍ଥାରେ ପ୍ରଥମେ କିଶାନତାଣ୍ଡି, ପରେ ବାରିପଦା ପିଆରଏମ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇ ଦୀର୍ଘ ୪ ଘଣ୍ଟା ପରେ ଚେତା ଫେରି ପାଇଥିଲେ। ତେବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯାଉଥିବାବେଳେ ପୁଲିସ ପ୍ରଶାସନ ନିଦାବିଷ୍ଟୁ ସାଜିଛି। ଏତେ ବିବାଦୀୟ ହେବା ପରେ ମଧ୍ୟ ଥାନା ଅଧିକାରୀ ଶ୍ରୀ ସୋରେନ କାହା ଛତ୍ରଛାୟା ତଳେ ରହିଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ସ୍ୱତନ୍ତ୍ର ସଂଘନ ସଂଶୋଧନ ସମ୍ପର୍କିତ ବୈଠକ

# ସମ୍ପୂର୍ଣ୍ଣ ପ୍ରକ୍ରିୟା ସୁଚାରୁରୂପେ ସମ୍ପାଦନ ନିମନ୍ତେ ପରାମର୍ଶ



ରାଇରଙ୍ଗପୁର, ୬।୬(ସମିସ): ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପାଦନ କରିବା ନେଇ ବୈଠକ ଆୟୋଜିତ ହୋଇଯାଇଛି। ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିନି ବ୍ଲକରେ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ନେଇ ଏସ୍‌ଆଇଆର୍ ସମ୍ବନ୍ଧିତ ବୈଠକ ଅନୁଷ୍ଠିତ ହୋଇଛି। ବିଏଲଓ ଓ ସୁପରଭାଇଜରଙ୍କୁ ନେଇ ଆଲୋଚନା ବୈଠକ କରି ସ୍ୱଚ୍ଛତା ସହ ଏସଆଇଆର ପ୍ରକ୍ରିୟା ସମ୍ପାଦନା କରିବା ନେଇ ଗୁରୁତ୍ୱ ଦିଆଯାଇଛି। ଏହି ଏସଆଇଆର ପ୍ରକ୍ରିୟାରେ କ୍ଷେତ୍ରସ୍ତରୀୟ କର୍ମଚାରୀ ତଥା ବିଏଲଓ ଓ ସୁପରଭାଇଜରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଦାୟିତ୍ୱବୋଧ ରହୁଥିବାରୁ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ନିର୍ଦ୍ଦେଶାବଳି ଅନୁସାରେ ସଠିକ ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଭୋଟର ତାଲିକାର ଏହି ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟାରେ ବିଶେଷକରି ମତଦାତା ତାଲିକାକୁ ତ୍ରୁଟିଶୂନ୍ୟ, ସ୍ୱଚ୍ଛ ଓ ଅଧୁନାତନ କରିବା ସହିତ ଯୋଗ୍ୟତା ସୂଚକ ତାରିଖ ଅନୁଯାୟୀ ସମସ୍ତ ଯୋଗ୍ୟ ମତଦାତାଙ୍କ ନାମ ସଠିକ୍ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିଏଲ୍‌ଓ ଓ ସୁପରଭାଇଜରଙ୍କୁ ଘରକୁ ଘର ଯାଇ ସର୍ବେକ୍ଷଣ ପ୍ରକ୍ରିୟା, ନୂତନ ଯୋଗ୍ୟ ମତଦାତାଙ୍କ ନାମ ସଂଯୁକ୍ତ କରିବା, ମୃତ ଓ ସ୍ଥାନାନ୍ତରିତ ଓ ଅଯୋଗ୍ୟ ମତଦାତାଙ୍କ ନାମ ଚିହ୍ନଟ କରି ଭୋଟର ତାଲିକାରୁ ବାଦ୍ ଦେବା, ମତଦାତାଙ୍କ ତଥ୍ୟ ସଂଶୋଧନ, ଉଦ୍ଦିଷ୍ଟ ଫର୍ମ ପୂରଣ ସହିତ ଅନଲାଇନ୍ ଓ ଅଫଲାଇନ୍ ଆବେଦନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଏକ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା, ତ୍ରୁଟିଶୂନ୍ୟତା ବଜାୟ ରଖିବା ପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀ ଏସଆଇଆର ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବ ମୁକ୍ତ ରଖି ଅତ୍ୟନ୍ତ ଯତ୍ନଶୀଳର ସହିତ ସଠିକ ଭାବେ ସମ୍ପାଦନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ଲକ୍ଷ୍ମୀସାଗର ପୋଖରୀ ପୁନରୁଦ୍ଧାର ଦାବି

# ଉପଜିଲ୍ଲାପାଳଙ୍କୁ ଭେଟିଲେ ସଚେତନ ନାଗରିକ ମଞ୍ଚ

ନୀଳଗିରି, ୬।୬(ସମିସ)

ନୀଳଗିରିର ଐତିହ୍ୟ ଓ ସ୍ୱାଭିମାନ ଲକ୍ଷ୍ମୀସାଗର ପୋଖରୀକୁ ସୋର କେନାଲ ଡିଭିଜନ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବେଖାତିର କରି ପୋତି ଦେଇଥିଲା। ଏହାକୁ ବିରୋଧ କରି ବହୁ ସଂଗଠନ ଲକ୍ଷ୍ମୀସାଗର ପୋଖରୀର ପୁନରୁଦ୍ଧାର ପାଇଁ ଆନ୍ଦୋଳନ କରିଥିଲେ। ଫଳରେ ଜିଲ୍ଲାପାଳ ବାଲେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ତହସିଲଦାର ଅଫିସ ପତ୍ରାଙ୍କ ସଂଖ୍ୟା, ୯୯୯/ତା,୨୧/୦୨/୨୦୨୫ ଚିଠି ମୂଳେ ସୋର କେନାଲ ଡିଭିଜନକୁ ଲକ୍ଷ୍ମୀସାଗର ପୋଖରୀ ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଆଳ ଦେଖାଇ




ସୋର କେନାଲ ଡିଭିଜନ ବର୍ତ୍ତମାନ ସୁଦ୍ଧା ଲକ୍ଷ୍ମୀସାଗର ପୋଖରୀ ପୁନରୁଦ୍ଧାର କାର୍ଯ୍ୟ କରୁନାହିଁ। ଆଗକୁ ବର୍ଷା ଋତୁ ଆସୁଛି। ତେଣୁ ଯଥାଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଶନିବାର ସଚେତନ ନାଗରିକ ମଞ୍ଚ ନୀଳଗିରି ତରଫରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଜୟ କୁମାର ପାତ୍ର, ସାମ୍ବାଦିକ ରବି ରାଉତ, ଜଗବନ୍ଧୁ ମୁନି ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଯଦି ଆଗାମୀ ସାତ ଦିନ ଭିତରେ ଲକ୍ଷ୍ମୀସାଗର ପୋଖରୀ ପୁନଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୁଏ, ତେବେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୧୩ ତାରିଖରେ ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଆବାହକ ବିଜୟ କୁମାର ପାତ୍ରଙ୍କ ସମେତ ଉମାକାନ୍ତ ଷଡ଼ଙ୍ଗୀ, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ସାମ୍ବାଦିକ ରବି ରାଉତ, ଜଗବନ୍ଧୁ ମୁନି, ସୁରଞ୍ଜନ ମୁନିଙ୍କ ସମେତ ମଞ୍ଚର ବହୁ ବରିଷ୍ଠ ସାଥୀ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ, ନାଗରିକ ମଞ୍ଚର ଦାବିପତ୍ର ପାଇବା ପରେ, ନୀଳଗିରି ଉପ ଜିଲ୍ଲପାଳ, ଅଫିସ ପତ୍ରାଙ୍କ ସଂଖ୍ୟା, ୩୦୩୬ ତା୬/୬/୨୬ ରେ ସୁପରିନଟେଣ୍ଡେଣ୍ଟ ଇଂଜିନିୟରଙ୍କୁ ଦୁଇ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଏସ୍‌ପିଙ୍କ ଅଫିସ ଆଗରେ ଦୁଇ କିନ୍ନର ଗୋଷ୍ଠୀଙ୍କ ନାରାବାଜି





ବ୍ରହ୍ମପୁର,୬।୬(ସମିସ)

ରାମାୟଣ ନାଟକରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ। ପ୍ରଥମେ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି, ପରେ ପରସ୍ପର ବିରୁଦ୍ଧରେ ଥାନାରେ ଏତଲା ଦେବାପରେ ମାମଲା ବର୍ତ୍ତମାନ ବ୍ରହ୍ମପୁର ଏସପିଙ୍କ ନିକଟରେ ପହଞ୍ଚିଛି। ଆଜି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ କିନ୍ନର ଗୋଷ୍ଠୀଙ୍କ ନାରାବାଜି ଦେଖିବାକୁ ମିଳିଥିଲା। ଗତ କିଛିଦିନ ପୂର୍ବେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ଗାଁରେ ରାମାୟଣ ନାଟକ ଆୟୋଜନ ହୋଇଥିଲା। ଏଥିରେ କିନ୍ନରମାନେ ଅଭିନୟ କରିବା ନିମନ୍ତେ ଗ୍ରୀନ୍ ରୁମରେ ଥିବାବେଳେ ଆଉକିଛି କିନ୍ନର ଗ୍ରୀନ ରୁମରେ ପଶି ଗୋଟିଏ ଗୋଷ୍ଠୀର କିନ୍ନରଙ୍କୁ ନିର୍ଦ୍ଦୁମ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଆକ୍ରମଣ ସମୟର ଭିଡ଼ିଓ ମଧ୍ୟ ସୋସିଆଲ ମିଡ଼ିଆରେ ଭାଇରଲ ହୋଇଥିଲା। ମାଡ଼ ଖାଇଥିବା କିନ୍ନର ଗୋଷ୍ଠୀର ସଦସ୍ୟମାନେ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ସେପଟେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଦୁଇ ବିପକ୍ଷ ଗୋଷ୍ଠୀ କିନ୍ନରଙ୍କ ଅଭିଯୋଗ ପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଆଜି ଉଭୟ ଗୋଷ୍ଠୀ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ଅଭିଯୋଗ ଏସପିଙ୍କୁ ଜଣାଇଛନ୍ତି। ଉଭୟ ଗୋଷ୍ଠୀ ନିଜ ନିଜର ମତ ଓ ପରସ୍ପର ବିରୋଧୀ ଅଭିଯୋଗ ଏସପିଙ୍କ ନିକଟରେ ରଖିଥିଲେ। ଦୁଇ ବିରୋଧୀ କିନ୍ନର ଗୋଷ୍ଠୀଙ୍କ ଅଭିଯୋଗକୁ ନେଇ ତଦନ୍ତ କରାଯିବ ଓ ଆଇନ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ କହିଛନ୍ତି।

# ଶନିବାର ଯାନମୁକ୍ତ ଦିବସ ପାଳିବ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୬।୬(ସମିସ)

ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟିଙ୍କ ନିର୍ଦ୍ଦେଶକ୍ରମେ "ଶନିବାର ଯାନମୁକ୍ତ ଦିବସ' ତଥା ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଚଳାଚଳ ନେଇ କଟକଣା ଲଗାଇଛନ୍ତି। ଏ ନେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ 'ଶନିବାର ଯାନମୁକ୍ତ ଦିବସ' ପାଳନ କରିଛନ୍ତି। ଏହି ଦିନରେ କେବଳ ଇଭି ଯାନକୁ କ୍ୟାମ୍ପସରେ ପ୍ରବେଶର ଅନୁମତି ମିଳିଛି।

ଏହି ପଦକ୍ଷେପ ଜରିଆରେ ଆମେ ଆମ କ୍ୟାମ୍ପସକୁ ସବୁଜମୟ କରିବା ଦିଗରେ ଅଗ୍ରସର ହେବା ସହ ପ୍ଲାଷ୍ଟିକ ବ୍ୟବହାର କମ୍ କରିବା, ବୃକ୍ଷରୋପଣ ସହ ଜୈବ ଇନ୍ଧନର ବ୍ୟବହାର କମ୍ କରାଯିବ। ଏହା ବ୍ୟତୀତ ପରିସରରେ ସୌରଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରି ନବୀକରଣ ଯୋଗ୍ୟ ଶକ୍ତିକୁ ପ୍ରାଥମିକତା ପ୍ରଦାନ କରାଯିବ ବୋଲି କୁଳପତି ପ୍ରଫେସର ଅସୀମା ସାହୁ ସୂଚନାଦେଇଛନ୍ତି। ଶନିବାର ସମସ୍ତ କର୍ମଚାରୀ ଯାନବାହାନକୁ ବିଶ୍ୱବିଦ୍ୟାଳୟ ପଡ଼ିଆରେ ରଖି କ୍ୟାମ୍ପସକୁ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ କ୍ୟାମ୍ପସକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ସୋଲାର ପ୍ୟାନେଲ ସ୍ଥାପନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପରେ ଚାର୍ଜିଂ ପଏଣ୍ଟ ସହ ଆବଶ୍ୟକୀୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ସୂଚନା ପ୍ରଦାନ କରିଛନ୍ତି।

# ଏମ୍‌କେସିଜିରେ ୩ ଦିନିଆ ଜାତୀୟ ଡଟକନ୍ ସମ୍ମିଳନୀ ଉଦ୍‌ଘାଟିତ

ବ୍ରହ୍ମପୁର,୬।୬(ସମିସ)

ଏମକେସିଜି ମେଡିକାଲ୍ କଲେଜର ନୂତନ ଅଡିଟୋରିୟମରେ ଜାତୀୟ ଡଟକନ୍-୨୦୨୬ ସମ୍ମିଳନୀ ଉଦଘାଟିତ




ହୋଇଯାଇଛି। ଜୁନ୍ ୫ତାରିଖ ଠାରୁ ୩ଦିନ ଧରି ଚାଲିବାକୁ ଥିବା ସମ୍ମିଳନୀରେ 'ଉଦୀୟମାନ ଚିକିତ୍ସା ଏବଂ ସାମ୍ପ୍ରତିକ ପରିଚାଳନା ରଣନୀତି' ବିଷୟବସ୍ତୁ ଉପରେ ଆଲୋଚନା କରାଯାଉଛି। ଏଥିରେ ଓଡିଶା ସମେତ ଦେଶର ୧୦ଟି ରାଜ୍ୟର ୧୩୦ଜଣ ଅଧ୍ୟାପକଙ୍କ ସମେତ ପ୍ରାୟ ୫୦୦ଜଣ ପ୍ରତିନିଧି ଯୋଗଦେଇ ମଧୁମେହ, ଥାଇରଏଡ୍ ଏବଂ ରୋଗର ନୂତନ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଉଦଘାଟନ ଉତ୍ସବରେ ଜମ୍ମୁ କାଶ୍ମୀର ଅବନ୍ତିପୁରା ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶରେ ମଧୁମେହ ଏବଂ ଥାଇରଏଡ୍ ରୋଗ ମହାମାରୀ ସ୍ତରରେ ପହଞ୍ଚିଛି ଏବଂ ନୂତନ ଚିକିତ୍ସା ଓ ଔଷଧ ରୋଗଗୁଡ଼ିକୁ ରୋକିବା ଏବଂ ନିୟନ୍ତ୍ରଣ କରିବାରେ ବହୁତ ସାହାଯ୍ୟ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଏମକେସିଜି ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଡ଼ା. ଏଚ.କେ ଦଳାଇ, ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାସ, ପୂର୍ବତନ ଡିନ୍ ପ୍ରଫେସର ଡ଼ା ସୁଚିତ୍ରା ଦାଶ ମଞ୍ଚାସିନ ଥିଲେ। ଏମକେସିଜି ମେଡ଼ିକାଲ ଏଣ୍ଡୋକ୍ରାଇନୋଲୋଜି ବିଭାଗ ମୁଖ୍ୟ ତଥା ସଂଗଠନ ସଚିବ ପ୍ରଫେସର ଡ଼ା. ପି. ରବି କୁମାରଙ୍କ ତତ୍ତ୍ୱାବଧାନରେ ଡଟକନ୍ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସହ-ସଂଗଠନ ସଚିବ ଡ଼ା ଦୀପକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ା ଦେବାଶିଷ ପାତ୍ର, ଡ଼ା ନିହାର ରଞ୍ଜନ ସାହୁ ଏବଂ ଡ଼ା. ଜୀବନ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରୁଛନ୍ତି।

# ଦ୍ୱିତୀୟ ୧୪ବର୍ଷରୁ କମ୍ ଅନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଟୁର୍ଣ୍ଣାମେଣ୍ଟ

ବ୍ରହ୍ମପୁର,୬।୬(ସମିସ)



- ଜୋନସ୍ତରୀୟ କବାଡ଼ି ଓ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ, ଗୋଟିଏ ଦିନରେ ୧୯ଟି ମ୍ୟାଚ
- ଫୁଟ୍‌ବଲ୍ ବାଳକ କ୍ୱାଲିଫାଇ ମ୍ୟାଚ ନବରଙ୍ଗପୁର-କନ୍ଧମାଳ ଏବଂ ବାଳିକାରେ ଗଜପତି-ନବରଙ୍ଗପୁର ମ୍ୟାଚ ଆଜି
- ରବିବାର ଅନୁଷ୍ଠିତ ହେବ 'କବାଡ଼ି' ନକ୍‌ଆଉଟ୍ ସହ ଫାଇନାଲ

ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୪ବର୍ଷରୁ କମ୍ ଦ୍ୱିତୀୟ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଓ ପ୍ରଥମ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଅନ୍ତିମ ଦିନରେ ଉଭୟ ବାଳକ ଓ ବାଳିକା ଫୁଟବଲରେ ଜୋନ କ୍ୱାଲିଫାଇ ମ୍ୟାଚ ଅନୁଷ୍ଠିତ ହେବ। ସେହିଭଳି କବାଡିରେ ନକଆଉଟ ତଥା ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଷ୍ଟାଡିୟମର ଇଣ୍ଡୋର ହଲରେ ଆୟୋଜିତ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ କବାଡି ପ୍ରତିଯୋଗିତାର ବ୍ରହ୍ମପୁର ଜୋନରେ ମାଲକାନଗିରି, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଗଞ୍ଜାମ ଓ ରାୟଗଡା ଆଦି ୮ଟି ଜିଲ୍ଲାରୁ ଦଳ ଅଂଶଗ୍ରହଣ କରିଛନ୍ତି। ସେପଟେ ଷ୍ଟାଡିୟମରେ ଚାଲିଥିବା ଜୋନସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଆଜି ଉଭୟ ବାଳକ ଓ ବାଳିକା ବିଭାଗରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ବାଳିକା ବିଭାଗର ପ୍ରଥମ ମ୍ୟାଚ କଳାହାଣ୍ଡି ଓ ଗଜପତି ମଧ୍ୟରେ ଖେଳା ଯାଇଥିଲା। ଗଜପତି ଦଳ ପକ୍ଷରୁ ଦୀପ୍ତି ଶବର ଓ ବନିତା ଲୁହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ (୨-୦) ବିଜୟୀ କରାଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ ରାୟଗଡା ଓ କନ୍ଧମାଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ କନ୍ଧମାଳ ଦଳ ପକ୍ଷରୁ ବିଜୁଳି କନ୍ୟା ପ୍ରଧାନ ଓ ସ୍ନେହାସିଲ୍ଲା ସାହାଣୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ରାୟଗଡାକୁ (୨-୦) ଗୋଲ ବ୍ୟବଧାନରେ କନ୍ଧମାଳ ପରାସ୍ତ କରି ବିଜୟୀ ହୋଇଥିଲା। ଉଭୟ ମ୍ୟାଚରେ ଡଃ ସନ୍ଦୀପ ଦାସ ଓ ପି. ରାଜୁ ରେଡ୍ଡୀ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ରେଫେରୀ ଭାବେ ବନିତା ହେମରିକା, ରାହାନ୍ତି ସରକାର, ରେବତୀ ପୀଡିଷିକା, ରୋହିଲା ଭର୍ତ୍ତା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ସେପଟେ ୧୪ବର୍ଷରୁ କମ୍ ବାଳକ ବର୍ଗରେ ୬ଷ୍ଠ ଦିନର ପ୍ରଥମ ମ୍ୟାଚ କଳାହାଣ୍ଡି ଓ ଗଜପତି ମଧ୍ୟରେ ଖେଳାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପକ୍ଷରୁ କୌଣସି ଗୋଲ ସ୍କୋର ହୋଇନଥିବାରୁ ମ୍ୟାଚ ଡ୍ର ରହିଥିଲା। ବାଳକ ବର୍ଗର ଦ୍ୱିତୀୟ ମ୍ୟାଚ ଆୟୋଜକ ରାୟଗଡା ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଦଳ ପ୍ରତିପକ୍ଷ ରାୟଗଡା ଜିଲ୍ଲା ଦଳକୁ (୫-୦) ଗୋଲ ବ୍ୟବଧାନରେ ପରାସ୍ତ କରି ଏକ ସହଜସାଧ ବିଜୟ ଲାଭ କରିଥିଲା। ଆଜିର ମ୍ୟାଚରେ ଅତିଥି ଭାବେ ଓଡିଶା ଫୁଟବଲ ସଂଘର ପର୍ଯ୍ୟବେକ୍ଷକ ପ୍ରଶାନ୍ତ କୁମାର ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ବରିଷ୍ଠ ଖେଳାଳିମାନେ ଉପସ୍ଥିତ ଥିଲେ। ବାଳକ ବିଭାଗର ଉଭୟ ମ୍ୟାଚକୁ ରେଫେରୀ ଭାବେ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ପରିଚାଳନା କରିଥିଲେ। ଆସନ୍ତା କାଲି ରବିବାର ଉଭୟ କବାଡି ଓ ଫୁଟବଲ ପ୍ରତିଯୋଗିତାର ଅନ୍ତିମ ଦିବସ। କବାଡିର ନକଆଉଟ ତଥା ସେମିଫାଇନାଲ ସହିତ ପାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଫୁଟବଲରେ ଉଭୟ ବାଳକ ଓ ବାଳିକା ବର୍ଗରେ ଜୋନ ସ୍ତରୀୟ କ୍ୱାଲିଫାଇ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ୧୪ବର୍ଷରୁ କମ୍ ଫୁଟବଲ ବାଳକ ବର୍ଗରେ କ୍ୱାଲିଫାଇ ମ୍ୟାଚ କନ୍ଧମାଳ ବନାମ ନବରଙ୍ଗପୁର ମଧ୍ୟରେ ଖେଳାଯିବାକୁ ଥିବା ବେଳେ ବାଳିକା ବର୍ଗରେ ନବରଙ୍ଗପୁର ବନାମ ଗଜପତି ମଧ୍ୟରେ ମ୍ୟାଚ ଖେଳାଯିବ।

# ପରିବେଶ ଦିବସରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଚାରାରୋପଣ

ବ୍ରହ୍ମପୁର,୬।୬(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଗୋପାଳପୁର ସ୍ଥିତ ଜେଏନ୍ ଟାଟା ଟେକ୍ନିକାଲ୍ ଇନଷ୍ଟିଚ୍ୟୁଟ୍ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୨୦ରୁ

**ଟାଟା ପାୱାର ପକ୍ଷରୁ 'ଟାଟା ସଷ୍ଟେନେବିଲିଟି' ମାସ ଆରମ୍ଭ**




ଅଧିକ କର୍ମଚାରୀ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସବୁଜ ପୃଥିବୀ ଗଠନ ଦିଗରେ କମ୍ପାନୀର ଏହି ସାମୂହିକ ଉଦ୍ଦେଶ୍ୟକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଟାଟା ସଷ୍ଟେନେବିଲିଟି ମାସ ୨୦୨୬କୁ ବିଧିବଦ୍ଧ ଭାବେ ଆରମ୍ଭ କରାଯାଇଛି। ଯାହାର ବିଷୟବସ୍ତୁ ରହିଛି - 'ଥିଙ୍କିଂ ଇଜ୍ ଗୁଡ୍, ଡୁଇଂ ଇଜ୍ ବେଟର'। ଏହି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସାମଗ୍ରିକ ଭାବେ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ସହ କର୍ମଚାରୀମାନେ ମଧ୍ୟ ସେମାନଙ୍କ ବ୍ୟକ୍ତିଗତ ଜୀବନରେ କିପରି ସବୁଜ ପୃଥିବୀ ଗଠନର ବାର୍ତ୍ତାବାହ ସାଜିବେ ସେନେଇ ସଚେତନ କରିବା। ପ୍ରତିବର୍ଷ ଜୁନ ୫ତାରିଖରେ ବିଶ୍ୱବ୍ୟାପୀ 'ବିଶ୍ୱ ପରିବେଶ ଦିବସ' ପାଳିତ ହେଇଥାଏ। ଚଳିତବର୍ଷ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ' ହେବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ଏକ ସାମଗ୍ରିକ ପ୍ରୟାସର ଆବଶ୍ୟକତାକୁ ଅନୁଭବ କରି ଟିପିଏସ୍‌ଓଡିଏଲ୍ ଟାଟା ସଷ୍ଟେନେବିଲିଟି ମାସ ପାଳନ କରିଆସୁଅଛି। କମ୍ପାନୀ ପକ୍ଷରୁ ଏହି ମାସରେ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପର୍କିତ ସଚେତନତା ଅଧିବେଶନ, ବେଳାଭୂମି ସଫେଇ ଅଭିଯାନ, ବୃକ୍ଷରୋପଣ ତଥା ଅନ୍ୟାନ୍ୟ ପରିବେଶ ସଂରକ୍ଷଣ ଦ୍ୱାୟ ସଚେତନତା କାର୍ଯ୍ୟକ୍ରମ କରାଯିବ। ପରିବେଶ ସଂରକ୍ଷଣ ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଟାଟା ଗ୍ରୁପ୍ ନିଜ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶିତ କରିଆସୁଛି। ନିଜ କର୍ମଚାରୀ ତଥା ଉପଭୋକ୍ତାଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛି। ଟିପିଏସ୍‌ଓଡିଏଲର ଏହି ବୃକ୍ଷରୋପଣ ଅଭିଯାନ ବିଭିନ୍ନ ଜିଲ୍ଲାରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଅନୁଷ୍ଠିତ ହୋଇଛି, ଯେଉଁଥିରେ କମ୍ପାନୀର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର,୬।୬(ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡ. ସୁକାନ୍ତ କିଶୋର ମହାପାତ୍ର, ଭାରପ୍ରାପ୍ତ କୁଳପତି ଡ. ପି.ରାଜେଶ କୁମାର, ଆସୋସିଏଟ୍ ଡିନ୍(ଛାତ୍ରକଲ୍ୟାଣ) ଡ. ପ୍ରୀତିରଞ୍ଜନ ସାହୁ, ସଂଯୋଜକ ପ୍ରଫେସର୍ ଅମରନାଥ



ପାଢ଼ୀ, ବିଭାଗର ବିଭାଗୀୟ ମୁଖ୍ୟ ଡ. ପ୍ରମଥ ଆଚାର୍ଯ୍ୟ, ଡ. ସୀମାଞ୍ଚଳ ପାଣିଗ୍ରାହୀ, ଡ. ସବ୍ୟସାଚୀ ରଥ, ଡ଼. ଗାୟତ୍ରୀ ପଣ୍ଡା, ଡ଼. ପ୍ରବୀଣ ପାଢୀ, ଡ଼. ଭାସ୍କର ଭୋଳ ଓ ଡ଼. ଏମ. ରାଜେନ୍ଦ୍ର କୁମାର ଯୋଗଦେଇ ଛାତ୍ରଛାତ୍ରୀଙ୍କଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଗୁଣା।କ ଶିକ୍ଷାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଏମବିଏ, ବିସିଏ, ଏମ.ଏସସି, ଏବଂ ଏମ. ଟେକ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଅନୁଭୂତି ବଖାଣିଥିଲେ। କାର୍ଯ୍ୟକ୍ରମକୁ ଡ. ଆକାଂକ୍ଷା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ପ୍ରଫେସର ଅମରନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମ୍ନି ସଂଯୋଜକ ପ୍ରଫେସର ମିଟୁବରାଳ, ପ୍ରଫେସର ଦୁର୍ଗା ମାଧବ ପାଢୀ, ପୀତାମ୍ବର ସାହୁ, ଚିନି ନରେଶ, ଡ଼ମ୍ବୁରୁଧର ସେଠୀ ଓ ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ।

# ଆଧାର କାର୍ଡ ପଞ୍ଜୀକରଣ ଓ ସଂଶୋଧନ ଶିବିର

ବ୍ରହ୍ମପୁର,୬।୬(ସମିସ): ବ୍ରହ୍ମପୁର ମହାନଗର ନିଗମର ୨୬ନମ୍ବର ୱାର୍ଡ ଅନ୍ତର୍ଗତ ଗୋଷାଣିନୂଆଗାଁ ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ମାଗଣା ଆଧାର କାର୍ଡ ପଞ୍ଜିକରଣ ଓ ସଂଶୋଧନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ଧୀରେଶ ସାବତଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ୱାର୍ଡର ତଥା ଆଖପାଖ ଅଞ୍ଚଳର ବହୁ ଲୋକେ ସୁବିଧା ନେଇଥିଲେ। ଶିବିରରେ ମୁଖ୍ୟତଃ ଆଧାର କାର୍ଡ ପଞ୍ଜିକରଣ ଓ ସଂଶୋଧନ କରାଯାଇଥିବା ବେଳେ ଏଥି ସହିତ ଆଧାର ବାୟୋମେଟ୍ରିକ, ଶିଶୁ ଆଧାର କାର୍ଡ, ଆୟୁଷ୍ମାନ କାର୍ଡର ପଞ୍ଜିକରଣ, କାର୍ଡ ପ୍ରଦାନ, ଶ୍ରମ କାର୍ଡ, ଭୋଟର ପରିଚୟ ପତ୍ର ଓ ପାନ କାର୍ଡର ପଞ୍ଜିକରଣ ଓ ନବୀକରଣ ଆଦି ବିଭିନ୍ନ କାର୍ଯ୍ୟ ମଧ୍ୟ କରାଯାଇଥିଲା। ଜନସେବା କେନ୍ଦ୍ର ଗୁଡିକରେ ଯଦିଓ ଏହି ସମସ୍ତ ସେବା ଉପଲବ୍ଧ ହେଉଛି ତେବେ ସେଠାରେ ଲୋକଙ୍କୁ ଦିର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ସେହିଭଳି ଆଧାର କାର୍ଡ ନବୀକରଣ ଓ ସଂଶୋଧନ ଏପରିକି ବାୟୋମେଟ୍ରିକ ଭଳି କାର୍ଯ୍ୟ କରିବାକୁ ଲୋକଙ୍କୁ ଡାକଘରକୁ ଯିବାକୁ ପଡୁଛି। ଅଞ୍ଚଳବାସୀଙ୍କ ଏଭଳି ସମସ୍ୟାକୁ ଦେଖି ୨୬ନମ୍ବର ୱାର୍ଡ କର୍ପୋରେଟର ନିଜ ଉଦ୍ୟମରେ ସ୍ୱତନ୍ତ୍ର ଭାବେ ଏଭଳି ଏକ ଶିବିର ଆୟୋଜନ କରି ଲୋକଙ୍କୁ ମାଗଣା ସେବା ପ୍ରଦାନ କରିଥିଲେ। ଶିବିରରେ ଶତାଧିକ ଲୋକ ଯୋଗ ଦେଇ ବିଭିନ୍ନ ସୁବିଧା ପାଇଥିଲେ। କର୍ପୋରେଟରଙ୍କ ଏଭଳି ଉଦ୍ୟମକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହିତ କୃତଜ୍ଞତା ଜଣାଇଛନ୍ତି।

# ପ୍ରକୃତ ମାଲିକଙ୍କୁ ଚୋରି ସୁନା ଫେରାଇଲା ପୁଲିସ

ବ୍ରହ୍ମପୁର,୬।୬(ସମିସ)



**ଲୁଟେରା ସୁନିଲକୁ ପୁଲିସ କରିଥିଲା ଏନ୍‌କାଉଣ୍ଟର୍**

ବ୍ରହ୍ମପୁର ପୁଲିସ ଛିନତାଇଙ୍କ ଠାରୁ ଜବତ ହୋଇଥିବା ପ୍ରାୟ ୮୦.୪୦ ଗ୍ରାମ ଓଜନର ୭ଟି ସୁନା ଚେନ୍ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଫେରାଇଛି। ଏହି ଘଟଣାରେ ଏଯାବତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସାରିଛି । ଗିରଫ ବେଳେ ସେମାନଙ୍କ ନିକଟରୁ ଜବତ ହୋଇଥିବା ସୁନା ଅଳଂକାରଙ୍କୁ ଆଜି ପୁଲିସ ସେମାନଙ୍କ ପ୍ରକୃତ ମାଲିକକୁ ହସ୍ତାନ୍ତର କରିଛି। ୨୦୨୪ ରୁ ୨୦୨୬ ମଧ୍ୟରେ ନିମଖଣ୍ଡି ଓ ଗୋପାଳପୁର ଥାନା ଅଞ୍ଚଳରେ ଘଟିଥିବା ଏକାଧିକ ଚେନ୍ ଛିନତାଇ ଓ ଲୁଟ୍ ଘଟଣାର ତଦନ୍ତ ପରେ ପୋଲିସ ଏହି ସଫଳତା ହାସଲ କରିଥିଲା। ପୁଲିସ ଛିନତାଇ ଗ୍ୟାଙ୍ଗର ମୁଖ୍ୟ ସୁନୀଲ ନାହାକ ଗୋଳନ୍ଥରା ଥାନା ଅଞ୍ଚଳରେ ପୁଲିସ ଗୁଳି ବିନିମୟରେ ଆହତ ହୋଇଥିଲେ। ସେହି ସମୟରେ ଅନ୍ୟ ସହଯୋଗୀ ବାବୁ ମାଝୀଙ୍କ ସହିତ ମିଶି ୨୦୨୪ରୁ ୨୦୧୬ ମଧ୍ୟରେ ଅନେକ ଚେନ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲା। ଦୁହିଁଙ୍କୁ ଅଧିକ ଜେରା କରିବା ପରେ ପ୍ରଭାକର ମୁଦୁଲି, ମଧୁସୂଦନ ବେହେରା ଓରଫ୍ ମଧୁ ଏବଂ ଚୋରି ସୁନା କିଣିଥିବା ବିଶ୍ୱନାଥ ନାୟକକୁ ପୁଲିସ ଗିରଫ କରିଥିଲା ।ସେମାନଙ୍କ ନିକଟରୁ ୮୦.୪୦ ଗ୍ରାମ ଓଜନର ୭ଟି ସୁନା ଚେନ ସମେତ ଦୁଇଟି ଦୁଇ ଚକିଆ ଯାନ, ତିନୋଟି ମୋବାଇଲ ଜବତ କରିଥିଲା ପୁଲିସ। ଗତ ୨ ବର୍ଷ ହେବ ବ୍ରହ୍ମପୁରରେ ବୁଲି ବୁଲି ସୁନା ଚେନ ଲୁଟ କରୁଥିବା ଏକ ଗ୍ୟାଙ୍ଗର ୩ଜଣ ସଦସ୍ୟଙ୍କୁ ନିମଖଣ୍ଡି ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ଖୋଡାସିଂ କଳିଙ୍ଗନଗରରେ ରହୁଥିବା କୋଦଳାର ପ୍ରଭାକର ମୁଦୁଲି(୫୦), ଖଲ୍ଲିକୋଟ ଗୁଡୁରୁପଲ୍ଲୀର ମଧୁସୂଦନ ବେହେରା(୪୯) ଏବଂ ଲୁଟ ସୁନାଚେନ କ୍ରୟ କରିଥିବା ବଡବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡ ବିମଳା ନଗରର ବିଶ୍ୱନାଥ ନାୟକ(୩୬)। ବାଲୁଗାଁ ସାମନ୍ତରାପୁର ଗ୍ରାମର ବାବୁ ମାଝୀ(୩୭) ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ପୁଲିସ ତଦନ୍ତରୁ ଜଣାପଡିଛି। ଏକ ମାମଲାରେ ବାବୁ ମାଝୀ ବାଲୁଗାଁ କୋର୍ଟରେ ଅ।।ସମର୍ପଣ କରି ଜେଲରେ ରହିଥିବା ସୂଚନା ମିଳିବା ପରେ ୨ ଦିନ ତଳେ ନିମଖଣ୍ଡି ପୁଲିସ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା।

ସେହିପରି ଏହି ଚେନ ଲୁଟେରା ଗ୍ୟାଙ୍ଗର ଅନ୍ୟତମ ସଦସ୍ୟ କବିସୂର୍ଯ୍ୟନଗର ବି. ରୋଡ ଗ୍ରାମର ସୁନୀଲ ନାହାକ ଓରଫ ମଲା(୨୫) କିଛି ମାସ ତଳେ ଗୋଳନ୍ଥରା ପୁଲିସ ଦ୍ୱାରା ଏନକାଉଣ୍ଟରର ଶିକାର ହୋଇ ଜେଲ ଯାଇଥିଲା। ସେହି ସମୟରେ ଏହି ଚେନ ଲୁଟେରା ଗ୍ୟାଙ୍ଗର ସୁରାକ ମିଳିଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୮୦ ଗ୍ରାମ ଓଜନର ୭ଟି ସୁନା ଚେନ୍, ୨ଟି ବାଇକ, ତିନୋଟି ମୋବାଇଲ୍ ଓ ଦୁଇଟି ହେଲମେଟ୍ ଜବତ କରିଛି। ଗିରଫ ପରେ ପ୍ରଭାକର, ମଧୁସୁଦନ ଓ ବିଶ୍ୱନାଥଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ବାବୁ ମାଝୀଙ୍କ ରିମାଣ୍ଡ ଅବଧି ସରିବାକୁ ପୁଣିଥରେ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଏହି ଗ୍ୟାଙ୍ଗର ସଦସ୍ୟମାନେ ୨୦୨୪ ରୁ ୨୦୨୬ ମଧ୍ୟରେ ବ୍ରହ୍ମପୁର ସହରର ନିମଖଣ୍ଡି ଓ ଗୋପାଳପୁର ଥାନା ଅଞ୍ଚଳର ବ୍ରଜନଗର, ଶକ୍ତିନଗର, ଗୋବିନ୍ଦ ବିହାର, ବାସୁଦେବ ନଗର ଓ ଅମ୍ବାପୁଆ ଅଞ୍ଚଳରେ ୭ ଜଣ ମହିଳାଙ୍କ ବେକରୁ ସୁନା ଚେନ ଲୁଟ କରିଥିଲେ ବୋଲି ତଦନ୍ତରୁ ଜଣାପଡିଛି। ଏହି ଛିନତାଇ ଟିମ୍ ଦୀର୍ଘଦିନ ଧରି ନିମଖଣ୍ଡି ଥାନା ଅଞ୍ଚଳର ବ୍ରଜନଗର ୩ୟ ଲାଇନ, ଶକ୍ତିନଗର ୨ୟ ଲାଇନ ଏକ୍ସଟେନ୍ସନ, ଗୋବିନ୍ଦ ବିହାର ୮ମ ଲାଇନ ଏବଂ ବାସୁଦେବ ନଗର ୧ମ ଲାଇନ ସହିତ ଗୋପାଳପୁର ଥାନା ଅନ୍ତର୍ଗତ ଗୋପାଳପୁର ଜଙ୍କସନ, ଅମ୍ବାପୁଆ ଇନକମ୍ ଟ୍ୟାକ୍ସ ଅଫିସ ଛକ ଓ ଅମ୍ବାପୁଆ ମୁଖ୍ୟ ରାସ୍ତା ଅଞ୍ଚଳରେ ସଂଗଠିତ ଭାବେ ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଥିଲେ। ବୋଲି ପୁଲିସ କହିଛି ।ପୁଲିସ ଏହି ଛିନତାଇ ଗ୍ୟାଙ୍ଗ ଠାରୁ ଜବତ କରିଥିବା ସୁନାକୁ ପ୍ରକୃତ ମାଲିକଙ୍କୁ ଉପଯୁକ୍ତ ପ୍ରମାଣ ଏବଂ ଅଭିଯୋଗ କୁ ଯାଞ୍ଚ କରିବା ପରେ ହସ୍ତାନ୍ତର କରିଛି। ଏହି ମାମଲାର ତଦନ୍ତ ନିମଖଣ୍ଡି ଥାନାର ଅଧିକାରୀ କୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇଥିଲା। ସୁନା ଅଳଙ୍କାର ହସ୍ତାନ୍ତର ବେଳେ ବ୍ରହ୍ମପୁର ଏସପିଙ୍କ ସମେତ ଏଏସପି ଆଲୋକ ଜେନା,ସଦର ଏସଡ଼ିପିଓ ଏସଏସ ପରିଡ଼ା, ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହା, ଏସଆଇ ଅଭିଷେକ ପାଣ୍ଡୱଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ଉଠୁଛି ପ୍ରଶ୍ନ, ତଦନ୍ତ ଉପରେ ସମସ୍ତଙ୍କ ନଜର

କେନ୍ଦ୍ରାପଡ଼ା,୬।୬(ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେରାବିଶ ବ୍ଲକ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଯୁବକ ଶ୍ରୀଚନ୍ଦନ ଦାସଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଘଟଣାକୁ ନେଇ ଅନେକ ପ୍ରଶ୍ନ ଓ ସନ୍ଦେହ ମଧ୍ୟ ସୃଷ୍ଟି ହେଉଛି। ଜିଲ୍ଲାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଓ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ଏକ ଦୁଃଖଦ ଘଟଣା କିପରି ଘଟିଲା, ତାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଆଲୋଚନା ଓ ଉତ୍କଣ୍ଠା ବଢ଼ିବାରେ ଲାଗିଥିବାବେଳେ ପୁଲିସ ପକ୍ଷରୁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଶ୍ରୀଚନ୍ଦନ ଦାସ କାହିଁକି ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ଓ ଘଟଣା ଦିନ ସେ କେଉଁ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ, ସେନେଇ ମଧ୍ୟ ଖୋଳତାଡ଼ ଚାଲିଛି। ତାଙ୍କର କୌଣସି ଅଭିଯୋଗ ଥିଲା କି ଓ ତାହାର ସମାଧାନ ପାଇଁ ସେ ପ୍ରଶାସନିକ ସ୍ତରରେ ଯୋଗାଯୋଗ କରୁଥିଲେ କି ନାହିଁ, ତାହାର ମଧ୍ୟ ତଦନ୍ତ କରାଯାଉଛି। ମୃତକଙ୍କ ପିତା ଭରତ ଦାସଙ୍କ ବୟାନ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କ କହିବା ଅନୁସାରେ, ପୁଲିସ ଯାହା ଡାକିଲା ତାହା ମୁଁ ଲେଖିଲି। ନିଜ ପୁଅର ମୃତ୍ୟୁ ପାଇଁ କେତେକ ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି। ଏହାକୁ ମଧ୍ୟ ପୁଲିସ ତଦନ୍ତ ପରିସରଭୁକ୍ତ କରିଥିବା ସୂଚନା ମିଳିଛି। ଏଥିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ନ ଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ଏହି ସୂଚନାର ସତ୍ୟତା ଓ ଘଟଣା ସମୟର ନଜରଦାରି ବ୍ୟବସ୍ଥାକୁ ନେଇ ମଧ୍ୟ ତଦନ୍ତକାରୀ ସଂସ୍ଥା ଗୁରୁତ୍ୱ ଦେଉଛି। ଘଟଣା ପୂର୍ବରୁ ଶ୍ରୀଚନ୍ଦନ କାର୍ଯ୍ୟାଳୟକୁ ଆସିଥିବାବେଳେ ତାଙ୍କ ସହ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ କଥାବାର୍ତ୍ତା ହୋଇଥିଲା କି ନାହିଁ, ତାଙ୍କୁ ବୁଝାସୁଝା କରିବା ପାଇଁ କୌଣସି ପ୍ରୟାସ କରାଯାଇଥିଲା କି ନାହିଁ, ତାହା ମଧ୍ୟ ତଦନ୍ତର ବିଷୟ ହୋଇଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ରାଜନୈତିକ ମହଲରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶାସକ ଦଳର ନେତ୍ରୀ ଗୀତାଞ୍ଜଳି ସେଠୀ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ବିଧିବଦ୍ଧ ଭାବେ ସରକାରଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ଉଠାଇଛନ୍ତି। ଯଦି ପ୍ରଶାସନ ସରକାରଙ୍କ କଥାକୁ ଗୁରୁତ୍ୱ ଦେଉନାହିଁ, ତେବେ ସାଧାରଣ ଜିଲ୍ଲାବାସୀଙ୍କ ଅବସ୍ଥା କ'ଣ ହେବ ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି। ଏପରିକି ଜିଲ୍ଲା ଆଇନଜୀବୀ ସଂଗଠନ ସମେତ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହ ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ଅବହେଳା, ଦାୟିତ୍ୱହୀନତା ସାମ୍ନାକୁ ଆସେ, ତେବେ ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସମଗ୍ର ଘଟଣାକୁ ନେଇ ଜିଲ୍ଲାବାସୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିବାବେଳେ ପୁଲିସ ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ। ଯଦି କେହି ଦାୟୀ ଥା'ନ୍ତି, ସେମାନଙ୍କ ବିରୋଧରେ କିଭଳି ପଦକ୍ଷେପ ନିଆଯିବ; ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ରାଏତୁଣ୍ଡି ଗ୍ରାମରେ ତହସିଲ ପକ୍ଷରୁ ତଦନ୍ତ



ପଞ୍ଚୁପାଣ୍ଡବ, ୬।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଏତୁଣ୍ଡି ଗ୍ରାମର ଯୁବକ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏହାର କାରଣ ଖୋଜିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଡେରାବିଶ ତହସିଲଦାର ସରୋଜ ନାୟକ ରାଏତୁଣ୍ଡି ଗ୍ରାମକୁ ଯାଇ ଘଟଣା ସମ୍ପର୍କିତ ବିଭିନ୍ନ ଦିଗରେ ତଥ୍ୟ ସଂଗ୍ରହ କରିଛନ୍ତି। ନିକିରାଇ ଥାନା ଅଧୀନ ବେଣୀପୁର ପଞ୍ଚାୟତର ରାଏତୁଣ୍ଡି ଗ୍ରାମର ଭରତ ଦାସଙ୍କ ପୁଅ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ଘଟଣା ପରେ ତହସିଲଦାର ଶ୍ରୀ ନାୟକ ଗ୍ରାମରେ ଥିବା ଅନ୍ୟ ଅଂଶୀଦାରଙ୍କ ଘରକୁ ଯାଇ ସ୍ଥିତି ପରଖିଥିଲେ। ଏହି ସମୟରେ ଅତିରିକ୍ତ ତହସିଲଦାର ଭାସ୍କର ବେହେରା ଓ ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ ଉପସ୍ଥିତ ଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଶ୍ରୀଚନ୍ଦନଙ୍କ ପରିବାର ପ୍ରାୟ ୩୫ ବର୍ଷ ତଳେ ରାଏତୁଣ୍ଡି ଗ୍ରାମ ଛାଡ଼ି ନିକିରାଇ ଥାନା ଅଧୀନ କୋରୁଅ ଗ୍ରାମରେ ବସବାସ କରୁଛନ୍ତି। ନିଜର ଜମି ସମସ୍ୟାର ସମାଧାନ ପାଇଁ ସେ ଦୀର୍ଘଦିନ ଧରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟର ଦ୍ୱାରସ୍ଥ ହେଉଥିବାବେଳେ ନିରାଶାର ସମ୍ମୁଖୀନ ହୋଇଥିବା ନେଇ ଅଭିଯୋଗ ହେଉଛି। ରାଏତୁଣ୍ଡି ଗ୍ରାମରେ ଶ୍ରୀଚନ୍ଦନଙ୍କ ଅଂଶରେ କେବଳ କିଛି ଘରଡିହ ଜମି ରହିଥିବାବେଳେ ଅନ୍ୟ ଜମି ବିକ୍ରି ହୋଇସାରିଥିବା ଜଣାପଡ଼ିଛି। ତେବେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ସମସ୍ତଙ୍କ ଦୃଷ୍ଟି ତଦନ୍ତ ଉପରେ ରହିଛି। ଏ ସମ୍ପର୍କରେ ତହସିଲଦାର ସରୋଜ ନାୟକ କହିଛନ୍ତି, ଶ୍ରୀଚନ୍ଦନଙ୍କ ପରିବାର ବହୁ ବର୍ଷ ପୂର୍ବରୁ ଗ୍ରାମ ଛାଡ଼ି ଚାଲିଯାଇଥିଲେ ଓ ତାଙ୍କ ଅଂଶର ଅଧିକାଂଶ ଜମି ବିକ୍ରି ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ କହିଛନ୍ତି, ପ୍ରାୟ ୧୫ ଦିନ ତଳେ ଶ୍ରୀଚନ୍ଦନ ଏକ ଲିଗାଲ ହେୟାର ସାର୍ଟିଫିକେଟ ପାଇଁ ତାଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରାଯିବା ସହ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଜେଡିର ଉଚ୍ଚସ୍ତରୀୟ ତଦନ୍ତ, ପରିବାରକୁ ଆର୍ଥିକ ସହାୟତା ଦାବି

କେନ୍ଦ୍ରାପଡ଼ା,୬।୬(ସମିସ): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେରାବିଶ ବ୍ଲକ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଶ୍ରୀଚନ୍ଦନ ଦାସଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ଶିବପ୍ରସାଦ ଭଳଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ଏହି ଦାବିପତ୍ର ପ୍ରଦାନ କରି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତିଫଦଳ ପକ୍ଷରୁ ଦାବି କରାଯାଇଛି ଯେ, ଶ୍ରୀଚନ୍ଦନ ଦାସ କେଉଁ ପରିସ୍ଥିତିରେ ଏଭଳି ଚରମ ପଦକ୍ଷେପ ନେଲେ, ତାହାର ସମ୍ପୂର୍ଣ୍ଣ ଅନୁସନ୍ଧାନ କରାଯାଉ। ଯଦି କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଅନ୍ୟ କାହାରି ନିର୍ଯାତନା ଯୋଗୁଁ ଏହି ଘଟଣା ଘଟିଥାଏ, ତେବେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ଯାଞ୍ଚ କରି ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଦଳ ଦାବି କରିଛି। ମୃତକଙ୍କ ପରିବାରକୁ ଉପଯୁକ୍ତ ଆର୍ଥିକ ଅନୁକମ୍ପା ପ୍ରଦାନ ସହିତ ପରିବାର ସଦସ୍ୟଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ଅବସରରେ ଜିଲ୍ଲା ଯୁବ ସଭାପତି ରାଜେଶ ଦାସ, ରାଜ୍ୟ ସମ୍ପାଦକ କାଳୀପ୍ରସନ୍ନ ମିଶ୍ର, ପୌରପାଳିକା ସଭାପତି ଯଯାତି କେଶରୀ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ରଶ୍ମିରଞ୍ଜନ ରାଉତ, ଧନେଶ୍ୱର ସେଠୀ, ବରିଷ୍ଠ ନେତା ମୋହନ ଆଚାର୍ଯ୍ୟ, ଗଣେଶ ମେକାପ, ହିରଣ୍ୟ ପଣ୍ଡା, ଉମେଶ ନାୟକ, ସୁକୁମାର ଦାସ, ରମେଶ ଦାସ, ପ୍ରଦୀପ ନାୟକ, ପ୍ରଦୀପ ସୂତାର, ନିରଞ୍ଜନ ବାରିକ, ଅଜୟ ମହାନ୍ତି, ରାଜଲକ୍ଷ୍ମୀ ବେହେରା, ସେକ୍ ଇନାୟତ (ଚନ୍ଦନ), ମୁକ୍ତାର ଖାଁ, ବିଜୟ ମଣ୍ଡଳ, ମାନସ ଦାସ, ସାହେବ ସାହିଲ ରାଉତ, ଅକ୍ଷୟ ମେକାପ, ଦୁର୍ଗାପ୍ରସାଦ ପତି, ପ୍ରଫୁଲ୍ଲ ମଲ୍ଲିକ, ରଞ୍ଜନ ସାହୁ, ଅଜିତ ପରିଡ଼ା, ଲୋହିତ ମହାନ୍ତି, ସୁମନ୍ତ ପରିଡ଼ା, ଦେବବ୍ରତ ବରାଳ, କମଳପ୍ରସାଦ ଶ୍ରୀଚନ୍ଦନ, ସେକ୍ ନସିମ ଓ ପ୍ରଶାନ୍ତ ସିଂହଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



# ପ୍ରଶାସନିକ ତଦନ୍ତ ଓ ୨୦ ଲକ୍ଷ କ୍ଷତିପୂରଣ ଦାବିକଲା କଂଗ୍ରେସ

କେନ୍ଦ୍ରାପଡ଼ା,୬।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ଘଟଣାକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନିକ ତଦନ୍ତ ସହ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଦାବି କରିଛି ଜିଲ୍ଲା କଂଗ୍ରେସ। ଡଃ ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦଙ୍କ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରୀଚନ୍ଦନ ଦାସଙ୍କ ପରିବାରକୁ ତୁରନ୍ତ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ଘଟଣାର ସମ୍ପୂର୍ଣ୍ଣ ପ୍ରଶାସନିକ ତଦନ୍ତ କରି ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଜିଲ୍ଲା କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଘଟିଥିବା ଏହି ଘଟଣା ସମଗ୍ର ଜିଲ୍ଲାରେ ଆଇନଶୃଙ୍ଖଳା ଓ ପ୍ରଶାସନିକ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି। ଏଭଳି ଘଟଣା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିବାବେଳେ ଏହାର ନିରପେକ୍ଷ, ସ୍ୱଚ୍ଛ ଓ ସଠିକ ତଦନ୍ତ ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ପ୍ରକାଶ କରିଛନ୍ତି। ସରକାର ଯଦି ଏହି ଦାବି ଉପରେ ଗୁରୁତର ସହ ବିଚାର କରି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବୃହତ୍ତର ଗଣଆନ୍ଦୋଳନ ଆରମ୍ଭ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ଅବସରରେ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲ୍ଲା ସଂଗଠନ ଉପସଭାପତି ସତ୍ୟପ୍ରିୟ ସାମଲ, ପ୍ରଫୁଲ୍ଲ ଦାସ, ଆକବର ଅଲ୍ଲୀ, ଫକୀର ଖଟୁଆ, ହଳଧର ସେଠୀ, ପଙ୍କଜ ଦାଶ, ଦିଲ୍ଲୀପ ପ୍ରଧାନ, ପ୍ରକାଶ ମହାନ୍ତି, ଜ୍ୟୋତିରଞ୍ଜନ ପରିଡ଼ା, ସୀତାଂଶୁ ଲେଙ୍କା, ରାଜୀବଲୋଚନ ଦାସ, ତପନ ପାତ୍ର, ଉମେଶ ତ୍ରିପାଠୀ, ସନ୍ତୋଷ ବେହେରା, ସର୍ବେଶ୍ୱର ସେଠୀ, ମାନଗୋବିନ୍ଦ ଦାସ ଓ ଉମେଶ ପାଢ଼ୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।



## ବଜ୍ରପାତରେ ମଇଁଷି ମୃତ

ରାଜନଗର,୬।୬(ସମିସ): ରାଜନଗରରେ ଆଜି ଅପରାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ଗରମରୁ ଆଶ୍ୱସ୍ତି ଦେଇଛି। ମାତ୍ର ଦୀର୍ଘ ସମୟ ଧରି ପ୍ରଚଣ୍ଡ ବଜ୍ରପାତ ଓ ଘଡ଼ଘଡ଼ିରେ ଲୋକେ ଭୟଭୀତ ହୋଇପଡ଼ିଥିଲେ। ୨ ଘଣ୍ଟାରୁ ଅଧିକ ସମୟ ଧରି ବଜ୍ରପାତ ଯୋଗୁ ଲୋକେ ବାହାରକୁ ବାହାରି ପାରି ନ ଥିଲେ। ତେବେ ଏହି ବ୍ଲକର ଚାରିପୋଖରିଆ ଗାଁରେ ବଜ୍ରପାତରେ ଗୋଟିଏ ମଇଁଷିର ମୃତ୍ୟୁ ଘଟିଛି। ଗାଁର କଳ୍ପତରୁ ଦାସଙ୍କ ୧୦ଟି ମଇଁଷି ନଦୀ କୂଳରେ ଚରୁଥିବାବେଳେ ହଠାତ ବଜ୍ରପାତ ହୋଇଥିଲା। ମଇଁଷିମାନେ ଏଣେତେଣେ ଦୌଡ଼ିଥିଲେ। ଗୋଟିଏ ମାଆ ମଇଁଷି ଉପରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।

## ବର୍ଷା ରାତିରେ ପିଚୁ କାମ ଅଭିଯୋଗ

ରାଜକନିକା,୬।୬(ସମିସ): ରାତି ଅନ୍ଧାରରେ ବର୍ଷାରେ ହେଉଛି ପିଚୁ। ସବୁ ଜାଣି ବି ଜଳସମ୍ପଦ ବିଭାଗ ଅଜଣା। କନିକା ଉପଖଣ୍ଡର ସହକାରୀ ଯନ୍ତ୍ରୀଙ୍କୁ ଏ ନେଇ ପଚାରିବାରୁ ସେ କିଛି ଜାଣିନାହାନ୍ତି ବୋଲି କହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବର୍ଷା ରାତିରେ ଜଳସମ୍ପଦ ବିଭାଗର ଗୁରୁତ୍ୱପୂର୍ଣ୍ଣ କାମକୁ ଅତି ନିମ୍ନମାନର କରିବା ଓ ସମସ୍ତଙ୍କ ନଜର ଆଢୁଆଳରେ କାମ ହେବା ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ ବେହେରାଙ୍କୁ ପଚାରିବାରୁ ସେ ଜାଣି ନ ଥିବା କହି କ'ଣ ହେଉଛି ବୁଝିବେ ବୋଲି କହି ଚୁପ ରହିବା ବାସ୍ତବତାକୁ ପଦାରେ ପକାଇଛି। ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥ ବ୍ୟୟରେ ହେଉଥିବା ଏହି ବେଆଇନ କାମକୁ ସ୍ୱୀକୃତି ଦେଇ ଚାଲିଥିବା ଆଳି ତଟବନ୍ଧ ବିଭାଗର ଝାଡ଼ମାଳ-ବଜରପୁର ରାସ୍ତାରେ ଆଜି ରାତିରେ ୧୫ଟି ହାଇୱାରେ ପିଚୁ ଆସି ଅଧରାତି ଯାଏ ପିଚୁ ହେବା ସାଧାରଣରେ ଅସନ୍ତୋଷ ଆଣି ଦେଇଛି। ରାଜକନିକା ଅଞ୍ଚଳର ଜଣେ ପେଟି ଠିକାଦାର କାମ ଆଣି ପ୍ରଭାବ ପକାଇ ସମସ୍ତ କାମ କରିବା କନିକା ଅଞ୍ଚଳର ବିକାଶକୁ ବାଧା ଦେଇଛି।

## ଓଲାଭର ଫିଡ଼ରରେ ବିଜୁଳି ବିଭ୍ରାଟ, ଗ୍ରାହକ ହୀନସ୍ତା

ରାଜକନିକା,୬।୬(ସମିସ): ରାଜକନିକା ବ୍ଲକ ଅଧୀନ ଓଲାଭର ଫିଡ଼ରରେ ବ୍ୟାପକ ବିଜୁଳି ବିଭ୍ରାଟ୍ ଯୋଗୁଁ ଗ୍ରାହକ ହୀନସ୍ତା ହେଉଛନ୍ତି। ଆଜି ସନ୍ଧ୍ୟାରୁ ଏହି ଫିଡ଼ର ଅଧୀନ ୧୪ ପଞ୍ଚାୟତର ୩୦ ହଜାର ଗ୍ରାହକ ଗୁଳୁଗୁଳିରେ ସନ୍ତୁଳି ହେଉଥିବାବେଳେ ସନ୍ଧ୍ୟା ସମୟରେ ପିଲାମାନେ ପାଠପଢାରୁ ବଞ୍ଚିତ ରହିଛନ୍ତି। ଏ ସମ୍ପର୍କରେ ଓଲାଭର ଫିଡ଼ର ଦାୟିତ୍ୱରେ ଥିବା ଯନ୍ତ୍ରୀ ଦୀପଙ୍କର ଦେବତାଙ୍କୁ ପଚାରିବାରୁ ସେ ଅତ୍ୟନ୍ତ ବେପରୁଆ ଭାବେ ଲାଇନ ତ ଯିବ, ଆମେ କ'ଣ କରିବୁ। ଅପେକ୍ଷା କରନ୍ତୁ ଘଣ୍ଟାଏ ଦୁଇଘଣ୍ଟା ଲାଗିପାରେ ବୋଲି ଉତ୍ତର ଦେଇଥିଲେ। ବାରମ୍ବାର ଓଲାଭର ସମେତ ରାଜକନିକା ଅଞ୍ଚଳରେ ବିଜୁଳି ବିଭ୍ରାଟ ଲାଗି ରହିଥିବାବେଳେ ଲୋକେ ଗରମରେ ତ୍ରାହି ତ୍ରାହି ଡାକୁଛନ୍ତି। ଲୋକେ ଗରମ ଓ ଗୁଳିଗୁଳିରେ ସଢୁଥିବାବେଳେ ଟାଟା ପାୱାର କର୍ମଚାରୀଙ୍କ ବେପରୁଆ ଆଚରଣରେ ଗ୍ରାହକ ଓ ସଚେତନ ନାଗରିକ ଅସନ୍ତୁଷ୍ଟ ହେଉଥିବାବେଳେ ବିଜୁଳି ବିଭ୍ରାଟ ଭଳି ଘଟଣାକୁ ଅତି ସମବେଦନହୀନ ଭାବେ ନେବା ସବୁଠି ଅସନ୍ତୋଷ ଆଣିଦେଇଛି।

## ଆଇଆଇଟି ପରୀକ୍ଷାରେ ଓଡ଼ିଆ ଛାତ୍ରଙ୍କ କୃତିତ୍ୱ



ମାର୍ଶାଘାଇ,୬।୬(ସମିସ): ମାର୍ଶାଘାଇ ବ୍ଲକ୍ ପିକରାଳିର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଜେନା ଓ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ପୁଅ ଶାରଦା ପ୍ରସାଦ ବମ୍ବେ ଆଇଆଇଟି ଦାରା ଅନୁଷ୍ଠିତ ସିଇଇଡି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୩୨ତମ ର୍‌ୟାଙ୍କରେ ମୋବିଲିଟ୍ ଓ ଭେଇକିଲ ଡିଜାଇନ୍ (ଏମ୍.ଡେସ୍) ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବମ୍ବେ ଆଇଆଇଟିରେ ନାମଲେଖା ପାଇଁ ଶାରଦା ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଏମ୍ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଚାରାରୋପଣ



ପଟ୍ଟାମୁଣ୍ଡାଇ,୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଏମ୍ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ୧୯୮୬ ବ୍ୟାଚ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହେମନ୍ତ ସାହୁ, ଗୋପୀନାଥ ତ୍ରିପାଠୀ, ସୁଶାନ୍ତ ନାୟକ, ତ୍ରିଲୋଚନ ନାୟକ, ସତ୍ୟନାରାୟଣ ନାୟକ, ମନୋଜ ଦାଶ, ରମେଶ ଦାଶ, ସର୍ବେଶ୍ୱର ମଲ୍ଲିକ, ରଶ୍ମିକାନ୍ତ ସ୍ୱାଇଁ ଓ ବରିଷ୍ଠ ସହକାରୀ ଶିକ୍ଷକ ଅଶୋକ ଦାଶ ପ୍ରମୁଖ ଯୋଗଦେଇ ସ୍କୁଲ ପରିସରରେ ୨୦ଟି ବୃକ୍ଷ ଚାରାରୋପଣ କରିଥିଲେ।

# ଘରକୁ ପାଣି ନ ଆସିବାରୁ ପାଇପ୍ ଭାଙ୍ଗିଦେଲେ ଦୁର୍ବୃତ୍ତ



ମହାକାଳପଡ଼ା, ୬।୬ (ସମିସ): ବ୍ୟକ୍ତିଗତ ଅସନ୍ତୋଷର ବିସ୍ଫୋରଣ ଘଟାଇ ସରକାରୀ ସମ୍ପତ୍ତିକୁ ନଷ୍ଟ କରିବାର ଏକ ଚିନ୍ତାଜନକ ଘଟଣା ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଆପଲ୍ଲି ଗ୍ରାମରେ ଘଟିଛି। ନିଜ ଘରକୁ ପାଇପ୍ ପାଣି ନ ଆସିବା କ୍ଷୋଭରେ ୪ ଜଣ ଯୁବକ ପାନୀୟଜଳ ଯୋଗାଣ ପାଇପ୍ ଲାଇନ୍‌କୁ ଭାଙ୍ଗି ଛିନ୍ନଭିନ୍ନ କରିଦେଇଥିବା ଅଭିଯୋଗ ହୋଇଛି। ଫଳରେ ଦୁଇଟି ୱାର୍ଡରେ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି।

ସୂଚନା ମୁତାବକ, ଚଣ୍ଡିଆପଲ୍ଲୀ ଗ୍ରାମର ୧ ଓ ୨ ନମ୍ବର ୱାର୍ଡକୁ ପାନୀୟଜଳ ଯୋଗାଣ ପାଇଁ ପାଇପ୍ ଲାଇନ୍ ବିଛାଯାଇଥିଲା। କିନ୍ତୁ ଗ୍ରାମର ୪ଟି ପରିବାର ଦୀର୍ଘଦିନ ଧରି ପାଣି ସୁବିଧାରୁ ବଞ୍ଚିତ ରହିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଅଭିଯୋଗ କରିବା ପରିବର୍ତ୍ତେ ଅଭିଯୁକ୍ତମାନେ ଆଇନକୁ ହାତକୁ ନେଇ ଗତକାଲି ଦିନ ପ୍ରାୟ ୨ଟା ସମୟରେ ସାବୁଳ, କୁରାଢ଼ି ଓ କୋଦାଳ ଧରି ନୂତନ ସେତୁ ନିକଟରେ ଥିବା ପାଇପ୍ ଲାଇନ୍‌କୁ ଭାଙ୍ଗି ନଷ୍ଟ କରିଦେଇଥିବା ଜଣାପଡ଼ିଛି। ଏହାର ପରିଣାମ ସ୍ୱରୂପ ଦୁଇଟି ୱାର୍ଡର ଶତାଧିକ ଲୋକ ପାନୀୟ ଜଳ ସେବାରୁ ବଞ୍ଚିତ ହୋଇଛନ୍ତି। ଗତକାଲିଠାରୁ ଲୋକମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାରେ ପଡ଼ିଥିବାବେଳେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେତେକ ବ୍ୟକ୍ତିଙ୍କ ଅସନ୍ତୋଷ ପାଇଁ ସମଗ୍ର ଗ୍ରାମବାସୀ ଦଣ୍ଡ ଭୋଗୁଥିବା ନେଇ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଚଣ୍ଡିଆପଲ୍ଲୀ ଓ ଆଖପାଖ ଅଞ୍ଚଳର ଲୋକେ ଏକାଠି ହୋଇ ମହାକାଳପଡ଼ା ଥାନାରେ ୪ ଜଣଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ଦଶରଥ ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଅଭିଯୁକ୍ତ ୪ ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରୁଥିବା ଜଣାପଡ଼ିଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମବାସୀ।

**ଦୁଇ ୱାର୍ଡରେ ପିଇବା ପାଣି ସମସ୍ୟା**

# ଘରୋଇ ଜମିରେ ପାଟନାଳୀ ଖନନ ଅଭିଯୋଗ

ମହାକାଳପଡ଼ା, ୬।୬(ସମିସ): ବଳିପାଳ ପଞ୍ଚାୟତର ବାଲିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରୋଇ ଜମି ଦେଇ ପାଟନାଳି ଖୋଳିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। ଏ ନେଇ ବାଲିଆ ଗ୍ରାମର ସ୍ୱର୍ଗତ ସଚିଦ୍ରାନନ୍ଦ ମିଶ୍ରଙ୍କ ପତ୍ନୀ ଭାରତୀ ମିଶ୍ର (୫୨) ମହାକାଳପଡ଼ା ଥାନାରେ ଏତଲା ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ବାଲିଆ ଗ୍ରାମର କେତେକ ବ୍ୟକ୍ତି ଜେସିବି ସାହାଯ୍ୟରେ ଭାରତୀଙ୍କ ନିଜ ଗ୍ରାମସ୍ଥ ରାସ୍ତା କଡ଼କୁ ଲାଗିଥିବା ଘରବାଡ଼ି (ପ୍ଲଟ ନମ୍ବର ୫୨୪ ଓ ଖାତା ନମ୍ବର ୫୮) ଉପଯୋଗୀ ଜମି ଉପରେ ପାଣି ନାଳ ଖୋଳିଥିଲେ। ଭାରତୀ ଓ ତାଙ୍କର ପୁଅ ନିରଞ୍ଜନ ସେଠାରେ ପହଞ୍ଚି ଖୋଳିବାକୁ ମନା କରିବାରୁ ଉକ୍ତ ବ୍ୟକ୍ତି କିଛି ଶୁଣି ନ ଥିଲେ। ଏ ସ୍ଥାନରେ ଥିବା ଭାରତୀଙ୍କ କେତେକ ମୂଲ୍ୟବାନ ଗଛକୁ ମଧ୍ୟ କାଟି ଦେଇଥିଲେ। ସେମାନେ ଗଛ କାଟିବା ସହିତ ପାଟନାଳୀ ଖୋଳିବା ପାଇଁ ସ୍ଥାନୀୟ ବିଜୟନଗର ରାଜସ୍ୱ ନିରୀକ୍ଷକ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ପାଇଛନ୍ତି ବୋଲି କହି ଭାରତୀ ଓ ତାଙ୍କ ପୁଅଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିବା ପାଇଁ ଉଦ୍ୟତ ହୋଇଥଲେ। ଏ ନେଇ ସେ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସେ ଅବଗତ ନ ଥିବା ଏତଲାରେ ଉଲ୍ଲେଖ ରହିଛି। ଏତଲା ପାଇବା ପରେ ଆଜି ମହାକାଳପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। କେଉଁ ଯୋଜନାରେ କେଉଁ ଆଇନ ବଳରେ ଜଣକ ବ୍ୟକ୍ତିଙ୍କ ଜାଗାରେ ସରକାରୀ ଅର୍ଥରେ ପାଟ ନାଳୀ ଖୋଳାଯାଉଛି, ସେ ସମ୍ପର୍କରେ ନ୍ୟାୟ ପାଇଁ ଭାରତୀ ମହାକାଳପଡ଼ା ଭାରପ୍ରାପ୍ତ ବିଡିଓଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଥାଇଲାଣ୍ଡରୁ ଫେରିଲେ ୨ ଓଡ଼ିଆ ଶ୍ରମିକ





ରାଜକନିକା, ୬।୬(ସମିସ): ଥାଇଲାଣ୍ଡରେ ବନ୍ଧା ପଡ଼ିଥିବା ଓଡ଼ିଆ ଯୁବକ ଉଦ୍ଧାର ପାଇଁ ଭିଡିଓ ବାର୍ତ୍ତାରେ ଆକୁଳ ନିବେଦନ କରିବା ପରେ ବିଭିନ୍ନ ମହଲରେ ତାଙ୍କୁ ଉଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଫଳସ୍ୱରୂପ ଆଜି ଦୁଇଜଣ ଯୁବକ ଥାଇଲାଣ୍ଡରୁ କୋଲକାତା ଆସି ଘରେ ପହଞ୍ଚିଛନ୍ତି। ସିକୋ ପୋଇଝାରିଆ ଗ୍ରାମର ମନୋଜ ମଲିକ ଓ ପଦନୀପାଳ ଗ୍ରାମର ନିତ୍ୟାନନ୍ଦ ମଲିକ ଆଜି ଗାଁରେ ପହଞ୍ଚିବା ପରେ ପରିବାର ଆଶ୍ୱସ୍ତ ହୋଇଛନ୍ତି। ସେହିପରି ଆସନ୍ତାକାଲି ଅନ୍ୟ ତିନିଜଣଙ୍କୁ କମ୍ପାନୀ ଘରକୁ ପଠାଇବାର ବ୍ୟବସ୍ଥା କରିବ ବୋଲି ସୂଚନା ମିଳିଛି। କାମ ପାଇଁ ସୁଦୂର ଥାଇଲାଣ୍ଡକୁ ଯାଇ ମାମେ ହେବ ସେଠାକାର କମ୍ପାନୀ ସେମାନଙ୍କୁ ଦରମା ନ ଦେବା, ଚିକିତ୍ସା ପାଇଁ ସୁଯୋଗ ନ ଦେବା ଭଳି ଅମାନବୀୟ କାଣ୍ଡ କରିଥିବାର ଭିଡିଓ କରି ଏହି ଯୁବକମାନେ ସେମାନଙ୍କୁ ଘରକୁ ଫେରାଇ ଆଣିବାକୁ ନିବେଦନ କରିଥିଲେ।

# ବଜ୍ରପାତରେ ମଇଁଷିଆଳଙ୍କ ମୃତ୍ୟୁ

ମହାକାଳପଡ଼ା, ୬।୬ (ସମିସ): ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାବନ୍ଧ ଗ୍ରାମର ବାସୁଦେବ ଦାସ ଆଜି ଦିନ ପ୍ରାୟ ୨ଟା ସମୟରେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଛନ୍ତି। ବାସୁଦେବ ଗ୍ରାମ ନିକଟସ୍ଥ ଚରାଜମିରେ ମଇଁଷି ଚରାଉଥିବାବେଳେ ହଠାତ୍ ଆକାଶ ମେଘାଚ୍ଛନ୍ନ ହୋଇ ବର୍ଷା ଓ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ଏ ସମୟରେ ଏକ ଶକ୍ତିଶାଳୀ ବଜ୍ରପାତ ସିଧାସଳଖ ତାଙ୍କ ଉପରେ ପଡ଼ିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଦୌଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ବାସୁଦେବଙ୍କ ମୃତ୍ୟୁ ହୋଇଯାଇଥିଲା। ବାସୁଦେବଙ୍କ ଅକାଳ ବିୟୋଗରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବାବେଳେ ସମଗ୍ର ଘୋଡ଼ାବନ୍ଧ ଓ ତେରଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

## ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

# ବିକାଶ ପ୍ରକ୍ରିୟା ସହ ଡ୍ରେନ ନିର୍ମାଣ ଓ ସଫେଇ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ପଟ୍ଟାମୁଣ୍ଡାଇ, ୬।୬(ସମିସ)

ପଟ୍ଟାମୁଣ୍ଡାଇ ପୌର ପରିଷଦର ପ୍ରତ୍ୟେକ ଜନକଲ୍ୟାଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ କାଉନସିଲ ପ୍ରତିନିଧିଙ୍କ ସହଯୋଗରେ ତ୍ୱରାନ୍ୱିତ କରିବା ସହ ବର୍ଷାଦିନ ପୂର୍ବରୁ ଜଳ ନିଷ୍କାସନ ସମସ୍ୟା ଦୂର ପାଇଁ ପଟ୍ଟାମୁଣ୍ଡାଇ ସହର ସମେତ ସମସ୍ତ ୱାର୍ଡରେ ଡ୍ରେନ ନିର୍ମାଣ ଓ ଡ୍ରେନ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ଦ୍ଦେଶ ଦେଇଛନ୍ତି।

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସାହୁ କହିଲେ, ପ୍ରତ୍ୟେକ ସରକାରୀ ଯୋଜନା ଜଳନିଷ୍କାସନ ଓ ବୁଲା ଗାଈଗୋରୁ ହଟାଇବା ପ୍ରତି ବିଶେଷ ଦୃଷ୍ଟି ଦେଇ ସମସ୍ତ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁ ପୌର ପରିଷଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବିଗତ ବୈଠକର ବିବରଣୀ ପାଠ କରିଥିଲେ। କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ମଧୁସ୍ମିତା ମଲିକ, ସୁଧାମୟ ମଲିକ, ମଳୟ ଓଝା, ପ୍ରିୟଙ୍କା ସେଠୀ, ବିଦ୍ୟାଧର ସେଠୀ, ସାନିଆ ପରବିନ ସାହେବା, ଝରଣା ବେହେରା, ଲାସ୍ୟମୟୀ ସାହୁ, ସୁବାସ ମଲିକ, ରୀନାରାଣୀ ମଲିକ, ଶ୍ରୀମତୀ ମଲିକ ପ୍ରମୁଖ ଯୋଗଦେଇ ନିଜ ନିଜ ୱାର୍ଡର ସମସ୍ୟା ଉତ୍ଥାପନ କରିଥିଲେ। ଏହି ବୈଠକରେ ଗତ ଏପ୍ରିଲ ୮ ତାରିଖ ସାଧାରଣ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ ସହ ଏପ୍ରିଲ ଓ ମେ' ମାସ ଆୟବ୍ୟୟ ହିସାବ ଅନୁମୋଦନ କରାଯାଇଥିଲା। ପୌର ପରିଷଦ ଯନ୍ତ୍ରୀ ସୁଶୀଲ ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ସୁଦାମ ସାହୁ, ଯୋଗାଣ ନିରୀକ୍ଷକ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ପୌର ପରିଷଦ ଉପାଧକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ। ବୈଠକକୁ ସରୋଜ ପଣ୍ଡା, ତପସ୍ୱିନୀ ଦାଶ, ପ୍ରଫୁଲ୍ଲ ଦାଶ, ହୃଷିକେଶ ନାଥ, ଗଙ୍ଗାଧର ନାୟକ, ଗଣେଶ ଦାସ ଓ ମନୋରଞ୍ଜନ ଦାଶ ପରିଚାଳନା କରିଥିଲେ। ଏ ଅବସରରେ ପୌର ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା।

୬/୬/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୫୦,୭୪୨/- | ସୁନା:୧୪.୨୦୦ ଗ୍ରାମ୍ | ରୁପା: ୨୮.୪୦୦ ଗ୍ରାମ୍



### ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗର ସମୀକ୍ଷା

# ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କଲେ ଜରିମାନା

ପୁରୀ,୬।୬(ସମିସ): ରଥଯାତ୍ରାରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ। ଏହାକୁ ସମ୍ମିଳିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶନିବାର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ଓ ପୁରୀ ସହରରେ ଗ୍ରହଣ କରାଯାଇଥିବା ଓ ରଥଯାତ୍ରା ପାଇଁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।



ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ। ସହରକୁ ସଫାସୁତରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ ବ୍ୟବସ୍ଥା କରିବା, ପାର୍କିଂ, ଆଲୋକୀକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଲା କାର୍ଯ୍ୟସୂଚୀ ଅନୁସାରେ, ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକଙ୍କୁ ସଚେତନ କରାଯିବ। କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଜରିମାନା କରାଯିବ। ଲଗାତାର ଏନ୍‌ଫୋର୍ସମେଣ୍ଟ କରାଯିବ, ଜୁନ୍ ୩୦ ସୁଦ୍ଧା ସମସ୍ତ ଡ୍ରେନ୍‌ରେ ସ୍ଲାବ୍ ପଡ଼ିବ, ଜବରଦଖଲ ଉଚ୍ଛେଦ ସହ ସ୍ୱଚ୍ଛତା ପ୍ରତି ଏନ୍‌ଫୋର୍ସମେଣ୍ଟ ଟିମ୍ ଦୃଷ୍ଟି ଦେବ। ଅଧିକ ଲୋକ ଲଗାଯାଇ ପୂରା ସହରକୁ ନିରବଚ୍ଛିନ୍ନ ପରିଷ୍କାର ପରିଚ୍ଛନ୍ନତା ରଖାଯିବ। ପାର୍କିଂ ସ୍ଥଳ ଉନ୍ନତି ସହ ସେଠାରେ ଡ୍ରାଇଭର ବିଶ୍ରାମ ସ୍ଥାନ, ରଥଯାତ୍ରାରେ ଅଧିକ ଶୌଚାଳୟର ବ୍ୟବସ୍ଥା କରାଯିବ। ଡ୍ରେନ୍ ସଫା ତ୍ୱରାନ୍ୱିତ କରାଯାଇଛି, ରାସ୍ତାରେ ବୁଲୁଥିବା ଗୋରୁଗାଈମାନଙ୍କୁ ଗୋଶାଳା ଅବା କାଞ୍ଜିଆହୁଦାରେ ରଖାଯିବ। ବର୍ଷା ହେଲେ ଯେଉଁଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଉଚ୍ଚଶକ୍ତି ସମ୍ପନ୍ନ ପମ୍ପ୍ ରଖାଯିବ, ହୋଟେଲମାନଙ୍କୁ ସଚେତନ କରାଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ଚଳିତ ରଥଯାତ୍ରାରେ ବଡ଼ଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ। ଗଳିମାନଙ୍କରେ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଅନ୍ନଦାନ ବ୍ୟବସ୍ଥା କରାଯିବ, ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ। ବିଭିନ୍ନ ସାଇନ୍‌ଏଜ୍ ବା ସୂଚନାଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ। ପାନୀୟ ଜଳର ବ୍ୟବସ୍ଥା କରିବା, ଅସୁରକ୍ଷିତ ବିଲ୍ଡିଂକୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସମୀକ୍ଷା ବୈଠକରେ ଏସ୍‌ପି ପ୍ରତୀକ ସିଂ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ରାମ ନାରାୟଣ ଗୋଚ୍ଛିକାର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ, ଜିଲ୍ଲାପାଳ, ମହାନଗର ନିଗମ କମିସନର, ଯୁଗ୍ମ କମିସନର ଓ ଅନ୍ୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ।

### ରଥଖଳାରୁ...

## ପ୍ରଥମ ଭୂଇଁ ଫ୍ରେମ୍ ନିର୍ମାଣ ଆରମ୍ଭ

ପୁରୀ,୬।୬(ସମିସ): ରଥଖଳାରେ ତିଆରି ଚାଲିଛି ତିନିରଥ। ଚଳିତବର୍ଷ ରଥ ନିର୍ମାଣ କାମ ବି ବେଶ୍ ଆଗୁଆ ରହିଛି। ତେବେ ଶନିବାର ତିନିରଥର ଛନ୍ଦା ଗୟଳ ମୋଡ଼ା ଶେଷ ହୋଇଛି। ସେହିପରି ପ୍ରତ୍ୟେକ ରଥର ଯୋକା ଫିଟିଙ୍ଗ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ମୋଟ୍ ୪୪ଟି ଯୋକାକୁ ରଥରେ ଫିଟିଙ୍ଗ୍ ପୂର୍ବରୁ ସେଥିରେ ମାପ ପ୍ରକାରେ କାପ ଖୋଦେଇ କାର୍ଯ୍ୟ ଶେଷ ହୋଇ ତାଳଧ୍ୱଜ ଏବଂ ଦର୍ପଦଳନ ରଥରେ ୮ଟି ଲେଖାଏଁ ଯୋକା ଫିଟିଙ୍ଗ୍ ସରିଛି। ନନ୍ଦିଘୋଷ ରଥର ସମସ୍ତ ଯୋକାର କାପ ଖୋଦେଇ ଶେଷ ହୋଇଛି। ଶନିବାର



ତିନିରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ରଥ ଚାଳିରେ ପ୍ରସ୍ତୁତି ଆରମ୍ଭ ହୋଇଛି ତିନିରଥର ପ୍ରଥମ ଭୂଇଁ ଫ୍ରେମ୍। ପ୍ରଥମ ଭୂଇଁ ଫ୍ରେମ୍‌ର ୬ କାଠି ଫ୍ରେମ୍ ପ୍ରସ୍ତୁତି ଶେଷ ହୋଇଛି। ଏହି ପ୍ରଥମ ଭୂଇଁ ଫ୍ରେମ୍ ୬ଟି ଓରା, ୪ଟି ଖମ୍ବି, ସଂଯୋଗ ହୋଇ ଚାରି ପାର୍ଶ୍ୱରେ ୨୪ଟି ପାଖୁଡ଼ା ଏବଂ ୧୬ଟି ଛିଆଣ ଲାଗି, ପାଖୁଡ଼ାକୁ ଧରି ରଖିବା ପାଇଁ ୨୪ଟି ଭୂଇଁ ଖମ୍ବି ଚାରି ପାର୍ଶ୍ୱରେ ସଂଯୋଗ ହୋଇ ଫ୍ରେମ୍ ପ୍ରସ୍ତୁତି ହେବ। ରୂପକାର ସେବକମାନେ ତିନିରଥର ବେଦୀ ସିଂହାସନ ମୁହାଁଟିରେ ଚିତ୍ର ରୂପ ଖୋଦେଇ ଶେଷ କରିଛନ୍ତି। ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଶେଷ କରିବା ସହ ତିନିରଥର ୮ ଟି ଲେଖାଏଁ ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ କରୁଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଯୋକା କଣ୍ଟା ଶେଷ କରି ଭୂଇଁ କଣ୍ଟା, ପୋଟଳ କଣ୍ଟା ନିର୍ମାଣ କରୁଛନ୍ତି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଜଳକ୍ରୀଡ଼ା

ପୁରୀ,୬।୬(ସମିସ): ଶ୍ରୀମନ୍ଦିରରେ ଭିତର ଚନ୍ଦନ ଚାଲିଥିବାବେଳେ ଶନିବାର ମହାପ୍ରଭୁ ଜଳକ୍ରୀଡ଼ା କରିଛନ୍ତି। ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଠାକୁର ଠାକୁରାଣୀଙ୍କୁ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ଷଷ୍ଠ ଜଳକ୍ରୀଡ଼ା।

## ବଦ୍ରି ମିଶ୍ରଙ୍କୁ ସମ୍ମାନିତ କଲେ କେନ୍ଦ୍ରମନ୍ତ୍ରୀ

ପୁରୀ,୬।୬(ସମିସ): ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବୃକ୍ଷରୋପଣ, ଶବଦାହ, ଭାଗବତ ଟୁଙ୍ଗି ପ୍ରତିଷ୍ଠା, ରକ୍ତଦାନ, ଗରିବ ଛାତ୍ରଛାତ୍ରୀଙ୍କୁ ମୁକ୍ତ ବିଦ୍ୟାଦାନ, ତମାଖୁ ଓ ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ଭଳି ସମାଜସେବା କରୁଥିବା ବଦ୍ରି ମିଶ୍ରଙ୍କୁ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରୀ ପବିତ୍ର ମାରଘେରିଟା ଓ ସାଂସଦ ସମ୍ବିତ ପାତ୍ର "ଗ୍ରେଟ୍ ମ୍ୟାନ୍' ଆୱାର୍ଡ ପ୍ରଦାନ କରିଛନ୍ତି। ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଅନୁଷ୍ଠିତ ଜାତୀୟ ଲୋକମେଳାରେ ଶ୍ରୀ ମିଶ୍ର ଏହି ସମ୍ମାନ ଗ୍ରହଣ କରିଛନ୍ତି।

## ୧୪ରୁ ପ୍ରଥମ ଶ୍ରୀକ୍ଷେତ୍ର ରଜ ରାଣୀ ମହୋତ୍ସବ

ପୁରୀ,୬।୬(ସମିସ): ପୁରୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ "ଶ୍ରୀକ୍ଷେତ୍ର ରଜ ରାଣୀ ମହୋତ୍ସବ ସମିତି' ପକ୍ଷରୁ ଆସନ୍ତା ୧୪ରୁ ୧୬ ତାରିଖ ତିନିଦିନ ଧରି ରଜ ମହୋତ୍ସବ ପାଳନ କରାଯିବ। ଏ ନେଇ ଶନିବାର କ୍ରିଷ୍ଣା ଗାର୍ଡେନ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ମନୋଜ ରଥ, ବିଜୟ କୃଷ୍ଣ ବ୍ରହ୍ମା, ସୁକାନ୍ତ ପଣ୍ଡା, ଭାରତୀକୃଷ୍ଣ ବ୍ରହ୍ମା, ଦେବଦତ୍ତ ପଟ୍ଟନାୟକ, ଆବାହକ ରୋନକ ପଟ୍ଟନାୟକ, ମୁଖ୍ୟ ସଂଯୋଜକ ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଥିଲେ। କ୍ରିଷ୍ଣା ଗାର୍ଡେନରେ ତିନିଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ଦୋଳି, ପୁଚି, ମ୍ୟୁଜିକ୍ ଚେୟାର, ଝୋଟି, ଓଡ଼ିଆ ପିଠାପଣା, ମେହେନ୍ଦି ପ୍ରତିଯୋଗିତା ସହ ପ୍ରତ୍ୟେକ ଦିନ ଓଡ଼ିଶୀ, ଲୋକନୃତ୍ୟ, ରଜ ସଙ୍ଗୀତ ଓ ଆଧୁନିକ ନୃତ୍ୟ ପ୍ରଦର୍ଶିତ ହେବ। ଏଥିରେ ଓଲିଉଡ୍‌ର ସ୍ୱନାମଧନ୍ୟ ଅଭିନେତା ଅଭିନେତ୍ରୀମାନେ ଅଂଶଗ୍ରହଣ କରିବେ। ପ୍ରଚ୍ଛଦପଟ ଗାୟକ, ଗାୟିକାଙ୍କ ସଙ୍ଗୀତ ସହ ନୃତ୍ୟ ପ୍ରଦର୍ଶନ କରାଯିବ। ଓଲିଉଡ୍‌ର ପ୍ରସିଦ୍ଧ ଗାୟିକା ନବ୍ୟା ଜୟତି, ରସ ଜାମୁଡାଲିର ପ୍ରସିଦ୍ଧ ସନ୍ଧ୍ୟାରାଣୀ ଓ ସିଦ୍ଧେଶ୍ୱର ବ୍ୟାଣ୍ଡ ଯୋଗଦେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ମହୋତ୍ସବର ମୁଖ୍ୟ ଆକର୍ଷଣ "ରଜ ରାଣୀ' ବିଜେତାଙ୍କୁ ଆକର୍ଷଣୀୟ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ଏହାଛଡ଼ା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏହି ମହୋତ୍ସବ ଉପଲକ୍ଷେ ଶନିବାର ଆଧୁନିକ ନୃତ୍ୟ, ଡୁଏଟ୍, ଦଳଗତ ନୃତ୍ୟ, ଫ୍ୟାସନ ଶୋ', ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରୀ ସହର ତଳି ଅଞ୍ଚଳରେ ଅନୁଷ୍ଠିତ ଏହିଭଳି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

### ବରିଷ୍ଠଙ୍କୁ ତାଚ୍ଛଲ୍ୟ: କମିଟି ଅଛି ବୈଠକ ନାହିଁ

## 'ଅଭୟ' ଓ 'ଅବଦାନ' ଅର୍ଥ ଯାଉଛି କୁଆଡ଼େ?

ପୁରୀ,୬।୬(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ନିୟମକୁ ଅଫିସରମାନେ ମୋଡ଼ିମକଚି ଦେଉଥିବା ଅଭିଯୋଗ ବଢ଼ିଚାଲିଛି। ଫଳରେ ଅନେକ ଯୋଜନା କେବଳ ନଥିପତ୍ରରେ ସୀମିତ ରହୁଛି ଓ ପ୍ରକୃତ ହିତାଧିକାରୀ ସୁଫଳରୁ ବଞ୍ଚିତ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ପୁରୀ 'ଜିଲ୍ଲା ବରିଷ୍ଠ ନାଗରିକ ସମନ୍ୱୟ କମିଟି'ର ନିଷ୍କ୍ରିୟତା। 'ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ ୨୦୦୯' ତା ୧.୧୦.୨୦୦୮ରୁ କାର୍ଯ୍ୟକାରୀ ହୋଇଆସୁଛି। ନିୟମ ଅନୁଯାୟୀ, ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୨୨୩/୬.୫.୨୦୨୫ରେ 'ବରିଷ୍ଠ ନାଗରିକ ସମନ୍ୱୟ କମିଟି' ଗଠିତ ହୋଇଥିଲା। ଏଥିରେ ୬ ଜଣ ଜିଲ୍ଲାସ୍ତରୀୟ ପଦସ୍ଥ ଅଧିକାରୀ ଓ ୬ ଜଣ ବେସରକାରୀ ସଭ୍ୟ ରହିଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏହାର ସମ୍ପାଦକ। ନିୟମ ଅନୁସାରେ କମିଟିର ଅବଧି ୩ ବର୍ଷ ଏବଂ ବର୍ଷକୁ ଅନ୍ୟୁନ ୪ଥର ବୈଠକ ହେବା କଥା। ହେଲେ ବର୍ଷାଧିକ କାଳ ହେଲାଣି କମିଟି ଗଠନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗୋଟିଏ ବି ବୈଠକ କରାଯାଇନାହିଁ।

> ବରିଷ୍ଠ ନାଗରିକଙ୍କ କଲ୍ୟାଣ ଯୋଜନା କେବଳ କାଗଜରେ

ଅଭିଯୋଗ ଅନୁସାରେ, କେନ୍ଦ୍ର ସରକାରଙ୍କ 'ଅଭୟ' ଏବଂ ରାଜ୍ୟ ସରକାରଙ୍କ 'ଅବଦାନ' ଯୋଜନାରେ ପ୍ରାପ୍ତ ଲକ୍ଷାଧିକ ଟଙ୍କା କେବଳ କିଛି ନିର୍ଦ୍ଦିଷ୍ଟ ବରିଷ୍ଠ ନାଗରିକଙ୍କୁ ଡକାଇ 'ସଚେତନତା' ନାମରେ ଖର୍ଚ୍ଚ କରାଯାଉଥିବା ଚର୍ଚ୍ଚା ହେଉଛି। ହେଲେ ଜିଲ୍ଲାର ୮୦ ପ୍ରତିଶତରୁ ଅଧିକ ବରିଷ୍ଠ ନାଗରିକଙ୍କୁ ଏଯାବତ୍ ପରିଚୟପତ୍ର ମଧ୍ୟ ମିଳିନାହିଁ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବହିଃଚିକିତ୍ସା ବ୍ୟବସ୍ଥା ନାହିଁ। ଅନେକ ଯୋଗ୍ୟ ହିତାଧିକାରୀ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକାରୀ ହୋଇନାହିଁ। ଆଗକୁ ଆସୁଥିବା ରଥଯାତ୍ରାରେ ବରିଷ୍ଠ ନାଗରିକଙ୍କ ଶ୍ରୀଜୀଉ ଦର୍ଶନ ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲ୍ଲାର ଜଣେ ଆଗଧାଡ଼ିର ବରିଷ୍ଠ ନାଗରିକ କହିଛନ୍ତି, ମୁଖ୍ୟମନ୍ତ୍ରୀ 'ଲୋକଙ୍କ ସରକାର' କହୁଥିବାବେଳେ ଗୋଟିଏ ବର୍ଷରେ ଅଧିକାରୀ ବରିଷ୍ଠଙ୍କ ପାଇଁ ଗୋଟିଏ ଦିନ ସମୟ ନ ଦେବା ଦୁର୍ଭାଗ୍ୟଜନକ। ଯଦି ତୁରନ୍ତ କମିଟି ବୈଠକ ଡକାଇ ସମସ୍ୟାର ସମାଧାନ କରା ନ ଯାଏ ତେବେ ରାଷ୍ଟ୍ରପତି, ରାଜ୍ୟପାଳ ଓ ବିଭାଗୀୟ ସଚିବଙ୍କ ପାଖରେ ଅଭିଯୋଗ କରାଯିବ। ଆବଶ୍ୟକ ହେଲେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିବାକୁ କିଛି ବରିଷ୍ଠ ନାଗରିକ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କମିଟି କେବେ ସକ୍ରିୟ ହେବ ଓ ସରକାରୀ ଅର୍ଥ କିପରି ଖର୍ଚ୍ଚ ହେଉଛି ତାହାର ହିସାବ କେବେ ମିଳିବ, ତାହା ଦେଖିବାକୁ ବାକି ରହିଲା।

## ଏସ୍‌ଆଇଆର୍ | ୫୪ ପ୍ରତିଶତ ଭୋଟରଙ୍କୁ ଦିଆଗଲାଣି ଏନୁମେରେସନ୍ ଫର୍ମ

ପୁରୀ,୬।୬(ସମିସ): ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ କାର୍ଯ୍ୟ ଚାଲିଛି। ବିଏଲ୍‌ଓ ବା ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ବର୍ତ୍ତମାନ ସୁଦ୍ଧା ୫୪ ପ୍ରତିଶତରୁ ଅଧିକ ଭୋଟରଙ୍କୁ ଏନୁମେରେସନ ଫର୍ମ ପ୍ରଦାନ କରିସାରିଲେଣି। ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନ କମିସନରଙ୍କ ଉଦ୍ଦେଶ୍ୟ। ତେଣୁ ଭୋଟରମାନେ ସେମାନଙ୍କ ପରିବାରର ସଠିକ୍ ତଥ୍ୟ ଯଥା- ୧୮ ବର୍ଷ ବା ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ୍ ଦେବା, ପରିଚୟପତ୍ରରେ ତ୍ରୁଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ। ପୁରୀ ଜିଲ୍ଲାରେ ଜୁନ୍ ୬ ତାରିଖ ସୁଦ୍ଧା ୧୩ ଲକ୍ଷ ୮୭ ହଜାର ୯୩୦ ଜଣ ଭୋଟର ଥିବାବେଳେ ସମାନ ସଂଖ୍ୟକ ଏନୁମେରେସନ ଫର୍ମ ପ୍ରସ୍ତୁତି କରି ବଣ୍ଟନ କରାଯାଉଛି। ଜିଲ୍ଲାରେ ୧୬୦୯ ବିଏଲ୍‌ଓ ଭୋଟରଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି। ଏ କ୍ଷେତ୍ରରେ ୧୬୧ ଜଣ ସୁପରଭାଇଜର ସେମାନଙ୍କୁ ସହଯୋଗ ଓ ପରାମର୍ଶ ଦେଉଛନ୍ତି। ବିଏଲ୍‌ଓମାନେ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବା ସହ ଭୋଟରମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଉଛନ୍ତି। ଫର୍ମ ପୂରଣ ପରେ ବିଏଲ୍‌ଓମାନେ ଭୋଟରଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରି ଭୋଟରମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକୋନଲେଜ୍‌ମେଣ୍ଟ ରସିଦ୍ ପ୍ରଦାନ କରିବେ। ଏ ସମସ୍ତ କାର୍ଯ୍ୟରେ ଜିଲ୍ଲାର ସମସ୍ତ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅନୁରୋଧ କରିଛନ୍ତି।




## ଆଇଟିଆଇ କଲେଜ ପରିସରରେ ବୃକ୍ଷରୋପଣ

ପୁରୀ,୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁରୀ ଓ ଜଗନ୍ନାଥ ଧାମ ଆମ୍ବୁଲାନ୍ସ ଡିଭିଜନ ମିଳିତ ଆନୁକୂଲ୍ୟରେ ସରକାରୀ ଆଇଟିଆଇ କଲେଜରେ ଆଇନ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣର ସଚିବ ପାରିତୋଷ କୁମାର ସେଠୀଙ୍କ ସମେତ ଆମ୍ବୁଲାନ୍ସ ଡିଭିଜନର ଡିଭିଜନାଲ କମାଣ୍ଡର ଲାଲା ଅନନ୍ତ କୁମାର ସିଂହ, ବ୍ରିଗେଡ୍ ଶିବ ପ୍ରସାଦ ମହାନ୍ତି, ସଚ୍ଚିଦାନନ୍ଦ ରଥ, ସଂଗ୍ରାମ କେଶରୀ ମହାପାତ୍ର, ହିମାଂଶୁ ନାୟକ, ପିଙ୍କି ସେନାପତି, ବିବି ତ୍ରିପାଠୀ, ଶାଶ୍ୱତ ମହାନ୍ତି, ମମତା ପଣ୍ଡା, ଛବିରାଣୀ ମହାରଣା, ଆଇଟିଆଇର ପ୍ରିନ୍ସପାଲ ପ୍ରମୋଦ କୁମାର ସାମଲ, ଟ୍ରେନିଂ ଅଫିସର ଶ୍ରୀକାନ୍ତ ଜେନା, ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ସନାତନ ସାହୁ, ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଚକ୍ରଧର ପାତ୍ର, ଟାଟା ଷ୍ଟ୍ରାଇଭର, ସୁଶାନ୍ତ ସେନାପତି, ଅନିତା ଜଗଦ୍ଦେବ, ସୁଶାନ୍ତ ବାରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ "ପ୍ଲାଷ୍ଟିକ୍ ପ୍ରଦୂଷଣକୁ ହରାଅ' ଥିମ୍ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ପ୍ରାଧିକରଣ ସଚିବ ଶ୍ରୀ ସେଠୀ, କମାଣ୍ଡର ଶ୍ରୀ ସିଂହ ଏବଂ ଆଇଟିଆଇ ଟ୍ରେନିଂ ଅଫିସର ଶ୍ରୀକାନ୍ତ ଜେନା ପରିବେଶ ସୁରକ୍ଷା ଓ ଆଇନଗତ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ସମସ୍ତ ଉପସ୍ଥିତ ସଦସ୍ୟ ଓ ଛାତ୍ରଛାତ୍ରୀ ମିଶି କଲେଜ ପରିସରରେ ବୃକ୍ଷରୋପଣ କରିଥିଲେ।

## ଡ. ବିଶ୍ୱନାଥ ମିଶ୍ରଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର

ପୁରୀ,୬।୬(ସମିସ): ବନ ବିଭାଗ ପକ୍ଷରୁ ଶୁକ୍ରବାର ବ୍ଲୁ ଫ୍ଲାଗ୍ ବିଚ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ଡିଏଫ୍‌ଓ ଧନଜି ରାଓସ ମଗର, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଓ ସମ୍ବିତ୍ ପଣ୍ଡା, ବନ ବିଶେଷଜ୍ଞ ଆକାଶ ରଞ୍ଜନ ରଥ, ପରିବେଶବିତ୍ ଯୁଗବ୍ରତ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବୃକ୍ଷରୋପଣ ପାଇଁ ସଂକଳ୍ପ ନେବାର ସମୟ ଆସିଛି। ବର୍ଷ ବର୍ଷ ଧରି ବୃକ୍ଷ କଟା ହେବା ଯୋଗୁଁ ପରିବେଶ ନଷ୍ଟ ହେବାରେ ଲାଗିଛି। ପ୍ରଚଣ୍ଡ ରୌଦ୍ରତାପ ମଣିଷ ସମାଜକୁ କଲବଲ କଲାଣି। ଏଥିପ୍ରତି ପ୍ରତ୍ୟେକ ମଣିଷ ସଚେତନ ହେବା ଦରକାର। ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବୃକ୍ଷରୋପଣ ସାଙ୍ଗକୁ ଜଙ୍ଗଲ, ବେଳାଭୂମି ଓ ସମୁଦ୍ର କିପରି ସୁରକ୍ଷିତ ରହିବ ସେ ଦିଗରେ ଚେଷ୍ଟା କରିବା ଦରକାର। ପରିବେଶ ସୁରକ୍ଷା ଦିଗରେ ନିଜର ସହଭାଗିତା ରଖୁଥିବା 'ନିର୍ମାଲ୍ୟ'ର ସମ୍ପାଦକ ଡ. ବିଶ୍ୱନାଥ ମିଶ୍ରଙ୍କୁ ପୁରୀ ସଦର ବ୍ଲକର 'ପ୍ରକୃତି ବନ୍ଧୁ' ପୁରସ୍କାର ମିଳିଥିଲା। ଡ. ମିଶ୍ର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨୩ ବର୍ଷର ଅଧ୍ୟାପନା ସମୟରେ ବିଭିନ୍ନ ବୃକ୍ଷରୋପଣ, ପରିବେଶ ସୁରକ୍ଷା କାର୍ଯ୍ୟକ୍ରମର ସଂଯୋଜକ ଓ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସମ୍ପର୍କରେ ସଚେତନ କରାଇ ବିଶ୍ୱବିଦ୍ୟାଳୟରୁ ପ୍ରଶଂସା ପାଇଛନ୍ତି। ଏହି ଅବସରରେ ସତ୍ୟବାଦୀ ବ୍ଲକ୍‌ରୁ ସୁଶାନ୍ତ କୁମାର ରଥ, ଡେଲାଙ୍ଗ ବ୍ଲକ୍‌ରୁ ସବ୍ୟସାଚୀ ସେନାପତି, କଣାସରୁ ହେମନ୍ତ କୁମାର ମହାରଥୀ 'ପ୍ରକୃତି ବନ୍ଧୁ' ପୁରସ୍କାର ପାଇଥିଲେ।



### ରଥଯାତ୍ରା ପାଇଁ ପୁଲିସର ସ୍ୱତନ୍ତ୍ର ଆଚରଣ ପ୍ରଶିକ୍ଷଣ

# ଭକ୍ତଙ୍କ ସେବା ହିଁ ପୁଲିସର ଧର୍ମ

ପୁରୀ,୬।୬(ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା-୨୦୨୬କୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ପୁରୀ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଆଚରଣଗତ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ପୁଲିସ ଲାଇନ୍ କନ୍‌ଫରେନ୍ସ ହଲ୍‌ଠାରେ ଆୟୋଜିତ ଏହି କର୍ମଶାଳାରେ ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ହେବାକୁ ଥିବା ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ୍ ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ସହ ସମ୍ବେଦନଶୀଳ ବ୍ୟବହାର, ବୃହତ୍ ଭିଡ଼କୁ ସୁଚାରୁ ରୂପେ ନିୟନ୍ତ୍ରଣ ଓ ପରିଚାଳନା, ପୁରୀ ପୁଲିସର ସକାରାତ୍ମକ ଭାବମୂର୍ତ୍ତିକୁ ସୁଦୃଢ଼ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା।

ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ତପସ ରଞ୍ଜନ ଦାସ, ଅବସରପ୍ରାପ୍ତ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ଦୀପକ ଗଡ଼ନାୟକ, ମିସ୍ ଅନାଖା କେ ବିଜୟାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ହାଇଟେକ୍ ମେଡିକାଲ୍ କଲେଜ, ଭୁବନେଶ୍ୱରର ଡା. ଅମୃତ ପଟ୍ଟଯୋଶୀ ଏବଂ ଡା. ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ଜନଗହଳିର ମନସ୍ତତ୍ତ୍ୱ ଓ ଚାପପୂର୍ଣ୍ଣ ପରିସ୍ଥିତିରେ ପୁଲିସର ଭୂମିକା, ପ୍ରଭାବଶାଳୀ ଯୋଗାଯୋଗ ଓ ସକାରାତ୍ମକ ବ୍ୟବହାର, ମାନସିକ ସନ୍ତୁଳନ ବଜାୟ ରଖିବାର କୌଶଳ ଧୈର୍ଯ୍ୟ ଓ ସହନଶୀଳତା ମାଧ୍ୟମରେ ଭିଡ଼ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଏସ୍‌ପି ଶ୍ରୀ ସିଂ କହିଥିଲେ, 'ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସନ୍ତି। ସେମାନଙ୍କ ସହ ଆମ ଆଚରଣ ହିଁ ପୁରୀ ପୁଲିସର ପ୍ରକୃତ ପରିଚୟ। ପ୍ରତ୍ୟେକ ପୁଲିସ କର୍ମଚାରୀଙ୍କୁ ଜନବନ୍ଧୁ ପୁଲିସିଂର ମନୋଭାବ ନେଇ କାର୍ଯ୍ୟ କରିବାକୁ ହେବ। ଭକ୍ତଙ୍କ ସମସ୍ୟା ବୁଝିବା, ସହାୟତା କରିବା ଓ ସମ୍ମାନଜନକ ବ୍ୟବହାର ଦେବା ଆମର ପ୍ରାଥମିକତା'।



ଏହି କର୍ମଶାଳାରେ ଜନଗହଳି ନିୟନ୍ତ୍ରଣ ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା, ଭିଡ଼ରେ ହଜିଯାଇଥିବା ବ୍ୟକ୍ତି, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର, ଦର୍ଶନ ବ୍ୟବସ୍ଥାକୁ ସୁଚାରୁ ରଖିବା ଲାଗି ବ୍ୟାବହାରିକ ପରାମର୍ଶ ଦିଆଯାଇଥିଲା। ଅବସରପ୍ରାପ୍ତ ପୁଲିସ ଅଧିକାରୀ ଜ୍ଞାନରଞ୍ଜନ ମହାପାତ୍ର ନିଜ ଦୀର୍ଘ ପ୍ରଶାସନିକ ଅନୁଭୂତି ବାଣ୍ଟି କହିଥିଲେ ଯେ, 'ଭଲ ଆଚରଣ ଓ ମାନବିକ ଦୃଷ୍ଟିଭଙ୍ଗୀ ହିଁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରେ। କର୍ମଶାଳା ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ରଥଯାତ୍ରା ସମୟରେ ଉତ୍ତମ ଆଚରଣ, ଦକ୍ଷ ପରିଚାଳନା ଏବଂ ଭକ୍ତଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ପୁରୀ ପୁଲିସ ରଥଯାତ୍ରା-୨୦୨୬କୁ ସ୍ମରଣୀୟ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

# ସ୍କାଉଟ୍ ଆଣ୍ଡ ଗାଇଡ୍ସର ପରିବେଶ ଶିବିର 'ଆହ୍ୱାନ'

ଜଗତସିଂହପୁର,୬।୬(ସମିସ)



ବିଶ୍ୱ ପରିବେଶ ଦିବସ ଅବସରରେ ନିଲେ ଝଣ୍ଡେ ୱାଲେ ଓପନ୍ ୟୁନିଟ୍ ଆନୁକୂଲ୍ୟରେ ଏକଦିବସୀୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପରିବେଶ ଶିବିର 'ଆହ୍ୱାନ-୨୦୨୬' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜଗତସିଂହପୁର ଠାରେ ଆୟୋଜିତ ହୋଇଯାଇଛି। 'ସବୁଜ ପୃଥିବୀ ପାଇଁ ସମୁଦାୟର ଦାୟିତ୍ୱ' ଶୀର୍ଷକକୁ ନେଇ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨୦୦ରୁ ଅଧିକ ସ୍କାଉଟ୍, ଗାଇଡ୍, ରୋଭର୍, ରେଞ୍ଜର୍, ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପଟେନ୍, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଜୟ କୁମାର ରଥ, ପ୍ରତାପ ଚନ୍ଦ୍ର ରାଉତରାୟ, ରଶ୍ମିକାନ୍ତ ସାହୁ, ନିରଞ୍ଜନ ବିଶ୍ୱାଳ, ଈଶ୍ୱରଚନ୍ଦ୍ର ନନ୍ଦ, ମଧୁସୂଦନ ସାହୁ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଟ୍ରେନିଂ କମିଶନର ସସ୍ମିତା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାକେଶ ରୋଶନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏନ୍‌ଜେଡବ୍ଲ୍ୟୁ ଓପନ୍ ୟୁନିଟର ସମ୍ପାଦକ ତଥା ଭାରପ୍ରାପ୍ତ ରୋଭର ଲିଡର ଆଶୁତୋଷ ପଣ୍ଡା ସଂଗଠନର କାର୍ଯ୍ୟବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିବେଶ ସଚେତନତା ନିମନ୍ତେ ବକ୍ତୃତା, ନାଟକ, ସଙ୍ଗୀତ, ଲିଖିତ କୁଇଜ୍, ପୋଷ୍ଟର ପ୍ରସ୍ତୁତି, ସ୍ଲୋଗାନ ଲିଖନ ଓ ଗ୍ରୀନ୍ ଇନୋଭେସନ୍ ପ୍ରେଜେଣ୍ଟେସନ୍ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ସମାରୋହରେ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ରଥ ମୁଖ୍ୟଅତିଥି ଏବଂ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ସର ଯୁଗ୍ମ ସମ୍ପାଦକ (ପ୍ରୋଗ୍ରାମ ଆଣ୍ଡ ଟ୍ରେନିଂ) ଅନାମିକା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହାସହ ସୁଭାଷ ଚନ୍ଦ୍ର ରାଉତ, ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଡ. ନିହାର ରଞ୍ଜନ ଭୋଇ, ଅତୁଲ ବିକ୍ରମ ପ୍ରଧାନ ଏବଂ ମନୋଜ କୁମାର ନନ୍ଦୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୟୁନିଟ୍ ଲିଡର ବିଜୟ କୁମାର ରଥ ସଭାରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସ୍କାଉଟ୍ ଓ ଗାଇଡ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରଧାନ ଶିକ୍ଷକ ସ୍କାଉଟ୍ ସେବା ସମ୍ମାନ, ସ୍କାଉଟ୍ ବାର୍ତ୍ତା ସାରଥୀ ସମ୍ମାନ, ବାଳଚର ଶିରୋମଣୀ ସମ୍ମାନ, ବାଳଚର ମିତ୍ର ସମ୍ମାନ, ରୋଭର୍-ରେଞ୍ଜର ସେବା ରତ୍ନ ସମ୍ମାନ, ଧରିତ୍ରୀ ସୁରକ୍ଷା ସମ୍ମାନ ଏବଂ ପରିବେଶ ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ଓ ସାଧନା କଳା ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଏନ୍‌ଜେଡବ୍ଲ୍ୟୁ ଓପନ୍ ୟୁନିଟର ସହକାରୀ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ବେଳାଭୂମିରେ ରଜ ମହୋତ୍ସବ ଉଦ୍‌ଘାଟିତ




ପାରାଦୀପ,୬।୬(ସମିସ): ପାରାଦୀପ ବେଳାଭୂମିରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆଗକୁ ରଜ ଆସୁଥିବାରୁ ଏହାର ମଜା ନେବା ପାଇଁ ପାରାଦୀପ ସମୁଦ୍ର ବେଳାଭୂମିରେ ଏହି ଉତ୍ସବକୁ ୧୫ ଦିନ ପାଇଁ ଆନନ୍ଦ ଉଲ୍ଲାସରେ ପାଳନ କରାଯିବ। ବାଲିଯାତ୍ରା ପଡିଆରେ ତୁଳସୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୋଇଛି ଏହି ରଜ ମହୋତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ବିଭୁ ପ୍ରସାଦ ତରାଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଖଦି ଗ୍ରାମୋଦ୍ୟୋଗ ବୋର୍ଡର ସମ୍ପାଦକ ଗଦାଧର ପାତ୍ର, ହସ୍ତଶିଳ୍ପ ସରକାରୀ ନିର୍ଦ୍ଦେଶକ ଅଜିତ ପ୍ରସାଦ ଭୋଇ, ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ସଭାପତି ଗୌତମ କୁମାର ନାୟକ, ପାରିଷଦ ପ୍ରତାପ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପାରାଦୀପ ବନ୍ଦର ପକ୍ଷରୁ ପ୍ରତ୍ୟକ ବର୍ଷ ଗୋପବନ୍ଧୁ ଷ୍ଟାଡିଅମରେ ରଜ ମହୋତ୍ସବ ଆୟୋଜନ କରାଯାଉଥିବା ବେଳେ ବାଲିଯାତ୍ରା ପଡିଆରେ ମଧ ଆଉ ଏକ ରଜ ମହୋତ୍ସବର ସମ୍ଭାର ପାରାଦୀପବାସୀଙ୍କ ମନ ଜିଣିବା ପାଇଁ ଆୟୋଜନ କରାଯାଇଥିବା କହିଛନ୍ତି ସାଂସଦ। ଏହି ରଜ ମହୋତ୍ସବରେ ଘର କରଣା ସାମଗ୍ରୀ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ରଜଦୋଳି, ରଜପାନ, ଓଡ଼ିଆ ଖାଦ୍ୟର ଭଣ୍ଡାର ପାରାଦୀପବାସୀଙ୍କୁ ଭେଟି ଦେଇଛି ଅନୁଷ୍ଠାନ। ପ୍ରତ୍ୟକ ସନ୍ଧ୍ୟାରେ ମଞ୍ଚରେ ଭିନ୍ନ ଭିନ୍ନ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ମେଳା ଜୁନ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। ବନ୍ଦର ଅନ୍ତେବାସୀଙ୍କ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକେ ଉପସ୍ଥିତ ହୋଇ ଏହାର ମଜା ନେଇପାରିବେ।

# ରଜ ମହୋତ୍ସବ ଭାଇଚାରା ଓ ସାଂସ୍କୃତିକ ଚେତନାର ବାର୍ତ୍ତା ଦିଏ




ଏରସମା,୬।୬(ସମିସ): ଏରସମା ବ୍ଲକ ଅନ୍ତର୍ଗତ ଦେବୀଦୋଳ ପଡିଆରେ ଚାଲିଥିବା ରଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବକ୍ତାମାନେ ରଜ ମହୋତ୍ସବ ଭଳି ସାଂସ୍କୃତିକ ଉତ୍ସବ ସମାଜରେ ଭାଇଚାରା, ସଦ୍ଭାବନା ଓ ଏକତାର ବାର୍ତ୍ତା ପ୍ରଚାର କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ସୁମନ ଖଟୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର ପରିଜା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଉତ୍ସବ ଓ ମହୋତ୍ସବ ମାନବ ସମାଜକୁ ଏକ ସୂତ୍ରରେ ବାନ୍ଧିବା ସହ ପରସ୍ପର ମଧ୍ୟରେ ଭ୍ରାତୃତ୍ୱବୋଧ ଓ ସାମାଜିକ ସମ୍ପର୍କକୁ ସୁଦୃଢ଼ କରିଥାଏ। ମହୋତ୍ସବ କମିଟିର ସମ୍ପାଦକ ନିରାକାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସଭାରେ କଥାଶିଳ୍ପୀ ଦୀପ୍ତି ଖଣ୍ଡୁଆଳ, ସାମ୍ବାଦିକ ତୃପ୍ତି ରଞ୍ଜନ ମହାନ୍ତି ଏବଂ ଯୁବନେତା ଚନ୍ଦନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ସନ୍ଧ୍ୟା ଓ ଲୋକପରମ୍ପରାର ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅମ୍ବିକା ପ୍ରସାଦ ମହାନ୍ତି, ଉମାକାନ୍ତ ତରାଇ, ଜୟନ୍ତ ସେଠୀ ଓ ସାଗର ରଞ୍ଜନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ଶେଷରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ "ମହ୍ଲାର ଭଜନ ସନ୍ଧ୍ୟା" ଅନୁଷ୍ଠାନ ମାଧ୍ୟମରେ ଭଜନ, ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆକର୍ଷଣୀୟ ସାଂସ୍କୃତିକ ପରିବେଷଣ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ଶିଶୁ ବିଦ୍ୟାମନ୍ଦିରରେ ପରିବେଶ ଦିବସ

ପାରାଦୀପ,୬।୬(ସମିସ): ପାରାଦୀପ ବାଲିଝରା ସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ପରିବେଶ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପରିବେଶ ଦିବସ ବାର୍ତ୍ତା ପ୍ରକୃତି ଦ୍ୱାରା ଆମେ ଅନୁପ୍ରାଣିତ ଉପରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ପରେ ପିଲାମାନେ ଏକ ପେଡ୍ ମାଆ କି ନାମ ଅନୁସାରେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ, ଜାତୀୟ ସବୁଜ ବାହିନୀ ସଂଯୋଜକ ରୋଜାଲିନ୍ ତରାଇ, କଲ୍ୟାଣୀ ସଂଘମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଦ୍ୱାରା ବୃକ୍ଷରୋପଣ



ଜଗତସିଂହପୁର,୬।୬(ସମିସ): ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ଦେଉଳି ଗ୍ରାମେଶ୍ୱରର ଖଜୁରିଆ ମଠ ପରିସରରେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ କରକମଳରେ ମା' ପାଇଁ ବୃକ୍ଷଟିଏ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ନଗର ପ୍ରତିନିଧି ସୁଶାନ୍ତ ରଞ୍ଜନ ସ୍ୱାଇଁ, ଜଗନ୍ନାଥ ଦାସ, ଦେବୀପ୍ରସାଦ ସାହାଣୀ, ପାରିଷଦ ଦେବାଶିଷ ସ୍ୱାଇଁ, ସେକ ଜାହିରଉଦ୍ଦିନ, ସମ୍ବିଦ ବେହୁରା, ରଂଜିତ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ସ୍ୱାଇଁଙ୍କ ସମେତ ୱାର୍ଡବାସୀ ଏବଂ ଭାରତୀୟ ଜନତା ପାର୍ଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

ବାଲିକୁଦା,୬।୬(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବଡ଼ଗାଁ ପଞ୍ଚାୟତ ନୂଆଗାଁ ଗ୍ରାମର ମାନସ ନାୟକ ଉକ୍ତ ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ଜଣଙ୍କ ବାଲିକୁଦା ଥାନାରେ ଗତକାଲି ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବାଲିକୁଦା ପୁଲିସ ପକ୍ଷରୁ ଉକ୍ତ ଯୁବକକୁ ତୁରନ୍ତ ଗିରଫ କରାଯାଇଥିବା ବେଳେ ଆଜି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ନାବାଳିକାର ଅଭିଯୋଗ ଅନୁଯାୟୀ ମାନସ ଉକ୍ତ ନାବାଳିକାକୁ ବିଭିନ୍ନ ସମୟରେ ଭୟଭୀତ କରାଇ ୩ ଥର ଦୁଷ୍କର୍ମ କରିଥିଲା। ଏହି ଘଟଣା ନାବାଳିକା ଜଣଙ୍କ ନିଜ ମା'ଆଗରେ କହିବା ପରେ ପରିବାର ଲୋକେ ଝିଅକୁ ଧରି ବାଲିକୁଦା ଥାନାକୁ ଆସି ଉକ୍ତ ଯୁବକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଫଳରେ ପୁଲିସ ମାନସକୁ ଗିରଫ କରିଥିଲା। ଏହି ଖବର ବାଲିକୁଦା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ରେଡ଼ିଓ ଆଉଟରିଚ୍ ପକ୍ଷରୁ ପରିବେଶ ଦିବସ




ଏରସମା,୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ରେଡିଓ ଆଉଟରିଚ୍ ୯୦.୮ ଏଫ୍‌ଏମ୍ ପକ୍ଷରୁ ଶ୍ରୀରାମପୁର ସ୍ଥିତ କ୍ୟାମ୍ପସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବିଶେଷ ରେଡିଓ ଆଲୋଚନାର ପ୍ରସାରଣ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜ ପୃଥିବୀ ଗଠନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ପରିବେଶବିତ୍ ବସନ୍ତ ମଞ୍ଜରୀ ଦାସ ଏବଂ ଶିକ୍ଷାବିତ୍ ଅନିଲ ଜେନା ଯୋଗଦେଇ ପରିବେଶ ସଂରକ୍ଷଣର ଗୁରୁତ୍ୱ ଉପରେ ମତ ରଖିଥିଲେ। ସେମାନେ ବୃକ୍ଷରୋପଣ, ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ମାଧ୍ୟମରେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ରେଡିଓ ଆଉଟରିଚ୍ ଦୀର୍ଘଦିନ ଧରି ପରିବେଶ ସଚେତନତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ, ଆଲୋଚନା ଏବଂ ଜନସଚେତନତା ବାର୍ତ୍ତା ପ୍ରସାରଣ କରିଆସୁଛି। ଷ୍ଟେସନର ସବୁଜ କ୍ୟାମ୍ପସରେ ବର୍ତ୍ତମାନ ୧୫୦ରୁ ଅଧିକ ଗଛ ରହିଛି। ବିଶେଷକରି ଏହି ରେଡିଓ ଷ୍ଟେସନର ସମସ୍ତ କାର୍ଯ୍ୟ ଶତପ୍ରତିଶତ ସୌର ଶକ୍ତି ଉପରେ ନିର୍ଭରଶୀଳ ଥିବାରୁ ଏହା ଶୂନ୍ୟ କାର୍ବନ ନିର୍ଗମନକୁ ପ୍ରୋତ୍ସାହିତ କରୁଛି ଏବଂ ପରିବେଶ ଅନୁକୂଳ ପ୍ରସାରଣ କେନ୍ଦ୍ର ଭାବେ ସାରା ରାଜ୍ୟରେ ଏକ ଉଦାହରଣ ସୃଷ୍ଟି କରିଛି। କାର୍ଯ୍ୟକ୍ରମକୁ ଷ୍ଟେସନ୍ ମ୍ୟାନେଜର ସତ୍ୟବ୍ରତ ପତି ପରିଚାଳନା କରିଥିବା ବେଳେ ପରାମର୍ଶଦାତ୍ରୀ ଶୈଳବାଳା ପତି ଉପସ୍ଥିତ ଥିଲେ।

# ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୬।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସି (ଆଭାସୀ) ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଧାର କରି ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏଥିରେ ଜିଲ୍ଲାସ୍ତରୀୟ ସିମ୍ପୋସିୟମ, ପ୍ରକଳ୍ପ ପରିଦର୍ଶନ, ୩ ଦିନିଆ ପ୍ରଦର୍ଶନୀ, ଜୈବିକ କୃଷି କର୍ମଶାଳା, ଗଣମାଧ୍ୟମ ସମ୍ପର୍କ, ଜାତି ଜନଜାତି ସମ୍ବାଦ, କୃଷକ ସମ୍ବାଦ, ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡ଼ିଶା ସମାବେଶ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କ୍ୟାମ୍ପ ଇତ୍ୟାଦି ଆୟୋଜନ ହେବ। ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଏସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓସ୍ୱାନ ହଲରୁ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ ଏହି ଆଭାସୀ ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାସ୍ତରୀୟ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏପିଡି ଗିରିଜା ଶଙ୍କର ମଲ୍ଲିକ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ପୌରନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତା ଫାଉଣ୍ଡେସନର ସମ୍ବର୍ଦ୍ଧନା ସଭା



ଜଗତସିଂହପୁର,୬।୬(ସମିସ): ଜଗତସିଂହପୁର ସହର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅଗ୍ରଣୀ ଅନୁଷ୍ଠାନ ଅମୃତା ଫାଉଣ୍ଡେସନର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଫାଉଣ୍ଡେସନର ନିର୍ଦ୍ଦେଶକ ଡ. ବଟକିଶୋର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଉଦଘାଟନ କରିଥିଲେ ଫାଉଣ୍ଡେସନର ଉପଦେଷ୍ଟା ଜିତେନ୍ଦ୍ର କୁମାର ମହାନ୍ତି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମେରିକା ନର୍ଥ କାରୋଲିନାସ୍ଥ ବିଆଇପିର ସିଇଓ ଡ. ଧିରେନ୍ଦ୍ର କର କହିଲେ ଯେ ଶିକ୍ଷା ମାଧ୍ୟମରେ ମାନବ ସେବାରେ ସମାଜର ପରିବର୍ତ୍ତନ ହୁଏ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଗାଦୀବ୍ରହ୍ମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସସ୍ମିତା ମହାନ୍ତି ଯୋଗଦେଇଥିଲେ। ଏହି ଉତ୍ସବରେ ୧୨ ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ ଅମୃତା ଫାଉଣ୍ଡେସନର ଅଧ୍ୟକ୍ଷ ଡ. ଅଭୟ ନାୟକ ଏବଂ କାର୍ଯ୍ୟକ୍ରମକୁ ସଞ୍ଚାଳନ କରଥିଲେ ଫାଉଣ୍ଡେସନର ମୁଖ୍ୟ ସଂଯୋଜକ ସଂଯମ କିଶୋର ମହାନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୨୯ ଅମୃତା କନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରକାଶ ଥାଉକି ଏହି ଛାତ୍ରୀମାନଙ୍କ ଭିତରୁ ୫ ଜଣ ୯୦ ପ୍ରତିଶତ ନମ୍ବରରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଯୁକ୍ତ ୨ ବିଜ୍ଞାନରେ ସଫଳ ହୋଇଥିବା ଏହି ଛାତ୍ରୀଙ୍କ ଭିତରେ ଅଛନ୍ତି ସୁଶ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ୯୬.୬ ପ୍ରତିଶତ ଏବଂ ସୁଶ୍ରୀ ମାମାଲି ସାମଲ ୯୬ ପ୍ରତିଶତ। ସୌମ୍ୟା ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଭିତରେ ପ୍ରଥମ ଏବଂ ମାମାଲି ସାମଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଛନ୍ତି। ତାଛଡା ୮୦ରୁ ୯୦ ଶତକଡାରେ ପାଞ୍ଚଜଣ, ୭୦ ରୁ ୮୦ ଶତକଡାରେ ନଅଜଣ ପାସ୍ କରିଛନ୍ତି। ଶେଷରେ ଫାଉଣ୍ଡେସନର ସଂଯୋଜିକା ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ସମୀର ସ୍ୱାଇଁ, ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର, ଅକ୍ଷୟ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବଣିକୁନ୍ଦରେ ଜଳିଗଲା ୩ ବଖରା

କୁଜଙ୍ଗ,୬।୬(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ବଣିକୁନ୍ଦ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି। ବଣିକୁନ୍ଦ ଗ୍ରାମର ଶରତ ମଲ୍ଲିକଙ୍କ ପୁଅ ଶଙ୍କର୍ଷଣ ମଲ୍ଲିକଙ୍କ ତିନି ବଖରା ଘର ଆକସ୍ମିକ ଭାବରେ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନଥିବା ବେଳେ ସଟ୍‌ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଭୟାବହ ଅଗ୍ନିକାଣ୍ଡରେ ତାଙ୍କର ଏକ ସ୍କୁଟି, ସାଇକେଲ, ଟିଭି ଖଟ ସହ ସମସ୍ତ ଅସବା ପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନି ଅଗ୍ନିକାଣ୍ଡ ଖବର ପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ମାତ୍ର ସେତେବେଳକୁ ଏହି ଦଳିତ ପାରିବାର ସର୍ବସ୍ୱାନ୍ତ ହେବା ସହ ବର୍ଷକ ଆହାର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇ ଥିଲା। ଏହି ଖବର ଜାଣିବା ପରେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ ଓ ତାଳଦଣ୍ଡା ରାଜସ୍ୱ ନିରୀକ୍ଷକ ରଞ୍ଜନ କୁମାର ଓଝା ଏହି ଆଜି ସକାଳେ ପହଞ୍ଚି ପରିବାରକୁ ଭେଟିବା ସହ ପଲିଥିନ୍ ପାଲ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରି ସମବେଦନା ଜଣାଇଛନ୍ତି।

# ପତଞ୍ଜଳି ଯୋଗ ଶିବିର

ଏରସମା,୬।୬(ସମିସ): ଏରସମା ଗାନ୍ଧୀପିଠ ଅବସରରେ ତିନିଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଅଛି। ପତଞ୍ଜଳି ଯୋଗ ସମିତି ଜିଲ୍ଲା ସଭାପତି ବିଜୟ କୁମାର ରଥ, ବିଶ୍ୱନାଥ ସ୍ୱାଇଁ ଯୋଗ ଶିବିରକୁ ପରିଚାଳନା କରିଥିଲେ। ଅମ୍ବିକା ମହାନ୍ତି ଆବାହକତ୍ୱରେ ଯୋଗ ଶିବିର ୩୦ରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇ ଯୋଗ ଶିଖିଥିଲେ।

# ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ପରିବେଶ ଦିବସ

ପାରାଦୀପ,୬।୬(ସମିସ): ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଇଫକୋ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଇଫକୋର ପ୍ଲାଣ୍ଟହେଡ୍ ପିକେମହାପାତ୍ର ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ର, ଇଫକୋ ପରିବାର, କର୍ମଚାରୀମାନଙ୍କୁ ସାମିଲ କରାଯାଇଥିବାରୁ ଏହା ଏକ ବଡ଼ କାର୍ଯ୍ୟ ବୋଲି କହିଥିଲେ। ଏସପିସିବିର ଅଂଚଳିକ ଅଧିକାରୀ ବିବେଚିତା ଷଡ଼ଙ୍ଗୀ ଯୋଗ ଦେଇ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରୋକିବା ପାଇଁ ଶିଳ୍ପସଂସ୍ଥା ଓ ଜନସାଧାରଣ ମିଳିତ ଭାବେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଏସପିସିବି ପରିବେଶ ଯନ୍ତ୍ରୀ ଡିଏଲ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପରିବେଶ ବିଭାଗ ମୁଖ୍ୟ ଆରକେ ସ୍ୱାଇଁ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ।

## ● ଐତିହ୍ୟର ସାକ୍ଷୀ କଳ୍ପତରୁ ଆଶ୍ରମ

# ଚାଳିଆ ଘରେ ପୂଜା ପାଉଛନ୍ତି ଚତୁର୍ଦ୍ଧା ମୂର୍ତ୍ତି



ଏରସମା,୬।୬(ସମିସ)

ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତର ପ୍ରାଚୀନ କଳ୍ପତରୁ ଆଶ୍ରମ ଆଜି ଅବହେଳା ଓ ଅନାଦର ମଧ୍ୟରେ ନିଜର ଐତିହ୍ୟକୁ ବଞ୍ଚାଇ ରଖିବାକୁ ସଂଘର୍ଷ କରୁଛି। ଶତାବ୍ଦୀ ପୁରୁଣା ଏହି ଆଶ୍ରମରେ ବିରାଜମାନ ଶ୍ରୀଜଗନ୍ନାଥ, ମା' ସୁଭଦ୍ରା ଓ ଶ୍ରୀବଳଭଦ୍ର ଆଜି ମଧ୍ୟ ଏକ ଚାଳିଆ ଘର ଭିତରେ ପୂଜା ପାଉଥିବା ଦୃଶ୍ୟ ଭକ୍ତ ଓ ସ୍ଥାନୀୟ ଲୋକଙ୍କୁ ବ୍ୟଥିତ କରୁଛି। ସ୍ଥାନୀୟ ଜନଶ୍ରୁତି ଅନୁସାରେ, କୁଜଙ୍ଗ ରାଜ ପରିବାର ସହ ଜଡ଼ିତ ଏହି ଆଶ୍ରମର ଇତିହାସ ଅତ୍ୟନ୍ତ ରୋମାଞ୍ଚକର ଓ ଆଧ୍ୟାତ୍ମିକ ମହତ୍ତ୍ୱପୂର୍ଣ୍ଣ। କୁଜଙ୍ଗ ଷଣ୍ଢ ରାଜାଙ୍କ ବଡ଼ ଭାଇ ସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଥିଲେ ଏବଂ କୁଞ୍ଜକୋଠିର ଘନ ଜଙ୍ଗଲ ମଧ୍ୟରେ ତପସ୍ୟାରେ ଲୀନ ହୋଇଥିଲେ। ପରେ ସେହି ସ୍ଥାନ କଳ୍ପତରୁ ଆଶ୍ରମ ଭାବେ ପରିଚିତ ହୋଇଥିଲା।

କିମ୍ବଦନ୍ତୀ ଅନୁଯାୟୀ, କଳାପାହାଡ଼ଙ୍କ ଆକ୍ରମଣ ପରେ ଭକ୍ତ ବିଶର ମହାନ୍ତି ଶ୍ରୀଜୀଉଙ୍କ ବ୍ରହ୍ମ ପଦାର୍ଥକୁ ସୁରକ୍ଷିତ ରଖିବା ପାଇଁ ଏହି ଆଶ୍ରମକୁ ଆଣିଥିଲେ। ସେଠାରେ କଳ୍ପତରୁ ମଠାଧୀଶଙ୍କ ସହଯୋଗରେ ବ୍ରହ୍ମ ପୂଜା ହେଉଥିଲା। ଏହି ଘଟଣା କଳ୍ପତରୁ ଆଶ୍ରମକୁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଏକ ସ୍ୱତନ୍ତ୍ର ସମ୍ପର୍କ ପ୍ରଦାନ କରିଛି। ଆଜି ମଧ୍ୟ ଠାକୁରଙ୍କ ନାମରେ ଥିବା ଜମିରୁ ଆସୁଥିବା ଆୟ ଦ୍ୱାରା ସ୍ଥାନୀୟ ଲୋକେ ନୀତିକାନ୍ତି ଚଳାଇ ଆସୁଛନ୍ତି। କିନ୍ତୁ ଆଶ୍ରମର ଭୌତିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ନାହିଁ ସ୍ଥାୟୀ ମନ୍ଦିର, ନାହିଁ ଭକ୍ତମାନଙ୍କ ପାଇଁ ଆବଶ୍ୟକ ସୁବିଧା। ଅଞ୍ଚଳବାସୀଙ୍କ ମତରେ, ଏହି ଐତିହାସିକ ପୀଠର ସୁରକ୍ଷା ପାଇଁ ସରକାର ଓ ଦେବୋତ୍ତର ବିଭାଗ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ। ଏକ ସୁନ୍ଦର ମନ୍ଦିର ନିର୍ମାଣ ସହ ଆଶ୍ରମର ପୁନରୁଦ୍ଧାର କରାଗଲେ ଏହା ଅଞ୍ଚଳର ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ ହୋଇପାରିବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଏକ ପଟେ ଗୌରବମୟ ଇତିହାସ, ଅନ୍ୟପଟେ ଅବହେଳାର କରୁଣ ଚିତ୍ର କଳ୍ପତରୁ ଆଶ୍ରମ ଆଜି ଅପେକ୍ଷା କରିଛି ପୁନରୁଦ୍ଧାରର।

### ଶିଳାନ୍ୟାସକୁ ୩ ବର୍ଷ ପୂରିବ

# ବାଲିଗଦା ଭିତରେ ଅଟକିଛି ବସ୍‌ଷ୍ଟାଣ୍ଡ ନିର୍ମାଣ

ବନ୍ତ/ଆଗରପଡ଼ା,୬।୬(ସମିସ)

ବିଜେଡି ସରକାର ଅମଳରେ ପ୍ରତି ବ୍ଲକ୍‌ରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସବୁ ପ୍ରତିକ୍ଷାର ଅନ୍ତ ଘଟାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଅଗଷ୍ଟ ୨୩ ତାରିଖରେ ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡ଼ାଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ତତ୍କାଳୀନ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଉଦ୍ୟମରୁ ଏହା ସମ୍ଭବ ହୋଇପାରିଥିବାରୁ ଅଞ୍ଚଳବାସୀ ଉଚ୍ଚପ୍ରଶଂସା କରିଥିଲେ । ଆଗରପଡ଼ାସ୍ଥ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନିକଟସ୍ଥ ପୁରୁଷଣ୍ଡ ମୌଜା ଖାତା ନଂ ୧୫୨୪ ଏବଂ ପ୍ଲଟ୍ ନଂ ୩୧୨, କିସମ ପତିତ ୧୦୦ ଡେସିମିଲ ଜମିକୁ ରାଜସ୍ୱ ବିଭାଗ ତରଫରୁ ଚିହ୍ନଟ କରାଯାଇ ଜିଲ୍ଲାପାଳଙ୍କ ପାଖକୁ ପଠାଯାଇଥିଲା । ପରେ ଜିଲ୍ଲାପାଳ ବ୍ଲକ୍‌ସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣର ସମସ୍ତ ଆନୁସଙ୍ଗିକ କାଗଜପତ୍ର ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗକୁ ପଠାଇଥିଲେ । ଇତି ମଧ୍ୟରେ ଶିଳାନ୍ୟାସକୁ ଆଉ ୨ ମାସ ପରେ ୩ ବର୍ଷ ପୂରିବାକୁ ବସିଥିବାବେଳେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କେବଳ ବାଲିଗଦା ଭିତରେ ଅଟକି ରହିଛି । ଶିଳାନ୍ୟାସର ବର୍ଷେ ପରେ ରାଜ୍ୟରେ ନୂତନ ସରକାର ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଉକ୍ତ ବସ୍‌ଷ୍ଟାଣ୍ଡକୁ ଅଟଳ ବସ୍‌ଷ୍ଟାଣ୍ଡ ରୂପେ ନାମିତ କରି ଏହାର ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଥିଲେ ।






- **ଶିଳାନ୍ୟାସ କରିଥିଲେ ନବୀନ; କାମ କରିପାରୁନାହାନ୍ତି ମୋହନ**
- **ମନ୍ଥର କାର୍ଯ୍ୟକୁ ନେଇ ଜିଲ୍ଲା ବିଜେଡି ଉପସଭାପତିଙ୍କ ଧାରଣା ଚେତାବନୀ**

ସୂଚନା ଅନୁଯାୟୀ, ସରକାରଙ୍କ ଦ୍ୱାରା ଉକ୍ତ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଓଡ଼ିଶା ଷ୍ଟେଟ ପୁଲିସ ହାଇସିଂ ଆଣ୍ଡ ୱେଲ୍‌ଫେୟାର କର୍ପୋରେସନକୁ ନ୍ୟସ୍ତ କରାଯାଇଥିବା ଜଣାପଡ଼ିଛି । ଉକ୍ତ ସଂସ୍ଥା ଦ୍ୱାରା ସ୍ଥାପିତ ଫଳକର ସୂଚନା ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀ ୨୦ ତାରିଖରୁ ୭ କୋଟି ୧୩ ଲକ୍ଷ ୬୧ ହଜାର ୭୬୦ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି । ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୧୫ମାସ ଭିତରେ ସମ୍ପୂର୍ଣ୍ଣ ହେବାର ସୂଚନା ଦିଆଯାଇଛି । ତେଣୁ ଉକ୍ତ ସୂଚନା ମୁତାବକ ଇତି ମଧ୍ୟରେ ନିର୍ମାଣ କାର୍ଯ୍ୟକୁ ୫ମାସ ପୂରିବାକୁ ବସିଥିବାବେଳେ ଏହା କେବଳ ବାଲିଗଦାରେ ଅଟକି ରହିଥିବାରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ଶଙ୍ଖ ଫୁଙ୍କିବା ଦ୍ୱାରା ଏତେ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ହୋଇଥିବାବେଳେ ପଦ୍ମ ଉକ୍ତ ପ୍ରକଳ୍ପକୁ ଫୁଟାଇବାରେ ବିଳମ୍ବ କରୁଥିବାରୁ ସ୍ଥାନୀୟ ଅଞ୍ଚଳ ସମେତ ବନ୍ତ ବ୍ଲକ୍‌ର ବିଜେଡି ପ୍ରେମୀଙ୍କ ସମେତ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । କାରଣ ଆଗରପଡ଼ା ୩ଟି ଜିଲ୍ଲା ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକର ମଧ୍ୟ ଭାଗରେ ଅବସ୍ଥିତ ହେବା ସହ ବ୍ୟବସାୟର ପେଣ୍ଠସ୍ଥଳୀ ହୋଇଥିବାରୁ ସଦାସର୍ବଦା ଉକ୍ତ ଅଞ୍ଚଳରେ ଜନଗହଳି ଲାଗି ରହିଥାଏ ଏବଂ ବିଭିନ୍ନ ଅଞ୍ଚଳକୁ ଗମନାଗମନ କରିବା ନିମନ୍ତେ ସଦାସର୍ବଦା ବସ୍ ଚଳାଚଳ କରିଥାଏ । ଏପରି ସ୍ଥଳେ ଉକ୍ତ ଅଞ୍ଚଳରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ତାହା ବିଭିନ୍ନ ଦିଗରୁ ସମସ୍ୟା ସୃଷ୍ଟି କରୁଛି ।

ଅପରପକ୍ଷରେ ଏଠାରେ ଡାଏଟ୍ ଅନୁଷ୍ଠାନ ଥିବାରୁ ବିଭିନ୍ନ ଜିଲ୍ଲାରୁ ଅଧ୍ୟୟନ ନିମନ୍ତେ ଆସୁଥିବା ଛାତ୍ରଛାତ୍ରୀ ମଧ୍ୟ ଗମନାଗମନ ନିମନ୍ତେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି । ଏପରିସ୍ଥଳେ ସମ୍ପୃକ୍ତ ସଂସ୍ଥା ଦ୍ୱାରା କରାଯାଉଥିବା ନିର୍ମାଣ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ଉକ୍ତ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରା ନ ଯାଏ, ତେବେ ଆଗାମୀ ଦିନରେ ଜିଲ୍ଲା ବିଜେଡି ଉପସଭାପତି ତଥା ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ ଧାରଣା ଦେବେ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି । ତେଣୁ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ସହ ଜନଅସନ୍ତୋଷ ତୀବ୍ର ହେବା ଆଗରୁ ବିଭାଗ ପକ୍ଷରୁ ଯଥାଶୀଘ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଟଳ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ମତ୍ସ୍ୟ ଚାଷ ତାଲିମ ଶିବିର

ବାରିକପୁର,୬।୬(ସମିସ): ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପଠାରେ ଏକଦିବସୀୟ ମତ୍ସ୍ୟ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଅଧିକାରିଣୀ ଉପାସନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଉଦ୍‌ଘାଟନ କରିଥିଲେ । ଏଥିରେ ବିଡିଓ ଦେବଦତ୍ତ ଦାଶ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ, କୃଷି ବିଶେଷଜ୍ଞ ବିଶ୍ୱରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ମାଛ ଉତ୍ପାଦନ ଓ ମତ୍ସ୍ୟ ଚାଷ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାଛଡ଼ା ବିଭାଗ ପକ୍ଷରୁ ଚାଷୀମାନଙ୍କୁ ମତ୍ସ୍ୟ ଚାଷ ପାଇଁ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ବିଭିନ୍ନ ଗ୍ରାମର ଅଗ୍ରଣୀ ମତ୍ସ୍ୟ ଚାଷୀମାନେ ଯୋଗଦେଇଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ ଅକ୍ଷୟ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭୂତିଭୂଷଣ ଜେନା ଆଭିମୁଖ୍ୟ ପ୍ରଦାନ ଓ କ୍ଷୀରୋଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକ୍ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଥାନା ସାମ୍ନାରେ ଅହରହ ଦୌଡୁଛି ବାଲିବୋଝେଇ ହାଇୱା

ଦୋବଲ,୬।୬(ସମିସ)

ଯାଜପୁର ଜିଲ୍ଲାର ଧର୍ମଶାଳା, ବରୀ ଓ ବିଞ୍ଝାରପୁର ଅଞ୍ଚଳରୁ ବିପୁଳ ପରିମାଣରେ ବାଲି ଉତ୍ତୋଳନ କରାଯାଇ ଧାମନଗର ଦେଇ ଭଦ୍ରକ ଓ ବାଲେଶ୍ୱର ଅଞ୍ଚଳକୁ ପରିବହନ ହେଉଥିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରତିଦିନ ସନ୍ଧ୍ୟା ହେଲେ ଶହଶହ ୧୦ ଓ ୧୬ ଚକିଆ ହାଇୱା ବାଲିବୋଝେଇ କରି ଧାମନଗର ରାସ୍ତାରେ ଗର୍ଜନ କରୁଥିବାବେଳେ ସାଧାରଣ ଲୋକଙ୍କ ଯାତାୟାତ ଦୁର୍ବିସହ ହୋଇପଡୁଛି । ଏହି ଭାରୀ ଗାଡ଼ିଗୁଡ଼ିକ ରାତି ସମୟରେ ଦୀର୍ଘ ଧାଡ଼ିରେ ଯାତାୟାତ କରୁଥିବାବେଳେ ଅନେକ ସମୟରେ ଥାନା ଓ ପ୍ରଶାସନିକ କାର୍ଯ୍ୟାଳୟ ନିକଟ ଦେଇ ମଧ୍ୟ ଅବାଧରେ ଯାଉଛି । ଏତେ ବଡ଼ ପରିମାଣର ପରିବହନ ସତ୍ତ୍ୱେ ସମ୍ପୃକ୍ତ ବିଭାଗର ନଜରକୁ ନ ଆସିବା ଘଟଣାକୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି । ପ୍ରତ୍ୟେକ ହାଇୱାରେ ୨୫ରୁ ୩୦ ଟନ୍ ପର୍ଯ୍ୟନ୍ତ ବାଲି ପରିବହନ କରାଯାଉଥିବାରୁ ରାସ୍ତା ଉପରେ ଅତ୍ୟଧିକ ଚାପ ପଡୁଛି । ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ଅଳ୍ପ ସମୟ ମଧ୍ୟରେ କ୍ଷତିଗ୍ରସ୍ତ ହେଉଥିବାବେଳେ ସରକାରୀ ସମ୍ପତ୍ତିର ଭାରି କ୍ଷତି ଘଟୁଥିବା ଅଭିଯୋଗ ହେଉଛି ।



- **କାହା ଛତ୍ରଛାୟାରେ ଚାଲିଛି ଚୋରା କାରବାର?**
- **ପ୍ରଶାସନର ନିରବତାକୁ ନେଇ ଉଠିଲା ପ୍ରଶ୍ନ**
- **ଘୋଡ଼ାହେଉନି ଜରିପାଲ, ଖୋଲାମେଲାରେ ଚାଲାଣ; ଲୋକେ ଅତିଷ୍ଠ**

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କେବଳ ରାସ୍ତା ନୁହେଁ, ଲୋକଙ୍କ ସୁରକ୍ଷା ମଧ୍ୟ ଏବେ ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି । ନିୟମ ଅନୁଯାୟୀ, ବାଲି ବୋଝେଇ ଗାଡ଼ିକୁ ତାର୍‌ପୋଲିନ୍‌ରେ ସମ୍ପୂର୍ଣ୍ଣ ଭାବେ ଢାଙ୍କିବା କଥା । କିନ୍ତୁ ଅଧିକାଂଶ ଗାଡ଼ିରେ କେବଳ ନାମକୁମାତ୍ର ସବୁଜ ଜାଲି ବ୍ୟବହାର କରାଯାଉଛି । ଏହା ଯୋଗୁଁ ବାଲି ଉଡ଼ି ରାସ୍ତା ଉପରେ ଜମା ହେଉଥିବାବେଳେ ଦୁଇଚକିଆ ଯାନ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସେହିପରି ଧୂଳି ପ୍ରଦୂଷଣ ଯୋଗୁଁ ରାସ୍ତାକଡ଼ରେ ଥିବା ଦୋକାନୀ ଓ ବାସିନ୍ଦାମାନେ ଅତିଷ୍ଠ ହୋଇପଡ଼ିଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ବେଆଇନ ବାଲି ଖନନ ଓ ପରିବହନ ବିରୋଧରେ ପ୍ରଶାସନ ପକ୍ଷରୁ ନିୟମିତ ଚଢ଼ଉ, ଗାଡ଼ି ଜବତ ଓ ଗିରଫ ଭଳି କାର୍ଯ୍ୟାନୁଷ୍ଠାନ ହେଉଥିବାବେଳେ ଧାମନଗର ଅଞ୍ଚଳରେ ଏତେ ବିପୁଳ ପରିମାଣର ବାଲି ପରିବହନ ସତ୍ତ୍ୱେ କୌଣସି ଦୃଶ୍ୟମାନ ପଦକ୍ଷେପ ନ ଦେଖାଯିବାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ସାଧାରଣ ଲୋକଙ୍କ ମଧ୍ୟରେ ଏବେ ଗୋଟିଏ ପ୍ରଶ୍ନ ଜୋର୍ ଧରିଛି "ଏହି ଚୋରା ବାଲି କାରବାର ପଛରେ କାହାର ଆଶୀର୍ବାଦ ରହିଛି?' ଯଦି ସବୁକିଛି ନିୟମ ମୁତାବକ ଚାଲିଛି, ତେବେ ପରିବହନ ସମ୍ବନ୍ଧୀୟ ଦଲିଲ୍ ଓ ଅନୁମତିପତ୍ର ସାର୍ବଜନୀନ କରାଯାଉ ବୋଲି ଦାବି ହେଉଛି । ଅନ୍ୟପକ୍ଷରେ ଯଦି କୌଣସି ଅନିୟମିତତା ରହିଛି, ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ଧାମନଗର ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ନେଇ ବଢୁଥିବା ଅସନ୍ତୋଷ ମଧ୍ୟରେ ପ୍ରଶାସନ କେବେ ସକ୍ରିୟ ହେଉଛି ଓ ଏହି କାରବାର ଉପରେ କେବେ ଅଙ୍କୁଶ ଲାଗୁଛି, ତାହାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି ।

## ଡ. ବଶୀର ବଦର୍‌ଙ୍କ ସ୍ମୃତିରେ ଆଦବି ମକ୍ରଜରେ ମୁଶାଏରା

ଭଦ୍ରକ,୬।୬(ସମିସ): ଭଦ୍ରକ ଜିଲ୍ଲାରେ ଉର୍ଦ୍ଦୁ ସାହିତ୍ୟର ଏକମାତ୍ର ସଂଗଠନ 'ଆଦବି ମକ୍ରଜ' ଆନୁକୂଲ୍ୟରେ ଏକ କବି ସମ୍ମିଳନୀ ଓ ମୁଶାଏରା ଏବଂ ଅଫିସ୍ ଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଭଦ୍ରକ ପୁରୁଣା ବଜାରସ୍ଥିତ ଜାମା ମସ୍‌ଜିଦ ନିକଟସ୍ଥ କୋଚିଂ ସେଣ୍ଟରରେ ସୁପ୍ରସିଦ୍ଧ ଓ ବିଶିଷ୍ଟ ଉର୍ଦ୍ଦୁ କବି ଜନାବ ସମନ ନସିମି ସାହେବଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଶିଷ୍ଟ ଉର୍ଦ୍ଦୁ କବି ଓ ଗୀତିକାର ସ୍ୱର୍ଗତ ଡ. ବଶୀର ବଦର୍ ସାହେବଙ୍କ ସ୍ମୃତିରେ ସାନ ସରକାର ବାବାଙ୍କ ଦ୍ୱାରା ଗଠିତ ଭଦ୍ରକ ଜିଲ୍ଲାରେ ଉର୍ଦ୍ଦୁ ସାହିତ୍ୟ ପାଇଁ ଏକମାତ୍ର ସଂଗଠନ ଆଦବି ମକ୍ରଜ ଆନୁକୂଲ୍ୟରେ ଏକ କବି ସମ୍ମିଳନୀ ଓ ମୁଶାଏରା ଅନୁଷ୍ଠିତ ହୋଇଯାଇଛି । ଡ. ବଶୀର ବଦର୍ ସାହେବଙ୍କ ଜୀବନୀ ଓ ଶାଏରୀକୁ ଆଧାର କରି ସମସ୍ତ କବି ନିଜର କବିତାପାଠ କରିଥିଲେ । ଭଦ୍ରକ ପୁରୁଣା ବଜାରସ୍ଥିତ ହେଲାସାହିଠାରେ ଆଦବି ମକ୍ରଜର ଏକ ଅଫିସ ଗୃହର ଶୁଭ ଉଦ୍‌ଘାଟନ ଭଦ୍ରକ ଜିଲ୍ଲାର ଗର୍ବ ଓ ଗୌରବ, ସାହିତ୍ୟ ମନସ୍କ ମଣିଷ ତଥା ଭଦ୍ରକ ଜିଲ୍ଲା ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ଦ୍ୱାରା ହୋଇଯାଇଛି । ଶିକ୍ଷକ ତଥା କବି ମୁସ୍ତାକ୍ ଗୌହର ସଞ୍ଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ ଓ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ପବିତ୍ର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ହାଜୀ ମହମ୍ମଦ ଅବଦୁଲ ବାରୀ ସ୍ମୃତି କମିଟିର ସଭାପତି ସୁଧାକର ରାଉତ, ଟୋକା ଗଣେଶ କମିଟିର ସଭାପତି ଓ ରୋଭର୍ସ କ୍ଲବ୍‌ର ସମ୍ପାଦକ ହରି ପ୍ରସାଦ ନନ୍ଦୀ, ଜିଲ୍ଲା ରୋଟାରୀ ସଭାପତି ପ୍ରଫେସର ନାସିର ବଖସ୍, ହାଜି ସବିର ଅଲ୍ଲୀ, ହାଜି ଅବୁ ହୋସେନ, ଶେଖ୍ ହବିବୁଲ୍ଲା, ଜାୱେଦ ଅଖ୍‌ତର, ଇମ୍‌ତିୟାଜ କମାଲ, ସେଖ୍ ହମିଦ୍, ମିର୍ଜା ଏଜାଜ୍ ବେଗ, ଶମଶିର୍ ନିସିମି, ଶହଜାଦ୍ ନସିମି, ଅବ୍‌ଦୁଲ ରହେମାନ୍, ଫରୟାଦ କାଦରୀ, ଶିକ୍ଷକ ଶେଖ୍ ଜହିରୁଦ୍ଦିନ୍, ଶିକ୍ଷକ ନେଜାମ୍, କବି ଗୁରୁ ସମନ ନସିମି ସାହେବ୍, ଅବ୍‌ଦୁଲ ଦୟାନ ଜିଆ, ମୋଇନ ଶଫକ୍, ଅକମଲ୍ ଅଲ୍ଲୀ, ଗୁଲ୍‌ରେଜ ଅଲ୍ଲୀ, ତୌଫିକ୍ ସାଗର୍, ମୁଖ୍‌ତାର୍ ନସିମ୍, ଶହବାଜ୍ ସାଦଫ୍, ଶୋଏବ୍ ଆୟାଜ୍, କୌଶର୍ ନସିମି, ମିନହାଜ୍ ନୁରୀ, ଶବାବ୍ କାଦ୍ରୀ, ସଜାଦ୍ ହସରତ୍, ଶହବାଜ୍ ନସିମି, ଗୁଲ୍‌ଫାମ୍ ନସିମି, ଏନାୟତ୍ କାଦ୍ରୀ ପ୍ରମୁଖ ନିଜ ଶାଏରୀ ମାଧ୍ୟମରେ ମନ୍ତ୍ରମୁଗ୍ଧ କରିଥିଲେ ।



## ବେଷ୍ଟ ଗ୍ରାଜୁଏଟ୍‌ଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୬।୬(ସମିସ): ଭଦ୍ରକ କଲେଜର ବେଷ୍ଟ ଗ୍ରାଜୁଏଟ୍‌ଙ୍କୁ ସମ୍ମାନିତ କଲେ ଯୁବ ସମାଜସେବୀ ସତ୍ୟାନନ୍ଦ ରାଉତ ଓ ନାଲଗୁଣ୍ଡା ପଞ୍ଚାୟତର ସରପଞ୍ଚ ଭାରତୀ ବିଶ୍ୱାଳ । ଚାନ୍ଦବାଲି ବ୍ଲକ୍ ନାଲଗୁଣ୍ଡା ପଞ୍ଚାୟତ ପଛପଡ଼ା ଗ୍ରାମର ଅଭିଲିପ୍ସା ନାୟକ ଚଳିତ ବର୍ଷ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ୍ ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଗୋଲକ ନାୟକଙ୍କ ବଡ଼ ଝିଅ ହେଉଛନ୍ତି ଅଭିଲିପ୍ସା । ତାଙ୍କର ଏହି ସଫଳତା ପାଇଁ କଂଗ୍ରେସର ଯୁବ ନେତା ତଥା ଯୁବ ସମାଜସେବୀ ସତ୍ୟାନନ୍ଦ ରାଉତ ଅଭିଲିପ୍ସାଙ୍କ ଘରେ ପହଞ୍ଚି ତାଙ୍କୁ ସମ୍ମାନିତ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସେହିପରି ଉକ୍ତ ପଞ୍ଚାୟତର ସରପଞ୍ଚ ଭାରତୀ ବିଶ୍ୱାଳ ଅଭିଲିପ୍ସାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦୈତାରି ଦାସ, ହେମେନ୍ଦ୍ର ବାରିକ, ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାମନଗର ବ୍ଲକ୍ କଂଗ୍ରେସ ସଭାପତି ପଦରୁ ରମେଶଙ୍କ ଇସ୍ତଫା



ଧାମନଗର,୬।୬(ସମିସ): ଧାମନଗର ବ୍ଲକ୍ କଂଗ୍ରେସ କମିଟିର ସଭାପତି ତଥା ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ଦୀର୍ଘ ଦିନ ପରେ ବ୍ଲକ୍ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିକଟକୁ ପଠାଇ ଦେଇଥିବା ସୂଚନା ଦେଇଛନ୍ତି । ରମେଶଙ୍କ ଇସ୍ତଫା ଦଳ ମଧ୍ୟରେ ନିରବ ଝଡ଼ ସୃଷ୍ଟି କରିଛି । ପିସିସି ସଭାପତି ଭକ୍ତଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ରମେଶ ଉଲ୍ଲେଖ କରିଛନ୍ତି ଯେ ପାଳସାହି ପଞ୍ଚାୟତରୁ ଏକାଧିକବାର ଲୋକ ପ୍ରତିନିଧି ନିର୍ବାଚିତ ହେବା ସହ ସେ ୨୦୦୯ରୁ ବ୍ଲକ୍ କଂଗ୍ରେସର ଜଣେ ସକ୍ରିୟ ନେତୃତ୍ୱ ଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ । ଦଳକୁ ସଂଗଠିତ କରିବା ସହ ସମସ୍ତଙ୍କୁ ସାଥିରେ ନେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ କାମ କରୁଥିବାବେଳେ କେତେକ ସୁବିଧାବାଦୀଙ୍କ ବିଶ୍ୱାସଘାତକତା ପାଇଁ ଧାମନଗରରେ କଂଗ୍ରେସ ବାରମ୍ବାର ବିଫଳ ହେଉଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏଭଳି ସମସ୍ୟା ମଧ୍ୟରେ ସେ ବ୍ଲକ୍ କଂଗ୍ରେସ ସଭାପତି ଦାୟିତ୍ୱରୁ ଅବ୍ୟାହତି ପାଇଁ ନିଷ୍ପତ୍ତି ନେଇଥିବା ସେ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ।

## ସ୍ମୃତି ଉଦ୍ୟାନରେ ବିଶ୍ୱ ପରିବେଶ ଦିବସ



ବାରିକପୁର,୬।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ସ୍ଥିତ ପ୍ରକୃତିବନ୍ଧୁ ସ୍ୱର୍ଗତ ବାବାଜୀ ଚରଣ ଲେଙ୍କା ସ୍ମୃତି ଉଦ୍ୟାନଠାରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଗ୍ରୀନ୍ ଓଡ଼ିଶା ଏବଂ ବନ ବିଭାଗ ପକ୍ଷରୁ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରୀନ୍ ଓଡ଼ିଶା ଓ ସବୁଜ ବାହିନୀ ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସଞ୍ଜୀବ ପରିଡ଼ା, ସମ୍ମାନିତ ଅତିଥି ଭାବେ ଧାମନଗର ବନ୍ୟାଞ୍ଚଳ ଅଧିକାରୀ ବବୁଲ ମଲ୍ଲିକ, ଗ୍ରୀନ୍ ଓଡ଼ିଶା ପ୍ରତିଷ୍ଠାତା ଡ. ସୁଧିର ଚନ୍ଦ୍ର ଜେନା, ଉପସଭାପତି ଶ୍ରୀଧର ସ୍ୱାଇଁ, ବନ ଅଧିକାରୀ କୃଷ୍ଣ ଚନ୍ଦ୍ର ବାସ୍କେ, ପ୍ରଦୀପ କୁମାର ନାୟକ, ମଧୁସ୍ମିତା ଦାସ, ନିକିତା ସିନା, ଲକ୍ଷ୍ମୀ ହେମ୍ବ୍ରମ, ପ୍ରିୟଙ୍କା ଦାସ, କୁଞ୍ଜଲତା ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନ ସମ୍ପର୍କରେ ମତ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ସମସ୍ତ ଜନସାଧାରଣ ବୃକ୍ଷରୋପଣ କରିବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ । ଏହି ଉପଲକ୍ଷେ ପଞ୍ଚାୟତ ମହିଳା ସଂଘ ସଦସ୍ୟା ଓ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏହାଛଡ଼ା ସ୍ମୃତି ଉଦ୍ୟାନରେ ନିମନ୍ତ୍ରିତ ଅତିଥିମାନେ ବୃକ୍ଷରୋପଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ସବୁଜ ବାହିନୀ ଓ ଗ୍ରୀନ୍ ଓଡ଼ିଶା ସଦସ୍ୟମାନେ ପରିଚାଳନା କରିଥିଲେ ।

### ଭଦ୍ରକରେ ସିଏମ୍ ଟ୍ରଫି ଜୋନାଲ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

## ୭ ଜିଲ୍ଲାରୁ ୨୧୦ ଜଣ ପ୍ରତିଯୋଗୀ ସାମିଲ୍

ଭଦ୍ରକ,୬।୬(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭଦ୍ରକ ଜିଲ୍ଲା ଆଥ୍‌ଲେଟିକ୍ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଶନିବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ସିଏମ୍ ଟ୍ରଫି ଜୋନାଲ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିଥିଲେ । ଖେଳ କେବଳ ପ୍ରତିଯୋଗିତା ନୁହେଁ, ବରଂ ଶୃଙ୍ଖଳା, ଏକତା ଓ ଭ୍ରାତୃଭାବର ବାର୍ତ୍ତା ବହନ କରେ ବୋଲି କହି ଉପସ୍ଥିତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଆଥ୍‌ଲେଟିକ୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଧୀରେନ ପଲେଇ, ଯୁଗ୍ମ ସମ୍ପାଦକ ଅତିଶ ବେହେରା, ଉପସଭାପତି ଯତିକାନ୍ତ ନାୟକ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି ଏବଂ ସଦସ୍ୟ ରବିନାରାୟଣ ପାଣିଗ୍ରାହୀ ଓ ଏସ୍.କେ. ବସିର୍ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଜୋନାଲ ଭଲିବଲ୍ ପ୍ରତିଯୋଗିତାରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରୁ ମୋଟ୍ ୨୧୦ ଜଣ ପ୍ରତିଯୋଗୀ ଓ ୧୬ ଜଣ ଅଧିକାରୀ ଅଂଶଗ୍ରହଣ କରିଛନ୍ତି । ଆଗାମୀ ଦିନଗୁଡ଼ିକରେ ରୋମାଞ୍ଚପୂର୍ଣ୍ଣ ମ୍ୟାଚ୍ ମାଧ୍ୟମରେ ଶ୍ରେଷ୍ଠ ଦଳ ଚୟନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ପ୍ରତିଯୋଗିତାକୁ ନେଇ ଖେଳାଳି, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ।



# ଭଦ୍ରକରୁ ମିଳିଲା ପ୍ରାଗ୍ ଐତିହାସିକ କାଳର ସନ୍ଧାନ

ଭଦ୍ରକ,୬।୬(ସମିସ)

ଭଦ୍ରକ ଜିଲ୍ଲାର ପ୍ରତ୍ନତାତ୍ତ୍ୱିକ ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି । ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ କଳାହାଣ୍ଡିଆ ଗ୍ରାମରେ 'ଅସୁରହୁଡ଼ା' ନାମକ ଏକ ପ୍ରାଚୀନ ଓ ବିରାଟକାୟ ଗୋଲାକାର ମାଟିକୁଦ ଦେଖିବାକୁ ମିଳିଛି । ଏହାର ପରିଧି ପ୍ରାୟ ୧୩୦ ମିଟର, ବ୍ୟାସାର୍ଦ୍ଧ ୧୧୫ ମିଟର ଓ ଉଚ୍ଚତା ପ୍ରାୟ ୮ ମିଟର ଅଟେ । ଭଦ୍ରକ ବନ୍ତ ଛକରୁ ପ୍ରାୟ ୭ କିଲୋମିଟର ଏବଂ ନଳାଙ୍ଗଠାରୁ ୪ କିଲୋମିଟର ଦୂରରେ, କପାଳି ନଦୀର ବାମପାଶ୍ୱର୍ ତଥା କପାଳି ରେଳ ଷ୍ଟେସନ ନିକଟରେ ଏହି ସ୍ଥାନଟି ଅବସ୍ଥିତ । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ସ୍ନାତକୋତ୍ତର ପ୍ରତ୍ନତତ୍ତ୍ୱ ବିଭାଗର ପ୍ରାଧ୍ୟାପକ ଡ. ଅନାମ ବେହେରା ଏବଂ ପାଳିଆବିନ୍ଧାର ବିରଞ୍ଚି ନାରାୟଣ ମାଧବ ଅର୍ଜ୍ଜନ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଡ. ନିରଞ୍ଜନ ରାଉତଙ୍କ ମିଳିତ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରୁ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି । ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ମାଟିକୁଦଟି ପ୍ରାଗ୍ ଐତିହାସିକ କାଳର ଏବଂ ଏଠାରେ ଗଢ଼ିଉଠିଥିବା ଜନବସତି ତାମ୍ରପ୍ରସ୍ତର ଯୁଗର ଅଟେ ।





### କଳାହାଣ୍ଡିଆରେ ଠାବ ହେଲା ତାମ୍ରପ୍ରସ୍ତର ଯୁଗର ବିରାଟକାୟ 'ଅସୁରହୁଡ଼ା' ମାଟିକୁଦ

ଏହି ସ୍ଥାନରୁ ଗବେଷକ ଦ୍ୱୟ ପ୍ରାଚୀନ ଯୁଗର ଅନେକ ଉପାଦାନ ଠାବ କରିଛନ୍ତି, ଯେଉଁଥିରେ ପଥର ନିର୍ମିତ କୁଠାର, ହରିଣ ଶିଙ୍ଗ, ବିଭିନ୍ନ ପ୍ରକାରର ପ୍ରାଚୀନ ମାଟିପାତ୍ର ଇତ୍ୟାଦି । ଏହାପୂର୍ବରୁ ଗବେଷକମାନେ ଏହି ସମୟଖଣ୍ଡର ବହୁ ଉପାଦାନ ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲାରୁ ମଧ୍ୟ ଆବିଷ୍କାର କରିଛନ୍ତି । ମାତ୍ର ଭଦ୍ରକ ଜିଲ୍ଲାରେ ତାମ୍ରପ୍ରସ୍ତର ଯୁଗର ବସତି ସମ୍ପର୍କରେ ଅନୁସନ୍ଧାନ କରିବା କ୍ଷେତ୍ରରେ ଗବେଷକ ଦ୍ୱୟଙ୍କର ଏହା ପ୍ରଥମ ପଦକ୍ଷେପ । ଭବିଷ୍ୟତରେ ଏହି ଅଞ୍ଚଳରେ ଆହୁରି ଅନେକ ସମ୍ଭାବ୍ୟ ତାମ୍ରପ୍ରସ୍ତରସ୍ଥଳୀ ଚିହ୍ନଟ କରିବାର ଲକ୍ଷ୍ୟ ରଖାଯାଇଛି । କଳାହାଣ୍ଡିଆର ଏହି ବସତି ଓଡ଼ିଶାର ଅନ୍ୟ ଅନେକ ପ୍ରତ୍ନତାତ୍ତ୍ୱିକସ୍ଥଳୀଠାରୁ ଯେ ବୃହତ୍‌କାୟ, ତାହା ଆଗାମୀ ଦିନରେ ପ୍ରମାଣିତ ହେବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ସମ୍ପ୍ରତି ଏହି ତାମ୍ରପ୍ରସ୍ତର ବସତି ଉପରେ ଏକ ନୂତନ ତାରିଣୀ ମନ୍ଦିର ଗଢ଼ିଉଠିଛି । ଓଡ଼ିଶାର ଉପକୂଳବର୍ତ୍ତୀ ପ୍ରାୟ ସମସ୍ତ ଜିଲ୍ଲାରେ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ଦ୍ୱାରା ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇଥିଲେ ହେଁ ଭଦ୍ରକ ଜିଲ୍ଲାରେ ଏଭଳି ଗବେଷଣା ପୂର୍ବରୁ କରାଯାଇ ନ ଥିଲା । ଗବେଷକ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ବାଲେଶ୍ୱରର 'ଦୁର୍ଗାଦେବୀ' ଏବଂ ଯାଜପୁରର 'ରାଧାନଗର' ପ୍ରତ୍ନତାତ୍ତ୍ୱିକ ଖନନ ଭଳି ଯଦି କଳାହାଣ୍ଡିଆରେ ମଧ୍ୟ ବ୍ୟାପକ ଗବେଷଣା ଓ ଖନନ କରାଯାଏ, ତେବେ ଓଡ଼ିଶା ଇତିହାସର ଅନେକ ଅସମାହିତ ଅତୀତ ଲୋକଲୋଚନକୁ ଆସିପାରିବ । ଏଥିସହ ଏହି ସ୍ଥାନଟି ଓଡ଼ିଶାର ଅନ୍ୟତମ ପ୍ରାଚୀନ ଗୌରବମୟ ଐତିହାସିକ ସ୍ଥଳୀ ରୂପେ ମାନ୍ୟତା ପାଇବା ସହ ଓଡ଼ିଶାର ସମୃଦ୍ଧ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ଆଶା ପ୍ରକାଶ ପାଇଛି ।

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ

ବୌଦ୍ଧ,୬ ।୬(ସମିସ): ଟୁଟୁସିଙ୍ଗା ଗ୍ରାମର ପ୍ରମୋଦ ପ୍ରଧାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି । ଅନଶନକାରୀ ଶ୍ରୀ ପ୍ରଧାନ ଟୁଟୁସିଙ୍ଗା ମୌଜାର



ଖାତା ନଂ ୩୦୩, ପ୍ଲଟ ନଂ ୧୧୧୯ରେ ଥିବା ୨ ଏକର ୧୩ ଡିସିମିଲ ଜମି ବହୁ ବର୍ଷରୁ ନିଜ ଦଖଲରେ ରଖି ଆସିଛନ୍ତି । ବୌଦ୍ଧ ବରିଷ୍ଠ ସିଭିଲ୍ ଜଜ୍‌ଙ୍କ ଅଦାଲତରେ ଏ ନେଇ ମାମଲା ବିଚାରା ଚାଲିଛି । ଏହାସତ୍ତ୍ୱେ ବୌଦ୍ଧ ଉପ ଜିଲ୍ଲାପାଳ ପ୍ରମୋଦଙ୍କ ପରିବାରକୁ ବେଦଖଲ କର ଅପରପକ୍ଷଙ୍କୁ ଦଖଲ୍ ମଡ଼ାଇଥିବା ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଶ୍ରୀ ପ୍ରଧାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି ।

## ସୁରୁଣ୍ଡି ଗ୍ରାମର ଦୁଗ୍ଧଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବୌଦ୍ଧ, ୬ ।୬ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସୁରୁଣ୍ଡି ଗ୍ରାମର ଦୁଗ୍ଧଚାଷୀ ଉତ୍ପାଦିତ କ୍ଷୀର ଅଭାବୀ ବିକ୍ରି ହେଉଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଚାରିଛକରେ ଥିବା ପ୍ଲାଣ୍ଟ ସେମାନଙ୍କ କ୍ଷୀର ଆଣିବାକୁ ଯାଉନି । ଏଣୁ ଗୋପାଳନ କରି ଚାଷୀ ଅଭାବୀ ବିକ୍ରୀର ଶିକାର ହେଉଛନ୍ତି । ତେଣୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ସୁରୁଣ୍ଡି ଗ୍ରାମର ଚାଷୀଙ୍କ ନିକଟରୁ କ୍ଷୀର ଆଣି ମାନ ଅନୁଯାୟୀ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବାକୁ ଏମାନେ ଦାବି କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଚାଷୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ ।

# ଭଙ୍ଗା ଘରେ ଡାକସେବା; ନୂଆ କୋଠାରେ ତାଲା






ଶଗଡା, ୬ ।୬(ସମିସ)

ବୌଦ୍ଧ ଜିଲ୍ଲା ବାଉଁଶୁଣି ସବ୍ ପୋଷ୍ଟ ଅଫିସକୁ ନେଇ ପ୍ରଶାସନର ଚରମ ଉଦାସୀନତା ଥିବା ପରିଲକ୍ଷିତ ହୋଇଛି । ନୂତନ ଡାକଘର ଉଦ୍‌ଘାଟନ ପୂର୍ବରୁ ଲକ୍ଷ ଲକ୍ଷ ଟଙ୍କାର ନୂତନ ସାମଗ୍ରୀ ନଷ୍ଟ ହେବାକୁ ବସିଲାଣି । ଗୋଟିଏ ପଟେ ଚକାଚକ୍ ରଙ୍ଗ ମରା ନୂତନ କୋଠା, ସୁନ୍ଦର ପାଚେରୀ ଏବଂ ଆଧୁନିକ ଗେଟ୍ ସହ ଭାରତୀୟ ଡାକ ବିଭାଗର ନୂଆ କୋଠା ଠିଆ ହୋଇଛି; କିନ୍ତୁ ବିଡ଼ମ୍ବନାର ବିଷୟ ଗେଟ୍‌ରେ ତାଲା ଝୁଲୁଛି । ଅନ୍ୟପଟେ ବାହାରେ ସାଇନବୋର୍ଡ ମାରି ଏକ ଜରାଜୀର୍ଣ୍ଣ, ଅଧାଭଙ୍ଗା ଏବଂ ବିପଜ୍ଜନକ ଗୃହ ମଧ୍ୟରେ ପ୍ରବଳ ଖରାରେ ଚାଲିଛି ବାଉଁଶୁଣି ଅଞ୍ଚଳର ପୁରୁଣା ଡାକଘରଟି କାମ କରୁଛି । ୬ ମାସରୁ ଅଧିକ ସମୟ ହେବ ନୂତନ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ୍ୟ କେଉଁ କାରଣରୁ ଏହାକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବୌଦ୍ଧ ଜିଲ୍ଲାର ବାଉଁଶୁଣି ଏକ ପ୍ରମୁଖ ବ୍ୟବସାୟିକ ଓ ସାଂସ୍କୃତିକ କେନ୍ଦ୍ର । ଏହି ଉପ-ଡାକଘର ଉପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୮ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରନ୍ତି । ପ୍ରତିଦିନ ଶତାଧିକ ଲୋକ ବ୍ୟାଙ୍କିଂ, ଚିଠିପତ୍ର ଏବଂ ସରକାରୀ ଯୋଜନାର ଲାଭ ନେବା ପାଇଁ ଏଠାକୁ ଆସନ୍ତି; କିନ୍ତୁ ଦୀର୍ଘ ଦିନ ହେବ ପୁରୁଣା ଡାକଘରଟି ଭଡ଼ା ଘରେ ଓ ବିପଜ୍ଜନକ ଅବସ୍ଥାରେ ରହିଛି; ଯେଉଁଠି କର୍ମଚାରୀ ଓ ସାଧାରଣ ଜନତା ଭୟଭୀତ ପରିବେଶରେ କାର୍ଯ୍ୟ କରୁଛନ୍ତି । ଜନସାଧାରଣଙ୍କ ସୁବିଧା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସମସ୍ତ ଆଧୁନିକ ସୁବିଧା ଥାଇ ଏହି ନୂତନ ଡାକଘର ଗୃହ ନିର୍ମାଣ କରିଛନ୍ତି । ବିଲ୍ଡିଂ କାମ ସରିବାର ୬ ମାସରୁ ଅଧିକ ସମୟ ବିତିଯାଇଥିଲେ ବି ଏହାକୁ ଉଦ୍‌ଘାଟନ କରାଯାଉ ନାହିଁ । ପ୍ରଶାସନ ଏବଂ ବିଭାଗୀୟ ଉଦାସୀନତା ଯୋଗୁଁ ନୂତନ ଗୃହ ଭିତରେ ଥିବା ଦାମୀ ସାମଗ୍ରୀ ଓ ଆସବାବପତ୍ର ଏବେ ନଷ୍ଟ ହେବାକୁ ବସିଲାଣି । ବିଭାଗୀୟ ଅଧିକାରୀ କିମ୍ବା ସମୟ ଅଭାବରୁ ଉଦ୍‌ଘାଟନରେ ଅଟକିଛି ନା ଏହା ପଛରେ କୌଣସି ବୈଷୟିକ ତ୍ରୁଟି ରହିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । କାହାର ଉଦାସୀନତା ପାଇଁ ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶ୍ନ କରିଛନ୍ତି ।

### ୩ ମାସ ହେଲା ମିଳୁନି ଭତ୍ତା ଟଙ୍କା

## ଡୁଙ୍ଗୁରିପାଲି ବ୍ଲକ୍ ଅଫିସ ଘେରିଲେ ଭତ୍ତା ହିତାଧିକାରୀ



ଡୁଙ୍ଗୁରିପାଲି,୬ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ୩ ମାସ ହେଲା ମିଳୁନି ଭତ୍ତା । ଏହାର ପ୍ରତିବାଦ କରି ବିଜୁ ଜନତା ଦଳର ସହଯୋଗରେ ଶହ ଶହ ହିତାଧିକାରୀ ଡୁଙ୍ଗୁରିପାଲି ବ୍ଲକ୍ ଅଫିସ ଘେରିଛନ୍ତି । ଅନେକ ବୃଦ୍ଧବୃଦ୍ଧା ସମ୍ପୂର୍ଣ୍ଣ ଭାବେ ଏହି ଭତ୍ତା ଉପରେ ନିର୍ଭରଶୀଳ । ୩ ମାସ ହେବ ଭତ୍ତା ବନ୍ଦ ହେବା କାରଣରୁ ସେମାନେ ନିଜର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସହିତ ଜୀବନ ରକ୍ଷାକାରୀ ଔଷଧ କିଣିବାକୁ ମଧ୍ୟ ଅସମର୍ଥ ହୋଇପଡିଛନ୍ତି । ଏହାକୁ ନେଇ ଅନେକବାର ପ୍ରଶାସନ ନିକଟରେ ଦାବି କରିଛନ୍ତି । ଅଟକି ରହିଥିବା ୩ ମାସର ଭତ୍ତା ତୁରନ୍ତ ପ୍ରଦାନ କରାଯାଉ ବୋଲି ଗୁହାରି କରିଛନ୍ତି; ହେଲେ କେହି ଶୁଣୁ ନାହାନ୍ତି । ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡୁଙ୍ଗୁରିପାଲି ବିଡିଓ ସଞ୍ଜୀବ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ସରକାର ନ ଶୁଣନ୍ତି ତାହାହେଲେ ଆନ୍ଦୋଳନ ଜୋରଦାର୍ ହେବ ବୋଲି କହିଛନ୍ତି । ତେବେ ସଫ୍ଟୱେର ତ୍ରୁଟି ଯୋଗୁ ଅସୁବିଧା ହୋଇଛି । ୭ ଦିନ ଭିତରେ ହିତାଧିକାରୀ ଭତ୍ତା ପାଇବେ ବୋଲି ବିଡିଓ କହିଛନ୍ତି । ଏହି ପ୍ରତିବାଦ ସଭ ରେ ବ୍ଲକ ଉପାଧ୍ୟକ୍ଷ ମକର୍ଦ୍ଦଜ ସାହୁ, ଧର୍ମେନ୍ଦ୍ର ବିଶ୍ୱାଳ, ସମସ୍ତ ସରପଞ୍ଚ, ବିଜୁ ଜନତା ଦଳ କର୍ମକର୍ତ୍ତା ସାମିଲ ହୋଇଥିଲେ ।

## ଭଙ୍ଗା ଖୁଣ୍ଟରେ ନିଶୁଣି ସାହାରାରେ ବିଦ୍ୟୁତ୍ ଯୋଗାଣ

ଖଡ଼ିଆଳ,୬ ।୬(ସମିସ): ଖଡ଼ିଆଳ ବ୍ଲକ୍ ଦାବ୍ରି ପଞ୍ଚାୟତର କଏଣ୍ଟପଡା ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟ ଦୀର୍ଘ ବର୍ଷ ଧରି ଭଙ୍ଗା ବିପଦ ଅବସ୍ଥାରେ ରହିଛି । ବିଗତ ପନ୍ଦର ଦିନ ହେବ ଖମ୍ବର ତଳ ଭାଙ୍ଗି ଯାଇଛି । କେତେବେଳେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ହେବା ଆଶଙ୍କାରେ ଗ୍ରାମବାସୀ ଗୋଟିଏ ନିଶୁଣି



ସାହାଯ୍ୟରେ ଖମ୍ବକୁ ସହାରା ଦେଇ ରଖିଛନ୍ତି । ଭଙ୍ଗା ଖୁଣ୍ଟ ଥିବା ଛକ ଗୋଟିଏ ବ୍ୟସ୍ତ ବହୁଳ ଛକ ହୋଇଥିବାରୁ ସବୁବେଳେ ବିପଦକୁ ଆଖି ଆଗରେ ରଖି ଲୋକେ ଯିବା ଆସିବା କରୁଛନ୍ତି । ଏହି କୌଣସି ବି ସମୟରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଜୀବନହାନି ହେବା ସହିତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି । ଭଙ୍ଗା ଖୁଣ୍ଟ ପବନ ବହିଲେ ଝୁଲୁଥିବା ବେଳେ ଉପରେ ଲାଗିଥିବା ତାର ଭରସାରେ ଝୁଲି ରହିଛି । ଏହି ଭଙ୍ଗା ଖୁଣ୍ଟ ସ୍ଥାନରେ ନୂତନ ଖୁଣ୍ଟ ଲଗାଇବାକୁ ବିଭାଗୀୟ କର୍ମଚାରୀଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଭଙ୍ଗା ବିଜୁଳି ଖୁଣ୍ଟକୁ ବଦଳାଇ ନୂତନ ଖୁଣ୍ଟ ଲଗାଇବାକୁ ଲୋକେ ଦାବି କରିଛନ୍ତି ।

## କଫସିରପ୍ କାରବାରରେ ୫ ଗିରଫ



ଡୁଙ୍ଗୁରିପାଲି,୬ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଗଜବନ୍ଧ ଛକରେ ରାମପୁର ପୁଲିସ କଫସିରଫ କାରବାରରେ ୪ଜଣ ଯୁବକକୁ ଗିରଫ କରିଛି । ଏମାନେ ହେଲେ ଗଜବନ୍ଧର କେଶବ ବେହେରା(୧୯), ଅନ୍ଧାରୀବାଞ୍ଜୀର ସଚିତା ସାହୁ (୨୧), ଡୁଙ୍ଗୁରିପାଲିର ବଶିଷ୍ଟ ମେହେର (୨୦) ଓ ପ୍ରମୋଦ ମେହେର(୨୩) ଏବଂ ଅନ୍ୟ ଜଣେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାମପୁର ପୁଲିସ ଗଜବନ୍ଧ ଛକରେ ଏକ ବାଇକ୍ (ଓଡି ୩୧ଏଫ ୯୦୭୦) କୁ ସନ୍ଦେହ କରି ଯାଞ୍ଚ ବେଳେ ଗାଡ଼ି ଡିକିରୁ ୩୦ ବୋତଲ କଫସିରପ ବାହାରି ଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଇଥିଲା । ଅଭିଯୁକ୍ତଙ୍କଠାରୁ ନଗଦ ୨ ଲକ୍ଷ ୯୨ ହଜାର ୯୫୦ଟଙ୍କା, ଗାଡି, ୫ଟି ଫୋନ୍ ଏବଂ ଏଟିଏମ୍ କାର୍ଡ ଜବତ ହୋଇଛି । ଏନେଇ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ବିନୋଦିନୀ ବରିହା ସୂଚନା ଦେଇଛନ୍ତି ।

## ମିଲର୍ସଙ୍କ ମନମାନି \ ମଣ୍ଡିରେ ପଡ଼ିଛି ହଜାର ହଜାର କ୍ୱିଣ୍ଟାଲ ଧାନ

### ଧାନ ନ ଉଠିଲେ ଆନ୍ଦୋଳନ ଚେତାବନୀ

ଧର୍ମଗଡ଼,୬ ।୬(ସମିସ): ରବି ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇ ୧୬ ଦିନ ବିତି ଯାଇଥିଲେ ମଧ୍ୟ ମଣ୍ଡିରୁ ଚାଷୀଙ୍କ ଧାନ ଉଠୁନଥିବାରୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ମଣ୍ଡିରେ



ଅସନ୍ତୋଷ ଦେଖାଦେଇଛି । ପ୍ରଥମେ ଜଳ ସଙ୍କଟ, ପରେ ରୋଗପୋକର ଦାଉ, କାଳବୈଶାଖୀ ବର୍ଷା ସହ ମିଲର୍ସଙ୍କ ମନମାନି । ଗୋଟିଏ ପଟେ ମିଲର୍ସଙ୍କ ଉଦାସୀନତା ଓ ଅନ୍ୟପଟେ ପ୍ରତିଦିନ ହେଉଥିବା କାଳବୈଶାଖୀ ବର୍ଷା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ି ରହିଥିବା ଧାନ ଭିଜି ନଷ୍ଟ ହେବା ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି । ଚଳିତ ରବି ଋତୁ ପାଇଁ ଜିଲ୍ଲାରେ ୧୬୨ଟି ମଣ୍ଡି ଖୋଲାଯାଇଥିବା ବେଳେ ୯୭ ଜଣ ମିଲର୍ସ ଧାନ କ୍ରୟ ପାଇଁ ଚୁକ୍ତି କରିଛନ୍ତି । ତେବେ ଚୁକ୍ତି ସତ୍ତ୍ୱେ ଅଧିକାଂଶ ମିଲର୍ସ ମଣ୍ଡିକୁ ନ ଆସିବାରୁ ଧାନ ଉଠାଣ କାର୍ଯ୍ୟ ପ୍ରାୟ ଠପ୍ ହୋଇପଡ଼ିଛି । ଫଳରେ ଚାଷୀମାନେ ନିଜର କଷ୍ଟ ଉପାର୍ଜିତ ଫସଲ ବିକ୍ରି କରିପାରୁ ନଥିବାବେଳେ ଋଣ ପରିଶୋଧ ଓ ପରିବାର ଚଳାଇବାକୁ ନେଇ ଚିନ୍ତାରେ ରହିଛନ୍ତି । ଧର୍ମଗଡ଼ ବ୍ଲକ୍ ନନ୍ଦଗାଁ ସମବାୟ ସମିତି ଅଧୀନ ବୋଡ଼େନ, ବିରାମାଳ ଓ ନନ୍ଦଗାଁ ମଣ୍ଡିରେ ଚଳିତ ବର୍ଷ ୧୫୩୬ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୧୫୦୧ ଜଣ ଚାଷୀ ଟୋକନ ପାଇଛନ୍ତି । ବିଶେଷକରି ବୋଡ଼େନ ମଣ୍ଡିରେ ବର୍ତ୍ତମାନ ୧୦୧ ଜଣ ଚାଷୀଙ୍କ ପ୍ରାୟ ୭ ହଜାର କ୍ୱିଣ୍ଟାଲ ଧାନ ପଡ଼ି ରହିଛି । ଏଠାରେ ୬ ଜଣ ମିଲର୍ସ ଧାନ କ୍ରୟ ପାଇଁ ଚୁକ୍ତି କରିଥିଲେ ମଧ୍ୟ କେବଳ ୩ ଜଣ ମିଲର୍ସ ଆସି ୧୦ ଜଣ ଚାଷୀଙ୍କ ୬୪୫ କ୍ୱିଣ୍ଟାଲ ଧାନ ଉଠାଇଥିବା ସୂଚନା ମିଳିଛି । ଅବଶିଷ୍ଟ ଧାନ ମଣ୍ଡିରେ ପଡ଼ି ରହିଥିବାରୁ ଚାଷୀମାନେ ଭାରି ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ଅବସ୍ଥାରେ ଧାର ଓ କରଜ କରି ଚାଷ କରିଥିବା ଚାଷୀ ନିଜ ଉତ୍ପାଦିତ ଧାନ ବିକ୍ରି କରିପାରୁ ନଥିବାରୁ ସରକାର ଓ ପ୍ରଶାସନଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି ।

ଚାଷୀମାନଙ୍କ କହିବା ଅନୁଯାୟୀ, ଗତ କିଛି ଦିନ ଧରି ହେଉଥିବା କାଳବୈଶାଖୀ ବର୍ଷାରେ ମଣ୍ଡିରେ ଥିବା ଧାନ ଭିଜୁଥିବା ବେଳେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଅପର୍ଯ୍ୟାପ୍ତ ରହିଛି । ଏହା ସହ ଆସନ୍ତା ୮ ତାରିଖରୁ ମିଲର୍ସ ସଂଘ ଧର୍ମଘଟକୁ ଯିବା ଘୋଷଣା କରିଥିବାରୁ ଚାଷୀଙ୍କ ମଧ୍ୟରେ ଆହୁରି ଆତଙ୍କ ସୃଷ୍ଟି ହୋଇଛି । ଆଗାମୀ ଦୁଇ ଦିନ ମଧ୍ୟରେ ଧାନ ଉଠାଣ ବ୍ୟବସ୍ଥା ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି ।ସେପଟେ କ୍ରୟ ଅଧିକାରୀଙ୍କ କହିବା ଅନୁଯାୟୀ, ମିଲର୍ସମାନେ ନିୟମିତ ଭାବେ ମଣ୍ଡିକୁ ନ ଆସୁଥିବାରୁ ଧାନ ଉଠାଣ କାର୍ଯ୍ୟ ବିଳମ୍ବ ହେଉଛି । ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହେବା ସମ୍ଭାବନା ରହିଛି ।

## ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା




ଭବାନୀପାଟଣା,୬ ।୬(ସମିସ): ବରିଷ୍ଠ ଶିଶୁ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଡାକ୍ତର ପଲଉ ପ୍ରଧାନ (୭୦)ଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି । ତାମିଲନାଡୁର କୋଏମ୍ବାଟୁରର ଏକ ହୋଟେଲରେ ହୃଦଘାତରେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି । ନିଜ ପରିବାର ସହିତ ସେ ଦକ୍ଷିଣ ଭାରତ ଭ୍ରମଣରେ ଯାଇଥିଲେ । ଡ. ପଲଉ ପ୍ରଧାନ କଳାହାଣ୍ଡି ଜିଲାର ଧର୍ମଗଡ଼,ଜୟପାଟଣା ଭବାନୀପାଟଣା ଓ ପାଷ୍ଟିକୁଡି ଭଳି ବିଭିନ୍ନ ଡାକ୍ତର ଖାନାରେ ରହି ନିଜ କାର୍ଯ୍ୟ ସୂଚାରୁ ଭାବେ ପ୍ରତିପାଦନ କରିଥିଲେ ।ତାଙ୍କ ପରଲୋକ ଖବର ଶୁଣି କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ବିୟୋଗରେ କଳାହାଣ୍ଡି ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଅମଲା ଭବନରେ ସ୍ମୃତି ସଭା ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଞ୍ଜଳି ସଭାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସିଡିଏମ୍‌ଓ ନିହାରେନ୍ଦ୍ର ପଣ୍ଡା, ଅବସର ପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ପାତ୍ର, ବରିଷ୍ଠ ସାମ୍ବାଦିକ ଉମା ଶଙ୍କର କର, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶାନ୍ତନୁ କୁମାର ବେହେରା, କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ କୁମାର ସାହୁ, କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନର ପୂର୍ବତନ ରାଜ୍ୟ ସମ୍ପାଦକ ହୃଷୀକେଶ ମିଶ୍ର, ଜିଲ୍ଲା ଯୋଜନା କମିଟି ସଦସ୍ୟ ପ୍ରଶାନ୍ତ ଠାକୁର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ଶରତ ଚନ୍ଦ୍ର ନାୟକ, କଳାହାଣ୍ଡି ପେଷାଦାର ସାମ୍ବାଦିକ ସଂଘ ସଭାପତି ରଜନୀ କାନ୍ତ ମିଶ୍ର,ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, ପ୍ରଶାନ୍ତ ପଣ୍ଡା, ସମାଜ ସେବୀ ଭବାନୀ ଶଙ୍କର ନିଆଲ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଭବାନୀ ମନହୀରା ପ୍ରମୁଖ ସ୍ୱର୍ଗତ ଡାକ୍ତର ପଲଉ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ ।

### ଆନ୍ତଃ ଜିଲ୍ଲା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍ ଷଷ୍ଠ ଦିବସ

## ବାଳକରେ ବରଗଡ଼, ବାଳିକାରେ ସମ୍ବଲପୁର ଓ ବରଗଡ଼ ବିଜୟୀ

ବଲାଙ୍ଗିର,୬ ।୬(ସମିସ)



ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମରେ ଚାଲିଥିବା ଆନ୍ତଃ ଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍‌ର ଷଷ୍ଠ ଦିବସ ବାଳକ ବର୍ଗ ପ୍ରଥମ ଖେଳରେ ସମ୍ବଲପୁର ବନାମ ସୁବର୍ଣ୍ଣପୁର ମ୍ୟାଚ ୨-୨ ଗୋଲରେ ଡ୍ର ହୋଇଥିଲା । ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ । ଜିତେନ୍ଦ୍ର ପାତ୍ର, ସୌରଭଜିତ ନାଏକ, ଯଶୋବନ୍ତ ମାଝୀ ଓ ଯୋଗେନ୍ଦ୍ର ପଣ୍ଡା ପରି.ଳନା କରିଥିଲେ । ବାଳକ ବର୍ଗ ଦ୍ୱିତୀୟ ଖେଳରେ ବରଗଡ଼ ୧୫-୧ ଗୋଲ୍‌ରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କ୍ରୀଡ଼ା ସଂସଦର ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଯୋଗ ଦେଇଥିଲେ । କୋଷାଧ୍ୟକ୍ଷ ହେମନ୍ତ ବେହେରା, ଫୁଟବଲ ସଂପାଦକ ଶରତ ନନ୍ଦ ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ । ମଳୟ ଘିଭେଲା, ସୌରଭ ନାଏକ, ପପୁନ ବେହେରା ଓ ସଦାନନ୍ଦ ସାହୁ ପରି.ଳନା କରିଥିଲେ । ନବୀନ ନାଏକ ମ୍ୟାଚ୍ କମିଶନର ଥିଲେ ।

ସେହିପରି ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡ଼ିୟମରେ ବାଳିକା ବର୍ଗ ପ୍ରଥମ ଖେଳ ସମ୍ବଲପୁର ୧୦-୦ ଗୋଲ୍‌ରେ ସୁବର୍ଣ୍ଣପୁରକୁ ହରାଇ ବିଜୟୀ ହୋଇଛି । ଖେଳକୁ ସଞ୍ଜନ କୁଦେଇ, ମାମା ସିଂ, ଅନିତା ମହାନନ୍ଦ ଓ ସୀତା ମାରାଣ୍ଡି ପରି.ଳନା କରିଥିଲେ । ଅପରାହ୍ନରେ ବାଳିକା ବର୍ଗ ଦ୍ୱିତୀୟ ଖେଳରେ ବରଗଡ଼ ୧୪-୦ ଗୋଲ୍‌ରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଛି । ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନ ଖେଳରେ କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ, ଡା. ସୁରେଶ ପଧାନ ଓ ଡା. ପ୍ରକାଶ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ । ସୀତା ମାରାଣ୍ଡି, ମାମା ସିଂ, ଅନିତା ମହାନନ୍ଦ ଓ ପ୍ରିୟଙ୍କା ବିଶି ପରି.ଳନା କରିଥିଲେ । ସୁରେଶ ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇ ଥିଲେ ।

ରବିବାର ସକାଳେ ବାଳିକା ବର୍ଗର ଜୋନ ଫାଇନାଲ ଖେଳ ଦେବଗଡ଼ ବନାମ ବରଗଡ଼ ଓ ବାଳକ ବର୍ଗ ଜୋନ ଫାଇନାଲ ଖେଳ ଅପରାହ୍ନରେ ବରଗଡ଼ ବନାମ ନୟାଗଡ଼ ମଧ୍ୟରେ ଗାନ୍ଧୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ ।

## ୧୫ ଦିନ ହେଲା ପାଣି ଆସୁନି

ବୌଦ୍ଧ,୬ ।୬(ସମିସ): ବୌଦ୍ଧ ବ୍ଲକ୍ ମୂର୍ଶୁଣ୍ଡି ପଞ୍ଚାୟତର ଗମ୍ଭାରିପଦର ଗ୍ରାମରେ ପ୍ରାୟ ୧୫ ଦିନ ଧରି ପାନୀୟ ଜଳ ଯୋଗାଣ ବନ୍ଦ ରହଛି । ଏଣୁ ଗ୍ରାମବାସୀ ଅସୁବିଧାର



ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ପ୍ରାୟ ୧୫୦ଟି ପରିବାର ବସବାସ କରୁଛନ୍ତି । ସେଥିମଧ୍ୟରୁ ପ୍ରାୟ ୫୦ଟି ପରିବାରଙ୍କ ଘରକୁ ଗତ ୧୫ ଦିନ ହେଲା ପାଣି ଆସୁନାହିଁ । ଏହାଫଳରେ ସମ୍ପୃକ୍ତ ପରିବାର ପାଣି ଲାଗି ନଳକୂଅ ଉପରେ ନିର୍ଭରଶୀଳ ହୋଇଛନ୍ତି । ତେବେ ଗ୍ରାମର ନଳକୂଅରୁ ମଧ୍ୟ ସ୍ୱଚ୍ଛ ପାଣି ମିଳୁ ନ ଥିବା ମଧ୍ୟ ଅଭିଯୋଗ ହୋଇଛି । ନଳକୂଅରୁ ଲୌହମିଶ୍ରିତ ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ପାଣି ପିଇବା ଓ ଘରୋଇ କାମରେ ବ୍ୟବହାର କରିବାକୁ ଗ୍ରାମବାସୀ ବାଧ୍ୟ ହେଉଛନ୍ତି । ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବା ସହ ନଳକୂଅରୁ ବାହାରୁଥିବା ଏଭଳି ପାଣିର ବିଶୋଧନ ଲାଗି ଗ୍ରାମର ସୁକାନ୍ତ ଦେହୁରୀ, ବିଜୟ ନାୟକ, ସଞ୍ଜୀବ ପ୍ରଧାନ, ରାଜୁ ମହାନନ୍ଦିଆ ଦାବି କରିଛନ୍ତି । ଜିଲ୍ଲା ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ନ ଦେଲେ ଓ ଜଳଯୋଗାଣ ବ୍ୟବସ୍ଥା ନ ସୁଧାରିଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଏମ୍ଆଇ ବିଭାଗର ଜଗନ୍ନାଥ ସାଗର ପାର୍ଶ୍ୱ ଡ୍ରେନ୍ କାମ ଅସମ୍ପୂର୍ଣ୍ଣ

# ଅଧା କାମ କରି ଠିକାଦାର ଛୁ'; ବର୍ଷା ଆଣିବ ବଡ଼ ବିପଦ

ଜୟପୁର, ୬।୬(ସମିସ)

ଜୟପୁର ସହରର ଐତିହାସିକ ଜଗନ୍ନାଥସାଗର ପାର୍ଶ୍ୱ ବାଇପାସ ରୋଡ଼ର ପାର୍କସାହି ଛକଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବଡ଼ ଡ୍ରେନ କାମ ଅସମ୍ପୂର୍ଣ୍ଣ ରହିଛି। କାମ କରୁଥିବା ଠିକାଦାର ଅଧା କାମ କରି ଛାଡ଼ି ପଳାଇଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଅଧା ଗଢ଼ା ଏହି ଡ୍ରେନ୍‌କୁ ଦେଖି ସ୍ଥାନୀୟ ଲୋକେ ଛାନିଆଁ ହେଉଛନ୍ତି।





କାର୍ଯ୍ୟ ଆରମ୍ଭ ହୋଇ ଦୀର୍ଘ ୩ ବର୍ଷ ହୋଇଥିଲେ ସୁଦ୍ଧା କାର୍ଯ୍ୟ ଅସମ୍ପୂର୍ଣ୍ଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୌରସଂସ୍ଥା ଅଧ୍ୟକ୍ଷ ଲଗାତାର ୩ଟି ଚିଠି ମାଧ୍ୟମରେ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ରହିଥିବା କ୍ଷୁଦ୍ର ଜଳସେଚନ ବିଭାଗକୁ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଥିଲେ ସୁଦ୍ଧା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହିପରି ଆଗାମୀ ଦିନରେ ବର୍ଷା ହେଲେ ନୂଆସାହିର ୫ମ ଲାଇନ, ପାର୍କ ଲାଇନ ଏବଂ ଅନ୍ୟାନ୍ୟ ତଳି ଅଞ୍ଚଳରେ ବନ୍ୟାଜଳ ନିଷ୍କାସିତ ହେବାରେ ସମସ୍ୟା ସୃଷ୍ଟି ହେବା ସହିତ ଏକ କୃତ୍ରିମ ବନ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି। ଏହିପରି ଅର୍ଦ୍ଧନିର୍ମିତ ଏହି ଡ୍ରେନର ବହୁସ୍ଥାନରେ ପାଚେରୀ ଏବଂ କଂକ୍ରିଟ ଚଟାଣ (ବେଡ୍) ନିର୍ମାଣ ହୋଇନଥିବା ଯୋଗୁଁ ଜଗନ୍ନାଥ ସାଗରରେ ଅଳିଆ ଆବର୍ଜନା ପାଣି ପ୍ରବେଶ କରିବା ସହିତ ଜଳାଶୟର ଜଳ ପ୍ରଦୂଷିତ ହେଉଛି। ତେଣୁ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ଜିଲ୍ଲାପାଳ ମଧ୍ୟ କ୍ଷୁଦ୍ର ଜଳସେଚନ ବିଭାଗକୁ ଗତ ମାସ ଜୟପୁର ଜନଶୁଣାଣିରେ ତାଗିଦ କରିଥିଲେ। କିନ୍ତୁ ବିଭାଗ ଏକପ୍ରକାର ନୀରବଦ୍ରଷ୍ଟା ସାଜିଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା ନିର୍ମାଣ ନାମରେ ବରବାଦ କରାଯାଇଛି। ତେଣୁ ତୁରନ୍ତ ନିର୍ମାଣ କରାଯାଉ କିମ୍ବା ନିର୍ମାଣ କାର୍ଯ୍ୟର ମାନ ଏବଂ କେତେ ପରିମାଣର କାର୍ଯ୍ୟଶେଷ କରାଯାଇଛି ଏବଂ ଠିକାଦାରଙ୍କୁ କେତେ ଟଙ୍କା ପୈଠ କରାଯାଇଛି। ସମସ୍ତ ବିଷୟକୁ ନେଇ ଭିଜିଲାନ୍ସ ତଦନ୍ତ ପାଇଁ ପରିବେଷବିତ୍ କୃଷ୍ଣ କେଶବ ଷଡଙ୍ଗୀ ଦାବି କରିଛନ୍ତି।

ପ୍ରକାଶ ଯେ, ବାଇପାସ ରୋଡ ପାର୍କ ସାହି ଛକ ଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ ସମୁଦାୟ ୧୩୫୦ ମିଟର ଦୈର୍ଘ୍ୟ ଏବଂ ୫ ମିଟର ଓସାର ଏବଂ ୪ ମିଟରରୁ ଊର୍ଦ୍ଧ୍ୱ ଗଭୀର ଏହି ଡ୍ରେନର ନିର୍ମାଣ ନେଇ ୪ କୋଟି ୯୮ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ ମାଧ୍ୟମରେ ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ ଗତ ୨୦୨୩ ମସିହା ମାର୍ଚ୍ଚ ମାସରେ ଆରମ୍ଭ ହୋଇ ୧୧ ମାସ ଅବଧିରେ ଶେଷ କରିବା ନେଇ ୨୦୨୪ ମସିହା ମାର୍ଚ୍ଚ ମାସକୁ ଧାର୍ଯ୍ୟ କରାଯାଥିଲା। କିନ୍ତୁ ଅବଧି ସମୟର ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହୋଇଯାଇଥିଲେ ସୁଦ୍ଧା ଏହାର ସମାପ୍ତ ହୋଇପାରିଲା ନାହିଁ। ପାଲଟା ଠିକାଦାର ମାତ୍ର ୧୧୨୭ ମିଟର ପର୍ଯ୍ୟନ୍ତ ବେଡ ନିର୍ମାଣ କରିଥିବା ବେଳେ ବଳକା ୨୨୩ ମିଟର କଂକ୍ରିଟ ବେଡ୍ ନିର୍ମାଣ କରାଯାଇନାହିଁ। ନିର୍ମାଣ ହୋଇଥିବା ବେଡ୍ ଗୁଡିକର ଅଧିକାଂଶ ସ୍ଥାନରେ ଫାଙ୍କା ଛାଡ଼ିଦିଆଯାଇଛି।

ସେହିପରି ପାଚେରି ମଧ୍ୟ ନିର୍ମାଣ ହୋଇପାରିନାହିଁ। ନୂଆସାହି ୫ମ ଲାଇନ ନିକଟରେ ଗୋଟିଏ ପାର୍ଶ୍ୱର ପ୍ରାୟ ୨୦ ମିଟର କଂକ୍ରିଟ ପାଚେରୀ ଆଦୌ ନିର୍ମାଣ ହୋଇନାହିଁ। ସେଠାରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ଯୋଗୁଁ ଏହାର ନିର୍ମାଣ କରିବାକୁ ଭାଙ୍ଗିଲେ ଉକ୍ତ କେନ୍ଦ୍ର ଭୁଶୁଡ଼ି ପଡ଼ିବାର ଭୟ ରହିଛି ବୋଲି କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏହିପରି ପାଚେରି ଗୁଡିକ ରାସ୍ତା ଉଚ୍ଚତାରେ ଏବଂ ଅପରପକ୍ଷରେ ଜଗନ୍ନାଥ ସାଗର ହୁଡା ଉଚ୍ଚତାରେ ନିର୍ମାଣ ହୋଇନଥିବା ଯୋଗୁଁ ମାଟି ଗୁଡିକ ଭୁଶୁଡ଼ି ପଡ଼ିବାର ଭୟ ରହିଛି। ତେଣୁ କ୍ଷୁଦ୍ର ଜଳ ସେଚନ ବିଭାଗର ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବୈଷୟିକ ତ୍ରୁଟି ଏବଂ ବେପରୁଆ ଭାବେ କରାଯାଇଥିବା ଯୋଗୁଁ ଆଗାମୀ ଦିନରେ ଜଗନ୍ନାଥ ସାଗରର ଜଳାଶୟ ପ୍ରତି ବ୍ୟାପକ ପ୍ରଦୂଷଣ ଏବଂ ତଳି ଅଞ୍ଚଳରେ ପ୍ରବଳ ବର୍ଷା ହେଲେ ବନ୍ୟା ଆଶଙ୍କା ରହିଛି ବୋଲି ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। କିନ୍ତୁ ଏନେଇ ଜୟପୁର କ୍ଷୁଦ୍ର ଜଳସେଚନ ବିଭାଗର ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ମତାମତ ମିଳିପାରିନାହିଁ।

## ● ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ

# ସମ୍ମାନିତ ହେଲେ ମାଲକାନଗିରିର ୨ ସ୍ୱାସ୍ଥ୍ୟକର୍ମୀ



ମାଲକାନଗିରି, ୬।୬(ସମିସ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାପର ଓ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ଦୁଇଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନୀତ କରାଯାଇଛି।

ହିନ୍ଦୀ ଚଳଚ୍ଚିତ୍ର ଭାରତ ଭାଗ୍ୟ ବିଧାତା' ର ସ୍ୱତନ୍ତ୍ର ସ୍କ୍ରିନିଂ ଅବସରରେ ଆୟୋଜିତ ଏହି ସମ୍ମାନ ପ୍ରଦାନ ଉତ୍ସବରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସମାଜ ପାଇଁ ଉଲ୍ଲେଖନୀୟ ସେବା ଯୋଗାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେଥିରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମ୍ୟାଟ୍ରନ୍ ସଂଯୁକ୍ତା ସେଠୀ ଏବଂ ଶିଖପାଲ୍ଲୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ) ସ୍ୱର୍ଣ୍ଣପ୍ରଭା ରାମଙ୍କୁ ସମ୍ମାନୀତ କରାଯାଇଥିଲା। ଆଦିବାସୀ ଅଧ୍ୟୁଷିତ ଏବଂ ଦୁର୍ଗମ ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଏହି ଦୁଇ ଅଧିକାରୀଙ୍କ ଅବଦାନକୁ ସ୍ୱୀକୃତି ମିଳିଛି।

ଭୁବନେଶ୍ୱରରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ଉପସ୍ଥିତ ରହି ସମ୍ମାନ ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଣ୍ଣପ୍ରଭା ରାମ ମୁଖ୍ୟମନ୍ତ୍ରୀ ଓ ଅଭିନେତ୍ରୀଙ୍କ ହସ୍ତରୁ ସମ୍ମାନ ଗ୍ରହଣ କରିଥିଲେ।

ମେଟ୍ରୋନ ସଂଯୁକ୍ତା ସେଠୀ ପୂର୍ବରୁ ମଧ୍ୟ ନିଜର ଉତ୍କୃଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହୋଇଥିବାବେଳେ, ସ୍ୱର୍ଣ୍ଣପ୍ରଭା ରାମ ନିଜ କାର୍ଯ୍ୟକ୍ଷେତ୍ରରେ ଅନେକ ସଫଳତା ହାସଲ କରିଛନ୍ତି।

## ● ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ

# ସ୍କୁଲକୁ 'ପ୍ରକୃତି ମିତ୍ର' ଓ ପ୍ରଧାନଶିକ୍ଷକଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନ

ସେମିଳିଗୁଡା, ୬।୬(ସମିସ): ସେମିଳିଗୁଡା ବ୍ଲକ ଅନ୍ତର୍ଗତ ପାଖଝୋଲା ପଞ୍ଚାୟତ ଅଧିନସ୍ଥ ଉପରମାନିଆ ସ୍ଥିତ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କୋରାପୁଟ ଜିଲ୍ଲା ଓଷ୍ଟା ସମ୍ପାଦକ ଶ୍ରୀ ଅଶୋକ କୁମାର ପଟ୍ଟନାୟକଙ୍କୁ ଚଳିତ ବର୍ଷ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନୀତ କରାଯାଇଛି। ସେ କାର୍ଯ୍ୟରତ ଥିବା ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ପ୍ରକୃତିମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଶ୍ରୀ ପଟ୍ଟନାୟକ ଓ ତାଙ୍କ ଅନୁଷ୍ଠାନର ପରିବେଶ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା କରିବାରେ ବିଶେଷ ଭୂମିକା ନିର୍ବାହ କରିଥିବା ହେତୁ ଓଡ଼ିଶା ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ସମ୍ମାନଜନକ 'ପ୍ରକୃତି ମିତ୍ର' ଓ 'ପ୍ରକୃତି ବନ୍ଧୁ' ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତକାଲି ବିଶ୍ୱପରିବେଶ ଦିବସ ଅବସରରେ କୋରାପୁଟ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ପଟ୍ଟନାୟକ ଦୀର୍ଘଦିନ ଧରି ବିଦ୍ୟାଳୟ ତଥା ପାଖଝୋଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିବେଶ ସଚେତନତା, ବୃକ୍ଷରୋପଣ ଅଭିଯାନ, ପରିଚ୍ଛନ୍ନତା କାର୍ଯ୍ୟକ୍ରମ ଓ ପ୍ଲାଷ୍ଟିକ ବର୍ଜନ ସମ୍ପର୍କିତ ଜନସଚେତନତା ସୃଷ୍ଟି କରି ଆସୁଛନ୍ତି। ସଫଳତା ପରେ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ପରିବାର, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ, ପାଖଝୋଲା ପଞ୍ଚାୟତ ତଥା ସମଗ୍ର ସେମିଳିଗୁଡା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।



# କୋଟପାଡ଼ କୋର୍ଟରେ ଚାରା ରୋପଣ

କୋଟପାଡ଼, ୬।୬(ସମିସ): ଗୋଟପାଡ଼ କୋର୍ଟ ପରିସରରେ କୋଟପାଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତ୍ରିଜୀବ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନ ଭାବରେ ଯୋଗ ଦେଇଥିବା ରେଞ୍ଜର ମାନସ ରଞ୍ଜନ ନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ମୁକ୍ତେଶ୍ୱର ନାୟକ, ଜିତେନ୍ଦ୍ର ନାଥ ମହାପାତ୍ର, ପଙ୍କଜ ପାତ୍ର, ପ୍ରଦୀପ ବକ୍ସି, ଶଙ୍କର ପଣ୍ଡା, ଅଜିତ ପଟ୍ଟନାୟକ, ନିମି ପଟ୍ଟନାୟକ, ସଂଗ୍ରାମ ଜେନା, ଚିନୁ ଷଡ଼ଙ୍ଗୀ, ଅଜିତ୍ ପାତ୍ର, ଘନ ବିଶୋଇ, ଲିଙ୍ଗରାଜ ନାୟକ, ଖଗପତୀ ପାତ୍ର, କିଶୋର ମିଶ୍ର, ସହ କୋର୍ଟ ର ସମସ୍ତ କର୍ମଚାରି ଓ ପୋଲିସ ବାହିନୀ ପ୍ରମୁଖ ଯୋଗ ଦେଇଥିଲେ।ଇତି ମଧ୍ୟରେ କୋର୍ଟ ପରିସରର ବିଭିନ୍ନ ଗଛର ଗଣନା ମଧ୍ୟ କରାଯାଇଥିଲା।



# ପୋଡ଼ାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରସ୍କୃତ

ପୋଡ଼ାଗଡ଼, ୬।୬(ସମିସ): ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ ସଦରମହକୁମା ସ୍ଥିତ ପିମ୍ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ବନବିଭାଗ ଦ୍ୱାରା ପୁରସ୍କୃତ ହୋଇଛି। ପୋଡ଼ାଗଡ଼ ପିଏମ୍ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୁଳପତି ସୁରେଶ କୁମାର ନାଗଙ୍କ ସୂଚନା ମୁତାବକ ଆଜି ବିଶ୍ୱ ପରିବେଶ ଦିବସରେ ପରିବେଶ ସୁରକ୍ଷାରେ ପୁରସ୍କୃତ ହୋଇଥିବା କହିଛନ୍ତି। ବିଦ୍ୟାଳୟରେ ପନିପରିବା ଗଛ ସହ ଅନେକ ଔଷଧୀୟ ଗଛ ଲଗାଇଥିବା ସହ ସବୁଜ ସୁନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଠନ କରି ଥିବାରୁ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇଛନ୍ତି। ବଙ୍ଗଳାଗୁଡ଼ା ବନପାଳ ଚିତ୍ତରଞ୍ଜନ ନାୟକଙ୍କ ପ୍ରୟାସ କ୍ରମେ ଉକ୍ତ ବିଦ୍ୟାଳୟ ସବୁଜ ରହୁଥିବା କୁଳପତି ସୁରେଶ କୁମାର ନାଗ କହିଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟ ପରିସର ଛଡ଼ା ଅନ୍ୟ ଅନୁଷ୍ଠାନ ସହ ଗ୍ରାମ ମାନଙ୍କରେ ସବୁଜ ସୁନ୍ଦର କରାଯିବ ବୋଲି ବନପାଳ ଶ୍ରୀ ନାୟକ କହିଛନ୍ତି।

# ନାଲ୍‌କୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଦାମନଯୋଡି, ୬।୬(ସମିସ): ଆଜିର ଅତ୍ୟାଧୁନିକ ଯୁଗରେ ବିଶ୍ୱ ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବା ସହ ଜୀବଜଗତ ଉପରେ ତା'ର କୁ-ପ୍ରଭାବ ବିସ୍ତାର କରି ଚାଲିଛି। ତେବେ ଏହାର ସୁରକ୍ଷା ସମସ୍ତଙ୍କର ମୌଳିକ ଦାୟିତ୍ୱ ହେବା ଆବଶ୍ୟକ ବୋଲି ନାଲକୋ ପକ୍ଷରୁ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଅଧିକାରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ନାଲକୋ ପରିବେଶ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ସମ୍ମାନୀତ ଅତିଥି ଭାବରେ ନାଲକୋର ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଏହାସହ ସମସ୍ତେ ପରିବେଶ ସୁରକ୍ଷା କରିବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍ୟାନ ବିଭାଗ ଅଧିକାରୀ ମନୋରଞ୍ଜନ ରଥ ଓ ସଞ୍ଜୀବ କୁମାର କରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଏହାପରେ ନାଲକୋ ପ୍ରେକ୍ଷାଳୟର ପରିବେଶ ସୁରକ୍ଷା ସଚେତନ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ନାଲକୋ କର୍ମଚାରୀଙ୍କ ପରିବାର, କର୍ମଚାରୀ ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବର୍ଜନ, ଅନାବଶ୍ୟକ ବ୍ୟକ୍ତିଗତ ଯାନବାହନ ନ ଚଳାଇବା, ଜଳ ଅପଚୟ ନ କରିବା, ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାର ବା ସାଇକଲ ଚାଳନାକୁ ଗୁରୁତ୍ୱ ଦେବା ସହ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷ ରୋପଣ କରିବା ଦିଗରେ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



# ସିବିଏସ୍ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

ଦାମନଯୋଡ଼ି, ୬।୬(ସମିସ): କୋରାପୁଟ ଜିଲ୍ଲା ସଦର ମହକୁମା ହସ୍ପିଟାଲ(ଜୟପୁର)ର ସମନ୍ୱିତ ପରାମର୍ଶ ଓ ପରୀକ୍ଷଣ କେନ୍ଦ୍ର (ଆଇସିଟିସି) ଓ କୋରାପୁଟ ସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ଏକତା'ର ଟିଆଇ ପ୍ରକଳ୍ପ ପକ୍ଷରୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଏକ ଗୋଷ୍ଠୀ ସ୍ତରୀୟ ନିରୀକ୍ଷଣ (ସିବିଏସ) ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ କଳାହାଣ୍ଡି କଲୋନୀରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଏଚଆଇଭି, ଟିବି, ଯୌନ ସଂକ୍ରମଣ ଆଦି ପରୀକ୍ଷା ହୋଇଥିଲା। ପଜିଟିଭ ରିପୋର୍ଟ ଆସିଥିବା ରୋଗୀଙ୍କୁ ମାଗଣାରେ ପରବର୍ତ୍ତୀ ଚିକିତ୍ସା ଓ ପରାମର୍ଶ ବ୍ୟବସ୍ଥା ରହିଛି। ଭୁବନେଶ୍ୱର ସ୍ଥିତ ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି, ନବରଙ୍ଗପୁର ଜିଲ୍ଲା ମହକୁମାର 'ଦିଶା' ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମାଥାଲପୁଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ତଥା ଡା. ଶିବ ପ୍ରସାଦ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଡାକ୍ତର ଅବିନାଶ ଚିନୋରା, ପିଏଚଇଓ ବିଜୟ ଖିଲ, ସୁପରଭାଇଜର ମକର ଜାନି, ସିଏଚଓ ଅବିନାଶ ଦାସ, ଏନସିଡି କାଉନସେଲର ତାପସୀ କୁମାରୀ ଜେନା, ଆଇସିଟିସି ସୁପରଭାଇଜର ଯଶସ୍ୱିନୀ ରଥ, ଏଲଟି ପୂଜାରାଣୀ ଖଟୋଇ, ସ୍ୱାସ୍ଥ୍ୟକର୍ମୀ ବେବି ସ୍ୱାଇଁ ଓ ଆଶାକର୍ମୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।



# ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର

ରାୟଗଡ଼, ୬।୬(ସମିସ): ରାୟଗଡ଼ ସହରର ଏସବିଆଇ ମୁଖ୍ୟ ଶାଖା ସମ୍ମୁଖ ମୁଖ୍ୟ ରାସ୍ତାର ବିପରୀତ ପାଶ୍ୱର୍ରେ ଥିବା ସରୋଜିନୀ କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକସ୍ ପକ୍ଷରୁ ଶନିବାର ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। କ୍ଲିନିକ୍ କର୍ତ୍ତୃପକ୍ଷଙ୍କ ସମେତ ଜେନେରାଲ ମେଡିସିନ (ଏମଡି), ଡାକ୍ତର ଏ.ଗୌରୀ ଶଙ୍କରଙ୍କ ନେତୃତ୍ୱରେ ଡାକ୍ତର କେ.ନବୀନ ଏବଂ ଡାକ୍ତର ପବନ ସେନାପତି ଓ ଅନ୍ୟ ଡାକ୍ତରୀ ଷ୍ଟାଫମାନେ ଉପସ୍ଥିତ ରହି ଲୋକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଶିବିରରେ ହିମୋଗ୍ଲୋବିନ, ଆରବିଏସ, ଏଚବିଏ୧ସି, କ୍ରିଏଟିନାଇନ, ୟୁରିକ ଏସଡି, ବିଲିରୁବିନ, ଲିପିଡ ପ୍ରୋଫାଇଲ, ଇସିଜି, ପିଏଫଟି, ନ୍ୟୁରୋପାଥି ଟେଷ୍ଟିଙ୍ଗ, ବୋନ ମିନେରାଲ ଡେନସିଟି, ୟୁରିନ ମାଇକ୍ରୋଲବୁମିନ ଭଳି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ରାୟଗଡ଼ ସହର ସମେତ ସଦର ବ୍ଲକ, କଲ୍ୟାଣସିଙ୍ଗପୁର, ବିଷମକଟକ ବ୍ଲକ ଓ ଅନ୍ୟାନ୍ୟ ଆଖପାଖ ଅଞ୍ଚଳରୁ ୩ଶହରୁ ଊର୍ଦ୍ଧ୍ୱ ଲୋକେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ। ସେହିପରି ସହରର ସାମ୍ବାଦିକ ଓ ପୁଲିସ କର୍ମଚାରୀମାନେ ମଧ୍ୟ ଅପରାହ୍ନରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସରୋଜିନି କ୍ଲିନିକ ଏବଂ ଡାଇଗ୍ନୋଷ୍ଟିକସ ତରଫରୁ 'ସୁସ୍ଥ ରୁହନ୍ତୁ, ସୁଖୀ ରୁହନ୍ତୁ, ସମ୍ବଳ ରୁହନ୍ତୁ' ବାର୍ତ୍ତା ନେଇ ପ୍ରତ୍ୟେକ ମାସରେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଥିବା କ୍ଲିନିକ୍ କର୍ତ୍ତୃପକ୍ଷ କହିଛନ୍ତି।



# ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଦାମନଯୋଡ଼ି, ୬।୬(ସମିସ): କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଅପରାହ୍ନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ଥାଇ ବିଭିନ୍ନ ପର୍ଯ୍ୟାୟରେ ଅନ୍ୟତ୍ର ବଦଳି ହୋଇଥିବା ଫାର୍ମାସୀ ଅଧିକାରୀ ଆଶିଷ କୁମାର ସାହୁ, ସିଏଚଓ ରେସୁ ଖରାଙ୍କ ସହିତ ସ୍ୱାସ୍ଥ୍ୟକର୍ମୀ କେ.ସୁଗୁଣା, ସୁଶୋଭିତା ରାଣୀ କୋଚିମ୍, ଭବାନୀ ଦେବୀ, ସଞ୍ଜୁବାଳା ପ୍ରଧାନୀ, ମନୋରମା ପାଢ଼ୀ, ତନୁଜା ବେହେରା, ପଦ୍ମଜା ନାୟକ, ୟୁସିଏଚ୍ ଗରଡ଼ା ଓ ସରୋଜ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମେ' ଶେଷରେ ଅବସର ଗ୍ରହଣ କରିଥିବା ଡ୍ରାଇଭର ପୂର୍ବ କିର୍ସାନୀଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟ ଡାକ୍ତର, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବିଦାୟୀ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା, ରୋଗୀ ଓ ଲୋକ ସମ୍ପର୍କ, ବନ୍ଧୁ ବତ୍ସଳତା ଆଦି ଗୁଣର ବର୍ଣ୍ଣନା କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦାୟୀ କର୍ମଚାରୀ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ ସମୟର ନିଜ ନିଜ ଅନୁଭୂତି ବଖାଣିଥିଲେ।

## ନୂତନ ପ୍ରାଣୀ ଚିକିତ୍ସାଳୟ କୋଠା ଉଦ୍‌ଘାଟିତ

# ନିମନ୍ତ୍ରଣ କରାଯାଇ ନ ଥିବାରୁ ତାତିଲେ ସରପଞ୍ଚ, ସମିତି ସଭ୍ୟ

କୁନ୍ଦୁରା, ୬।୬(ସମିସ)

ନିଜ ପଞ୍ଚାୟତରେ ହେଉଥିବା ପ୍ରାଣୀ ଚିକିତ୍ସାଳୟ ନୂତନ କୋଠା ଉଦଘାଟନୀ ଉତ୍ସବରେ ସରପଞ୍ଚଙ୍କୁ ନିମନ୍ତ୍ରଣ ନଥିବା ଅଭିଯୋଗରେ ଉଦଘାଟନ କାର୍ଯ୍ୟକ୍ରମକୁ ବିରୋଧ କଲେ ସରପଞ୍ଚ ଏବଂ ସମିତିସଭ୍ୟ। କୁନ୍ଦୁରା ସଦର ମହକୁମାଠାରେ କିଛି ଏଭଳି ପ୍ରତିବାଦ ଦେଖିବାକୁ ମିଳିଛି। ଆଜି କୁନ୍ଦୁରା ଠାରେ ନୂତନ ପ୍ରାଣୀ ଚିକିତ୍ସାଳୟ ଉଦଘାଟନ କାର୍ଯ୍ୟକ୍ରମ ଥିଲା। ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ମୁଖ୍ୟ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଧା ବିନୋଦ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, କୋଷାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଡିଆ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କୋରାପୁଟ ଡ. ସୁଦର୍ଶନ ସାହୁ, ସାଂସଦ ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ମଣ୍ଡଳ ସଭାପତି ପଦ୍ମନାଭ ବିଶୋୟୀ, ଧନପତି ପରଜା, ସମ୍ପାଦକ ତ୍ରିନାଥ ନାୟକ, ସାଂସଦଙ୍କ ଅଭିଯୋଗ ପ୍ରତିନିଧି ପ୍ରକାଶ ପଟ୍ଟନାୟକ, ସୁମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ରିବନ କଟାଯିବା ପରେ ଫଳକ ଉଦଘାଟନ କରିଥିଲେ ମୁଖ୍ୟ ଅତିଥି। ଏହାପରେ ଆରମ୍ଭ ହେଲା ଯୁକ୍ତିତର୍କ, ହଟ୍ଟଗୋଳ। ବ୍ଲକ ସଦର ପଞ୍ଚାୟତର ସରପଞ୍ଚ ଲବ ପରଜା ଏବଂ ସମିତି ସଭ୍ୟ ଦାମୋଦର ଗଣ୍ଡା ଆଜିର ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇନଥିବା ଅଭିଯୋଗ କରିଥିଲେ। ବିଧାୟକ ସନ୍ତୋଷଜନକ ଉତ୍ତର ଦେଇପାରିନ ଥିଲେ। ଫଳରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲା। ବୁଦ୍ଧିଜୀବୀଙ୍କ ହସ୍ତକ୍ଷେପ କରି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ବେତନଟୀ, ୬।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବଜାର ଉପକଣ୍ଠ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମୁଖରେ ଥିବା ଜଣେ ବ୍ୟବସାୟୀଙ୍କ ଆଜବେଷ୍ଟସ ଘରେ



ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲିଭାଇବାକୁ ବେତନଟୀ ଓ ବଡସାହି ଅଗ୍ନିଶମ ବାହିନୀର ମିଳିତ ପ୍ରୟାସରେ ପ୍ରାୟ ତିନି ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ବ୍ୟବସାୟୀ ମଳୟ କୁମାର ଦାସଙ୍କ ୮ ବଖରା ବିଶିଷ୍ଟ ଆଜବେଷ୍ଟସ ଘରେ ଗୁରୁବାର ବିଳମ୍ବିତ ରାତିରେ ଇନଭର୍ଟରରୁ ସ୍ପାର୍କ ହୋଇ ନିଆଁ ଲାଗିଥିଲା। ନିଆଁ କ୍ରମଶଃ ସମଗ୍ର ଘରକୁ ବ୍ୟାପି ଯାଇଥିଲା। ଭୋର ପ୍ରାୟ ଚାରିଟା ସମୟରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଖବର ପାଇ ତୁରନ୍ତ ବେତନଟୀ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇ ସଦଳବଳରେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ନିଆଁର ତୀବ୍ରତା ଦେଖି ବଡସାହି ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା। ଉଭୟ ଟିମ୍ ତିନି ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଉଦ୍ୟମ କରି ସକାଳ ପ୍ରାୟ ସାତଟାରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବାଇକ୍, ସାଇକଲ, ୱାସିଂ ମେସିନ୍, ଟ୍ରେଡମିଲ୍, ଲ୍ୟାପଟପ୍, ଇନଭର୍ଟର ସମେତ ଘରର ବିଭିନ୍ନ ମୂଲ୍ୟବାନ୍ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୌଭାଗ୍ୟବଶତଃ ପୂରା ପରିବାର ପାଖଘରେ ଶୋଇଥିବାରୁ କୌଣସି ପ୍ରାଣହାନି ହୋଇନାହିଁ। ନିଆଁ ଲିଭା କାର୍ଯ୍ୟରେ ବେତନଟୀ ଅଗ୍ନିଶମ କେନ୍ଦ୍ରର ମୁଖ୍ୟ ଅଗ୍ନିକର୍ମୀ ରତିକାନ୍ତ ଦାସ, ଗୌରାଙ୍ଗ ବେହେରା, ଉଦୟ ବାସ୍କେ, ରାକେଶ ମାଝୀ, ବିଦ୍ୟାଧର ମହାଳିକ, ପ୍ରଭୁପ୍ରସାଦ ସାହୁ, ସରୋଜ ଜାମୁଡ଼ା, ଡ୍ରାଇଭର ହାବିଲଦାର ଧନେଶ୍ୱର ଟୁଡୁ ପ୍ରମୁଖ ସାମିଲ ଥିଲେ।

## ବାଲେଶ୍ୱର ଷ୍ଟେସନ୍‌ରୁ ନାବାଳିକା ଛାତ୍ରୀ ଉଦ୍ଧାର

**ବେତନଟୀ, ୬।୬(ସମିସ):** ବୈଶିଙ୍ଗା ପୁଲିସର ତତ୍ପରତା ଯୋଗୁଁ ଏକ ବଡ଼ ସଫଳତା ଲାଭ କରିଛି। ମାତ୍ର ତିନି ଘଣ୍ଟା ଭିତରେ ଅପହରଣ ହୋଇଥିବା ନାବାଳିକାଙ୍କୁ ବାଲେଶ୍ୱର ରେଳ ଷ୍ଟେସନରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଜି ଅପରାହ୍ନରେ ବୈଶିଙ୍ଗା ଥାନା ଅଧୀନସ୍ଥ ଏକ ଗ୍ରାମର ୧୪ ବର୍ଷୀୟା ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ଆଣି ଝିଅର ମାଆ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ ହୋଇଥିଲା ଓ ସବ୍‌ଇନ୍ସପେକ୍ଟର ସରୋଜ ଜେନାଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ତଦନ୍ତରେ ଝିଅ ରାଗି ଘରୁ ପଳାଇଯାଇଥିବା ଜଣାପଡ଼ିଥିଲା। ତଦନ୍ତକାରୀ ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲେଶ୍ୱର ରେଳଷ୍ଟେସନ୍ ନିକଟରେ ଝିଅଙ୍କୁ ଚିହ୍ନଟ କରି ଉଦ୍ଧାର କରିଥିଲା। ସନ୍ଧ୍ୟାରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ନାବାଳିକା ସୁରକ୍ଷା କ୍ଷେତ୍ରରେ ପୁଲିସର ଏପରି ତତ୍ପରତା ପ୍ରଶଂସନୀୟ ବୋଲି କୁହାଯାଉଛି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ମହୁଲଡିହା, ୬।୬(ସମିସ):** ଶୋଇଥିବା ଅବସ୍ଥାରେ ଚିତି ସାପ କାମୁଡ଼ାରେ ବୃଦ୍ଧା ବିଧବା ମହିଳାଙ୍କ ମୃତ୍ୟୁ ହୋଇଛି। ମହୁଲଡିହା ଥାନା ସାତକୋଶିଆ ପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ଚିଆଁବେଡା (ବାଉଁଶରାଇ) ସାହିରେ ଘଟିଛି ଏପରି ଏକ ଅଘଟଣ। ମୃତ ବୃଦ୍ଧା ଜଣକ ହେଉଛନ୍ତି ବୁଦୁନି ପୂର୍ତ୍ତି (୫୦)। ଶୁକ୍ରବାର ରାତି ପ୍ରାୟ ୧୦.୩୦ ମିନିଟ୍‌ରେ ଘରେ ଶୋଇଥିବା ଅବସ୍ଥାରେ ବିଷଧର ଚିତି ସାପ କାମୁଡ଼ି ଦେଇଥିଲା। ସେ ଜାଣିପାରି ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ସାପଟିକୁ ମାରିଦେଇ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସଙ୍ଗେ ସଙ୍ଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ମଧ କଟକ ବଡ଼ ଡାକ୍ତରଖାନାକୁ ନେବା ରାସ୍ତାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଯାଇଥିଲା। ମହୁଲଡିହା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର, ୬।୬(ସମିସ):** ଘାଗରବେଡ଼ା ଥାନା ଅଞ୍ଚଳରେ ବାଲି ଚାଲାଣ ବେଳେ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ବାଲି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ନେଇ ଖବର ପାଇ ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ପାନପଦରିଆ ଗ୍ରାମ ନିକଟରେ ଅତର୍କିତ ଚଢ଼ଉ କରିଥିଲେ। ଟ୍ରାକ୍ଟର ଚାଳକ ଓ ଅନ୍ୟମାନେ ଟ୍ରାକ୍ଟର ଛାଡି ଚମ୍ପଟ ମାରିଥିଲେ। ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ହସ୍ତାନ୍ତର କରାଯାଇଥିଲା। କନିଷ୍ଠ ଖଣି ଅଧିକାରୀ ଚାମରୁ ମାଝୀ ଘାଗରବେଡା ଥାନାରେ ଲିଖିତ ଅଭିଯୋଗକ୍ରମେ ଲଘୁ ଖଣିଜ ଚୋରା ଚାଲାଣ ନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୁଲିସ।

## ରରୁଆଁ ଅଞ୍ଚଳରୁ ଦୁଇଟି ବାଲି ବୋଝେଇ ଟିପ୍ପର ଜବତ

**ରାଇରଙ୍ଗପୁର, ୬।୬(ସମିସ):** ବେଆଇନ ବାଲି ଚାଲାଣ ଥମିବାର ନାଁ ନେଉନି। ରରୁଆଁ ଥାନା ଅଞ୍ଚଳରେ ବାଲି ଚାଲାଣ ବେଳେ ଦୁଇଟି ବାଲି ଟିପ୍ପର ଜବତ କରାଯାଇଛି। ରରୁଆଁ ଥାନା ଅନ୍ତର୍ଗତ ନଦୀ କୂଳ ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ଏହାକୁ ନେଇ ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ଆଦିପୁର ଗ୍ରାମ ନିକଟରେ ଅତର୍କିତ ଚଢ଼ଉ କରିଥିଲେ। ବାଲି ବୋଝେଇ ଦୁଇଟି ଟିପ୍ପର ଜବତ କରି ରରୁଆଁ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଥିଲା। କନିଷ୍ଠ ଖଣି ଅଧିକାରୀ ଚାମରୁ ମାଝୀ ଓ ଚାରୁ ମାଝୀଙ୍କ ରରୁଆଁ ଥାନାରେ ଅଭିଯୋଗକ୍ରମେ ଲଘୁ ଖଣିଜ ଚୋରା ଚାଲାଣ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଧିକାରୀ ଓ କର୍ମଚାରୀ ମରୁଡ଼ି | ମୟୂରଭଞ୍ଜ ଜିଲ୍ଲାରେ ଅପରାଧ ହାର ଉପରମୁହାଁ

**ବାରିପଦା, ୬।୬ (ସମିସ)**

ଓଡ଼ିଶାର ବୃହତ୍ତମ ଜିଲ୍ଲା ମୟୂରଭଞ୍ଜରେ ଅପରାଧର ଗ୍ରାଫ୍ କ୍ରମାଗତ ଭାବେ ଉପରକୁ ଉଠୁଛି। ପୁଲିସର ମାନବ ସମ୍ବଳ ସଙ୍କଟ ସହ ଗୋରୁ ମାଫିଆ, ନିଶା କାରବାର ଓ ସାମାଜିକ କୁସଂସ୍କାର ମିଶି ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ଗମ୍ଭୀର କରିଦେଇଛି। ମହିଳା ଓ ଶିଶୁ ଅତ୍ୟାଚାରରେ ମୟୂରଭଞ୍ଜ ଦୁର୍ନାମ ମୁଣ୍ଡାଇଥିବାବେଳେ ଜିଲ୍ଲାରେ ମହିଳା ଓ ଶିଶୁ ବିରୋଧୀ ଅପରାଧ କ୍ରମାଗତ ଭାବେ ବଢୁଛି। ଗଞ୍ଜାମ ଓ ଯାଜପୁର ପରେ ମୟୂରଭଞ୍ଜ ଅପରାଧ ତାଲିକାରେ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। ଗଣଧର୍ଷଣ ଓ ଶିଶୁ ଉପରେ ଅତ୍ୟାଚାର କ୍ଷେତ୍ରରେ ବିଶେଷ ଉଦ୍‌ବେଗ ଦେଖାଯାଉଛି।

ସେହିପରି ଡାହାଣୀ ସନ୍ଦେହ ହତ୍ୟାରେ ରାଜ୍ୟରେ ଆଗରେ ରହିଛି ମୟୂରଭଞ୍ଜ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହେତୁ ମୟୂରଭଞ୍ଜରେ ଡାହାଣୀ ହତ୍ୟା ଘଟଣା ଅଧିକ। ଗତ କିଛିବର୍ଷର ତଥ୍ୟ ଅନୁସାରେ ଜିଲ୍ଲାରେ ପ୍ରତିବର୍ଷ ୨୦ରୁ ୪୦ ପର୍ଯ୍ୟନ୍ତ ଏଭଳି ଘଟଣା ଘଟୁଛି। ରାଜ୍ୟ ସ୍ତରରେ ହ୍ରାସ ହେଲେ ମଧ ମୟୂରଭଞ୍ଜରେ ଏ ସମସ୍ୟା ଏ ପର୍ଯ୍ୟନ୍ତ ନିୟନ୍ତ୍ରଣ ହୋଇନାହିଁ। ଗୋରୁ ମାଫିଆଙ୍କ ସକ୍ରିୟତା ଜିଲ୍ଲାରେ ବଢୁଛି। ପୁଲିସ ନିୟମିତ ଚଢ଼ଉ କରୁଥିଲେ ମଧ ବିଦେଶୀ ଲିଙ୍କ୍ ଥିବାରୁ ଏହା ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ଲଘୁ ଖଣିଜ




ଚୋରାଚାଲାଣ, ଚୋରି, ଡକାୟତି ଓ ନିଶା କାରବାର ମଧ ଦିନକୁ ଦିନ ବୃଦ୍ଧି ପାଉଛି। ତେବେ ଜିଲ୍ଲାର ପୁଲିସ ମୁଖ୍ୟାଳୟ ସମେତ ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଉଦଳା ଓ ବେତନଟୀ ପୁଲିସ ଉପଖଣ୍ଡ ଓ ୩୨ଟି ଥାନାରେ ଅଧିକାରୀ/କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ଅପରାଧ ନିୟନ୍ତ୍ରଣରେ ବଡ଼ ବାଧା ସୃଷ୍ଟି କରୁଛି। କୌଣସି ସ୍ଥାନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

- ୨୬୧ କନଷ୍ଟେବଳ, ୭୪ ସବ୍‌ଇନ୍ସପେକ୍ଟର, ୪୪ ଏଏସଆଇ, ୪୦ ହାବିଲଦାର, ୯ ଡିଏସ୍‌ପି, ୩ ଇନ୍ସପେକ୍ଟର, ୧ ଅତିରିକ୍ତ ଏସପି ପଦ ଖାଲି
- ଡାହାଣୀ ସନ୍ଦେହରେ ହତ୍ୟା ସର୍ବାଧିକ
- ମହିଳା ଓ ଶିଶୁଙ୍କ ଉପରେ ଅତ୍ୟାଚାର ଉଦବେଗଜନକ
- ଗୋ-ମାଫିଆ ଓ ନିଶା ବେପାରୀ ସକ୍ରିୟ
- ଲଘୁ ଖଣିଜ ସମ୍ପଦର ବ୍ୟାପକ ଚୋରାଚାଲାଣ

ହେଲେ ଜିଲ୍ଲା ପୁଲିସ ମୁକାବିଲା ସ୍ଥିତିରେ ନାହିଁ। ଯାହାର ଉଦାହରଣ ମୋରଡ଼ା କାକବନ୍ଧ ଆଶ୍ରମ ବିଦ୍ୟାଳୟ ଓ ଟାଉନ ଥାନା ପରିସରରେ ଗୋଷ୍ଠୀ ସଂଘର୍ଷ।

ମିଳିଥିବା ତଥ୍ୟ ଅନୁଯାୟୀ, ଜିଲ୍ଲାରେ ସର୍ବାଧିକ ୨୬୧ କନଷ୍ଟେବଳ ପଦ ଖାଲି ପଡ଼ିଥିବାବେଳେ ୭୪ଟି ସବ୍‌ଇନ୍ସପେକ୍ଟର, ୪୪ଟି ଏଏସଆଇ, ୪୦ଟି ହାବିଲଦାର, ୯ଟି ଡିଏସ୍‌ପି, ୩ଟି ଇନ୍ସପେକ୍ଟର, ଜଣେ ଅତିରିକ୍ତ ଏସପି ପଦ ଖାଲିପଡ଼ିଛି। ବଢୁଥିବା ଅପରାଧ ତୁଳନାରେ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ହ୍ରାସ ଅପରାଧ ମୁକାବିଲାରେ ଅନ୍ତରାୟ ଆଣୁଛି। ନିକଟରେ ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା ଘୋଷଣା କରାଯାଇଥିବାବେଳେ ସେଠାରେ ଏସପି ନିଯୁକ୍ତ ହୋଇନାହାନ୍ତି। ଏ ନେଇ ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହନ୍ତି, ଏସ୍‌ଆଇ ଓ ଏଏସ୍‌ଆଇ ସ୍ତରରେ ପରୀକ୍ଷା ସରିଛି। ୨୮୦ ଜଣଙ୍କ ତାଲିମ ଚାଲିଛି। ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଲେ ଖାଲି ପଦ ପୂରଣ ହେବ। ତେବେ ଆବଶ୍ୟକତା ଅନୁସାରେ କେତେକ ସ୍ଥାନରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ମାନବସମ୍ବଳ କମ୍ ଥିଲେ ମଧ ଆଇନଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ପୂର୍ଣ୍ଣ ଉଦ୍ୟମ ଜାରି ରଖିଛି। ଜିଲ୍ଲାରେ ବିସ୍ତୃତ ଜଙ୍ଗଲ, ସୀମାନ୍ତ ଅଞ୍ଚଳ ଓ ଆଦିବାସୀ ପ୍ରଧାନ ଜନବସତି ମୟୂରଭଞ୍ଜରେ ଅପରାଧ ନିୟନ୍ତ୍ରଣ ପାଇଁ ଖାଲି ପଦ ପୂରଣ ସହିତ ସାମାଜିକ ସଚେତନତା ଓ କୁସଂସ୍କାର ବିରୋଧୀ ଅଭିଯାନ ଆବଶ୍ୟକ। ଅପରାଧ ହାର ନିୟନ୍ତ୍ରଣ ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ ଜିଲ୍ଲାର ଶାନ୍ତି ଓ ସୁରକ୍ଷା ଆହୁରି ଖରାପ ହୋଇପାରେ ବୋଲି ବୁଦ୍ଧିଜୀବୀ ମତ ଦେଉଛନ୍ତି।

### ଥାନାରେ ନାବାଳିକାଙ୍କ ଚେତାଶୂନ୍ୟ ଘଟଣା

## ନ୍ୟାୟ ଦେଇ ପାରିଲେନି ଏସ୍‌ପି, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ପୀଡ଼ିତା



**ବାରିପଦା/ମୋରଡା, ୬।୬(ସମିସ):** ମୋରଡ଼ା ଥାନାକୁ ନ୍ୟାୟ ପାଇଁ ଯାଇଥିବା ଜଣେ ନାବାଳିକାଙ୍କୁ ଅଧିକାରୀ ସୁମିତ କୁମାର ସୋରେନ ବିଭିନ୍ନ ମାନସିକ ଅତ୍ୟାଚାର ସହ ଧମକ ଦେବା ପରେ ଚେତାଶୂନ୍ୟ ଘଟଣା ଭିନ୍ନ ମୋଡ଼ ନେଇଛି। ଘଟଣାକୁ ନେଇ ପୀଡ଼ିତା ନାବାଳିକା ପରିବାର ମେ ୨୬ ତାରିଖରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏସପି ଅଭିଯୋଗକୁ ଗ୍ରହଣ କରି ବେତନଟୀ ଏସଡିପିଓଙ୍କୁ ୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ୫ ଦିନ ବିତି ୧୨ ଦିନ ପରେ ମଧ ଥାନା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୁନର୍ବାର ପୀଡ଼ିତା ପରିବାର ଶନିବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଗସ୍ତରେ ଆସୁଥିବାରୁ ତାଙ୍କୁ ଭେଟି ଗୁହାରୀ ଜଣାଇବା ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ମୋରଡ଼ା ଥାନାକୁ ଗତ ମେ ୧୬ ତାରିଖରେ ନାବାଳିକା ଉପରେ ହୋଇଥିବା ଅତ୍ୟାଚାରକୁ ନେଇ ପୀଡିତା ନାବାଳିକାଙ୍କ ପରିବାର ଅଭିଯୋଗ କରିବା ପାଇଁ ଯାଇଥିବାବେଳେ ଥାନା ଅଧିକାରୀ ଶ୍ରୀ ସୋରେନ କେଶ ନ ଦେବାକୁ ଚାପ ପକାଇବା ସହ କେଶ କଲେ ନାବାଳିକାକୁ ୭ ବର୍ଷ ଜେଲ ହେବ

**କାହା ଛତ୍ରଛାୟା ତଳେ ଥାନାବାବୁ**

ବୋଲି ଧମକ ଦେଇଥିଲେ। ଫଳରେ ନାବାଳିକା ଚେତାଶୂନ୍ୟ ଅବସ୍ଥାରେ ପ୍ରଥମେ କିଶାନତାଣ୍ଡି, ପରେ ବାରିପଦା ପିଆରଏମ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇ ଦୀର୍ଘ ୪ ଘଣ୍ଟା ପରେ ଚେତା ଫେରି ପାଇଥିଲେ। ତେବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯାଉଥିବାବେଳେ ପୁଲିସ ପ୍ରଶାସନ ନିଦାବିଷ୍ଟ ସାଜିଛି। ଏତେ ବିବାଦୀୟ ହେବା ପରେ ମଧ ଥାନା ଅଧିକାରୀ ଶ୍ରୀ ସୋରେନ କାହା ଛତ୍ରଛାୟା ତଳେ ରହିଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ୭ ଘଣ୍ଟିଆ ଉଦଳା ବନ୍ଦ ସଫଳ

**ଉଦଳା, ୬।୬(ସମିସ):** ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ୭ ଘଣ୍ଟିଆ ଉଦଳା ଏନଏସି ବନ୍ଦ ପାଳନ ସଫଳ ହୋଇଛି। ଉଦଳା ଏନଏସିର ବିକାଶ, ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଥଇଥାନ ଓ ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ଉନ୍ନତୀକରଣ ଦାବିରେ ଆଜି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ବନ୍ଦ ପାଳନ ଡାକରା ଦେଇଥିଲା। ଆଜି ଏହି ବନ୍ଦ ଡକରା ସଫଳ ହୋଇଥିବା ଅନୁଭୂତି ଦେଖିବାକୁ ମିଳିଥିଲା। ସକାଳ ୬ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏନଏସି ବନ୍ଦ ଡାକରା ଦେଇଥିବାବେଳେ ବସ ଚଳାଚଳ, ଦୋକାନ ବଜାର ଓ ସରକାରୀ ଅଫିସ, ବେସରକାରୀ




ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା କର୍ମୀ ଉଦଳା ବଜାରରେ ପିକେଟିଂ କରିବା ସହ ବନ୍ଦ ପାଳନକୁ ଜୋରଦାର କରିଥିଲେ। ସଭାପତି କୃଷ୍ଣଚନ୍ଦ୍ର ଦାସ, ଉପସଭାପତି ରାଜା ହେମ୍ବ୍ରମ, ଖୁଣ୍ଟା ବ୍ଲକ ସଭାପତି ବିକ୍ରମ ମୁର୍ମୁ, ସମ୍ପାଦକ ବାବୁଲା ମୁର୍ମୁ, ବାରିପଦା ଟାଉନ ସଭାପତି ତରେନ ସେନାପତି, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା, ଉଦଳା ଏନଏସିର ବାବୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମୂଳ ଦରମା ବୃଦ୍ଧି ପାଇଁ ମୟୂରଭଞ୍ଜ ଫାର୍ମାସୀ ସେବା ସଂଘର ଦାବି



**ବାରିପଦା, ୬।୬(ସମିସ):** ଦୀର୍ଘ ବର୍ଷର ନ୍ୟାଯ୍ୟ ଦାବି ମୂଳ ଦରମା ବୃଦ୍ଧି (ପିବି ୨) ପାଇଁ ଆଜି ଫାର୍ମାସୀ ଅଧିକାରୀ ସେବା ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ପିଆରଏମ୍ ମେଡିକାଲ କଲେଜର ଅଧୀକ୍ଷକଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସୀ ଅଧିକାରୀଙ୍କ ଭୂମିକା ତଥା ସମାଜ ଓ ରୋଗୀସେବା ପ୍ରତି ଥିବା ଅବଦାନକୁ ପାଥେୟ କରି ଫାର୍ମାସୀ ଅଧିକାରୀଙ୍କ ଦୀର୍ଘ ବର୍ଷରୁ ରହିଆସିଥିବା ଦରମା ଅସଙ୍ଗତିକୁ ଦୂର କରିବା ସହ ମୂଳ ଦରମା ପିବି ୨କୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଶାଖାର ଉପସଭାପତି ରିତାଞ୍ଜଳି ନାୟକ, ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା, ଯୁଗ୍ମସମ୍ପାଦକ ସାଗର ପଟ୍ଟନାୟକ, କାଳୀଚରଣ ରାଉତ, ଉପଦେଷ୍ଟା ପ୍ରତାପ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମହାନ୍ତ, ମନୋଜ ଦାଶ ଓ ସଦସ୍ୟ କାମେଶ୍ୱର ନାଏକ, ଝିଙ୍କେଶ୍ୱର ମାରାଣ୍ଡି, ଜବ ମାରାଣ୍ଡି, ମୀନକେତନ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱତନ୍ତ୍ର ସଂଘନ ସଂଶୋଧନ ସମ୍ପର୍କିତ ବୈଠକ

## ସମ୍ପୂର୍ଣ୍ଣ ପ୍ରକ୍ରିୟା ସୁଚାରୁରୂପେ ସମ୍ପାଦନ ନିମନ୍ତେ ପରାମର୍ଶ



**ରାଇରଙ୍ଗପୁର, ୬।୬(ସମିସ):** ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପାଦନ କରିବା ନେଇ ବୈଠକ ଆୟୋଜିତ ହୋଇଯାଇଛି। ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିରିଂ ବ୍ଲକରେ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ନେଇ ଏସ୍‌ଆଇଆର୍ ସମ୍ବନ୍ଧିତ ବୈଠକ ଅନୁଷ୍ଠିତ ହୋଇଛି। ବିଏଲଓ ଓ ସୁପରଭାଇଜରଙ୍କୁ ନେଇ ଆଲୋଚନା ବୈଠକ କରି ସ୍ୱଚ୍ଛତା ସହ ଏସଆଇଆର ପ୍ରକ୍ରିୟା ସମ୍ପାଦନା କରିବା ନେଇ ଗୁରୁତ୍ୱ ଦିଆଯାଇଛି। ଏହି ଏସଆଇଆର ପ୍ରକ୍ରିୟାରେ କ୍ଷେତ୍ରସ୍ତରୀୟ କର୍ମଚାରୀ ତଥା ବିଏଲଓ ଓ ସୁପରଭାଇଜରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଦାୟିତ୍ୱବୋଧ ରହୁଥିବାରୁ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ନିର୍ଦ୍ଦେଶାବଳି ଅନୁସାରେ ସଠିକ ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଭୋଟର ତାଲିକାର ଏହି ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟାରେ ବିଶେଷକରି ମତଦାତା ତାଲିକାକୁ ତ୍ରୁଟିଶୂନ୍ୟ, ସ୍ୱଚ୍ଛ ଓ ଅଧୁନାତନ କରିବା ସହିତ ଯୋଗ୍ୟତା ସୂଚକ ତାରିଖ ଅନୁଯାୟୀ ସମସ୍ତ ଯୋଗ୍ୟ ମତଦାତାଙ୍କ ନାମ ସଠିକ୍ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିଏଲ୍‌ଓ ଓ ସୁପରଭାଇଜରଙ୍କୁ ଘରକୁ ଘର ଯାଇ ସର୍ବେକ୍ଷଣ ପ୍ରକ୍ରିୟା, ନୂତନ ଯୋଗ୍ୟ ମତଦାତାଙ୍କ ନାମ ସଂଯୁକ୍ତ କରିବା, ମୃତ ଓ ସ୍ଥାନାନ୍ତରିତ ଓ ଅଯୋଗ୍ୟ ମତଦାତାଙ୍କ ନାମ ଚିହ୍ନଟ କରି ଭୋଟର ତାଲିକାରୁ ବାଦ୍ ଦେବା, ମତଦାତାଙ୍କ ତଥ୍ୟ ସଂଶୋଧନ, ଉଦ୍ଦିଷ୍ଟ ଫର୍ମ ପୂରଣ ସହିତ ଅନଲାଇନ୍ ଓ ଅଫଲାଇନ୍ ଆବେଦନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଏକ ସୁଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା, ତ୍ରୁଟିଶୂନ୍ୟତା ବଜାୟ ରଖିବା ପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀ ଏସଆଇଆର ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବ ମୁକ୍ତ ରଖି ଅତ୍ୟନ୍ତ ଯତ୍ନଶୀଳର ସହିତ ସଠିକ ଭାବେ ସମ୍ପାଦନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ସର୍ଦୁସାହି ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଶରତ, ୬।୬(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ରଜତନଗର ରାଜସ୍ୱ ଗ୍ରାମ ଅନ୍ତର୍ଗତ ସର୍ଦୁସାହି ଗ୍ରାମରେ ୨୬ତମ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି।



ସର୍ଦୁସାହି ସାଗେନ ରାକାବ ଯୁଆନ ଆକାଲା (ଯୁବକ ସଂଘ) ଆନୁକୂଲ୍ୟରେ ଆୟୋଜିତ ଏହି ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାରେ ଶରତ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ଯୁବନେତା ଜାମାଦାର ବାଲମୁଚୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୧୦ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଯୁବକ ସଂଘ ସଭାପତି ପିମେନ ପୂର୍ତ୍ତି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଜିଲ୍ଲା ଓ ରାଜ୍ୟ ବାହାରୁ ଫୁଟବଲ ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ରାଣୀପୋଖରୀ ପଞ୍ଚାୟତ ସରପଞ୍ଚ ଭଞ୍ଜ ସିଂ ବାର୍ଦା, ସମିତି ସଭ୍ୟା ସୁରୁ ସିଂ ତିୟୁ, ଜଗନ୍ନାଥ ହନହାଗା, ଶିକ୍ଷକ ସର୍ଦୁ ସିଂ ବୁଲିଉଲି, ଶିକ୍ଷକ ଦାମୋଦର ପୂର୍ତ୍ତି, ମାଣିକ ବୁଲିଉଲି, ଦୁର୍ଗା ସାଉୟାଁ, ଗାମାଏ ରୀମିଲ ସିଂ ଗୋଇପାଇ ପ୍ରମୁଖ ଯୋଗ ଦେଇଥିଲେ। କେଶବ ସୋରେନ ଓ ଲାଦୁ ସିଂ ଖେଳ ପରିଚାଳନା କରୁଛନ୍ତି।

## ମୟୂରଭଞ୍ଜରେ ପେଟ୍ରୋଲ, ଡିଜେଲ କଟକଣା | ଆଦିବାସୀ ଉନ୍ନୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ପ୍ରଭାବିତ

**ବାରିପଦା, ୬।୬(ସମିସ)**

ରାଜ୍ୟର ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲ ଯୋଗାଣରେ ଲାଗୁ କଟକଣା ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ, ନିର୍ମାଣ କାର୍ଯ୍ୟ, କୃଷି, କଳକାରଖାନା, ଛୋଟ ଉଦ୍ୟୋଗ ଓ ଖଣି ଖାଦାନ କାର୍ଯ୍ୟ ପ୍ରଭାବିତ ହେବାରେ ଲାଗିଛି। ପେଟ୍ରୋଲ ପମ୍ପରେ ଡିଜେଲ ବ୍ୟାରେଲ ବା ଜାରରେ ଯୋଗାଣ ନ କରି କେବଳ ଯାନବାହନକୁ ସୀମିତ ପରିମାଣରେ ଡିଜେଲ ଦିଆଯାଉଥିବାରୁ ସ୍ଥାନୀୟ ଉଦ୍ୟୋଗପତି ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଜିଲ୍ଲାର ବିଭିନ୍ନ ପ୍ରସ୍ତାବିତ ଓ ଚଳିତ ଉନ୍ନୟନ କାର୍ଯ୍ୟ ପାଇଁ ଡିଜେଲ ଆବଶ୍ୟକତା ଅଧିକ ଥିବା ସତ୍ତ୍ୱେ ପମ୍ପ ମାଲିକ ବ୍ୟାରେଲ ବା ଜାର୍ ଯୋଗେ ଡିଜେଲ ଦେବାକୁ ମନା କରୁଛନ୍ତି। ଫଳସ୍ୱରୂପ ନିର୍ମାଣ ସାଇଟ୍, ରାସ୍ତା ନିର୍ମାଣ, କୃଷି କାର୍ଯ୍ୟ, ଖଣି ଓ କ୍ରସର ୟୁନିଟ୍ କାର୍ଯ୍ୟ ପ୍ରାୟ ବନ୍ଦ ହୋଇପଡ଼ିଛି। ଆଦିବାସୀ ଅଞ୍ଚଳର ଅର୍ଥନୈତିକ ଉନ୍ନୟନ ପାଇଁ ଚାଲିଥିବା ଏହି କାର୍ଯ୍ୟଗୁଡ଼ିକରେ ବ୍ୟାପକ ବିଳମ୍ବ ହେବା ଆଶଙ୍କା ଦେଖାଦେଇଛି। ଜିଲ୍ଲାର କେତେକ ପ୍ରମୁଖ ଉଦ୍ୟୋଗପତି ଏହି ପ୍ରସଙ୍ଗରେ ଆପତ୍ତି ଉଠାଇଛନ୍ତି। ସେମାନେ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଉନ୍ନୟନ କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପେଟ୍ରୋଲ



ପମ୍ପରେ ଡିଜେଲ ବ୍ୟାରେଲରେ ନ ଦେବା ଯୋଗୁଁ ନିର୍ମାଣ କାର୍ଯ୍ୟ, କୃଷି ଓ ଖଣି କାର୍ଯ୍ୟ ପ୍ରଭାବିତ ହେଉଛି। ଛୋଟ ଉଦ୍ୟୋଗ ଓ କଳକାରଖାନା ଚାଲୁ ରଖିବା ପାଇଁ ଡିଜେଲ ଆବଶ୍ୟକ। ଏହି କଟକଣା ଯୋଗୁଁ ଶ୍ରମିକଙ୍କ ରୋଜଗାର ପ୍ରଭାବିତ ହେଉଛି ଓ ଜିଲ୍ଲାର ସାମଗ୍ରିକ ଉନ୍ନୟନ ବାଧାପ୍ରାପ୍ତ ହେଉଛି। ସେମାନେ ଆହୁରି କହିଛନ୍ତି, ଯାନବାହନକୁ ସୀମିତ ପରିମାଣରେ ଡିଜେଲ ଦିଆଯାଉଥିବାରୁ ନିର୍ମାଣ ସାମଗ୍ରୀ ଓ ଯନ୍ତ୍ରପାତି ପରିବହନ ପାଇଁ ବିପଦ ସୃଷ୍ଟି ହେଉଛି। ଏହା ଜିଲ୍ଲାର ଅର୍ଥନୈତିକ ଗତିବିଧିକୁ ମନ୍ଥର କରିଦେଇଛି। ଫଳରେ ରାସ୍ତା, ସେତୁ ଓ ସରକାରୀ ଭବନ ନିର୍ମାଣ କାର୍ଯ୍ୟ ପ୍ରାୟ ବନ୍ଦ ହୋଇଯାଇଛି। ସେହିପରି ଚାଷ ଓ ସେଚନ ଯନ୍ତ୍ରପାତି ପାଇଁ ଡିଜେଲ ଅଭାବରୁ କୃଷକମାନେ ସଙ୍କଟରେ ପଡ଼ିଛନ୍ତି। ଖଣି ଖାଦାନ ଓ କ୍ରସର ୟୁନିଟ୍‌ର ଉତ୍ପାଦନ ବ୍ୟାହତ ହୋଇଛି। ସ୍ଥାନୀୟ କଳକାରଖାନା ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଉଦ୍ୟୋଗ ପ୍ରଭାବିତ ହେଉଛି। ଏ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଓ ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉଦ୍ୟୋଗପତି ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଅଧିକାରୀଙ୍କୁ ଆବେଦନ କରିବେ ବୋଲି ଜଣାପଡ଼ିଛି। ସ୍ଥାନୀୟ ଜନପ୍ରତିନିଧି ମଧ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ଉଠାଇବାକୁ ଆହ୍ୱାନ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଆର୍ଥିକ ଓ ସାମାଜିକ ଉନ୍ନୟନ ପାଇଁ ଏହି କଟକଣା ଶୀଘ୍ର ପ୍ରତ୍ୟାହାର କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏହି ସମସ୍ୟା ସମାଧାନ ନ ହେଲେ ଜିଲ୍ଲାର ଉନ୍ନୟନ ଗତି ବ୍ୟାପକ ଭାବେ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା କରାଯାଉଛି। ଏ ନେଇ ପେଟ୍ରୋଲ ପମ୍ପର ମାଲିକଙ୍କ କହିବାନୁଯାୟୀ ତେଲ ଯୋଗାଣ କମ୍ ପରିମାଣରେ ହେଉଥିବାରୁ ପମ୍ପକୁ ଆସୁଥିବା ଯାନବାହନକୁ ପର୍ଯ୍ୟାପ୍ତ ତେଲ ଦେଇପାରୁନୁ। ଏଣୁ ବ୍ୟାରେଲ ବା ଜାର୍‌ରେ ତେଲ ଦେବା ଅସମ୍ଭବ ହେଉଛି। ତେବେ ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ପ୍ରତିକ୍ରିୟା ମିଳିପାରିନି। ବାରିପଦା ନଗରପାଳ ତଥା ନଗର ଉପସଭାପତି କୃଷ୍ଣାନନ୍ଦ ମହାନ୍ତି ଏଭଳି ଅଭାବନୀୟ ସ୍ଥିତି ପାଇଁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛନ୍ତି। ତୈଳ ଦରରେ ଲିଟର ପ୍ରତି ୭/୮ ଟଙ୍କା ବୃଦ୍ଧି ପରେ ମଧ ଖାଉଟି ସହିବାକୁ ପ୍ରସ୍ତୁତ ଥିବାବେଳେ ପର୍ଯ୍ୟାପ୍ତ ତେଲ ନ ଦେବା ସରକାରଙ୍କ ଅପାରଗତା। ଘଟଣାର ସମାଧାନ ନ ହେଲେ ମୟୂରଭଞ୍ଜ ବିଜେଡି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି।

### ଜଗା ଦର୍ଶନ ସାରି ଫେରିବା ବେଳେ ଦୁର୍ଘଟଣା

# ବୋଲେରୋ ଧକ୍କାରେ ୧୦ ଆହତ

ପୋଲସରା,୬ା୬(ସମିସ)



ପୋଲସରା ଥାନା ମଥୁରା ମେଇନ ରୋଡ଼ରେ ଏକ ଯାତ୍ରୀବାହି ବୋଲେରୋ ଗାଡି ଏକ ଘରକୁ ଧକ୍କା ଦେବା ଫଳରେ ୧୦ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ବାସୀଙ୍କ ସହାୟତାରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହତମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଜାଲଖାଇ ଗ୍ରାମର ଡ୍ରାଇଭର ପବିତ୍ର ମୋହନ ନାୟକ (୪୦), ଯାତ୍ରାଶୁଣି ଗ୍ରାମର ଝରଣା ଗୌଡ଼ (୨୨), କୁମାରୀ ଗୌଡ଼ (୬୦), ବଣପଲ୍ଲୀ ଗ୍ରାମର ବିଶ୍ୱଜିତ ଗୌଡ଼ (୧୨), ବାଲ୍ମୀକି ଗୌଡ଼(୪୯), ପି.ଲକ୍ଷ୍ମୀ ଗୌଡ଼ (୧୬), ସରସ୍ୱତୀ ଗୌଡ଼ (୨୪), ଆକାଶ ଗୌଡ଼ (୮), ସ୍ନେହଲତା ଗୌଡ଼ (୪୦) ଓ ପୋଲସରା ଥାନା ମଥୁରା ଗ୍ରାମର ଦହିନୀ ନାହାକ ବୋଲି ସୂଚନା ମିଳିଛି। ଆହତମାନଙ୍କ ମଧ୍ୟରେ ଜଣେ ୧୦ ବର୍ଷର ନାବାଳକ ଥିବା ବେଳେ ଜଣେ ମହିଳା ଗୁରୁତର ଆହତ ଥିବା ଜଣାପଡିଛି। ସୂଚନା ମୁତାବକ ଶନିବାର ଭୋର ପାଖାପାଖି ୫ଟାରେ ବୁଗୁଡ଼ା ଥାନା ଅନ୍ତର୍ଗତ ବଣପଲ୍ଲୀ ଓ ଯାତ୍ରାଶୁଣି ଗ୍ରାମର କିଛି ଶ୍ରଦ୍ଧାଳୁ ଏକ ବୋଲେରୋ ଗାଡ଼ିରେ ପୁରୀରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସାରି ନିଜ ଗାଁ ବଣପଲ୍ଲୀକୁ ଫେରୁଥିବା ବେଳେ ପୋଲସରା ଥାନା ମଥୁରାରେ ନିକଟରେ ଏକ ଘରକୁ ସିଧା ଧକ୍କା ଦେଇଥିଲା। ଯାହାଫଳରେ ଗାଡ଼ିରେ ବସିଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ ଏବଂ ନିକଟରେ ଫୁଲ ତୋଳୁଥିବା ମଥୁରାର ଜଣେ ମହିଳା ମଧ୍ୟ ଗୁରୁତର ଆହତ ହୋଇଥିଲେ।

ଗାଡିଟି ରାସ୍ତାରୁ କିଛି ଦୂର ରେ ଥିବା ଘରକୁ ଧକ୍କା ଦେଇଥିଲା କିନ୍ତୁ ସୌଭାଗ୍ୟ କ୍ରମେ ଗାଡିର ସ୍ପିଡ଼ କମ ଥିବା ଯୋଗୁଁ ଏକ ବଡ ଦୁର୍ଘଟଣାରୁ ସମସ୍ତେ ବର୍ତ୍ତିଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହୁଛନ୍ତି। ଅନ୍ୟପଟେ ଡ୍ରାଇଭର ଜଣକ ଅତ୍ୟନ୍ତ କ୍ଲାନ୍ତ ଅନୁଭବ କରିବା ଦ୍ୱାରା ଆଖି ପଡିଯାଇଥିବା ଅନୁମାନ କରାଯାଉଛି। ପରେ ଘଟଣାସ୍ଥଳରେ ପୋଲସରା ପୁଲିସ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି।

# ନାରୀ ଅଧିକାର ଅଭିଯାନ ସମାବେଶ ପାଇଁ ବିଜେଡିର ପ୍ରସ୍ତୁତି




ଆସିକା,୬ା୬(ସମିସ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର କଳିଙ୍ଗ ରୋଡଠାରେ ଥିବା ବିଜେଡି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗହଙ୍ଗୁ ଠାରେ ହେବାକୁ ଥିବା ନାରୀ ଅଧିକାର ଅଭିଯାନ ସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗ ଦେଇଥିଲେ ଗଞ୍ଜାମ

ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ସରପଞ୍ଚ ସଂଘ ସଭାପତି ଭବାନୀ ଶଙ୍କର ମଲିକ, ଅନିଲ ନାୟକ, ଅମୁଲ୍ୟ ଉପାଧ୍ୟାୟ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ସରପଞ୍ଚ, ସମିତି ସଭ୍ୟ, ଯୁବ ଛାତ୍ରଙ୍କ ସମେତ ବିଜେଡି ଛାମୁଆ ନେତା ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ।

## ବିଜେଡି ନେତାଙ୍କ ପିତୃ ବିୟୋଗ

ଛତ୍ରପୁର,୬ା୬(ସମିସ): ବିଜୁ ଜନତା ଦଳର ଯୁବ ନେତା ଭି. ମାଙ୍ଗଲେଶ୍ୱର ରାଓଙ୍କ ପିତା ଛତ୍ରପୁର ରିକାପଲ୍ଲୀ ରେଡ୍ଡୀ ସାହି ନିବାସୀ ଅବସର ପ୍ରାପ୍ତ ପିଇଓ ଭି. ଶଙ୍କର ରାଓ ( ୬୫)ଙ୍କ ଆଜି ବିୟୋଗ ଘଟିଛି। ସ୍ୱର୍ଗତ ଭି.ଶଙ୍କର ରାଓ ଜଣେ ଧର୍ମପରାୟଣ, ମେଳାପି, ପରୋପକାରୀ, ବନ୍ଧୁବାତ୍ସଲ୍ୟ ଏବଂ ଶାନ୍ତ ସ୍ୱଭାବର ବ୍ୟକ୍ତି ଭାବେ ସୁପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ଶୁଣି ରେଡ୍ଡୀ ସାହି ସ୍ଥିତବାସ ଭବନରେ ଛତ୍ରପୁର ପୌରପରିଷଦର ଉପାଧ୍ୟକ୍ଷ ଜି. ପାପା ରାଓ, ୧୦ ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର ରାଜେଶ ସାହୁ ଓ କିଶୋର ଚନ୍ଦ୍ର ସେନାପତି, ସମାଜସେବୀ ଦୀପକ କୁମାର ମୁଦୁଲି, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ନାଗେଶ୍ୱର ରାଓ, ଏନ. ଗିରିଧର ରାଓ, ରବୀନ୍ଦ୍ର ସାହୁ, ବଳିଆ ବେହେରା, ଉମାକାନ୍ତ ରେଡ୍ଡୀ, ଅଟଳ ବିହାରୀ ପଟ୍ଟନାୟକ, ବି.ଗୋପାଳସ୍ୱାମୀ, ମୋହନ ରେଡ୍ଡୀ, ଛତ୍ରପୁର ପ୍ରେସ କ୍ଲବର ସଭାପତି ସରୋଜ କୁମାର ସାମଲ, ଓଡିଶା ଗଞ୍ଜାମ ଜିଲ୍ଲା ସାମ୍ବାଦିକ ସଂଘର ଉପସଭାପତି ପ୍ରଶାନ୍ତ କୁମାର ମହାରଣାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା, ଆଇନଜୀବି ଓ ବୃଦ୍ଧିଜୀବି ମାନେ ଉପସ୍ଥିତ ରହି ଶୋକ ସନ୍ତପ ପରିବାର ଙ୍କୁ ସମବେଦନା ଜଣାଇଥିଲେ।



### ● ଜାଗା ସମସ୍ୟାକୁ ନେଇ ଗଣ୍ଡଗୋଳ

## ଗୋଟିଏ ପରିବାର ୩ ଜଣଙ୍କୁ ଆକ୍ରମଣ

ଆସିକା,୬ା୬(ସମିସ): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଗତକାଲି ରାତିରେ ଆକ୍ରମଣ ହୋଇଛି। ଗୋଟିଏ ପରିବାରର ଦୁଇ ଭାଇ ଓ ମାଙ୍କୁ ଆକ୍ରମଣ ଗ୍ରାମର କିଛି ଲୋକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ମା, ପୁଅ ତିନି ଜଣଙ୍କୁ ପ୍ରଥମେ ଆସିକା ଓ ପରେ ଦୁଇ ଭାଇଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁତର ଦୁଇ ଭାଇ ହେଲେ ଦୁର୍ଗା ଆଚାର୍ଯ୍ୟ ଓ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ। ଉଭୟଙ୍କ ମୁଣ୍ଡ, ହାତ ଓ ପିଠିରେ ଠେଙ୍ଗା ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଛି। ଘର ଜାଗାକୁ ନେଇ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ପୁଲିସର ତନା ଘନା ଜାରି ରହିଛି। ଅନ୍ୟପଟେ ଏନେଇ ଘଟଣା ସମ୍ପର୍କରେ ଆସିକା ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଏ ନେଇ ଆସିକା ଥାନାରେ ଅଭିଯୋଗ ହୋଇନି। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



## ପାଞ୍ଚାମ୍ବ ଗ୍ରାମରୁ ବଜ୍ରକାପ୍ତା ଉଦ୍ଧାର

ପାତ୍ରପୁର,୬ା୬(ସମିସ): ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ ପାଞ୍ଚାମ୍ବ ଗ୍ରାମରେ ଭୋର ସମୟରେ ଏକ ବଜ୍ରକାପ୍ତା ଉକ୍ତ ଗ୍ରାମର ସରସ୍ୱତୀ ପ୍ରଧାନଙ୍କ ଘରେ ପଶିଯାଇଥିଲା। କୌଣସି ଏକ ଅଜଣା ଜନ୍ତୁ ଭାବି ସରସ୍ୱତୀ ଭୟଭୀତ ହୋଇ କବାଟ ଦେଇ ଗ୍ରାମର କିଛି ଲୋକଙ୍କୁ ଡାକି ଥିଲେ। ଗ୍ରାମର କିଛି ଲୋକ ଦେଖି ବଜ୍ରକାପ୍ତା ବୋଲି ଚିହ୍ନଟ କରିବା ପରେ ସାମନ୍ତିଆପଲ୍ଲୀ ବନାଞ୍ଚଳ ବିଭାଗକୁ ଖବର ଦେଇଥିଲେ। ସାମନ୍ତିଆପଲ୍ଲୀ ବନ ବିଭାଗ କର୍ମଚାରୀ ମାନେ ଆସି ଜୀବନ୍ତ ବଜ୍ରକାପ୍ତାକୁ ଉଦ୍ଧାର କରି ସାମନ୍ତିଆପଲ୍ଲୀ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଥିବା ସୂଚନା ମିଳିଛି। ଏନେଇ ବନପାଳ ଅଭିନାସ ଚୌଧୁରୀଙ୍କ ସହ ଯୋଗାଯୋଗ କରିବାରୁ ପାଞ୍ଚାମ୍ବ ଗ୍ରାମରୁ ଭୋର ସମୟରେ ମଧ୍ୟମ ଧରଣର ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଥିବା ପ୍ରକାଶ କରିଛନ୍ତି। ଏଭଳି ବନ୍ୟଜନ୍ତୁ ଗ୍ରାମାଭିମୁଖି ହେଲେ ବନ ବିଭାଗକୁ ଖବର ଦେବା ଅତି ଉତ୍ତମ କାର୍ଯ୍ୟ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।



## ବେଆଇନ ମଦ ବିକ୍ରି ବନ୍ଦ କରିବାକୁ ସରପଞ୍ଚଙ୍କ ଦାବି

ଛତ୍ରପୁର,୬ା୬(ସମିସ): ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମ ବଜାର ମୁଖ୍ୟ ରାସ୍ତା ତଥା ଗାଁ ମଝିରେ ବେଆଇନ ମଦ ବିକ୍ରି ବନ୍ଦ କରିବାକୁ ସରପଞ୍ଚ ଗଗନ କୁମାର ବେହେରା ଦାବି କରିଛନ୍ତି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଟ୍ୟୁସନ୍ ଯାଆନ୍ତି। ଏହାସହ ଉକ୍ତ ରାସ୍ତା ଦେଇ ଦୈନିକ ମହିଳାମାନେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ମେଡିକାଲ, ଅଙ୍ଗନବାଡି କେନ୍ଦ୍ର, ଡିପିଏଲ୍ଏଫ କାର୍ଯ୍ୟାଳୟ ଏବଂ ସୁନ୍ଦରେଶ୍ୱର ମନ୍ଦିରକୁ ଯିବାଆସିବା କରନ୍ତି। ଗ୍ରାମରେ ଗୋଟିଏ ସରକାରୀ ଦେଶୀ ମଦ ଦୋକନା ଥାଇ ମଧ୍ୟ ଉକ୍ତ ବଜାର ମଧ୍ୟରେ ଆଜକୁ ବହୁବର୍ଷ ହେଲାଣି ବେଆଇନ ଭାବେ ଗ୍ରାମର କିଛି ବ୍ୟକ୍ତି ଅରାଜଗତ ଭାବେ ଖୁଲମଖୁଲା ମଦ ବିକ୍ରି କରୁଛନ୍ତି। ଫଳରେ ସେହି ସ୍ଥାନରେ ପ୍ରତିଦିନ ଅଶାନ୍ତି ଲାଗି ରହୁଛି । ଟ୍ରାଫିକ୍ ସମସ୍ୟା ବଢୁଛି ଏବଂ ଝଗଡା ହେଉଛି। ମହିଳମାନେ ସେହି ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି। ଏଣୁ ତୁରନ୍ତ ଏହି ବେଆଇନ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ଗଞ୍ଜାମ ଅବକାରୀ ଅଧୀକ୍ଷକଙ୍କୁ ସୁନ୍ଦରପୁର ସରପଂଚ ଶ୍ରୀ ବେହେରା ଏକ ଦାବି ପତ୍ର ଜଣାଇଛନ୍ତି। ଏଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ସେ ଗଞ୍ଜାମ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଚୋରା ବାଇକ ସହ ଆନ୍ତଃରାଜ୍ୟ ଡକାୟତି ଗିରଫ







ଆସିକା,୬ା୬(ସମିସ): ଡକାୟତି ରହାଜାନି, ଚୋରି ଓ ଲୁଟ ପାଟ ଘଟଣାରେ ସମ୍ପୃକ୍ତ ରହିଥିବା କୁଖ୍ୟାତ ଆସିକା ଥାନା ଇଲାକାର ୩ଜଣଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଏମାନଙ୍କଠାରୁ ୧୦ଟି ଚୋରା ବାଇକ ଜବତ କରାଯାଇଛି। ବାଇକ ଗୁଡିକ ଭୁବନେଶ୍ୱର, ବାଲୁଗାଁ, ନୟାଗଡ଼ ସହ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିଲା। ଏନେଇ ଆସିକା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡ଼ିପିଓ ସୌରଭ ପ୍ରଧାନ ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ ଯେ, ଏହି ଗ୍ୟାଙ୍ଗରେ ଲମ୍ବା ଅପରାଧୀ ତାଲିକା ସମ୍ପୃକ୍ତି ରହିଥିବା ନେଇ ପୁଲିସ ପାଖରେ ଖବର ରହିଛି। ଏପରିକି ଏମାନଙ୍କ ଉପରେ ତିକ୍ଷଣ ନଜର ରଖିଛି। ଆଗକୁ ଏହି ସଂକ୍ରାନ୍ତରେ ଗିରଫ ସଂଖ୍ୟା ବଢିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଚୋରି ବାଇକର ମାଲିକଙ୍କ ଖବର ବି ମିଳିଛି । ସେମାନଙ୍କୁ ଯଥାଶୀଘ୍ର ବାଇକ ହସ୍ତାନ୍ତର କରାଯିବ। ତେବେ ଏହି ଘଟଣାରେ ପୁଲିସ ପକ୍ଷରୁ ଦୁଇଟି ଟିମ ଗଠନ କରା ଯାଇଥିଲା। ଥାନା କେଶ ନମ୍ବର ୨୮୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫ ବାଇକ ଚୋର ହେଲେ ଇ. ସନ୍ତୋଷ, ଡ଼. ଚିନା, ପି. ଅଜୟ।

ପ୍ରକାଶ ଥାଉକି ଗତ କାଲି ରାତିରେ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ବାଇକ ଗ୍ୟାଙ୍ଗକୁ ଠାବ କରିବା ସହ ପେଟ୍ରୋଲିଂ ବେଳେ ବିଭିନ୍ନ ବସ୍ତି ଉପରେ ଚଢ଼ାଉ କରି ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ସହ ପାଖାପାଖି ତିନି ହଜାରେ ଲିଟର ପୋଚ ନଷ୍ଟ କରାଯାଇଥିବା ଜଣାପଡ଼ିଛି।

## ଡ଼ ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଟ୍ରଷ୍ଟକୁ ପ୍ରକୃତି ମିତ୍ର ସମ୍ମାନ



ଖଲ୍ଲିକୋଟ,୬ା୬(ସମିସ): ଡକ୍ଟର ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଟ୍ରଷ୍ଟ ପାଇଛି ପ୍ରକୃତି ମିତ୍ର ପୁରସ୍କାର। ଗତକାଲି ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବ୍ରହ୍ମପୁର ଠାରେ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ ପରିବେଶ ଦିବସରେ ଅନୁଷ୍ଠାନକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ୍ୟ ମହାଦେବ ମଲ୍ଲିକ ଉପସ୍ଥିତ ରହି ମାନପତ୍ର ସହ ୨୦ହଜାର ଟଙ୍କାର ଏକ ଚେକ ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ପଞ୍ଚାନନ ସୁର, ଟ୍ରଷ୍ଟି ଜ୍ୟୋଛନା ରାଣୀ ପ୍ରଧାନ, ସୁଶାନ୍ତ କୁମାର ଗୌଡ଼, ବିଦ୍ୟୁତ ପ୍ରଭା ଦାଶ, ସୁପ୍ରଭା ରଥ, ପ୍ରଭାତି କୁମାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରମ୍ଭାରେ ବିଶ୍ୱ ପରିବେଶ ଦିବସ



ରମ୍ଭା,୬ା୬(ସମିସ): ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଏବଂ ରମ୍ଭା ସାହିତ୍ୟ ଘର ସହଯୋଗରେ ରମ୍ଭାର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପିଏମ ଶ୍ରୀ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁଜିତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ଗୋପୀନାଥ ବେହେରା, ମୁଖ୍ୟ ବକ୍ତା ଭାବେ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ ଯୋଗ ଦେଇଥିଲେ। ଗାୟତ୍ରୀ ଶକ୍ତିପୀଠ ପରିସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ନଗରପାଳ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ଆନନ୍ଦ ସାହୁ, ବକ୍ତାଭାବେ ସତ୍ୟନାରାୟଣ ଅଚାରୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ସ୍ଥାନୀୟ ପୂର୍ତ୍ତ ବିଭାଗ ପରିସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂ ସତ୍ୟନାରାୟଣ ବିଷୋୟୀ, ସମ୍ମାନିତ ଅତିଥିଭାବେ ସମାଜସେବୀ ରଘୁନାଥ ମହାପାତ୍ର ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## ବେଗୁନିଆପଡ଼ା ପୋଲିସର ଗାଡ଼ି ଯାଞ୍ଚ

କୋଦଳା,୬ା୬(ସମିସ): ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ନେତୃତ୍ୱରେ ଶୁକ୍ରବାର ଦିନ ଗୌଡ଼ ଗୌଡୁଣି ମନ୍ଦିର ନିକଟ ପୂର୍ତ୍ତ ରାସ୍ତାରେ ଗାଡି ଗୁଡିକୁ ଯାଞ୍ଚ କରାଯାଇଛି।

ବିନା ଇନ୍ସୁରାନ୍ସରେ ଅଟୋ ଗୁଡିକ ଯାତ୍ରୀ ମାନଙ୍କୁ ନେବା ଆଣିବା କରିବା, ଚାରି ଚକିଆ ଜାନରେ ସିଟ ବେଲଟ ବ୍ୟବହାର, ଦୁଇ ଚକିଆ ଜାନରେ ହେଲିମେଟ ବ୍ୟବହାର କରିବା, ଗାଡି ଧୀରେ ଚଳାଇବା ଆଦି ବିଷୟରେ ଲୋକଙ୍କୁ ସଚେତନ କରିବା ସହ ଅମାନିଆ ଗାଡିକୁ ଜବତ କରିବା ସହ ଅନଲାଇନ ମାଧ୍ୟମରେ ଫାଇନ କରିଥିଲେ। ଆଜି ଇନ୍ସୁରାନ୍ସ ନଥିବା କାରଣରୁ ୫ଟି ଅଟୋ ଓ ହେଲମେଟ ନଥିବା କାରଣରୁ ୪ଟି ବାଇକକୁ ଜରିମାନା କରାଯାଇଛି। ଏହି ଯାଞ୍ଚ କିଛି ଦିନ ପାଇଁ ନିୟମିତ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପୂଜାରୀ କହିଛନ୍ତି। ଏଥିରେ ଏସ. ଆଇ ଜ୍ୟୋତି ରଞ୍ଜନ ସାହୁ, ରାଜେଶ କୁମାର ଛତ୍ରୀୟାଙ୍କ ସମେତ ସମସ୍ତ ଏଏସଆଇ, କନେଷ୍ଟବଲ ଓ ହୋମ ଗାର୍ଡଙ୍କ ସମେତ ସମସ୍ତେ ଥାନା କର୍ମଚାରୀ ସାମିଲ ହୋଇଥିଲେ।



# ୫୦ ଫୁଟ ରାସ୍ତା ଜମି ଅକ୍ତିଆରରେ: ଜନସାଧାରଣ ନିକ୍ଷେପିତ

ସୋରଡ଼ା,୬ା୬(ସମିସ)

ଗଞ୍ଜାମ ଜିଲ୍ଲାର ଅନ୍ତିମ ବ୍ଲକ ସୋରଡ଼ା। ଏହି ବ୍ଲକ ସହ ଗଜପତି ଓ କନ୍ଧମାଳ ଜିଲ୍ଲାର ସଂଯୋଗ ରହିଛି। କନ୍ଧମାଳ ଜିଲ୍ଲାର ରାଇକିଆକୁ ସୋରଡ଼ା ବ୍ଲକ ସଂଯୋଗ ପାଇଁ ମାତ୍ର ପଚାଶ ଫୁଟ ରାସ୍ତା ପାଇଁ ସୀମାନ୍ତବାସୀ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ସୂଚନା ପ୍ରକାରେ ଉଭୟ ଜିଲ୍ଲାର ଅନେକ ଦୁର୍ଗମ ବାସୀ ଯଥା ରାଇକିଆ ବ୍ଲକ ରଣବା, କରଡ଼ା, ଇନ୍ଦ୍ରଗଡ଼ ଭଳି ତିନୋଟି ଆଦିବାସୀ ପଞ୍ଚାୟତର ବାଦଗଡ଼, ନୁଆଁ କାନସୁରୁ, ପୁରୁଣା କାନସୁରୁ, ନୂଆଁପଲ୍ଲୀ, ଡେଙ୍ଗାଖମଣ, ବଡ଼ଖମଣ, ଗାନ୍ଧାରୀଭୁଇଁ, ମାଣ୍ଡିଆଖମଣ, ସିକରିଗୁଡା, ସଲପଗୁଡ଼ା, ପାଇକ ଗଣ୍ଡା, ବରଡ଼ା, ଇନ୍ଦ୍ରଗଡ଼, କଙ୍କଡମ୍ବା, ମାଙ୍କଡ଼ଗଣ୍ଡା, ଦାରଜୁ, ଭିତରଯୋଡ଼ି ଭଳି ୨୦୦ ଗ୍ରାମକୁ ସଂଯୁକ୍ତ ହୋଇ କରଡ଼ା ସହ ମାଲଗୁଡା ଘାଟିଦେଇ ରାଇକିଆ କଲେଜ ରାସ୍ତାକୁ ସଂଯୋଗ ପାଇଁ ଏହି ରାସ୍ତାଟି ଗଞ୍ଜାମ ଜିଲ୍ଲାର ସୋରଡ଼ା ବ୍ଲକର ହୁକୁମା ପଞ୍ଚାୟତ ବି କୋଟିବାଡ଼ି, ବାଗିଡି, ରାମଚନ୍ଦ୍ରପୁର,ଗୁଡିପଲ୍ଲୀ, ସୁନ୍ଦିଡ଼ିହ ପଲ୍ଲୀ, ନିମପଲ୍ଲୀ ବଂଜର ସହ ଦୁର୍ଗମ ପଞ୍ଚାୟତ ଗେଞ୍ଜାର କୈଳାଶପୁରପୁର, ଭେଜିପଲ୍ଲୀ, ଗେଞ୍ଜା ,ରଥପାଲି, ନୂଆପଲ୍ଲୀ, ରସଖାଲ ଆଦିକୁ ସଂଯୋଗ କରି ବୃହତ୍ତର ଦୁର୍ଗମ ଅଞ୍ଚଳର ଜନସାଧାରଣ ପ୍ରତ୍ୟହ ସ୍କୁଲଠାରୁ ଆରମ୍ଭ କରି ଦୈନିକ ସଉଦା ହାଟ, ମେଡିକାଲ ଆଦି ପାଇଁ ସୋରଡ଼ା ସହର ଉପରେ ନିର୍ଭରଶୀଳ।

ଏହି ସମସ୍ତ ଗ୍ରାମକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସୋରଡ଼ା ଠାରୁ ବି କୋଟିବାଡ଼ି ଦେଇ ଗେଞ୍ଜା ପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇଥିବା ବେଳେ କୋଟିବାଡ଼ି ଠାରେ ମାତ୍ର ପଚାଶ ଫୁଟ ରାସ୍ତା ନିର୍ମାଣ ଅଭାବ ହେତୁ ଅନେକ ସମୟରେ ଦୁର୍ଘଟଣା ସହିତ ରାସ୍ତା ମରଣଯନ୍ତା ପରି ମନେ ହେଉଛି। ମାତ୍ର ଏତକ ରାସ୍ତା ପାଇଁ ସୂଚନା ନେଇ ଜାଣି ପରିଲୁ ଯେ, କେହି ଜମି ଅକ୍ତିଆର ହେତୁ ଏଭଳି ସମସ୍ୟା ରହୁଥିବା ସୂଚନା ରହିଛି। ଏଣୁ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ସମସ୍ତେ ନକେଦାମ। ମୋଟାମୋଟି ଭାବେ ଦେଖିବାକୁ ଗଲେ ମାତ୍ର ପଚାଶମିଟର ରାସ୍ତା ପାଇଁ ପାଞ୍ଚ ଶହରୁ ଅଧିକ ଗ୍ରାମବାସୀ ବଞ୍ଚିତ ହେଉଛନ୍ତି। ଦୈନନ୍ଦିନ ଆବଶ୍ୟକତା ପାଇଁ ଏହି ଦୁର୍ଗମ ଅଞ୍ଚଳର ଜନସାଧାରଣ ସୋରଡ଼ା ସହର ଉପରେ ନିର୍ଭରଶୀଳ।

କିନ୍ତୁ ଏହି ରାସ୍ତାର କେଁ ଯୋଗୁଁ ଲୋକେ ହସ୍ତସନ୍ତ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଦୁଇ ଜିଲ୍ଲାକୁ ସଂଯୋଗ ପାଇଁ ନିର୍ମାଣ ହୋଇଥିବା ବେଳେ ଏଇତକ ରାସ୍ତା ହେତୁ କଷ୍ଟେ ମଷ୍ଟେ ଯାତାୟତ ହେଉଛି ସତ କିନ୍ତୁ ପରିବହନ ବ୍ୟବସ୍ଥା ହୋଇପାରୁନାହିଁ। ଯାହାକି ରାସ୍ତା ତିଆରି ଠାରୁ ଆଜି ପର୍ଯ୍ୟନ୍ତ କେବେ ରାସ୍ତାର ଲଟା ବୁଦା ହିଁ ସଫା ହୋଇ ନଥିବା ଦେଖିବାକୁ ମିଳିଥିଲା ବେଳେ ପ୍ରଶସ୍ତିକରଣ ନ ହେବା କାରଣରୁ ସରକାରଙ୍କ ଅର୍ଥ ବ୍ୟର୍ଥ ହୋଇଛି ବୋଲି କହିଛନ୍ତି କିଛି ଜନସାଧାରଣ। ଏହା ସହିତ ବିଦ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟ କରୁଥିବା କର୍ମୀମାନେ ମଧ୍ୟ ନିଜେ ଭୋଗୁଥିବା ଯାତ୍ରା ଯାତନା କହି ଜନନୀ ମାନଙ୍କ ଯନ୍ତ୍ରଣା ସାଙ୍ଗକୁ ଏହି ରାସ୍ତା ହେତୁ ପ୍ରସବ ଯାତନା କଥା କହିଛନ୍ତି। ତେଣୁ ପ୍ରତ୍ୟହ ଶିକ୍ଷା, ସ୍ୱାସ୍ଥ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ନିର୍ଭରଶୀଳ ଥିବା ଏହି ଜିଲ୍ଲା ସଂଯୋଗୀକୃତ ରାସ୍ତାଟିର ପ୍ରଶସ୍ତି କରଣ ନିତାନ୍ତ ଆବଶ୍ୟକ ରହିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ



ବୈପାରୀଗୁଡା, ୬।୬(ସମିସ): ବୈପାରୀଗୁଡା ବ୍ଲକର ବିଭିନ୍ନ ସ୍ଥାନରେ 'ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବୈପାରୀଗୁଡା ବନାଞ୍ଚଳ ତରଫରୁ ସ୍ଥାନୀୟ ବିରଖମ୍ବ ପୀଠ ନିକଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୈପାରୀଗୁଡା ଥାନା ଅଧିକାରୀ ଡମ୍ବରୁ ବର୍ତ୍ତିଆ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରେଞ୍ଜର ସନ୍ଦୀପ ପାଣିଗ୍ରାହୀ ଉପସ୍ଥିତ ରହି କିଛି ଫଳ ଚାରା ରୋପଣ କରିଛନ୍ତି। ଏଥିସହ ବନ ବିଭାଗ କର୍ମଚାରୀ ଏବଂ ପରା ଷ୍ଟାଫ ସମସ୍ତେ ଉପସ୍ଥିତ ରହି ପୀଠ ସଫେଇ କରିଥିଲେ।

ସେହିଭଳି ଗୁପ୍ତେଶ୍ୱର ବନାଞ୍ଚଳ ରେଞ୍ଜର ଛବି ରନ୍ଧାରୀଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଚିପାକୁର ପଞ୍ଚାୟତ କାର୍ଯ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଜୁ ଖିଲ ଉପସ୍ଥିତ ରହି ଫଳ ଚାରା ଏବଂ ଔଷଧୀୟ ଚାରା ରୋପଣ କରିଥିଲେ। ସେହିପରି ଦଣ୍ଡାବାଡ଼ି ହାଇସ୍କୁଲ, ଗେଲାଗୁଡା ପ୍ରାଥମିକ ବିଦ୍ୟାଳୟ ଭଳି ଅନ୍ୟାନ୍ୟ ସ୍ଥାନରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁପ୍ତେଶ୍ୱର ବନ ବିଭାଗର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୌରପରିଷଦ ପକ୍ଷରୁ ଚାରା ରୋପଣ



ଉମରକୋଟ, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଉମରକୋଟ ପୌର ପରିଷଦ ପକ୍ଷରୁ ବିର୍ସା ମୁଣ୍ଡା ପାର୍କଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷା ରାଧା ଭତ୍ରା, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଆଇନଜୀବୀ ରାମ ନାୟକ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ସମସ୍ତ କାଉନସିଲର, ଡାକ୍ତରୀ କର୍ମଚାରୀ ଓ ପୌର ପାଳିକାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରତ୍ୟକ ବ୍ୟକ୍ତି ଗୋଟିଏ ଲେଖାଏଁ ବୃକ୍ଷ ଲଗାଇବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରାୟ ୫୦ଟି ବିଭିନ୍ନ ପ୍ରକାରର ଚାରାରୋପଣ କରାଯିବା ସହ ପରିବେଶ ସୁରକ୍ଷା ପାଇଁ ଉପସ୍ଥିତ ଲୋକେ ଶପଥ ନେଇଥିଲେ। ସହିଭଳି ଉମରକୋଟ ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ୱାର୍ଡ, ସାର୍ବଜନୀନ ସ୍ଥାନ ରାସ୍ତା ପାର୍ଶ୍ୱ ଏବଂ ଅନ୍ୟାନ୍ୟ ଉପଯୁକ୍ତ ଅଞ୍ଚଳରେ ଆଗାମୀ ୭ ଦିନ ମଧ୍ୟରେ ମୋଟ ୨୫ଶହଟି ଚାରା ରୋପଣ କରିବାକୁ ଯୋଜନା ରହିଛି ବୋଲି କହିଛନ୍ତି ନିର୍ବାହୀ ଅଧିକାରୀ।

# ଭରଣପୁର ଗ୍ରାମରେ ଜଳ ସଂକଟ; ଟ୍ୟାଙ୍କର ଭରସା

ତେନ୍ତୁଳିଖୁଣ୍ଟି, ୬।୬(ସମିସ)




ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଭରପୁର ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଅଚଳ ନଳକୂପ ମରାମତି ହେଉନି। ଫଳରେ ଗ୍ରାମବାସୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପାଣି ମିଳୁନି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳଗୁମ୍ମା ପଞ୍ଚାୟତ ସରପଞ୍ଚ କୁସୁମା ପୂଜାରୀ ଟ୍ୟାଙ୍କର ଯୋଗେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ପାଣି ଯୋଗାଇବା ବ୍ୟବସ୍ଥା କରିଛନ୍ତି।

ଭରଣପୁର ଗ୍ରାମରେ ସୌରାସାହି ଓ ହରିଜନ ସାହିରେ ୬୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହେଲେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ହରିଜନ ସାହିରେ ପହଞ୍ଚୁ ଥିବା ବେଳେ ସୌରା ସାହିରେ ପହଞ୍ଚି ପାରୁନି। ଅନ୍ୟପଟେ କିଛି ନଳକୂପ ଅଚଳ ହୋଇପଡ଼ିଛି। ମରାମତି କରିବା ଦିଗରେ କେହି ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ସୌରାସାହି ବାସିନ୍ଦା ପାଣି ପାଇଁ ନାନା ହଇରାଣ ହେଉଛନ୍ତି। ଏହାକୁ ଦେଖି ଅଞ୍ଚଳଗୁମ୍ମା ସରପଞ୍ଚ କୁସୁମ ପୂଜାରୀ ଗତ ପାଞ୍ଚ ଦିନ ହେଲା ଭରଣପୁର ଗ୍ରାମର ସୌରାସାହିରେ ଟ୍ୟାଙ୍କର ଯୋଗେ ପାଣି ନେଇ ସାହିବାସିନ୍ଦାଙ୍କୁ ଯୋଗାଉଛନ୍ତି।

**● ମରାମତି ହେଉନି ଅଚଳ ନଳକୂପ**
**● ଟ୍ୟାଙ୍କର ଯୋଗେ ପାଣି ଯୋଗେଇଲେ ସରପଞ୍ଚ**

ସେହିପରି ହିର୍ମିମୁଣ୍ଡା ନିକଟସ୍ତ ଝଡିଆଗୁଡାରେ ମଧ୍ୟ ମେଗା ପାଣି ପହଞ୍ଚି ପାରୁନି। ସେହିପରି ଦୁଇଟି ନଳକୂପରୁ ପାଣି ବାହାରୁନି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ଦିଗରେ କୌଣସିସ୍ତରରୁ ଉଦ୍ୟମ କରାଯାଉନି। ଏଣୁ ଗତ ଦୁଇଦିନ ହେଲା ଝଡ଼ିଆଗୁଡ଼ାରେ ମଧ୍ୟ ସରପଞ୍ଚ ଟ୍ୟାଙ୍କର ପାଣି ଯୋଗେଇ ଲୋକଙ୍କ ଜଳ ସମସ୍ୟା ଦୂର କରିବା ପ୍ରୟାସ ଆରମ୍ଭ କରିଛନ୍ତି। କିନ୍ତୁ ଏହା ଚିରସ୍ଥାୟୀ ସମାଧାନ ବ୍ୟବସ୍ଥା ନୁହଁ। ଏଣୁ ଭରଣପୁର ସୌରାସାହି ଏବଂ ଝଡିଆଗୁଡାରେ ଥିବା ଅଚଳ ନଳକୂପ ମରାମତି ସାଙ୍ଗକୁ ମେଗା ପାଣି ଯୋଗାଇ ଦେବାକୁ ଉଭୟ ଗ୍ରାମବାସୀ ଦାବି କରିଛନ୍ତି।

## ଜଙ୍ଗଲ ବିଭାଗ ପକ୍ଷରୁ ପର୍ବତାରୋହଣ କାର୍ଯ୍ୟକ୍ରମ



ସେମିଳିଗୁଡା, ୬।୬(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଜଙ୍ଗଲ ବିଭାଗ ପକ୍ଷରୁ ପର୍ବତାରୋହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେମିଳିଗୁଡ଼ା ବ୍ଲକ ପୁଟସିଲସ୍ଥିତ ଗିର୍ଲିମାଳି ପର୍ବତ ଶିଖରରେ ବିଶ୍ୱ ପରିବେଶ ଦିବସ ଶୁକ୍ରବାର ପାଳିତ ହୋଇଛି। ଏହି ଉପଲକ୍ଷେ ପର୍ବତାରୋହଣ କରାଯାଇଛି। ଏଥିରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜଙ୍ଗଲ ସୁରକ୍ଷା ହେଲେ ପରିବେଶ ସୁରକ୍ଷିତ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ସୁସ୍ଥ ପରିବେଶ ପାଇଁ ସମସ୍ତେ ଗଛ ଲଗାଇବା ଜରୁରୀ ବୋଲି ସେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଆରସିସିଏଫ୍ ଯଜ୍ଞଦତ୍ତ ପତି, ଡିଏଫଓ ସିଦ୍ଧାର୍ଥ ଜୈନ, ଏସିଏଫ ଜଗନ୍ନାଥ ପ୍ରସାଦ ବିଶୋୟୀ, ଜୟପୁର ବନଖଣ୍ଡ ବିଭାଗ ଏସିଏଫ୍ ଶ୍ୟାମା ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। ପୁଟସିଲଠାରୁ ଦେଓମାଳି ପର୍ବତ ଶିଖର ଯାଏ ପ୍ରାୟ ସାଢ଼େ ୩ କିମି ପର୍ବତାରୋହଣ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବନାଞ୍ଚଳ ଅଧିକାରୀ ଏସ୍.କେ.ପାହାଡ଼ ସିଂ, ସେମିଳିଗୁଡା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର କୁମ ଦଳେଇ, ବିଏସଏଫ୍ ଯବାନ ଓ ସ୍ଥାନୀୟ ଯୁବତୀ ଯୁବକମାନେ ସାମିଲ ହୋଇଥିଲେ। ଅନେକ ଲୋକ ଉତ୍ସବରେ ଯୋଗ ଦେଇଥିଲେ। ବିଧାୟକ ରାମଚନ୍ଦ୍ର କାଡାମ ମଧ୍ୟ ପର୍ବତାରୋହଣରେ ସାମିଲ ହୋଇଥିଲେ।



## କାଠ ସହ ସାଇକଲ ଜବତ



ବୈପାରୀଗୁଡା, ୬।୬(ସମିସ): ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ବନାଞ୍ଚଳ ଅଧିନସ୍ତ ରାମଗିରି ଠାରେ ୧୩ଟି ଶାଳ କାଠ ସହ ୨ ଟି ସାଇକଲ ଜବତ କରାଯାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ବନ ବିଭାଗ ପକ୍ଷରୁ ରାମଗିରି ଅଞ୍ଚଳରେ ନାଇଟ ପାଟ୍ରୋଲିଂ ବେଳେ ରାମଗିରି ଖେଳ ପଡ଼ିଆ ନିକଟରେ ଅଭିଯୁକ୍ତମାନେ ସାଇକଲ ଯୋଗେ ୧୩ ଖଣ୍ଡ ଶାଳକାଠ ଚୋରା ଚାଲାଣ କରୁଥିଲେ। ଅଭିଯୁକ୍ତମାନେ ଦୂରରୁ ବନ କର୍ମଚାରୀଙ୍କୁ ଦେଖି ଅନ୍ଧାରର ସୁଯୋଗ ନେଇ ସାଇକଲ ସହ କାଠ ଛାଡି ଜଙ୍ଗଲକୁ ଦୌଡ଼ି ଚାଲିଯାଇଥିଲେ। ବନ ବିଭାଗ କାଠ ସହ ସାଇକେଲ ଜବତ କରିଛି। ଏହି ଚଢ଼ଉ ସମୟରେ ଗୁପ୍ତେଶ୍ୱର ବନାଞ୍ଚଳ ବନପାଳ ରବୀନ୍ଦ୍ର ହନ୍ତାଳ, ବନରକ୍ଷୀ ସୌମ୍ୟ ରଞ୍ଜନ ସୁବୁଦ୍ଧି, ଫରେଷ୍ଟ ପାରା ସ୍କ୍ୱାଡ୍ କାର୍ତ୍ତିକ ଦଣ୍ଡସେନା, ରମେଶ ପୂଜାରୀ, ପଦ୍ମନାବ ଦାନୀ, ଭୁବନ ବାଗଦିରିଆ, ମୋହନ ଓଡ଼ିଆ, ଦୌତାରୀ ପ୍ରଧାନ, ଭାସ୍କର ଦଳେଇ, ରାମଚନ୍ଦ୍ର ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

**ମୁଖ୍ୟ ମନ୍ତ୍ରୀ ଟ୍ରଫି-୨୦୨୬**

## ଫାଇନାଲ୍‌ରେ ନବରଙ୍ଗପୁର ବାଳକ ଦଳ



ନବରଙ୍ଗପୁର, ୬।୬(ସମିସ): ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଜୋନାଲସ୍ତରୀୟ ୧୪ ବର୍ଷରୁ କମ୍ ଅନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ଚାମ୍ପିଅନସିପ୍‌ରେ ନବରଙ୍ଗପୁର ଜିଲ୍ଲା ବାଳକ ଦଳ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗଞ୍ଜାମକୁ ୫-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦଳର କୋଚ ଭାବେ ସପନ ବୈରାଗି, ଫିରୋଜ ହିଆଲ ଓ ଲାଲୁ ହରିଜନ ଦାୟିତ୍ୱ ନେଉଥିବା ବେଳେ ମ୍ୟାନେଜର ଭାବେ ଶଶାଙ୍କ ଶେଖର ବେହେରା ଏବଂ ଦୁର୍ଯ୍ୟ ହରିଜନ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଏହି ଖବର ପାଇଲାପରେ ନବରଙ୍ଗପୁର କ୍ରୀଡା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜ୍ୟୋତି ପରିଛା, ଇନଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ, ମହିଳା ସମ୍ପାଦିକା ଇଂ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକଙ୍କ ସମେତ କ୍ରୀଡା ସଂଘର ଅନ୍ୟ ସଦସ୍ୟମାନେ ବାଳକ ଦଳକୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ନବରଙ୍ଗପୁର ଜିଲ୍ଲା ଦଳ କନ୍ଧମାଳ ଜିଲ୍ଲା ଦଳ ସହ ଭେଟିବ। ଏଥି ପୂର୍ବରୁ ଜିଲ୍ଲା ବାଳିକା ଦଳ ମଧ୍ୟ ଫାଇନାଲରେ ପ୍ରବେଶ କରିସାରିଛନ୍ତି।

## ଦୁଇ ଦିନିଆ ଖ୍ରୀଷ୍ଟିୟ ଆତ୍ମିକ ମହୋତ୍ସବ

ନନ୍ଦପୁର, ୬।୬(ସମିସ): ନନ୍ଦପୁର ଜଇଲୁମ ମଣ୍ଡଳୀ ପକ୍ଷରୁ ନନ୍ଦପୁର ବ୍ଲକ ପାଳକ ସମ୍ମିଳନୀର ସହଯୋଗରେ ଦୁଇ ଦିନିଆ ଖ୍ରୀଷ୍ଟୀୟ ଆତ୍ମିକ ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ନନ୍ଦପୁର, ସେମିଳିଗୁଡା ଓ ଲମତାପୁଟ ଅଞ୍ଚଳରୁ ୭ ଶହରୁ ଅଧିକ ଖ୍ରୀଷ୍ଟ ବିଶ୍ୱାସୀ ଏକତ୍ରିତ ହୋଇ ଆରାଧନା, ପ୍ରାର୍ଥନା ଓ ସୁସମାଚାର ଶ୍ରବଣ କରିଥିଲେ। ମହୋତ୍ସବରେ ଆମନ୍ତ୍ରିତ ବକ୍ତାମାନେ ଖ୍ରୀଷ୍ଟୀୟ ଆତ୍ମିକ ମହୋତ୍ସବର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଆତ୍ମିକ ଭାବେ ଦୁର୍ବଳ ହୋଇପଡ଼ିଥିବା ବିଶ୍ୱାସୀମାନଙ୍କୁ ପୁନର୍ବାର ପ୍ରଭୁଙ୍କ ନିକଟକୁ ଫେରାଇ ଆଣିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ପାଳକ ନିରଞ୍ଜନ ଡୁରୁକ୍ ଓ ପାଳକ ସାମୁଏଲ ଲିମା ବିଶେଷ ବକ୍ତା ଭାବେ ଯୋଗ ଦେଇଥିଲେ।





ଏହି ଅବସରରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ମୋହନ ରାଓ ସ୍ମିଥ, ସଞ୍ଜୟ ଡଙ୍ଗାୟତ, ଅମିତ ଖରା, କମାଲ ରାଓ ସ୍ମିଥ, ଶାନ୍ତିଲତା ଖେମୁଣ୍ଡୁ, ଅଞ୍ଜଳି ନାୟକ, ସ୍ନେହଲତା ସ୍ମିଥ, ଧାନମତି ଲେୟା, ଶାଲୋମି ଖେମୁଣ୍ଡୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ପାଳକ ବିମଳ ରାଓ ସ୍ମିଥ ଉପସ୍ଥିତ ସମସ୍ତ ଭାଇ ଭଉଣୀ ଓ ସ୍ଥାନୀୟ ପୁଲିସ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବିଶ୍ୱ ପରିବେଶ ଦିବସରେ ଗଣ ସମାବେଶ**

## ନୂଆ ବକ୍ସାଇଟ୍ ଖଣି ଖନନ ଉପରେ ନିଷେଧାଦେଶ ଦାବି




ସେମିଳିଗୁଡା, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ କୋରାପୁଟିଆ ଜନସୁରକ୍ଷା ସଂଘ ଓ ସେଣ୍ଟର ଫର୍ କ୍ଲାଇମେଟିକ ଜଷ୍ଟିସ୍ ପକ୍ଷରୁ ସେମିଳିଗୁଡା ନିକଟସ୍ଥ ବଙ୍ଗୁରୁଗୁଡ଼ ମିଲ ଛାକଠାରେ ପ୍ରାକୃତିକ ସମ୍ପଦ ସୁରକ୍ଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ମାଳି ପର୍ବତ ସମେତ ସମଗ୍ର ରାଜ୍ୟରେ ନୂଆ ବକ୍ସାଇଟ ଖଣି ଖନନ ଉପରେ ନିଷେଧାଦେଶ ଜାରି କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସମ୍ମିଳନୀରେ ଆଦିବାସୀ ଓ ଜଙ୍ଗଲ ନିର୍ଭରଶୀଳ ଲୋକଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରି କର୍ପୋରେଟ ସଂସ୍ଥାଙ୍କୁ ଖଣି ଲିଜ୍ ପ୍ରଦାନ କରାଯାଉଛି। ରାଜ୍ୟର ପ୍ରାକୃତିକ ସମ୍ପଦକୁ ବେସରକାରୀ କମ୍ପାନୀ ହାତରେ ଟେକି ଦେବା ରାଜ୍ୟର ସ୍ୱାର୍ଥ ବିରୋଧୀ ବୋଲି ବକ୍ତାମାନେ କହିଥିଲେ। ଦେଶର ପ୍ରାୟ ୬୦ ପ୍ରତିଶତ ବକ୍ସାଇଟ ସମ୍ପଦ ଓଡ଼ିଶାର କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ଼ ଜିଲାରେ ଥିବା ସେଣ୍ଟର ଫର୍ କ୍ଲାଇମେଟିକ ଜଷ୍ଟିସ୍‌ର ସଂସ୍ଥାପକ ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି।

ଅବିଭକ୍ତ କୋରାପୁଟ ଜିଲ୍ଲାର ଖଣିଗୁଡ଼ିକର ନିଲାମ ପ୍ରକ୍ରିୟା ବାତିଲ କରିବା, ବିଭିନ୍ନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରକୁ ଠିକ୍ କ୍ଷତିପୂରଣ ପ୍ରଦାନ ଓ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କୁ ଶିଳ୍ପାନୁଷ୍ଠାନରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବାକୁ ଦାବି କରାଯାଯାଇଛି।

୨୦୨୧ ପରଠାରୁ ପ୍ରଦାନ କରାଯାଇଥିବା ବକ୍ସାଇଟ ଖଣି ଲିଜ୍ ଗୁଡ଼ିକୁ ପ୍ରତ୍ୟାହାର କରିବା, ପ୍ରାକୃତିକ ସମ୍ପଦ ସୁରକ୍ଷା ଆନ୍ଦୋଳନ ସହ ଜଡ଼ିତ କର୍ମୀଙ୍କ ବିରୋଧରେ ରୁଜୁ ମାମଲା ହଟାଇବା, ୩ ଜନ ଆନ୍ଦୋଳନ ଉପରେ ଦମନ ବନ୍ଦ କରିବାକୁ ଦାବି ହୋଇଥିଲା। ମାଳି ପର୍ବତ ସୁରକ୍ଷା ସମିତିର ନେତା ନିରଞ୍ଜନ ଖିଲଙ୍କ ସଂଯୋଜନାରେ ନିୟମଗିରି ସୁରକ୍ଷା ସମିତି, ମା' ମାଟି ମାଳି ସୁରକ୍ଷା ମଞ୍ଚ, ସେତୁବନ୍ଧ ସୁରକ୍ଷା ସମିତି, ନାଗେଶ୍ୱରୀ ମାଳି ଡଙ୍ଗର ମହାଗ୍ରାମସଭା ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ସମିତି ଓ ବିଭିନ୍ନ ଜନ ଆନ୍ଦୋଳନର ପ୍ରତିନିଧି ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ରାଜ୍ୟର ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଜନ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ଥିବା କହିଛନ୍ତି।

**ମହିଳା ଓ ଅବକାରୀ ବିଭାଗର ମିଳିତ ଚଢ଼ଉ**

# ବିପୁଳ ପରିମାଣର ଦେଶୀମଦ ଓ ପୋଚ ଜବତ

ନନ୍ଦାହାଣ୍ଡି, ୬।୬(ସମିସ)



ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଡ୍ରି ଗ୍ରାମରେ ବ୍ୟାପକ ମଦ କାରବାରକୁ ସମ୍ପୂର୍ଣ ବନ୍ଦ କରିବା ବା ମଦମୁକ୍ତ ଗାଁ ପାଇଁ ସ୍ଥାନୀୟ ମହିଳାମାନେ ଚଳିତ ମାସ ୧ ତାରିଖରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ନବରଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ମେଣ୍ଡ୍ରି ଗ୍ରାମରେ ମହିଳାଙ୍କ ସହାୟତାରେ ମିଳିତ ଚଢ଼ଉ କରାଯାଇଥିଲା। ପୃଥକ୍ ପୃଥକ୍ ତିନୋଟି ସ୍ଥାନରୁ ମଦ ଓ ମହୁଲି ପୋଚ ଜବତ କରାଯାଇଛି। ସଦାଶିବ ବିଷୋୟୀଙ୍କ ନିକଟରୁ ୨୦ ଲିଟର ଦେଶୀ ରନ୍ଧା ମଦ ଓ ୮୦ ଲିଟର ପୋଚ ଜବତ କରିବା ସହ ନଷ୍ଟ କରିଥିଲେ। ନେତ୍ରାନନ୍ଦ ସାହୁଙ୍କ ନିକଟରୁ ୩୪.୬୫୦ ଲିଟର ବିୟର ଓ ୪.୬୨୦ ଲିଟର ଠିପି ବନ୍ଦ ବିଦେଶୀ ମଦ ଜବତ କରାଯାଇଥିଲା। ଅନ୍ୟଜଣେ ବ୍ୟକ୍ତିଙ୍କ ଠାରୁ ୨୫୦୦ ଲିଟର ପୋଚ ଓ ୩୦୦ ଲିଟର ହାତରନ୍ଧା ମଦ ଜବତ କରିଥିଲେ।

ସଦାଶିବ ବିଷୋୟୀ ଓ ନେତ୍ରାନନ୍ଦ ସାହୁଙ୍କୁ ମାମଲା ନଂ.୯୧/୨୬-୨୭, ୯୨/୨୬-୨୭ ଓ ୯୩/୨୬-୨୭ରେ ମାମଲା ରୁଜୁ କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ୩୫(୩) ଅନୁସାରେ ଉଭୟଙ୍କୁ ଘଟଣାସ୍ଥଳରେ ଛାଡ଼ି ଦିଆଯାଇଥିଲା। ସ୍ଥାନୀୟ ଶତାଧିକ ମହିଳାଙ୍କ ସହଯୋଗରେ ନବରଙ୍ଗପୁର ଅବକାରୀ ରେଞ୍ଜ ଅଧିକାରୀ ଦିଲୀପ କୁମାର ରଥ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନେଇଥିଲେ। ଅବକାରୀ ଥାନା ଅଧିକାରୀ ଉଷାବତୀ ଗୌଡ଼ ଓ ଟିମ୍ ସହଯୋଗ କରିଥିଲେ।

**● ପରିବେଶ ସୁରକ୍ଷା ପାଇଁ କନ୍ୟାକୁମାରୀରୁ ନେପାଳ ସାଇକଲ ଯାତ୍ରା**

## ନନ୍ଦପୁରରେ ଏ. ଭଲ୍ଲା ଆନନ୍ଦଙ୍କୁ ସ୍ୱାଗତ



ନନ୍ଦପୁର, ୬।୬(ସମିସ): ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ତାମିଲନାଡୁର ଜଣେ ଯୁବକ କନ୍ୟାକୁମାରୀରୁ ନେପାଳ ପର୍ଯ୍ୟନ୍ତ ସାଇକଲ ଯାତ୍ରା ଆରମ୍ଭ କରିଛନ୍ତି। ନନ୍ଦପୁରରେ ପହଞ୍ଚିଥିବାବେଳେ ପ୍ରେସ କ୍ଲବ ସହ ସାକ୍ଷାତ କରି ନିଜ ଅଭିଯାନ ବିଷୟରେ ସୂଚନା ଦେଇଥିଲେ। ତାମିଲନାଡୁ କନ୍ୟାକୁମାରୀ ଜିଲ୍ଲାର କନ୍ନମଙ୍ଗଲମ ଗ୍ରାମର ବାସିନ୍ଦା ଏ. ଭଲ୍ଲା ଆନନ୍ଦ କୃଷିରେ ସ୍ନାତକୋତ୍ତର ଡିଗ୍ରୀଧାରୀ ଓ ଜୈବିକ ଚାଷ କରୁଛନ୍ତି। ସେ କହିଛନ୍ତି ଯେ, ପରିବେଶ ପ୍ରଦୂଷଣ କମାଇବା ଏବଂ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ହିଁ ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। ସେ କନ୍ୟାକୁମାରୀରୁ ମେ' ୧ ତାରିଖରୁ ନିଜ ଗ୍ରାମରୁ ଯାତ୍ରା ଆରମ୍ଭ କରି ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ ଦେଇ ନେପାଳ ଅଭିମୁଖେ ଯାଉଛନ୍ତି। ପ୍ରତିଦିନ ପ୍ରାୟ ୬୦ରୁ ୮୦ କିଲୋମିଟର ସାଇକଲ ଚଳାଇ ସେ ନିଜ ଗନ୍ତବ୍ୟ ପଥରେ ଅଗ୍ରସର ହେଉଛନ୍ତି। ସେ କହିଛନ୍ତି, ଯାତ୍ରା ସମୟରେ ଯେଉଁଠାରେ ରାତି ହୁଏ ସେଠାରେ ବିଶ୍ରାମ ନେଇ ଲୋକମାନଙ୍କୁ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ହ୍ରାସ ପାଇଁ ସଚେତନ କରୁଛନ୍ତି। ଗନ୍ତବ୍ୟ ପଥରେ ଆଜି ନନ୍ଦପୁରରେ ରାତ୍ରି ଯାପାନ ସମୟରେ ତାଙ୍କୁ ନନ୍ଦପୁର ପ୍ରେସ କ୍ଲବ ସଭାପତି ତ୍ରିନାଥ ଖରା ଓ ସମ୍ପାଦକ ରମେଶ କୁମାର ଅଧିକାରୀ ସ୍ୱାଗତ ଜଣାଇ ତାଙ୍କ ରାତ୍ରି ରହଣି, ଖାଦ୍ୟ ବ୍ୟବସ୍ଥା କରିଥିଲେ। ଏହି ଅବସରରେ ସଂସ୍ଥା ପକ୍ଷରୁ ଆନନ୍ଦଙ୍କୁ ସମ୍ମାନିତ ଓ ତାଙ୍କ ସାହସିକତାକୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

# କଟକ ସିଟି





# ଆଇଆଇସି ଦେଲେନି 'କାର୍ଯ୍ୟଦକ୍ଷତା ପରୀକ୍ଷା'



> ପରୀକ୍ଷା ଖାତାରେ ଲେଖିଥାଆନ୍ତେ ପ୍ରଶ୍ନର ଉତ୍ତର: ମୂଲ୍ୟାଙ୍କନ ପରେ ମିଳିଥାଆନ୍ତା ନମ୍ବର

> ଫେଲ୍ ହେଲେ କାର୍ଯ୍ୟାନୁଷ୍ଠାନ: ପାସ୍ କଲେ ମିଳିଥାଆନ୍ତା ପୁରସ୍କାର

କଟକ,୬।୬(ସମିସ):

କମିସନରେଟ୍ ପୁଲିସ ବ୍ୟବସ୍ଥାରେ ଆଇଆଇସିମାନଙ୍କ ପାଇଁ ଏକ କାର୍ଯ୍ୟଦକ୍ଷତା ପରୀକ୍ଷା କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ପ୍ରତ୍ୟେକ ବର୍ଷ ଡିସିପିଙ୍କ କାର୍ଯ୍ୟାଳୟରେ ଆଇଆଇସିମାନେ ଏହି ପରୀକ୍ଷା ଦେବାକୁ ପୁଲିସ କମିସନର ଏସ୍.ଦେବଦତ୍ତ ସିଂ ଘୋଷଣା କରିଥିଲେ। ପରୀକ୍ଷା ଖାତାରେ ଆଇଆଇସିମାନେ ୧୦୦ନମ୍ବର ପ୍ରଶ୍ନର ଉତ୍ତର ଲେଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଯେଉଁ ଆଇଆଇସି ୪୦ନମ୍ବରରୁ କମ୍ ରଖିଥାଆନ୍ତେ ସେମାନେ ଫେଲ୍ ହୋଇଥାଆନ୍ତେ ଏବଂ ଯେଉଁମାନେ ୪୦ନମ୍ବରରୁ ଅଧିକ ରଖିଥାଆନ୍ତେ ସେମାନେ ପାସ୍ ହୋଇ ପୁରସ୍କାର ପାଇଥାଆନ୍ତେ। ଏଥିସହିତ ସେମାନଙ୍କ ପାଇଁ ୫୦ନମ୍ବର ପ୍ରାକ୍ଟିକାଲ୍ ପରୀକ୍ଷା କରାଯିବାର ଥିଲା। ସେମାନେ ଥାନାରେ କେମିତି କାର୍ଯ୍ୟ କରୁଛନ୍ତି, କେତେ ମାମଲାର ଫଇସଲା କରୁଛନ୍ତି, ଥାନାକୁ ଆସୁଥିବା ଅଭିଯୋଗକାରୀ ବାସ୍ତବରେ ନ୍ୟାୟ ପାଉଛି କି ନାହିଁ ଏବଂ ମାମଲାଗୁଡ଼ିକର ତଦନ୍ତ କେତେଶୀଘ୍ର ସରୁଛି ଇତ୍ୟାଦିର ସମସ୍ତ ତଥ୍ୟ ପ୍ରାକ୍ଟିକାଲ୍ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହା ବାଦ୍ ୩୦ ନମ୍ବର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥାଆନ୍ତା। ସେମାନଙ୍କ ଓଜନ, ସ୍ୱାସ୍ଥ୍ୟ ଏବଂ ଦୌଡ଼ଠାରୁ ନେଇ କେତେ ଫିଟ୍ ଅଛନ୍ତି, ତାହାକୁ ପରଖାଯିବାର ଯୋଜନା ରହିଥିଲା। ହେଲେ ଏହି ପରୀକ୍ଷା ହେବାର ଯୋଜନାକୁ ବର୍ଷେ ବିତିଯାଇଥିବା ବେଳେ ଏହି କାର୍ଯ୍ୟଦକ୍ଷତା ପରୀକ୍ଷା ଘୋଷଣାରେ ଅଟକି ରହିଲା। ପୁଲିସ କମିସନର ଏହି ପରୀକ୍ଷା କରାଯିବାକୁ ଘୋଷଣା କରିଥିବା ବେଳେ ଏଯାବତ୍ ତାଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିନାହିଁ।

ସୂଚନା ଅନୁସାରେ, କଟକ ୟୁପିଡିରେ ସମସ୍ତ ଆଇଆଇସିମାନଙ୍କୁ ପୂର୍ବରୁ ତାଗିଦ୍ କରାଯିବା ସହିତ ସେମାନଙ୍କ ଡ୍ୟୁଟି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦିଆଯାଇଥିଲା। ପ୍ରତି ଥାନାର ଆଇଆଇସିମାନଙ୍କୁ ଏହି 'କାର୍ଯ୍ୟଦକ୍ଷତା ପରୀକ୍ଷା' ପରୀକ୍ଷା ସମ୍ପର୍କରେ ସମସ୍ତ ବିବରଣୀ ପ୍ରଦାନ କରାଯାଇଥିଲା। ଖାତା ମୂଲ୍ୟାୟନ ପରେ ଯେଉଁ ପୁଲିସ ଅଫିସରମାନେ ଏଥିରେ ଫେଲ୍ ହେବେ, ସେମାନଙ୍କ କମିସନରେଟ୍‌ରୁ ଗ୍ରାମାଞ୍ଚଳକୁ ବିଦା କରାଯିବ ବୋଲି ଚରମବାଣୀ ଶୁଣାଇଥିଲେ। ସେହିପରି ସଚ୍ଚୋଟତା ଓ ସତ୍ୟତା ଉପରେ କମିସନର ଗୁରୁତ୍ୱ ଦେଇଥିଲେ। ପ୍ରତି ଥାନା ଉପରେ ତାଙ୍କର ତୀକ୍ଷ୍ଣ ନଜର ରହିବ। ଲାଞ୍ଚୁଆ, ମିଛୁଆ ଓ ଅଳସୁଆ ପୁଲିସ ଅଫିସରଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏସବୁ ଆଦୌ କାର୍ଯ୍ୟକାରୀ କରାଗଲା ନାହିଁ। ଅନ୍ୟପଟେ ଯଦି କୌଣସି ସାଧାରଣ ନାଗରିକ ବିଳମ୍ବିତ ରାତିରେ ଥାନାକୁ ଆସନ୍ତି, ତେବେ ସେମାନଙ୍କୁ ପୁଲିସ ସହଯୋଗ କରିବା ସହିତ ତାଙ୍କ ଏତଲାକୁ ପଞ୍ଜୀକରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ପୁଲିସ-ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ ଆଇଆଇସିମାନଙ୍କୁ କୁହାଯାଇଥିଲା। ଥାନାରେ ପୁଲିସ ଯଦି ଅଭିଯୋଗକାରୀଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରନ୍ତି, ତେବେ ସମ୍ପୃକ୍ତ ପୁଲିସ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇ ଦିଆଯାଇଥିଲା। ଏସବୁ ମଧ କରାଯାଉ ନାହିଁ।

ଅନ୍ୟପଟେ ଆଇଆଇସିମାନେ ଠିକ୍ ସମୟରେ ଥାନାକୁ ଆସିବେ। ଥାନାର ସମସ୍ତ ଷ୍ଟାଫ୍ ଉପରେ ନଜର ରଖିବା ସହିତ ସେମାନଙ୍କ ଡ୍ୟୁଟି ଠିକ୍ ଭାବେ ହେଉଛି କି ନାହିଁ, ତାହାର ତଦାରଖ କରିବାକୁ କମିଶନର ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାହା ମଧ ଅଦ୍ୟାବଧି ଠିକ୍ ପାଳନ କରାଯାଉ ନଥିବା ପୁଲିସ କର୍ମଚାରୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଚୋରି ସାମଗ୍ରୀ ସହ ତିନି କୁଖ୍ୟାତ ଚୋର ଗିରଫ

ଫୁଲନଖରା, ୬।୬ (ସମିସ): କଟକ ସଦର ଥାନାଞ୍ଚଳରେ ଲଗାତାର ଭାବରେ ଘର ଝରକା ତାଡି ଚୋରି କରିବାଠାରୁ ଆରମ୍ଭ କରି ମଠ, ମନ୍ଦିର ଓ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନରୁ ଚୋରି ଘଟଣା ସଦର ଥାନା ପୁଲିସ୍‌ର ନିଦ ହଜାଇ ଦେଇଥିଲା। ଏବେ ଏକ ଚୋର ଗ୍ୟାଙ୍ଗ୍‌କୁ ଗିରଫ କରିବାରେ ସଫଳ ହୋଇଛି ସଦର ପୁଲିସ୍। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୁଆଳି ଗ୍ରାମର ଗୁନା ଓରଫ କୁନା ସିଂହ(୧୯), ବ୍ରାହ୍ମଣଝରିଲୋ ବଜାରସାହି ଗ୍ରାମର କୁଦ୍ରୁଶ ଖାଁ (୩୫), କୁରାଙ୍ଗପ୍ରଧାନ ବାଲିସାହି ଗ୍ରାମର ମନନ୍ତ ଚାଚେରୀ(୩୩)।

ଗତ ମେ ମାସ ୭ ତାରିଖରେ ବ୍ରାହ୍ମଣଝରିଲୋସ୍ଥିତ ଏକ ମଦ ଦୋକାନରୁ ବିଳମ୍ବିତ ରାତ୍ରୀରେ ଦୋକାନ ସଟର ତାଡି ବିଭିନ୍ନ ବ୍ରାଣ୍ଡର ଦାମିକା ମଦ ମୂଲ୍ୟ ପ୍ରାୟ ୩୨ହଜାର ଟଙ୍କା, ୧୦ ହଜାର ୨ଶହ ଟଙ୍କା ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ନେଇ ମଙ୍ଗଳାବାଗ୍ ଥାନା ଅନ୍ତର୍ଗତ ମାଛୁଆବଜାରର କାର୍ତ୍ତିକ ଦଳାଇ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ମଦ ଦୋକାନରେ ଥିବା ସିସି ଫୁଟେଜ୍‌କୁ ଯାଞ୍ଚ କରିଥିଲା ପୁଲିସ୍। ଅଭିଯୁକ୍ତଙ୍କ ଭିତରୁ ଜଣକୁ ଚିହ୍ନଟ କରିଥିଲା ପୁଲିସ୍। ସେମାନେ ଚୋରି କରିବା ପରେ ଅଞ୍ଚଳରୁ କିଛି ଦିନ ପାଇଁ ଫେରାର୍ ହୋଇଯାଇଥିଲେ। ସେମାନଙ୍କ ଉପରେ ସଦର ପୁଲିସ୍ ତୀକ୍ଷ୍ଣ ନଜର ରଖିଥିଲା। ଚୋରି ଘଟଣାର କିଛି ଦିନ ପରେ ସେମାନେ ପୁନର୍ବାର ଏକାଠି ହେବାର ଖବର ପାଇ ଏଏସ୍‌ଆଇ ପ୍ରଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଦଳ ସେମାନଙ୍କୁ ଗିରଫ କରିବାର ସଫଳ ହୋଇଥିଲେ। ସେମାନଙ୍କୁ ଗିରଫ କରିବା ସମୟରେ ସେମାନଙ୍କ ପାଖରୁ ନଗଦ ୧୩ହଜାର ଟଙ୍କା, ସଟର ତାଡିବାରେ ବ୍ୟବହୃତ ୨ଟି ଲୁହାରଡ୍, ୧୮ଟି ମଦ ବୋତଲ ଜବତ କରିଥିଲା। ସେମାନେ ସୁନାଗହଣା ଚୋରୀ କରିବା ପରେ ସେଗୁଡିକୁ ବିକ୍ରୟ ନକରି ବିଭିନ୍ନ ବ୍ୟାଙ୍କ୍‌ରେ ସୁନାଗହଣା ବନ୍ଧକ ରଖି ଟଙ୍କା ଆଣନ୍ତି ବୋଲି ପ୍ରାଥମିକ ତଦନ୍ତରୁ ସଦର ପୁଲିସ୍‌କୁ ସୂଚନା ମିଳିଛି। ଉକ୍ତ ତିନିଜଣଙ୍କୁ କୋର୍ଟ ଚାଲାଣ କରିବା ସହିତ ଚୋର ଗ୍ୟାଙ୍ଗର ମୁଖ୍ୟ କୁହାଯାଉଥିବା କୁଦ୍ରଶକୁ ପୁନର୍ବାର ରିମାଣ୍ଡରେ ଆଣିବା ପାଇଁ ଆଇଆଇସି ତୁଷାରକାନ୍ତ ସେଠୀ ସୂଚନା ପ୍ରଦାନ କରିଛନ୍ତି।

> ଖୁବ୍‌ଶୀଘ୍ର ହେବ ଅକ୍ଷୟ ମହାନ୍ତି ପାର୍କର ନବୀକରଣ

## ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଯୋଜନା ପ୍ରସ୍ତୁତ

କଟକ,୬।୬(ସମିସ): ଓଡ଼ିଶା ସଙ୍ଗୀତ ଜଗତର ଅପ୍ରତିଦ୍ୱନ୍ଦ୍ୱୀ କିମ୍ବଦନ୍ତୀ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସ୍ମୃତିକୁ ଅଧିକ ଗୌରବମୟ କରିବା ଉଦ୍ଦେଶ୍ୟରେ କନିକା ଛକସ୍ଥିତ ଅକ୍ଷୟ ମହାନ୍ତି ପାର୍କର ସମ୍ପୂର୍ଣ୍ଣ ନବୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସେଠାରେ ଥିବା ଅର୍ଦ୍ଧାଙ୍ଗ ପ୍ରତିମୂର୍ତ୍ତି ପରିବର୍ତ୍ତେ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି।



ଆଜି ମେୟର ସୁବାସ ସିଂହ, ସିଏମ୍‌ସି କମିଶନର କୀରଣଦ୍ୱୀପ ସହୋତା, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା ଏବଂ ଏକ ଘରୋଇ ହସ୍ପିଟାଲର ମ୍ୟାନେଜର ଓ ସ୍ଥାନୀୟ ଜନସାଧରଣ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ପାର୍କର ବର୍ତ୍ତମାନ ସ୍ଥିତି, ଉନ୍ନୟନର ଆବଶ୍ୟକତା ଏବଂ ଆଗାମୀ ଯୋଜନା ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା ମଧ କରାଯାଇଛି। ସମୀକ୍ଷା ସମୟରେ ମେୟର ଶ୍ରୀ ସିଂହ କହିଥିଲେ ଯେ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାପିତ ଏହି ପାର୍କକୁ ଏକ ଆକର୍ଷଣୀୟ ଓ ସାଂସ୍କୃତିକ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ କଟକ ମହାନଗର ନିଗମ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ପାର୍କରେ ନୂତନ ଲ୍ୟାଣ୍ଡସ୍କେପିଂ, ସବୁଜୀକରଣ, ବସିବା ପାଇଁ ଉନ୍ନତ ବ୍ୟବସ୍ଥା, ଆକର୍ଷଣୀୟ ଆଲୋକୀକରଣ, ପଦଯାତ୍ରୀ ପଥର ଉନ୍ନତୀକରଣ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ ହେବ। ଏଥି ସହିତ ପାର୍କକୁ ଆସୁଥିବା ଜନସାଧାରଣ ଓ ସଙ୍ଗୀତପ୍ରେମୀଙ୍କ ପାଇଁ ଏହାକୁ ଏକ ସ୍ମରଣୀୟ ସ୍ଥାନ ଭାବେ ଗଢ଼ି ତୋଳିବାର ଯୋଜନା ରହିଛି। ବିଶେଷ କରି ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଅର୍ଦ୍ଧାଙ୍ଗ ପ୍ରତିମୂର୍ତ୍ତି ପରିବର୍ତ୍ତେ ଏକ ସୁନ୍ଦର ଓ ଭବ୍ୟ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ସମସ୍ତଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିଲା।

## ଏସ୍‌ଆଇଆର୍ ସଚେତନତା ଓ ସମୀକ୍ଷା

କଟକ,୬।୬(ସମିସ): ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର-୨୦୨୬) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ ଦାସ କିଶନନଗରର ରାମକୁମାରପୁର, ସୋମପୁର, ଥୋରିଆପଡା, ତେଲଡିଆ, ତରିଲୋ, ଅରିଲୋ ଆଦି ଅଞ୍ଚଳକୁ ଯାଇ ତଦାରଖ କରିଛନ୍ତି। ପରିଦର୍ଶନ ସମୟରେ ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜରଙ୍କ ସହ ଚାଲିଥିବା ଗଣନା ଓ ଯାଞ୍ଚ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ପ୍ରଥମଥର ପାଇଁ ଏହି ଜନଗଣନା ଡିଜିଟାଲାଇଜେସନ ମାଧ୍ୟମରେ କରାଯାଉଛି। ସେଥିନିମନ୍ତେ ସତର୍କତା, ଦାୟିତ୍ୱବୋଧ ଓ ସମୟନିଷ୍ଠ କାର୍ଯ୍ୟ କରିବାକୁ ବିଏଲଓଙ୍କୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର)-୨୦୨୬ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ମତଦାତା ଅଂଶଗ୍ରହଣ କରନ୍ତୁ ଏହି ଉଦ୍ଦେଶ୍ୟ ନେଇ ଆଜି ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଉପଜିଲ୍ଲାପାଳ ତଥା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏହି ସଚେତନତା ପଦଯାତ୍ରାକୁ ଉଦ୍ଘାଟନ କରିଥିଲେ। ପଦଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ହାଇକୋର୍ଟ ଗଡ଼ା, ନିମଚୌରୀ ଆଦି ଅଞ୍ଚଳ ପରିକ୍ରମା କରିଥିଲା। ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଜୁନ ୨ ତାରିଖରେ ଶୁଭାରମ୍ଭ କରାଯାଇଥିବା ସଚେତନତା ରଥ ବାରବାଟୀର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ମତଦାତା ମାନଙ୍କୁ ସଚେତନ କରୁଛି।

## ପତ୍ନୀଙ୍କୁ ଭରଣପୋଷଣ ନଦେଇ ସ୍ୱାମୀ ଗିରଫ

କଟକ,୬।୬(ସମିସ): ଭରଣପୋଷଣ ପାଇଁ ଅଦାଲତ ଦେଇଥିବା ଆଦେଶକୁ ନ ମାନିବାରୁ ସ୍ୱାମୀଙ୍କ ବିଡ଼ାନାସୀ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି, ତୁଳସୀପୁର ପୁଲିସ କଲୋନୀର ରାଜକିଶୋର ସାହୁ। କୋର୍ଟଚାଲାଣ ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଅସିତ୍ ବଳବନ୍ତରରାୟ ସୂଚନା ଦେଇଛନ୍ତି। ବିବାହର ୬/୭ ବର୍ଷ ପରେ ରାଜକିଶୋର ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ବିବାଦ ଦେଖାଦେଇଥିଲା। ଫଳରେ ଛାଡପତ୍ର ନେଇ ପତ୍ନୀଜଣକ ପାରିବାରିକ ଅଦାଲତରେ ଆଶ୍ରୟ ନେଇଥିଲେ। ଅଦାଲତ ତାଙ୍କ ଆବେଦନକୁ ଗ୍ରହଣ କରିବା ସହିତ ଶୁଣାଣିକରି ଭରଣପୋଷଣ ବାବଦରେ ୫୪ ହଜାର ଟଙ୍କା ପତ୍ନୀଙ୍କୁ ପ୍ରଦାନ କରିବା ଲାଗି ଆଦେଶ ଦେଇଥିଲେ। ଏନେଇ ରାଜକିଶୋର ସେତେବେଳେ ଅଦାଲତଙ୍କ ଆଦେଶ ପାଳନ କରିବା ଲାଗି ସହମତି ପ୍ରକାଶ କରିଥିଲେ ହେଁ ପରବର୍ତ୍ତୀ ସମୟରେ ତାହାକୁ ମାନି ନଥିଲେ। ଫଳରେ ଅନ୍ୟଉପାୟ ନ ପାଇ ପତ୍ନୀଜଣକ ତାଙ୍କ ବିରୋଧରେ ପୁଣି ଅଦାଲତ ଆଦେଶ ଅବମାନନା ମାମଲା ରୁଜୁ କରିଥିଲେ। ଏହାକୁ ନେଇ ଅଦାଲତ ବିରକ୍ତି ପ୍ରକାଶ କରିବା ସହିତ ରାଜକିଶୋରଙ୍କୁ ଗିରଫ କରିବା ଲାଗି ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ୬ ବର୍ଷ ପରେ ଆଜି ପୁଲିସ ରାଜକିଶୋରଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି।

## ଅଭ୍ୟୁଥାନ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବ୍ୟାଙ୍କିଂ ସଚେତନତା



ଫୁଲନଖରା ୬।୬ (ସମିସ): ୫୯ନଂ ୱାର୍ଡ ଅନ୍ତର୍ଗତ ଗାନ୍ଧୀ ସ୍ମୃତିପୀଠ ସଭାଗୃହରେ ଅଭ୍ୟୁଥାନ ଚାରିଟେବୁଲ୍ ଟ୍ରଷ୍ଟ ଓ ସେବିର ମିଳିତ ଉଦ୍ୟମରେ ଏକ ବ୍ୟାକିଙ୍ଗ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ୍ ବ୍ୟାଙ୍କର ପ୍ରାକ୍ତନ ମୁଖ୍ୟ ପରିଚାଳକ କ୍ଷୀରୋଦଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସେବିର ଏଜିଏମ୍ ପି.କେ ମିଶ୍ର, ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରାକ୍ତନ ସିଜିଏମ୍ ତଥା ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଦାଶରଥୀ ମିଶ୍ର, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ପ୍ରାକ୍ତନ ସିଜିଏମ୍ ଧନେଶ୍ୱର ସାହୁ, ଏସ୍‌ବିଆଇର ପ୍ରାକ୍ତନ ବରିଷ୍ଠ ପରିଚାଳକ ପି.କେ ସ୍ୱାଇଁ, ଏଲ୍‌ଡିଏମ୍ ଏସ୍.ଏନ୍ ରାଉତ ଓ ସମାଜସେବୀ ସ୍ୱାଧୀନଚେତା ମହାନ୍ତି ଆର୍ଥିକ କାରବାରରେ ବ୍ୟାଙ୍କ ଗ୍ରାହକ କିଭଳି ସତର୍କତା ଅବଲମ୍ବନ କରିବେ, ଇ-କେୱାଇସିର ଆବଶ୍ୟକତା, ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ।

> ମୁଖ୍ୟମନ୍ତ୍ରୀ ଟ୍ରଫି କବାଡ଼ି ଦ୍ୱିତୀୟ ଦିବସ

## ପୁରୀ, କଟକ, ଜଗତସିଂହପୁର ଦଳ ବିଜୟୀ

କଟକ, ୬।୬(ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି–୨.୦ କବାଡ଼ି ଚାମ୍ପିଅନସିପ–୨୦୨୬ ଅନ୍ତର୍ଗତ ଜୋନ୍–୨ (କଟକ) ପ୍ରତିଯୋଗିତାର ଦ୍ୱିତୀୟ ଦିବସ ମ୍ୟାଚ୍‌ଗୁଡ଼ିକ କଟକସ୍ଥିତ ଜବାହରଲାଲ ନେହରୁ ଇଣ୍ଡୋର୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଛି। ଜୁନ ୭ ପର୍ଯ୍ୟନ୍ତ ଚାଲିଥିବା ଏହି ଚାମ୍ପିଅନସିପରେ ବାଳକ ବର୍ଗର ପୁରୀ ଦଳ ୫୨–୩୬ ପଏଣ୍ଟରେ ଯାଜପୁରକୁ ପରାସ୍ତ କରି ୧୬ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ କଟକ ଦଳ ୫୧–୪୦ ପଏଣ୍ଟରେ ଭଦ୍ରକକୁ ପରାସ୍ତ କରି ୧୧ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି। ସେହିପରି ଜଗତସିଂହପୁର ଦଳ ୫୦–୩୭ ପଏଣ୍ଟରେ ଖୋର୍ଦ୍ଧାକୁ ପରାସ୍ତ କରି ୧୩ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି। ଅନ୍ୟପକ୍ଷେ, ବାଳିକା ବର୍ଗରେ ଜଗତସିଂହପୁର ଦଳ ୬୧–୪୨ ପଏଣ୍ଟରେ ଖୋର୍ଦ୍ଧାକୁ ପରାସ୍ତ କରି ୧୯ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି। କଟକ ଦଳ ୪୪–୧୬ ପଏଣ୍ଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରି ୨୮ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି। ପୁରୀ ଦଳ ୫୩–୩୨ ପଏଣ୍ଟରେ ଯାଜପୁରକୁ ପରାସ୍ତ କରି ୨୧ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ କଟକ ଦଳ ୪୭–୧୨ ପଏଣ୍ଟରେ ଭଦ୍ରକକୁ ପରାସ୍ତ କରି ୩୫ ପଏଣ୍ଟ ବ୍ୟବଧାନରେ ଚମତ୍କାର ବିଜୟ ହାସଲ କରିଛି। ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଯୁଗ୍ମ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ ଏବଂ ଚୟନ ସମିତିର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବେହେରା ପ୍ରତିଯୋଗିତାର ତଦାରଖ କରୁଛନ୍ତି। ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୭ ତାରିଖରେ ଜୋନ୍–୨ର ଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ।

## ସାରସ୍ୱତ ସ୍ରଷ୍ଟା ଜଗନ୍ନାଥ ପ୍ରସାଦ ଦାସଙ୍କ ଶୋକସଭା

କଟକ,୬।୬(ସମିସ): ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ତଥା ଅନୁଷ୍ଠାନର ବରେଣ୍ୟ ସଭ୍ୟ ଡକ୍ଟର ଜଗନ୍ନାଥ ପ୍ରସାଦ ଦାସଙ୍କ ଶୋକସଭା ଆଜି ସନ୍ଧ୍ୟାରେ



ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଶୋକ ପ୍ରସ୍ତାବ ଆଗତ କରିଥିବା ବେଳେ ପ୍ରାରମ୍ଭିକ ସୂଚନା ଦେଇଥିଲେ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଜେପିଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ।

## ନାଦ ନିନାଦ'ର ଗ୍ରୀଷ୍ମୋତ୍ସବ ପାଳିତ




କଟକ,୬।୬(ସମିସ): କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ 'ନାଦ ନିନାଦ' ଅନୁଷ୍ଠାନର ପକ୍ଷରୁ ବିଶେଷ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ "ଗ୍ରୀଷ୍ମୋତ୍ସବ-୨୦୨୬' ପାଳିତ ହୋଇଯାଇଛି। ପଦ୍ମଶ୍ରୀ ଡ଼. ଶ୍ୟାମାମଣି ଦେବୀ, ପ୍ରଫେସର୍ ଡକ୍ଟର. ଶ୍ରୀଜୟ ପଟ୍ଟନାୟକ, ବାରବାଟୀ-କଟକର ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସଙ୍ଗୀତରେ ବିଶେଷ ଅବଦାନ ପାଇଁ ବିଶିଷ୍ଟ ସଙ୍ଗୀତ ସାଧିକା ତଥା କେନ୍ଦ୍ର ଓ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିବା ଡଃ ସଙ୍ଗୀତା ଗୋସାଇଁଙ୍କୁ ଚଳିତ ବର୍ଷର "ନିଦାଘ ସମ୍ମାନ -୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବହୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଳାକାରମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ଶିଳ୍ପୀମାନେ ଗଣେଶ ବନ୍ଦନା ଓ ପରେ ପରେ ୧୦ଟି ରାଗ ଉପରେ ଆଧାରିତ "ମହ୍ଲାର ଦର୍ଶନ' ପରିବେଷଣ କରିଥିଲେ। ଏଥିରେ ତବଲାରେ ଯୋଗେନ୍ଦ୍ରନାଥ ସ୍ୱାଇଁ, ହାର୍ମୋନିୟମ୍‌ରେ ବିଶ୍ୱନାଥ ମିଶ୍ର ଓ ଏ. ନାରାୟଣ ରାଓ ସହଯୋଗ କରିଥିଲେ। ଏହାପରେ ଦିଲ୍ଲୀରୁ ଆସିଥିବା ଏ. ମନ୍ଦାକିନୀ ସ୍ୱାଇଁ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସହ ତବଲାରେ ପୁନେରୁ ଆସିଥିବା କୌସ୍ତୁଭ ସ୍ୱାଇଁ ଓ ହାର୍ମୋନିୟମ୍‌ରେ ଅମେୟ ବିଚ୍ଛୁ, ତାନପୁରାରେ ଦେବସ୍ମିତା ମିଶ୍ର ଓ ରିତିକା ସ୍ୱାଇଁ ସହଯୋଗ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପୁନେରୁ ଆସିଥିବା ବିଶିଷ୍ଟ ଗ୍ୱାଲିଅର ଘରାନାର ଗାୟକ ଗୁରୁ ପଣ୍ଡିତ୍ ବିକାଶ କଶାଲକର ଶାସ୍ତ୍ରୀୟ ଗାୟନ ପ୍ରସ୍ତୁତ କରିଥିଲେ। ତାଙ୍କ ସହ ତବଲାରେ ଜିତେନ୍ଦ୍ର କୁମାର ସ୍ୱାଇଁ, ତାନପୁରାରେ ଏ. ଶିବପ୍ରସାଦ ରାଓ ଓ ଶିବଶଙ୍କର ମହାନ୍ତି, ହାର୍ମୋନିୟମ୍‌ରେ ଅମେୟ ବିଚ୍ଛୁ ସହଯୋଗ କରିଥିଲେ। ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଏ. ମହେଶ୍ୱର ରାଓଙ୍କ ପୌରୋହିତ୍ୟରେ ଏହି ସଭାକାର୍ଯ୍ୟରେ ସମ୍ପାଦକ ନମ୍ରତା ମହାନ୍ତି, ରଞ୍ଜନ ସାହୁ, ସୁଜନ କୁମାର ରାୟଚୌଧୁରୀ, ପ୍ରସନ୍ ଜିତ୍ ପରିଡ଼ା, କାନନବାଳା ରାୟଚୌଧୁରୀ, ଅଜୟ କୁମାର ବାରିକ, ବିଜୟ କୁମାର ସ୍ୱାଇଁ, ବନବିହାରୀ ଦାସ, ଲଳିତ ତ୍ରିପାଠୀ, ବନଲକ୍ଷ୍ମୀ କାନୁନଗୋ, ବିଜୟଲକ୍ଷ୍ମୀ ପତି ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ। ଉଦଘୋଷକ ବିଚିତ୍ରାନନ୍ଦ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପରିବେଶ ଦିବସ ପାଳିତ

କଟକ,୬।୬(ସମିସ): ଆଇଏମ୍‌ଏ ଓ ଆଇଏମ୍‌ଏସ୍ କଟକ ଶାଖା ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କଟକ ଶାଖାର ଅଧ୍ୟକ୍ଷ ଡକ୍ଟର ବ୍ରଜକିଶୋର ଦାଶ ଏବଂ ଡକ୍ଟର ଜୟଶ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସଭାପତି ଡକ୍ଟର ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭାରେ ଡାକ୍ତରୀ ସମାଜର ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆଇଏମ୍‌ଏ ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡକ୍ଟର ହରେକୃଷ୍ଣ ନାୟକ, ସମ୍ପାଦକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର, ଡକ୍ଟର ଜନ୍ମେଜୟ ମହାପାତ୍ର, ଡକ୍ଟର ଜୟନ୍ତ ପଣ୍ଡା, ଡକ୍ଟର ଶ୍ରୀକାନ୍ତ ତିୱାରୀ, ପ୍ରଫେସର ସତ୍ୟ ନାରାୟଣ ରାଉତରାୟ, ଡକ୍ଟର ସସ୍ମିତା ସ୍ୱାଇଁ, ଡକ୍ଟର ଅନଙ୍ଗ ଦ୍ୱିବେଦୀ ଏବଂ ଡକ୍ଟର କୃପାସିନ୍ଧୁ ପଣ୍ଡା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ "ପରିବେଶ ପ୍ରଦୂଷଣ ଏବଂ ଅନ୍ତଃସ୍ରାବୀ ବ୍ୟାଧି' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବୈଜ୍ଞାନିକ ଅଧିବେଶନରେ ଡକ୍ଟର ଦେବର୍ଚ୍ଚନା ଜେନାଙ୍କ ଦ୍ୱାରା ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତୃତା ପ୍ରଦର୍ଶିତ ହୋଇଥିଲା। ଯାହା ପ୍ରଫେସର ସତ୍ୟ ନାରାୟଣ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ତୁଷାର କର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡକ୍ଟର ଶ୍ରୀକାନ୍ତ ତିୱାରୀ ଧନ୍ୟବାଦ ଦେଇଥିଲେ।

## ନେମାଳ ପୀଠ ଉନ୍ନତୀକରଣ ସମୀକ୍ଷା

ନେମାଳ,୬।୬(ସମିସ): ନେମାଳ ପଦ୍ମବନ ପୀଠସ୍ଥିତ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ସମାଧି ପୀଠକୁ କଟକ ସାଂସଦ ଭର୍ତ୍ତୃହରି ମହତାବ ଓ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ପରିଦର୍ଶନ କରିଛନ୍ତି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କୁ ଦର୍ଶନ ଓ ପୂଜା କରିବା ପରେ ପୀଠର ଉନ୍ନତୀକରଣ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ୩୩ କୋଟି ଟଙ୍କା ଅନୁଦାନର ବିଭିନ୍ନ କାର୍ଯ୍ୟର କେତେ ଅଗ୍ରଗତି କରାଯାଇଛି ସେନେଇ ଠିକାଦାରଙ୍କ ସହ ଆଲୋଚନା କରିବା ସହିତ ପୀଠସ୍ଥଳୀରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ବୁଲି ଦେଖିଛନ୍ତି। ଆସନ୍ତା ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ କିଭଳି ଉନ୍ନତୀକରଣ କାର୍ଯ୍ୟର ଅଗ୍ରଗତି କରାଯାଇ ଶେଷ ପର୍ଯ୍ୟାୟରେ ପହଞ୍ଚିବ ସେନେଇ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ସାଂସଦ ଓ ଦୁଇ ବିଧାୟକଙ୍କ ପରିଦର୍ଶନ ସମୟରେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ, ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର ଶିବୁରାମ ସ୍ୱାଇଁ, ଅଭୟ କୁମାର ପଡିଆରୀ ଯୋଗ ଦେଇଥିଲେ।

**ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପକ୍ଷରୁ କୃତୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ**

## ଜୀବନର ଲକ୍ଷ୍ୟ ସାକାର ପାଇଁ ଆତ୍ମସଂଯମ ମୂଳମନ୍ତ୍ର: ଜଷ୍ଟିସ ସିଆର୍ ଦାଶ

ତ୍ରିଶୁଳିଆ, ୬।୬(ସମିସ):




ବିଦ୍ୟା ହେଉଛି ଅସରନ୍ତି ଭଣ୍ଡାର। ଶିକ୍ଷାର ପରିସମାପ୍ତି ନାହିଁ। ସତ୍ ଉପାୟ, କଠିନ ପରିଶ୍ରମ, ଶୃଙ୍ଖଳିତ ଜ୍ଞାନ ଭଳି ଆତ୍ମସଂଯମ ବଜାୟ ରଖିଲେ ଜଣେ ବିଦ୍ୟାର୍ଥୀ ସଫଳତା ହାସଲ କରିଥାଏ ବୋଲି ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପକ୍ଷରୁ ଆୟୋଜିତ ସିଏଚ୍‌ଏସ୍‌ଇ +୨ ବିଜ୍ଞାନ ପରୀକ୍ଷା ଏବଂ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାର କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷାରେ କେତେ ମାର୍କ ରଖିଲ ତାହା ତୁମ ସଫଳତାର ମାପ କାଠି ନୁହେଁ, ଜୀବନର ବଡ ଲକ୍ଷ୍ୟକୁ ସାକାର ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ହେଲେ କଠିନ ପରିଶ୍ରମ, ନିୟମିତତା, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସକାରାତ୍ମକ ଚିନ୍ତାଧାରାକୁ ସଫଳତାର ମୂଳମନ୍ତ୍ର ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଫଳତାକୁ ଭୟ କରିବା ନୁହେଁ, ବରଂ ତାହାକୁ ସଫଳତାର ସିଢ଼ି ଭାବେ ବ୍ୟବହାର କରି ଆଗକୁ ବଢ଼ିବାକୁ ସେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ବେଲଗଛିଆସ୍ଥିତ ନିଜସ୍ୱ ପରିସରରେ ଅନୁଷ୍ଠିତ ଏହି କୃତୀ ବିଦ୍ୟାର୍ଥୀ ସମାରୋହରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ଦାଶ ଅନୁଷ୍ଠାନର ନିରନ୍ତର ଶିକ୍ଷାଗତ ସଫଳତାକୁ ପ୍ରଶଂସା କରି ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚତର ଲକ୍ଷ୍ୟ ଅଭିମୁଖେ ଅଗ୍ରସର ହେବାକୁ ପ୍ରେରଣା ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଦେବଦତ୍ତ ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା, ଶୈକ୍ଷିକ ପରିବେଶ, ସର୍ବାଙ୍ଗୀନ ବିକାଶ ପ୍ରତି ଏସ୍‌ଜିଆଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଥିଲେ।

ପ୍ରିନ୍ସିପାଲ୍ ଅନୁଷ୍ଠାନର ଶିକ୍ଷାଗତ ବିବରଣୀ ଉପସ୍ଥାପନ କରି କହିଥିଲେ ଯେ ସିଏଚ୍‌ଏସ୍‌ଇ +୨ ବିଜ୍ଞାନ ପରୀକ୍ଷା ୨୦୨୬ରେ ୩୮୩ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୯୯% ପାସ୍ ହାର ହାସଲ ହୋଇଛି। ୭୦ ଜଣ ୯୦%ରୁ ଅଧିକ, ୧୯ ଜଣ ୯୫%ରୁ ଅଧିକ ମାର୍କ ପାଇଛନ୍ତି। ୧୯୨ ଜଣ ୮୦%ରୁ ଅଧିକ ଏବଂ ୨୮୫ ଜଣ ୭୦% ରୁ ଅଧିକ ମାର୍କ ସୁରକ୍ଷିତ କରିଛନ୍ତି। ଜଣେ ଛାତ୍ର ୬୦୦ରୁ ୫୯୬ ମାର୍କ ପାଇ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ସମୁଦାୟ ୫୬ଟି ପୂର୍ଣ୍ଣ ମାର୍କ (୧୦୦ରୁ ୧୦୦) ରେକର୍ଡ ହୋଇଛି, ଯାହାମଧ୍ୟରୁ ପଦାର୍ଥ ବିଜ୍ଞାନରେ ୩୦ ଏବଂ ରସାୟନ ବିଜ୍ଞାନରେ ୨୮ ରହିଛି। ମାନସ ରଞ୍ଜନ ସ୍ୱାଇଁ ଇଂରାଜୀ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତରେ ୧୦୦/୧୦୦ ମାର୍କ ପାଇ ବିଶେଷ ସଫଳତା ଅର୍ଜନ କରିଛନ୍ତି। ସେହିପରି ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ୨୦୨୬ରେ ସରସ୍ୱତୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ମଧ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଦ୍ୱିତୀୟ ବ୍ୟାଚ୍‌ରେ ଜଣେ ଛାତ୍ର ୯୩.୪% ମାର୍କ ପାଇଥିବା ବେଳେ ୧୦ରୁ ଅଧିକ ଛାତ୍ରଛାତ୍ରୀ ୮୦%ରୁ ଅଧିକ ମାର୍କ ହାସଲ କରିଛନ୍ତି। ସମାରୋହରେ ସିଏଚ୍‌ଏସ୍‌ଇ ଓ ସିବିଏସ୍‌ଇ ଉଭୟ ବିଭାଗର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏଥିରେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ପରିଚାଳନା କମିଟି ସଦସ୍ୟ, ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଅଭିଭାବକବୃନ୍ଦ ଉପସ୍ଥିତ ଥିଲେ।

## ସୁକିନ୍ଦାରେ ବିଜୁ ମହିଳା ଜନତା ଦଳର ସମାବେଶ

# ‘ରାଜ୍ୟରେ ବ୍ୟାପୁଛି ସରକାର ବିରୋଧୀ ହାୱା’




**ଦାନଗଦି/ସୁକିନ୍ଦା, ୬।୬(ସମିସ)**

ବିଜେପି ସରକାର କ୍ଷମତାକୁ ଆସିବାର ମାତ୍ର ଦୁଇ ବର୍ଷ ପୂରିଛି ହେଲେ ସାରା ରାଜ୍ୟରେ ଏବେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାମାନଙ୍କ ଉପରେ ହେଉଥିବା ଦୁଷ୍କର୍ମ, ନିର୍ଯାତନା, ନାବାଳିକା ଜନିତ ହତ୍ୟାକାଣ୍ଡ, ପ୍ରତିଦିନ ରାହାଜାନି, ମର୍ଡର ଆଦି ଘଟଣା ସବୁ ଘଟି ଚାଲିଛି। ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିବା ପ୍ରତିବାଦରେ ବିଜୁ ଜନତା ଦଳ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ନଡ଼ିଆ ଭଙ୍ଗା ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁଙ୍କ ନେତୃତ୍ୱରେ ନଡ଼ିଆ ଭଙ୍ଗା ଛକ ଠାରୁ ବିଶାଳ ମହିଳା ଶୋଭାଯାତ୍ରା ବାହାରି ଡୁବୁରୀ କପିଳେଶ୍ୱର ମନ୍ଦିର ପଡ଼ିଆରେ ପହଞ୍ଚିବା ପରେ ନାରୀନେତ୍ରୀ ସୁକିନ୍ଦା ବ୍ଲକର ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଆୟୋଜନ ହୋଇଥିଲା। ଏହି ସଭାରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଜେପି ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ସରକାରକୁ ଆସିଲା ପରେ ଦୁର୍ନୀତି, ନାରୀ ନିର୍ଯାତନା, ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁକିନ୍ଦାକୁ ଏବେ ଖଣି, ପ୍ଲାଣ୍ଟ, ପ୍ଲଟ, ପେଟ୍ରୋଲ ଟାଙ୍କି, ଟିପ୍ପର ଆସୋସିଏସନ୍, ବ୍ଲକରୁ ବାପ, ପୁଅ, ଦାଦା ଓ ପୁତୁରା ବାଣ୍ଟି କୁଟି ଚାନ୍ଦା ଆଦାୟ କରିବାରେ ବ୍ୟସ୍ତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁରର ପ୍ରାକ୍ତନ ସାଂସଦ ଶର୍ମିଷ୍ଠା ସେଠୀ, ଯାଜପୁରର ବିଧାୟିକା ସୁଜାତା ସାହୁ, ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଅତିଥି ଭାବେ ଯୋଗ ଦେଇ ସରକାର ବିରୋଧରେ ଜନତାର ସ୍ୱରକୁ ଶାଣିତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦୁଇ ବ୍ଲକର ଅଧକ୍ଷ ଅଧକ୍ଷା, ଦୁଇ ବ୍ଲକ ସଭାପତି ବିବେକାନନ୍ଦ ବୋଷ, ଗୋପାଳ ଚନ୍ଦ୍ର ବାରିକ୍, ଦୁଇ ବ୍ଲକର ମହିଳା ସଭାନେତ୍ରୀ ଯୋଗ ଦେଇଥିଲେ। ଦାନଗଦୀ ବ୍ଲକ ଯୁବ ସଭାପତି ଜୟପ୍ରକାଶ ସାହୁ, ବରିଷ୍ଠ ବିଜେଡି ନେତା, ଜୟନ୍ତ ରାଉତ, ଦେବୀ ପ୍ରସନ୍ନ ମହାନ୍ତି, ଜ୍ୟୋତି ପ୍ରକାଶ ସାହୁ, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସୁନା ସଫା କରିବାକୁ କହି ଲୁଟ୍

**କବାଟବନ୍ଧ, ୬।୬(ସମିସ):** ଜେନାପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଠାରୁ ସୁନା ଗହଣା ସଫା କରିବାକୁ କହି ଲୁଟେରାମାନେ ଚୂନ ଲଗେଇଛନ୍ତି। ଫଳରେ ମହିଳା ଜଣଙ୍କ କୌଣସି ଉପାୟ ନ ପାଇ କେବଳ ମୁଣ୍ଡ କାନ ଆଉଁସି ଚୁପ ରହିବାକୁ ବାଧ ହୋଇଛନ୍ତି। ଲୁଟର ଶିକାର ହୋଇଥିବା ମହିଳା ଜଣଙ୍କ ଜେନାପୁର ଥାନା ଅଧୀନ ରେଖିଦେଇପୁର ଗ୍ରାମର ଆତୁଳ ପରିଡ଼ାଙ୍କ ସ୍ତ୍ରୀ ମିନତୀ ପରିଡ଼ା। ଅଭିଯୋଗ ଅନୁସାରେ ସକାଳ ପ୍ରାୟ ୧୦ଟା ସମୟରେ ଏକ ଲୁନା ଗାଡ଼ିରେ ୨ ଜଣ ଯୁବକ ଗାଁକୁ ଆସିଥିଲେ। ସେମାନଙ୍କ ବେଶ ପୋଷାକରୁ ସେମାନେ ଗାଁ ବୁଲା ବ୍ୟବସାୟୀ ବୋଲି ଦେଖା ଯାଉଥିଲେ। ମିନତୀଙ୍କ ଘର ପାଖରେ ପହଞ୍ଚି ନିଜକୁ ସୁନା ରୁପା ମରାମତି ଏବଂ ସଫା କରୁଥିବା ବ୍ୟକ୍ତି ବୋଲି ପରିଚୟ ଦେଇଥିଲେ। ମହିଳା ଜଣଙ୍କ ତାଙ୍କୁ ବିଶ୍ୱାସ କରି ନିଜ ଘରେ ରଖିଥିବା ନାକ ପେଚକୁ ମରାମତି କରିବାକୁ ଦେଇଥିଲେ। ମରାମତି ଏବଂ ସଫା କରିବା ପାଇଁ ଏକ ପ୍ରକ୍ରିୟା ରହିଛି ଏବଂ ଏହା କେମିଆଲ ବ୍ୟବହାର ହୋଇ ସଫା କରାଯିବ ବୋଲି କହିଥିଲେ। ଏହା ପରେ ଲୁଟେରାମାନେ ମହିଳାଙ୍କ ସହିତ ବିଶ୍ୱାସ ଭାଜନ ହୋଇଥିବା ଜାଣି ଅନ୍ୟ କ’ଣ ସୁନା ଅଛି ଦିଅ ଅଳ୍ପ ଟଙ୍କାରେ ସଫା କରିଦେବୁ ବୋଲି କହିଥିଲେ। ଏହା ପରେ ମହିଳା ଜଣକ ଘରେ ଥିବା ୨.୫୦ ମିଲି ଗ୍ରାମର ହଳେ କାନଫୁଲରୁ ଗୋଟିଏ ଭାଙ୍ଗି ଯାଇଛି ଏବଂ ଭାଙ୍ଗି ଯାଇଥିବା କାନ ଫୁଲକୁ ମରାମତି କରିବା ପାଇଁ ଦେଇଥିଲେ। କିନ୍ତୁ ଚତୁର ଲୁଟେରା ଗୋଟିଏକୁ ମରାମତି କରି ସଫା କଲେ ଚିକ୍‌ଚିକ୍ କରି ନୂଆ ଦେଖାଯିବ ଏବଂ ଅନ୍ୟଟି ପୁରୁଣା ଦେଖାଯିବ କହିଥିଲେ। ସେଥିପାଇଁ ଦୁଇଟି ଯାକ କାନ ଫୁଲ ଦିଅ ସଫା କରିଦେବୁ କହିଥିଲେ। ମହିଳା ଜଣକ ଦେବା ପରେ ସେମାନେ ଏକ ଗ୍ଲାସରେ ନାକ ପେଚକୁ ପକାଇ କେମିକାଲ ଦିଆଯାଇଛି ଘଣ୍ଟାଏ ପରେ ଖୋଲାଯିବ କହି କାନ ଫୁଲକୁ ନିଜ ବ୍ୟାଗରେ ରଖି ଦେଇଥିଲେ। ଯାହାକି ମହିଳା ଜଣକ ଜାଣି ପାରି ନ ଥିଲେ। ଗାଁରେ ଅନ୍ୟ ଜଣଙ୍କର ମରାମତି କରି ଫେରିବୁ କହି ଚମ୍ପଟ ମାରିଥିଲେ। କିଛି ସମୟ ପରେ ମହିଳା ଜଣକ ଖୋଲି ଦେଖିବା ବେଳକୁ ତାହା ଭିତରେ କୌଣସି ସୁନା ନ ଥିଲା। ସେ ଲୁଟର ଶିକାର ହୋଇଥିବା ଜାଣି ଖୋଜାଖୋଜି କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ମିଳି ନ ଥିଲା।

## ବଧୂହତ୍ୟା ଅଭିଯୋଗ; ସ୍ୱାମୀ କୋର୍ଟଚାଲାଣ

**ସିଂହପୁର, ୬।୬(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତ ଜରି ଗ୍ରାମରେ ବଧୂହତ୍ୟା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ପୁଲିସ ମୃତାଙ୍କ ସ୍ୱାମୀଙ୍କୁ କୋର୍ଟଚାଲାଣ କରିଛି। ଖବର ଅନୁଯାଇ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଳସପୁର ଗ୍ରାମର ବ୍ରଜ କିଶୋର ମଲ୍ଲିକଙ୍କ ଝିଅ ମିତା ମଲ୍ଲିକ ୭ ବର୍ଷ ପୂର୍ବେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମର ବିନୋଦ ମଲ୍ଲିକଙ୍କ ପୁଅ ଗଜେନ୍ଦ୍ର ମଲ୍ଲିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ମିତାଙ୍କୁ ଅଧିକ ଯୌତୁକ ପାଇଁ ମାନସିକ ଚାପ ଦିଆଯାଉଥିଲା। ଗତ ତିନି ତାରିଖ ଦିନ ଏଥିପାଇଁ ସ୍ୱାମୀ ଓ ଶାଶୂଘର ଲୋକେ ମିତାକୁ ନିର୍ଯାତନା ଦେଇଥିଲେ। ନିର୍ଯାତନା ସହିନପାରି ମିତା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ପରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ମିତାର ମୃତ୍ୟୁ ହୋଇଯାଇଥିଲା। ଏଥିନେଇ ୫ ତାରିଖ ଦିନ ମୃତ ମିତାର ଭାଇ ବସନ୍ତ ମଲ୍ଲିକ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରି ବିଞ୍ଝାରପୁର ଥାନା କେସ ନଂ ୨୬୩/୨୬ରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଘଟଣାରେ ମୃତ ମିତାର ସ୍ୱାମୀ ଗଜେନ୍ଦ୍ର ମଲ୍ଲିକଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

## ପବିତ୍ର ମାହାଲାଙ୍କୁ ନେତୃତ୍ୱ ଶୀର୍ଷକ ସ୍ୱୀକୃତି ସମ୍ମାନ



**ବଡ଼ଚଣା, ୬।୬(ସମିସ):** ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ୩୨ତମ ସାମ୍ବିଧାନିକ ସମ୍ମିଳନୀରେ ଓଡ଼ିଶାର ବିଶିଷ୍ଟ ଶିକ୍ଷକ ନେତା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ‘ନେତୃତ୍ୱ ଶୀର୍ଷକ ସ୍ୱୀକୃତି’ ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୭ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପଠାଣି ସାମନ୍ତ ସାଂସ୍କୃତିକ ଭବନ ନୟାଗଡ଼ଠାରେ ଆୟୋଜିତ ଉତ୍ସବରେ ପ୍ରାଧ୍ୟାପକ ମାହାଲାଙ୍କୁ ସାଧାରଣ ଶିକ୍ଷା ବ୍ୟବସ୍ଥା, ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରଚାର ପ୍ରସାର, ଶିକ୍ଷା ଅଧିକାର ଆଇନ୍, ଶିକ୍ଷା ସମସ୍ୟା ଓ ଏହାର ସମାଧାନ, ଶିକ୍ଷକଙ୍କ ଆନ୍ଦୋଳନ, ଶିକ୍ଷା ଅଧିକାର, ଗଣ ତାନ୍ତ୍ରିକ ଅଧିକାର ସାମ୍ପ୍ରତିକ ସମୟରେ ଶିକ୍ଷାର ବିକାଶ ଦିଗରେ ବିଶେଷ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ଜମିଜମା ବିବାଦ: ପଥର ଥୋଇ ରାସ୍ତା ଅବରୋଧ

**ପାଣିକୋଇଲି, ୬।୬(ସମିସ):** କୋରେଇ ଥାନା ଅନ୍ତର୍ଗତ ତାହାରପୁର ପଞ୍ଚାୟତର ମୂଳୁସରଗଡ଼ା ଗ୍ରାମରେ ଜମିବାଡି ମାମଲାକୁ କେନ୍ଦ୍ରକରି ଘର ସମ୍ମୁଖରେ ପଥରଥୋଇ ଦେବା ସହ ମାଡ଼ ମାରିବାରୁ ଭୟରେ ପରିବାର ଘରକୁ ନଯାଇ ବାହାରେ ରହୁଛନ୍ତି। ହେଲେ ପୁଲିସରେ ଅଭିଯୋଗ କଲେ ପୁଲିସ ସମାଧାନ କରିବାକୁ କହି ଚୁପ ରହୁଛି। ଶେଷରେ ନିରାଶ ହୋଇ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ମା’ ପୁଅ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି। ପ୍ରକାଶ ଯେ ମୂଳୁସରଗଡ଼ା ଗ୍ରାମର ସ୍ୱର୍ଗତ ଘନଶ୍ୟାମ ବାରିକଙ୍କ ପତ୍ନୀ ଚଞ୍ଚଳା ବାରିକଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମରେ ତାଙ୍କର ୪୦ ବର୍ଷର ପାଚେରି ଓ ୧୫ ବର୍ଷର ଘର ରହିଛି। ତାଙ୍କ ଗ୍ରାମର ବେହେରା ପରିବାର ସହିତ ତାଙ୍କ ଜମିଜମା ବିବାଦ ରହିଛି। ଯାହାକୁ ନେଇ ଅଦାଲତରେ ମାମଲା ଚାଲିଥିବା ବେଳେ ଅଦାଲତ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଉକ୍ତ ପରିବାର ଜୋରଜବରଦସ୍ତ ମାଡ଼ ମାରିବା ଘର ଭାଙ୍ଗିବାକୁ ଧମକାଉଛନ୍ତି। ଏମିତିକି ଘର ଆଗରେ ପଥର ଥୋଇ ଅବରୋଧ କରିବାରୁ ଘର ମଧ୍ୟକୁ ଯାଇହେଉନାହିଁ। ମା’ ପୁଅ ଭୟରେ ଘରକୁ ନ ଯାଇ ବାହାରେ ରହୁଥିବା ବେଳେ ଘର ବିଦ୍ୟୁତ ସଂଯୋଗ କାଟି ଦେବା ସହ ସିସିଟିଭି କ୍ୟାମେରା ଭାଙ୍ଗିନେଇଛନ୍ତି। ଗତ ଏପ୍ରିଲ ମାସରୁ କୋରେଇ ଥାନାକୁ ଦୌଡ଼ି ଦୌଡ଼ି ନ୍ୟାୟ ପାଇବା ତ ଦୂରର କଥା ବରଂ ସମାଧାନ ପାଇଁ ଚାପ ପକାଯାଉଛି। ନ୍ୟାୟ ନପାଇ ଶେଷରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କୁ ଭେଟି ଚଞ୍ଚଳା ନ୍ୟାୟ ଭିକ୍ଷା କରିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଫନି ପାଳଙ୍କ ସ୍ମୃତିସଭା




**ବ୍ୟାସନଗର, ୬।୬(ସମିସ):** ସ୍ଥାନୀୟ ରୟାଲ କଳିଙ୍ଗ ଠାରେ ଡ. ଫନି ପାଲ ସ୍ମୃତିସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡାକ୍ତର ଫନିପାଲଙ୍କ ୪୬ତମ ଶ୍ରଦ୍ଧାବାର୍ଷିକୀ ସଂସଦର ସଭାପତି ବିଦ୍ୟାଧର ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଇସକପ୍ର ସର୍ବଭାରତୀୟ ସମ୍ପାଦକ ବିଜୟ କୁମାର ପଡ଼ିଆରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଅଧାପିକା ମମତାମୟୀ ଦାଶ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସାଧାରଣ ସମ୍ପାଦକ ଡା. ମଦନ ଜେନା ରିପୋର୍ଟ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଫେସର ଦୁଷ୍ମନ୍ତ କୁମାର ନାୟକ ଫନିପାଲଙ୍କ ଜୀବନୀ ଓ ଗଡ଼ଜାତ ଆନ୍ଦୋଳନ ତଥା ରାଜାମାନଙ୍କ ହାତପାଣ୍ଠି ଉଚ୍ଛେଦ ସମ୍ପର୍କର ତାଙ୍କର ଲେଖା ପାଠ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପସଭାପତି ପ୍ରଫୁଲ୍ଲ ନାୟକ, ଯାଜପୁର ଜିଲ୍ଲା ଟାକ୍ସବାର ଆସୋସନ ସଭାପତି ଆଇନଜୀବୀ ବିବେକାନନ୍ଦ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ମୋହନ ଚରଣ ଖୁଣ୍ଟିଆ, ଦିଗନ୍ତ ରାଉତ, ରଞ୍ଜନ କୁମାର ସାହୁ ଅଶୋକ କୁମାର ବୋଷ, ଅଶ୍ୱିନୀ କୁମାର ଦାସ, ଆଇନଜୀବି ଆଭାମାୟୀ ମହାନ୍ତି, ସଦାଶିବ ଦାସ, ଦେବେନ୍ଦ୍ର ପାତ୍ର, ସଂଗ୍ରାମ ଜେନା ଓ ମଧୁସୂଦନ ମହାପାତ୍ର, ନବଘନ ସ୍ୱାଇଁ ମହେଶ୍ୱର ନାୟକ ପ୍ରମୁଖ ସ୍ମୃତି ଚରଣ କରିଥିଲେ। ସଂସଦ ପକ୍ଷରୁ ଡ. ପଦ୍ମନାଭ ମଲ୍ଲ, ଡ. ଲଳିତା ରାଉତ ଓ ଆଶିଷ କୁମାର ରାୟ ବଶିଷ୍ଠ ଶିକ୍ଷାବିତ୍ ଓ ଯୁବ ସମାଜସେବୀ ସୌମ୍ୟଜିତ ଜେନା, ପ୍ରବୀର କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧାପିକା ବନିତା ସ୍ୱାଇଁ ଓ ଶିଶିର କୁମାର ନାୟକ ଚିତ୍ତରଞ୍ଜନ ବଳ ପରିଚାଳନା କରିଥିଲେ।

## ସହିଦ ମାୟାଧର ଭୂୟାଁଙ୍କ ଜୟନ୍ତୀ



**ବରୀ, ୬।୬(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ଅଜାଣ ଛକ ଠାରେ ସଂଗ୍ରାମୀ ସହିଦ ମାୟାଧର ଭୂୟାଁଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଶିକ୍ଷାବିତ କର୍ଣ୍ଣଚନ୍ଦ୍ର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନିଧି ପ୍ରଧାନ ଯୋଗଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟନ୍ତ ମହାପାତ୍ର, ମୂଖ୍ୟବକ୍ତା ଭାବେ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଭାଗ୍ୟଧର ସାହୁ, ଗୋପବନ୍ଧୁ ଦାସ, ନିର୍ମଳ କୁମାର ଜେନା, ଅନିରୁଦ୍ଧ ମଲ୍ଲ, ବିଧାନ ଚନ୍ଦ୍ର ସାମଲ, ସ୍ଥାନିୟ ସରପଞ୍ଚ ଚପଳା ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ସହିଦ ମାୟାଧରଙ୍କ ବଳିଦାନ ଇତିହାସରେ ଚିରଦିନ ଲିପିବଦ୍ଧ ହୋଇ ରହିବ ବୋଲି କହିଥିଲେ। ଭାରତ ଛାଡ ଆନ୍ଦୋଳନ ଡାକରାରେ ପ୍ରଭାବିତ ହୋଇ ମାତ୍ର ୩୬ ବର୍ଷ ବୟସରେ ୧୯୪୨ ମସିହା ଅଗଷ୍ଟ ୨୬ ତାରିଖ ଗହ୍ମାପୂର୍ଣ୍ଣିମା ଦିନ କଳାମାଟିଆ ଠାରେ ଇଂରେଜମାନଙ୍କ ଗୁଳିକାଣ୍ଡର ଶିକାର ହୋଇ ଯେଉଁ ୪ ଜଣ ସଂଗ୍ରାମୀ ବୀର ସହିଦ ହେଇଥିଲେ ସେମାନଙ୍କ ମଧ୍ୟରୁ ସହିଦ ମାୟାଧର ଭୂୟାଁ ଅନ୍ୟତମ। ଅତିଥି ମାନଙ୍କ ଦ୍ୱାରା ସହିଦ ମାୟାଧର ଭୂୟାଁଙ୍କ ନାତୁଣୀ ବୋହୂଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ପରିଚୟ ମକରଧ୍ୱଜ ସାହୁ, ସ୍ୱାଗତ ଭାଷଣ ଅଜାଣବନ ଶିକ୍ଷାଶ୍ରମର ମୁଖ୍ୟସେବକ ଡାକ୍ତର ନୃସିଂହ ଚରଣ ବେହେରା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡାକ୍ତର ନୃସିଂହ ବେହେରାଙ୍କ ଦ୍ୱାରା ଲିଖିତ ସହିଦ ମାୟାଧର ଭୂୟାଁଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

## ଝାଡେଶ୍ୱର କଲେଜରେ ପରିବେଶ ଦିବସ



**ଦାନଗଦି, ୬।୬(ସମିସ):** ଦାନଗଦି ବ୍ଲକ ଟୋଲକାନୀ ସ୍ଥିତ ଝାଡ଼େଶ୍ୱର ଜୁନିଅର କଲେଜରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ‘ଏକ ପେଡ୍ ମାଆ କା’ ନାମ ୩.୦’ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟମକା ବନାଞ୍ଚଳ କଟକ ବନଖଣ୍ଡ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଓ ଟମକା ବନାଞ୍ଚଳ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ ଯୋଗ ଦେଇ ଜୀବଜଗତ ବଞ୍ଚିରହିବା ପାଇଁ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିରେ ଟମକା ବନାଞ୍ଚଳର ସମସ୍ତ କର୍ମଚାରୀ ଏବଂ କଲେଜର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସମ୍ମିଳିତ ଭାବେ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ। ଏଥିରେ କଲେଜର ଅଧାପକ ରଞ୍ଜନ କୁମାର ସାହୁ, ରଞ୍ଜନ କୁମାର ଖଣ୍ଡା, ଅଭୟ ସାହୁ, ଅଧାପିକା ଇତିଶ୍ରୀ ମଲ୍ଲିକ, ଓ କର୍ମଚାରୀ ସୁଶାନ୍ତ କୁମାର ପଣ୍ଡା, ନାରାୟଣ ସାହୁ, ସନ୍ତୋଷ କୁମାର ସାହୁ, ଯୁବ ସମାଜସେବୀ ଅନ୍ତର୍ଯ୍ୟାମୀ ପୃଷ୍ଟି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଏୟାରଟେଲ୍ ଟେଲିକମ୍ ସେବା ବାଧାପ୍ରାପ୍ତ

**ବିଞ୍ଝାରପୁର, ୬।୬(ସମିସ):** ବିଞ୍ଝାରପୁର ବ୍ଲକର ଅରେଇ, ଶାସନ୍ଦା ସମେତ ବିଭିନ୍ନ ଗ୍ରାମରେ ଗତ କିଛି ଦିନ ଧରି ଏୟାରଟେଲ୍ ଟେଲିକମ୍ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିବାରୁ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ମୋବାଇଲ ନେଟ୍‌ୱର୍କ ଓ ଇଣ୍ଟରନେଟ ସେବା ଠିକ୍ ଭାବେ କାର୍ଯ୍ୟ କରୁନଥିବାରୁ ସାଧାରଣ ଜନଜୀବନ ଓ ଦୈନନ୍ଦିନ କାର୍ଯ୍ୟକଳାପ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ନେଟ୍‌ୱର୍କ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀ ଅନ୍‌ଲାଇନ ଶିକ୍ଷା ଗ୍ରହଣରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସରକାରୀ ରାସନ ସାମଗ୍ରୀ ବଣ୍ଟନ ପାଇଁ ଆବଶ୍ୟକ ଅନ୍‌ଲାଇନ ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ମନରେଗା କାର୍ଯ୍ୟ, ବ୍ୟାଙ୍କିଙ୍ଗ ସେବା, ଅନଲାଇନ ଟଙ୍କା ଲେଣଦେଣ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ସେବା ପ୍ରଭାବିତ ହେଉଛି।ଗ୍ରାମାଞ୍ଚଳରେ ଡିଜିଟାଲ ସେବା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଥିବା ବେଳେ ନେଟ୍‌ୱର୍କ ବିଘ୍ନ ଯୋଗୁଁ ଲୋକମାନେ ବିଭିନ୍ନ ଜରୁରୀ କାମ ସମ୍ପାଦନ କରିବାରେ ଅସୁବିଧା ଭୋଗୁଛନ୍ତି। ବିଶେଷକରି ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ସାଧାରଣ ଗ୍ରାହକମାନେ ଏହାର ସବୁଠାରୁ ଅଧିକ ପ୍ରଭାବ ଅନୁଭବ କରୁଛନ୍ତି। ସ୍ଥାନୀୟ ଲୋକେ ଏହି ସମସ୍ୟା ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ନେଟ୍‌ୱର୍କ ଓ ଇଣ୍ଟରନେଟ ସେବାର ସୁଧାର ଆଣି ଗ୍ରାହକଙ୍କ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ



**ବରୀ, ୬।୬(ସମିସ):** ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ପଞ୍ଚାୟତ ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷକରି ଖରାଦିନ ହୋଇଥିବାରୁ ନଳକୂପ ନିକଟରେ ପାନୀୟ ଜଳ ସଂଗ୍ରହ ପାଇଁ ଲୋକମାନଙ୍କୁ ଲମ୍ବା ଲାଇନରେ ଛିଡ଼ା ହୋଇ ପାନୀୟ ଜଳ ସଂଗ୍ରହ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ଏହି ଘଟଣା ଜାଣିବା ପରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ମିନତି ଜଗଦେବ, ତହସିଲଦାର ଦିପ୍ତିମୟୀ ବେହେରା, ବରୀ ଥାନା ଅଧିକାରିଣୀ ହେମଲତା ଦାସ ଓ ସହକାରୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘଟଣା ଅନୁଧ୍ୟାନ ପରେ ବିଧାୟକ ଏକ ଘଣ୍ଟା ମଧ୍ୟରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ସହ ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ତାଗିଦ୍ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଏହି ପଞ୍ଚାୟତର ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକମାନଙ୍କ ପାଇଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ଏବଂ ସ୍ଥାୟୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ବିଧାୟକଙ୍କର ଏତାଦୃଶ୍ୟ କାର୍ଯ୍ୟକୁ ଗ୍ରାମବାସୀପ୍ରଶଂସା କରିଛନ୍ତି। ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଓ ପ୍ରସନ୍ନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳା ଷ୍ଟାଡିୟମରେ ଟର୍ଫ ପିଚ୍ ଉଦ୍‌ଘାଟିତ

**ଧର୍ମଶାଳା, ୬।୬(ସମିସ)**



ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ନୂତନ ଭାବେ ୨ଗୋଟି ଟର୍ଫ ପିଚର ଉଦଘାଟନ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହଯୋଗରେ ଏହି ପିଚ୍ ତିଆରି କରାଯାଇଥିବା ବେଳେ କୋଚ୍ ନବକିଶୋର ଭଞ୍ଜ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଠାରେ ୧୪, ୧୬ ଏବଂ ୧୯ ବର୍ଷରୁ କମ ବର୍ଗର ବାଳକଙ୍କୁ କ୍ରିକେଟ ଉନ୍ନତ ମାନର କ୍ରିକେଟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଟର୍ଫ ପିଚରେ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ଗ୍ରହଣ କରି ଉନ୍ନତମାନର ଖେଳ ପ୍ରଦର୍ଶନ କରିପାରିବେ। ପୂର୍ବରୁ ଏହି ଷ୍ଟାଡିୟମରେ ପ୍ରଶିକ୍ଷଣ ପାଇ ୧୦ରୁ ଅଧିକ ଖେଳାଳି ଜିଲ୍ଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଆଗକୁ ଏଠାରୁ ଅଧିକ ଖେଳାଳି ଚୟନ ହୋଇପାରିବେ ବୋଲି କୋଚ ମତପ୍ରକାଶ କରିଛନ୍ତି। ଷ୍ଟାଡିୟମରେ ପ୍ରତ୍ୟହ ସକାଳ ଓ ଅପରାହ୍ନ ସମୟରେ କ୍ରିକେଟ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ବେଳେ ନୂତନ ଭାବେ ତିଆରି କରାଯାଇଥିବା ଏହି ପିଚ ବିଶେଷ ଭାବେ ସହାୟକ ହେବ ବୋଲି କୋଚ ନବ କିଶୋର ଭଞ୍ଜ କହିଛନ୍ତି। ଟର୍ଫ ପିଚ ଉଦଘାଟନ ବେଳେ ବହୁ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହିଥିଲେ।

# ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଦାବି

ଦେବଗଡ଼, ୬।୬(ସମିସ)

ଜିଲ୍ଲା କଣ୍ଟ୍ରାକ୍ଟର୍ସ ୟୁନିଅନ୍ ପକ୍ଷରୁ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ମଣ୍ଡଳ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୟୁନିଅନର ସଭାପତି ଇଂ ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଟେଣ୍ଡର ନୋଟିସ୍ ସଂଖ୍ୟା ସିସିଇ(ଆର୍ଆଣ୍ଡ. ବି)/୨୩/୨୦୨୫-୨୬ରେ ନିୟମ ଉଲ୍ଲଂଘନ କରିଥିବା ବିଡରମାନଙ୍କୁ ଯୋଗ୍ୟ ବିବେଚିତ କରିବା ପାଇଁ ବିଭାଗର ପ୍ରୟାସକୁ ଦୃଢ଼ ବିରୋଧ କରିଛନ୍ତି। ଏହି ପ୍ରଶାସନିକ ଅବହେଳା ସରକାରୀ କ୍ରୟ ପ୍ରକ୍ରିୟାରେ ସମାନତା, ପ୍ରତିଯୋଗିତା ମୂଳକ ନିରପେକ୍ଷତା ଏବଂ ସ୍ୱଚ୍ଛତାର ମୂଳନୀତିକୁ କ୍ଷତି ପହଞ୍ଚାଉଛି ବୋଲି ୟୁନିଅନ ଅଭିଯୋଗ କରିଛି। ଏହି ପଦକ୍ଷେପ ପୂର୍ବରୁ ୟୁନିଅନର ସାଧାରଣ ସମ୍ପାଦକ କେତେକ ନିର୍ଦ୍ଦିଷ୍ଟ ବିଡରଙ୍କ ବୈଷୟିକ ବିଡ୍‌ରେ ଥିବା ବ୍ୟାପକ ଅନିୟମିତତାକୁ ଦର୍ଶାଇ ଦୁଇଟି ପୃଥକ୍ ଲିଖିତ ଆବେଦନ ପତ୍ର ଦାଖଲ କରିଥିଲେ। ବିଭାଗକୁ ସଂଶୋଧନ ପାଇଁ ପର୍ଯ୍ୟାପ୍ତ ସମୟ ଦେବା ଉଦ୍ଦେଶ୍ୟରେ ଆର୍ଥିକ ବିଡ୍ ଖୋଲିବା ପୂର୍ବରୁ ଏହି ଆବେଦନଗୁଡ଼ିକ ଜାଣିଶୁଣି ଦାଖଲ କରାଯାଇଥିଲା। ମାତ୍ର ବିଭାଗ ଚେତାବନୀକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିଛି ଏବଂ କୌଣସି ସଂଶୋଧନମୂଳକ ପଦକ୍ଷେପ ନେଇନାହିଁ କିମ୍ବା ବିଡ୍ ଦଲିଲ ଗୁଡ଼ିକର ସୁକ୍ଷ୍ମ ଯାଞ୍ଚ କରିନାହିଁ ବୋଲି ସଙ୍ଘ ଅଭିଯୋଗ କରିଛି। ଏହି ଦାବିପତ୍ରରେ ସମସ୍ତ ଅଯୋଗ୍ୟ ବିଡରଙ୍କୁ ବାଦ୍ ଦିଆଯିବା, ମୂଳ ଟେଣ୍ଡର ଦଲିଲରେ ଉଲ୍ଲେଖ ଥିବା କଠୋର ମାନଦଣ୍ଡ ଅନୁପାଳନ କରିବାରେ ବିଫଳ ହୋଇଥିବା ବିଡରମାନଙ୍କୁ ପ୍ରକ୍ରିୟାରୁ ବାଦ୍ ଦିଆଯିବା, ସରକାରୀ ସମ୍ପତ୍ତି ଏବଂ ଭିତ୍ତିଭୂମିର ଗୁଣବତ୍ତା ରକ୍ଷା କରିବା ପାଇଁ ଅପଲୋଡ୍ ହୋଇଥିବା ସମସ୍ତ ବୈଷୟିକ ଦଲିଲର ପୁଙ୍ଖାନୁପୁଙ୍ଖ ପୁନଃମୂଲ୍ୟାୟନ କରିବା, ସମସ୍ତ ବୈଷୟିକ ଅଭିଯୋଗର ସମ୍ପୂର୍ଣ୍ଣ ସମାଧାନ ନହେବା ପର୍ଯ୍ୟନ୍ତ ଆର୍ଥିକ ବିଡକୁ ସ୍ଥଗିତ ରଖିବା, ସମସ୍ତ ସ୍ଥାନୀୟ ଏବଂ ନିୟମାନୁଯାୟୀ କାର୍ଯ୍ୟ କରୁଥିବା ଠିକାଦାରମାନଙ୍କ ପାଇଁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ସମାନ ସୁଯୋଗ ନିଶ୍ଚିତ କରାଯିବା, ଆଦି ଉଲ୍ଲେଖ ରହିଛି। ବୈଷୟିକ ସ୍ତରରେ ଅଯୋଗ୍ୟ ବିଡ୍ ଗୁଡ଼ିକୁ ଚୟନ କରିବା ଓଡ଼ିଶା ଇ-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍‌ର ମାନକ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ଅଟେ। ଯଦି ବିଭାଗ ଏହି ସାଂଗଠନିକ ତ୍ରୁଟିଗୁଡ଼ିକର ସମାଧାନ ନକରି ଆର୍ଥିକ ବିଡ୍ ଖୋଲିବାକୁ ଆଗେଇ ଚାଲେ, ତେବେ ୟୁନିଅନ ଗଣତାନ୍ତ୍ରିକ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ଏବଂ ଅନୁଷ୍ଠାନିକ ସ୍ୱଚ୍ଛତା ରକ୍ଷା କରିବା ପାଇଁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଆଇନଗତ ହସ୍ତକ୍ଷେପ ଲୋଡ଼ିବାକୁ ବାଧ୍ୟ ହେବବୋଲି ୟୁନିୟନ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ୟୁନିୟନ ସଭାପତି ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଅନୁପମ ମୋଦୀ, ବରିଷ୍ଠ ଠିକାଦାର ନିରଞ୍ଜନ ମହାପାତ୍ର, ନନ୍ଦକିଶୋର ମହାପାତ୍ର, ଅରବିନ୍ଦ ପ୍ରଧାନ, ତପନ କୁମାର ସାହୁ, ନିହାର ରଞ୍ଜନ ପଟେଲ, ସଚ୍ଚିନ ପ୍ରଧାନ, ମନୋଜ କୁମାର ବିଶ୍ୱାଳ, ଅବିନାଶ ମହାପାତ୍ର, ଅମନ କୁମାର ସାହୁ, ଜଗନ୍ନାଥ ନନ୍ଦ, ଓ ଆଇନ ପରାମର୍ଶଦାତା ବିନୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ଆଇଆର୍’ ଅଭିଯାନ ପ୍ରକ୍ରିୟାରେ ସାମିଲ ହେଲେ ବିଧାୟକ

# ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ

**ଝାରସୁଗୁଡ଼ା, ୬।୬(ସମିସ):** ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ଭାରତ ସରକାରଙ୍କ ପ୍ରତିଷ୍ଠିତ ଏସ୍‌ଆଇଆର୍ ଅଭିଯାନ ଅଧୀନ ଜନଗଣନା କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ବୁଥସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଜନଗଣନା କାର୍ଯ୍ୟକ୍ରମରେ ନିଜର ନାମାଙ୍କନ କରିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଦେଶର ବିକାଶ ଓ ପ୍ରଗତି ପାଇଁ ସଠିକ୍ ତଥ୍ୟ ସଂଗ୍ରହର ଆବଶ୍ୟକତା ରହିଛି। ଭାରତ ସରକାରଙ୍କ ଏହି ସ୍ୱତନ୍ତ୍ର ଅଭିଯାନ ଦେଶର ସୁଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ସ୍ୱଚ୍ଛ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସଠିକ୍ ପରିସଂଖ୍ୟାନ ଦ୍ୱାରା ହିଁ ଆଗାମୀ ଦିନରେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର



ସଫଳ ରୂପାୟନ ସମ୍ଭବ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହିତ ସେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ପ୍ରତିଟି ପରିବାର ନିଜର ସଠିକ୍ ସୂଚନା ପ୍ରଦାନ କରି ପ୍ରଶାସନକୁ ସହଯୋଗ କରିବା ସହ ‘ବିକଶିତ ଭାରତ’ ଗଠନ ଦିଗରେ ନିଜର ସହଭାଗିତା ପ୍ରଦର୍ଶନ କରିବାକୁ ବିଧାୟକ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଛନ୍ତି।

# ‘ମୁଖ୍ୟମନ୍ତ୍ରୀ ବସ୍’ ଦୁର୍ଘଟଣାରେ ଜଣେ ଗୁରୁତର

**ଜମନକିରା, ୬।୬(ସମିସ):** ଜମନକିରା ବ୍ଲକ କୁଚିଣ୍ଡା ଥାନା ଅଧିନସ୍ଥ କତରକେଲାଗ୍ରାମ ବଜାର ଛକ ନିକଟରେ ମୁଖ୍ୟମନ୍ତ୍ରୀ ବସ୍ ଦୁର୍ଘଟଣା ଘଟି ବସରେ ଥିବା ପ୍ରାୟ ୧୫ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ବସ୍ ଡ୍ରାଇଭର, କଣ୍ଡକ୍ଟର ସହିତ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଲୋକମାନେ କୁଚିଣ୍ଡା ଡାକ୍ତରଖାନାକୁ ପଠାଇ ପୁଲିସକୁ ଖବର ଦେଇଥିଲେ। ଗୁରୁତର ଥିବା ଜଣେ ଯାତ୍ରୀଙ୍କ ଅଣ୍ଟା ଭାଙ୍ଗିଯାଇଥିବା ଉଦ୍ଧାର କାରି ଜନ ସାଧାରଣ ପ୍ରକାଶ କରୁଥିବା ବେଳେ ଡ୍ରାଇଭରଙ୍କ ଛାତିରେ ଏବଂ ମୁଣ୍ଡରେ ଆଘାତ ହୋଇଥିବା ଲୋକେ ପ୍ରକାଶ କରିଛନ୍ତି। ଓଡି୧୫ଯାଇ-୬୩୯୨ବସ୍ ଜମନକିରାରୁ ଧୁଡିପାଲି ଫେରୁଥିବା ବେଳେ ପ୍ରାୟ୧୦.୩୦ମି ପରେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ଜଣକ ଧୁଡିପାଲି ଗ୍ରାମର ଭବାନୀ ଶଙ୍କର ଷଣ୍ଢ ଥିବା ବେଳେ ବସ ଡ୍ରାଇଭର ନରେଶ ଦେହୁରୀ ଏବଂ କଣ୍ଡକ୍ଟର ସମୀର କୁମାର ବେହେରା ମଧ୍ୟ ଆହତ ହୋଇଥିବାରୁ ସମସ୍ତଙ୍କୁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି।

### ଜୁଆ ଉପରେ ଚଢ଼ଉ

# ୨ ଗିରଫ; ୧.୭୬ ଲକ୍ଷ ଟଙ୍କା ଓ କାର୍ ଜବତ



**ରାଉରକେଲା, ୬।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଭସ୍ମା ଥାନା ପୁଲିସ କିଞ୍ଜିରିମା ଜଙ୍ଗଲରେ ଚାଲିଥିବା ଏକ ବଡ଼ଧରଣର ଘୁଡ୍ଡୁଘୁଡି ପଟି ଓ ଜୁଆ ଆଡ୍ଡା ଉପରେ ଆଜି ସଂଧ୍ୟାରେ ଚଢ଼ଉ କରି ୨ ଜଣ ଜୁଆଡିଙ୍କୁ ଗିରଫ ସହ ସେମାନଙ୍କ ନିକଟରୁ ୧ ଲକ୍ଷ ୭୬ ହଜାର ଟଙ୍କା ଜବତ କରିଛି। ଏହାସହ ଏକ କାର୍, ୨ଟି ମୋବାଇଲ ଫୋନ, ବିଦେଶୀ ମଦ, ଫଣ୍ଡ ପାଉଡର, ବାସ୍କେଟ, ୬ଟି ଜୁଆ ଡିସ୍‌କୁ ମଧ୍ୟ ଜବତ କରାଯାଇଛି। ଗିରଫ ଜୁଆଡି ଦ୍ୱୟ ହେଲେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଧୀନ ବାମଡା ଅଞ୍ଚଳର ରାଜେଶ ତୁରି(୩୭) ଏବଂ ନିରଞ୍ଜନ ଟପ୍ପୋ(୪୮)। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

**ବନ୍ଧବାହାଲ, ଝାରସୁଗୁଡ଼ା, ୬।୬(ସମିସ):** ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ନୂତନ ଭାବେ ପଦୋନ୍ନତି ପାଇଥିବା ବରିଷ୍ଠ ଜୀବ ବିଜ୍ଞାନଶିକ୍ଷକ ତଥା ଶିକ୍ଷାବିତ୍ ଶୁଭଦୀପ୍ତ ଜେନା ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସୋମବାର ତାଙ୍କୁ ବିଦ୍ୟାଳୟ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିଧିବଦ୍ଧ ଭାବରେ ସେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲରୁ ପଦୋନ୍ନତି ପାଇ ଅଧ୍ୟକ୍ଷ



ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ଥାନୀୟ ଅଭିଭାବକ ମହଲରେ ଏନେଇ ଉତ୍ସୁକତା ଦେଖାଦେଇଥିବା ବେଳେ ନବାଗତ ଅଧ୍ୟକ୍ଷଙ୍କୁ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଅନ୍ୟପକ୍ଷରେ ନିସ୍ୱାର୍ଥପର ସେବା, ତ୍ୟାଗ ଏବଂ ଜ୍ଞାନର ଆଲୋକରେ ସମାଜକୁ ପରିବର୍ତ୍ତିତ କରିଥିବା ଶିକ୍ଷାବିତ୍ ତଥା ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା ଅବସରଗ୍ରହଣ କରିଛନ୍ତି। ଏହି ଅବସରରେ ଶନିବାର ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ ଦିଆଯାଇଥିଲା।

# ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଜନସମ୍ପର୍କ କାର୍ଯ୍ୟକ୍ରମ ପ୍ରସ୍ତୁତି




**ଝାରସୁଗୁଡ଼ା, ୬।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ବିଗତ ଦୁଇ ବର୍ଷ ମଧ୍ୟରେ ସରକାରଙ୍କ ସଫଳତା, ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ସାଧାରଣ ଲୋକଲୋଚନକୁ ଆଣିବା ଏବଂ ପ୍ରତ୍ୟେକ ନାଗରିକଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା। ଆଭାସୀ ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାରେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ଏହା ସହିତ ଜଡ଼ିତ ଜନସମ୍ପର୍କ କାର୍ଯ୍ୟକ୍ରମର ସଫଳ ପାଳନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ସମ୍ପୂର୍ଣ୍ଣ ସହଯୋଗ ଓ ପରସ୍ପର ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଉକ୍ତ ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘ବିଶ୍ୱ ପରିବେଶ ଦିବସ’ ପ୍ରତିଯୋଗିତାରେ ଡିଏଭି ଛାତ୍ରଛାତ୍ରୀଙ୍କ ସଫଳତା



**ବନ୍ଧବାହାଲ/ଝାରସୁଗୁଡ଼ା, ୬।୬(ସମିସ):** ପରିବେଶ ହେଉଛି ଜୀବନର ଆଧାର। ବାୟୁ, ମାଟି, ପାଣି, ବୃକ୍ଷ ଓ ବନ୍ୟଜୀବଜନ୍ତୁ ସୁରକ୍ଷିତ ରହିଲେ ପରିବେଶ ସୁରକ୍ଷିତ ରହିବ। ପରିବେଶ ସୁରକ୍ଷା ଏବଂ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ‘ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ’ ବନ୍ଧବାହାଲ, ଲଖନପୁର କ୍ଷେତ୍ର ଆନୁକୂଲ୍ୟରେ ଶୁକ୍ରବାର ଦିନ ‘ବିଶ୍ୱ ପରିବେଶ ଦିବସ’ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ପୂର୍ବରୁ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ଉତ୍ସାହ ବୃଦ୍ଧି ନିମନ୍ତେ ବିଭିନ୍ନ ବର୍ଗର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଚିତ୍ରାଙ୍କନ, ରଙ୍ଗୀନ ଝୋଟି, ସାଧାରଣ ଜ୍ଞାନ, ପ୍ରବନ୍ଧ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ ପୂର୍ବକ ପୁରସ୍କୃତ ହୋଇ ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମୁଖ୍ୟଅତିଥି ଭାବରେ ଯୋଗଦେଇ ଏମ୍. ସି.ଏଲ୍. ଲଖନପୁର ଆଞ୍ଚଳିକ କ୍ଷେତ୍ର ମହାପ୍ରବନ୍ଧକ ଅବୋଧ କୁମାର ପାଣ୍ଡେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ୩୩ଟି ପୁରସ୍କାର ମଧ୍ୟରୁ ୨୫ଟି ପୁରସ୍କାର ହାସଲ କରି ଛାତ୍ରଛାତ୍ରୀମାନେ ନିଜର ତଥା ବିଦ୍ୟାଳୟର ସୁନାମ ବୃଦ୍ଧି କରିଛନ୍ତି। ନୂତନ ଭାବେ ଯୋଗଦେଇଥିବା ବିଦ୍ୟାଳୟର ଅଧ୍ୟକ୍ଷ ଶୁଭଦୀପ୍ତ ଜେନା କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

**ଜମନକିରା, ୬।୬(ସମିସ):** ଜମନକିରା ବ୍ଲକ ଜମନକିରା ରେଞ୍ଜ ଅଧିନସ୍ଥ ପୁକୁଡା ଗରିଆବାହାଲ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ଲେଖାରାଣୀ ମହାନନ୍ଦ ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ମାଧବିଲତା ବରିହା ସରପଞ୍ଚ ଫାଶିମାଲ ଯୋଗ ଦେଇ ‘ଏକ ପେଡ୍ ମା କେ ନାମ୍’ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଲେଖାରାଣି ମହାନନ୍ଦ ବନାଞ୍ଚଳ ଅଧିକାରୀ ଜମନକିରା, ମାୟାଧର କାଲୋ ଅବସରପ୍ରାପ୍ତ ଶିକ୍ଷକ, ସଚ୍ଚିଦାନନ୍ଦ ପଟେଲ ଅବସରପ୍ରାପ୍ତ ବନରକ୍ଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଭ୍ୟା, ଅଙ୍ଗନବାଡି କର୍ମୀ, ବୃକ୍ଷପ୍ରେମୀ ଏକ ଶହ ବିଭିନ୍ନ ଚାରାରୋପଣ କରିଥିଲେ। ବନ ବିଭାଗ ଦ୍ୱାରା କରାଯାଉଥିବା ପ୍ରୟାସ ପ୍ରକୃତି ସୁରକ୍ଷା ଓ ପରିବେଶ ସଂରକ୍ଷଣ ନୁହେଁ ଏହା ଜଳବାୟୁ ଅନୁକୂଳ ପଦକ୍ଷେପ, ସାମାଜିକ ସୁରକ୍ଷା ଓ ଭବିଷ୍ୟତ ପିଢ଼ିର କଲ୍ୟାଣ ପାଇଁ ଏକ କ୍ରାନ୍ତିକାରି ପଦକ୍ଷେପ ହେବ ବୋଲି ସମସ୍ତେ ମତବ୍ୟକ୍ତ କରିଥଲେ। କାର୍ଯ୍ୟକ୍ରମରେ ବନପାଳ ସୁଜିତ୍ ପଟେଲ, ବୈଜୟନ୍ତୀ ନାୟକ, ଚନ୍ଦ୍ରଶେଖର ଭୋଇ ବନରକ୍ଷୀ ମିନାଜୟପୁରିଆ, ଖିରୋଦୀନି ରଣା, ଇନ୍ଦ୍ରାଣୀ ସ୍ୱାଇଁ, ଡେନିସ ମିଞ୍ଜ, ଜୟନ୍ତୀ ରମଜାନ, ରଶ୍ମିରଞ୍ଜନ ବିଶ୍ୱାଳ, ଝିଲି କୁମାରୀ ପଟେଲ, ସୁଜାତା ପଟେଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# କାନ୍ଥ ଭୁଶୁଡ଼ି ୬ ବର୍ଷୀୟା ଶିଶୁକନ୍ୟାର ମୃତ୍ୟୁ

**କୁଚିଣ୍ଡା, ୬। ୬(ସମିସ):** ମୃତ୍ୟୁ କେତେବେଳେ ଓ କେଉଁ ରୂପରେ ଆସିବ କେହି କହିପାରିବେ ନାହିଁ। ଖେଳକୁଦରେ ମଗ୍ନ ଥିବା ଦୁଇ ନିଷ୍ପାପ ଶିଶୁଙ୍କ ମଧ୍ୟରୁ ଜଣଙ୍କ ପାଇଁ ସେହି ଖେଳ ହିଁ ଜୀବନର ଶେଷ ମୁହୂର୍ତ୍ତ ପାଲଟିଗଲା। ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ମହୁଲପାଲି ଥାନା ଜରବଗାଁରେ ଘଟିଥିବା ହୃଦୟବିଦାରକ ଘଟଣା ସମଗ୍ର ଅଞ୍ଚଳକୁ ଶୋକସ୍ତବ୍ଧ କରିଦେଇଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ଗାଁର ମଞ୍ଜିଲ ପଟେଲଙ୍କ ଘର ନିକଟରେ ତାଙ୍କ ୫ ବର୍ଷୀୟ ପୁଅ ମୟଙ୍କ ପଟେଲ ଓ ପଡ଼ୋଶୀ ପ୍ରଭାକର ବାଗଙ୍କ ୬ ବର୍ଷୀୟା ଝିଅ ରୋଲି ବାଗ ଖେଳୁଥିଲେ। ଖେଳରେ ମଗ୍ନ ଥିବା ବେଳେ ହଠାତ୍ ମଞ୍ଜିଲ ପଟେଲଙ୍କ ଘରର ଏକ ପୁରୁଣା ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। ମୟଙ୍କ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ରୋଲି ବାଗଙ୍କ ଉପରେ ସମ୍ପୂର୍ଣ୍ଣ କାନ୍ଥଟି ମାଡ଼ି ବସିଥିଲା। ଘଟଣା ଦେଖି ପରିବାର ଲୋକ ଓ ଗ୍ରାମବାସୀ ତୁରନ୍ତ ଦୌଡ଼ି ଆସି ମାଟି ତଳୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମହୁଲପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କାନ୍ଥ ଭୁଶୁଡ଼ିବାର କାରଣ ଓ ଅନ୍ୟାନ୍ୟ ପରିସ୍ଥିତିକୁ ନେଇ ପୁଲିସ ତଦନ୍ତ ଚଳାଇଛି। ଏହି ଦୁଃଖଦ ଘଟଣା ପୁଣିଥରେ ପୁରୁଣା ଓ ବିପଦଜନକ ମାଟି ଘର ଏବଂ କାନ୍ଥଗୁଡ଼ିକର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି।

# ମୃତ ହାତୀ ଶାବକ ଉଦ୍ଧାର

**ଦେବଗଡ଼, ୬।୬(ସମିସ):** ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅଧୀନ ସଂଘାପଶି ଖସଡ଼ା ଜଙ୍ଗଲରୁ ଆଜି ଏକ ହାତୀ ଶାବକର ମୃତଦେହ ଉଦ୍ଧାର ହୋଇଛି। ଗତକାଲି ଅପରାହ୍ନରେ ଅନୁଗୁଳ ଜିଲ୍ଲା ପଟୁ ଦଳବଦ୍ଧ ଭାବେ ହାତୀ ପଲ ଆସିଥିଲେ। ମାତ୍ର କୌଣସି କାରଣରୁ ଏହି ହାତୀ ଛୁଆର ମୃତ୍ୟୁ ଘଟିଥିଲା। ଆଜି ସକାଳ ହେବାରୁ ହାତୀପଲ ମୃତ ଶାବକକୁ ଛାଡ଼ି ଯାଇଥିଲେ। ଫଳରେ କିଛି ସ୍ଥାନୀୟ ଜନସାଧାରଣ ଦେଖି ବନବିଭାଗକୁ ସୂଚନା ଦେଇଥିଲେ।



ସୂଚନା ପାଇ ପ୍ରଥମେ ବନପାଳ ମନ୍ମଥ ବେହେରା ଓ ବନରକ୍ଷୀ ବାହାନ ବେହେରା ସଦଳବଳେ ପହଞ୍ଚି ଦେଖିଥିଲେ। ଏହାପରେ ଡିଏଫଓ ରଶ୍ମି ଜୀ, ଏସିଏଫ୍ ସ୍ୱାଧୀନତା ସାହାଣୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ହାତୀ ଶିଶୁ ଶାବକର ବୟସ ୧ ମାସରୁ କମ୍ ହେବ ବୋଲି ଜଣାପଡ଼ିଛି। ରିଆମାଳ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ସଞ୍ଜୀବ କୁମାର ପାତ୍ର ପହଞ୍ଚି ମୃତ ଶାବକର ବ୍ୟବଚ୍ଛେଦ କରି ନମୁନା ସଂଗ୍ରହ କରି ଫରେନସିକ ଲାବ୍‌କୁ ପଠାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ହାତୀ ଶାବକ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି।

# ଦୀପକ ବିଶ୍ୱାଳଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



**ରେଢ଼ାଖୋଲ, ୬।୫(ସମିସ):** ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ଯୁବ ସ୍ୱେଚ୍ଛାସେବୀ ଦୀପକ ବିଶ୍ୱାଳଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ, ପରିବେଶ ବିଭାଗ ଓଡ଼ିଶା ସରକାର ତରଫରୁ ତାଙ୍କୁ ପୁରସ୍କାର ସମ୍ବଲପୁର ଜିଲ୍ଲା ନନ୍ଦନକାନନ ଠାରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସରେ ତାଙ୍କୁ ମାନପତ୍ର, ଆର୍ଥିକ ସହଯୋଗ ସହ ପୁରସ୍କୃତ କରାଯାଇଥିଲା। ସେ ଜଣେ ସ୍ୱେଚ୍ଛାସେବୀ ଭାବରେ ସମ୍ବଲପୁର ଜିଲ୍ଲାରେ ବେଶ ପରିଚିତ ରହିଛନ୍ତି। ସେ ରେଢ଼ାଖୋଲ ଉପଖଣ୍ଡ ଜୁଯୋମୁରା ନିକଟ ଏକ ପଲ୍ଲୀ ଗ୍ରାମରେ ଥାଇ ସମାଜସେବାକୁ ବ୍ରତ ଭାବରେ ଗ୍ରହଣ କରିଛନ୍ତି।

# ରାମମନ୍ଦିର ପରିସରରେ ଚାରାରୋପଣ



**ରେଢ଼ାଖୋଲ, ୬।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ରଘୁନାଥ ମନ୍ଦିର ପରିସରରେ ଏକଲ ଗ୍ରାମୋଥାନ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ ସହ ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି। ମନ୍ଦିର ପରିସରରେ ସଫେଇ କରିବା ସହ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ଏକଲ ଗ୍ରାମୋଥାନ ଫାଉଣ୍ଡେସନର ସଭାପତି ଇଶ୍ୱର ଚନ୍ଦ୍ର ପୃଷ୍ଟି, ମହିଳା ସଶକ୍ତିକରଣ ସିଲାଇ ପ୍ରଶିକ୍ଷଣ କେନ୍ଦ୍ରର ସଭାପତି ଜ୍ୟୋତିର୍ମୟୀ ପ୍ରଧାନ, ଟ୍ରେନର ତପୋସ୍ୱିନି ପାତ୍ର ଓ ମୋବିଲାଜେସନ ରାକେଶ ଦେହୁରୀ ପ୍ରମୁଖ ସମେତ ବିଦ୍ୟାର୍ଥୀ ମାନେ ଯୋଗଦେଇ ଚାରା ରୋପଣ ସହିତ ପରିବେଶ ସ୍ୱଚ୍ଛତା କରିଥିଲେ।

# କାଳବୈଶାଖୀରେ ଘର କ୍ଷତିଗ୍ରସ୍ତ; କ୍ଷତିପୂରଣ ଦାବିରେ ରାସ୍ତାରୋକ

ରିଆମାଳ, ୬।୬(ସମିସ)

ଶନିବାର ସନ୍ଧ୍ୟାରେ ରିଆମାଳ ବ୍ଲକ ଅଞ୍ଚଳରେ କାଳବୈଶାଖୀର ପ୍ରଭାବରେ ବହୁ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି। ଗୁଣ୍ଡିଆପାଲି ପଞ୍ଚାୟତ ଅଞ୍ଚଳରେ ଆଜି ପ୍ରବଳ ପବନ ସାଙ୍ଗକୁ ବର୍ଷା ହୋଇଥିବାବେଳେ ବହୁ ଘରର ଆଜବେଷ୍ଟସ ଓ ଛଣ ଉଡ଼ାଇ ନେଇଛି। ଗଛପଡ଼ି ଜାତୀୟ ରାଜପଥ ରାସ୍ତା ଅବରୋଧ ହୋଇଥିଲା। ଦମକଳବାହିନୀ ପହଞ୍ଚି ଗଛକାଟି ରାସ୍ତା ସଫା କରିଥିଲେ। ଗୁଣ୍ଡିଆପାଲି ପଞ୍ଚାୟତ ଅଧୀନ ବିଲେଇଘଟି ଓ ବନାକାଲୋ ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ଘରର ଛପର, ଆଜବେଷ୍ଟସ ଉଡ଼ାଇ ନେଇଛି। ଦୁଇ ଗ୍ରାମର କ୍ଷତିଗ୍ରସ୍ତ ପରିବାର କ୍ଷତିପୂରଣ ଦାବିରେ ଦେବଗଡ଼ - ଅନୁଗୁଳ ଜାତୀୟ ରାଜପଥ ବିଲେଇଘଟି ଠାରେ ପ୍ରାୟ ୧ ଘଣ୍ଟା ଧରି ରାସ୍ତା ରୋକ କରିଥିଲେ।



ତହସିଲଦାର ବିଜୟାଲକ୍ଷ୍ମୀ ନାୟକ, ଥାନା ଅଧିକାରୀ ବିନୟ କେରକେଟା ପହଞ୍ଚି ବୁଝାସୁଝା ପରେ ରାତି ୯ ଟାରେ ରାସ୍ତା ରୋକ ହଟିଥିଲା। ପରେ ବିଡିଓ ଆଦିତ୍ୟ ପଣ୍ଡା ପହଞ୍ଚି କ୍ଷୟକ୍ଷତି ଆକଳନ ଆରମ୍ଭ କରିଛନ୍ତି। ଆସନ୍ତାକାଲି ସମସ୍ତ କ୍ଷତିଗ୍ରସ୍ତଙ୍କ ଘର କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି।

# ଧବଳେଶ୍ୱରଙ୍କ ଜମିରୁ ଜବରଦଖଲ ଉଚ୍ଛେଦ



ଆଠଗଡ଼,୬।୬(ସମିସ): ଆଠଗଡ଼ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଶ୍ରୀ ଧବଳେଶ୍ୱରଙ୍କ ଜମି ଗତ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଓ ବିଲଡରଙ୍କ ଦ୍ୱାରା ଜବର ଦଖଲ ହୋଇଥିଲା। ଆଠଗଡ଼ ପ୍ରଶାସନ ପକ୍ଷରୁ ଆଜି ଏହି ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାପଡିଛି। ରାଜ୍ୟ ପ୍ରସିଦ୍ଧ ତଥା ଆଠଗଡ଼ର ଆରାଧ୍ୟ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ଅନେକ ଭୂସଂପତ୍ତି ଦୀର୍ଘ ଦିନ ଧରି ଜବରଦଖଲ କବଜାରେ ରହିଥିବା ଅଭିଯୋଗ ହୋଇଆସୁଛି। ମଞ୍ଚେଶ୍ୱର ଗ୍ରାମପଞ୍ଚାୟତ ଅଧୀନସ୍ଥ ପାଇକେରାପୁରରେ ପ୍ରାୟ ୯ ଏକର ଜମି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଓ ବିଲଡର ସଂସ୍ଥା ଦ୍ୱାରା ଜବରଦଖଲ ହୋଇଥିଲା। ଏ ସଂପର୍କରେ ଦେବୋତ୍ତର ବିଭାଗ ପକ୍ଷରୁ ଆଠଗଡ ଉପଜିଲ୍ଲାପାଳଙ୍କ ଅଦାଲତରେ ଏକ ମାମଲା ବିଚାରାଧୀନ ରହିଥିଲା। ଉକ୍ତ ମାମଲାର ବିଚାର କରି ଦେବୋତ୍ତର ଜମି ଉପରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଉପଜିଲ୍ଲାପାଳ ଆଦେଶ ଦେଇଥିଲେ। ଆଦେଶ ଅନୁଯାୟୀ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଅତିରକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସୌମେନ୍ଦ୍ର କୁମାର ଭଞ୍ଜ, ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁଙ୍କ ସମେତ ଗୁରୁଡିଝାଟିଆ ଥାନା ପୁଲିସ ବାହିନୀଙ୍କ ଉପସ୍ଥିତିରେ ଜମି ଉପରେ ନିର୍ମିତ ହୋଇଥିବା ବେଆଇନ ରାସ୍ତା ଓ ମାଙ୍କଡା ପଥର ସବୁ ଉଠାଯାଇ ଜବରଦଖଲମୁକ୍ତ ହୋଇଥିଲା। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉଚ୍ଛେଦ ସମୟରେ ଘଟଣାସ୍ଥଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନଥିଲା।

# ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ; ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବଦଳି

ଭଦ୍ରେଶ୍ୱର,୬।୬(ସମିସ): ମାହାଙ୍ଗା ବ୍ଲକ ଅଧକ୍ଷା ଦୀପା ମଲିକଙ୍କ ଅଭିଯୋଗ ଉପରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦିପ ଦାସଙ୍କୁ ଶେଷରେ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ବ୍ଲକରେ ହେବାକୁ ଥିବା ଅନେକ ଉନ୍ନୟନ କାର୍ଯ୍ୟକୁ ନ କରିବା ପାଇଁ ସମ୍ପୃକ୍ତ ଯନ୍ତ୍ରୀ ପ୍ରବର୍ତ୍ତାଉଥିବା ଅଭିଯୋଗ ହୋଇଥିଲା। ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତ ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିସନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିସନ ଅନୁଦାନରେ ୩୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଅର୍ଥ ଆସିଥିଲା। କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ଅର୍ଥ ବିନିଯୋଗ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ବିଭିନ୍ନ ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀ ଓ କାର୍ଯ୍ୟାଳୟକୁ ପତ୍ର ଯୋଗେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଏତାଦୃଶ କାର୍ଯ୍ୟ ବିଷୟରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିଲା। ଏ ସମ୍ପର୍କରେ ମାହାଙ୍ଗା ପଞ୍ଚାୟତ ସମିତି ଅଧକ୍ଷା ଦୀପା ମଲିକ ଭାରତର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

# ବୃଦ୍ଧବୃଦ୍ଧାଙ୍କୁ ତୁରନ୍ତ ଭତ୍ତା ଦାବି; ତେଜୁଛି ଆନ୍ଦୋଳନ

ତିଗିରିଆ, ୬।୬ (ସମିସ):



ତିଗିରିଆ ବ୍ଲକର ୪ ହଜାରରୁ ଅଧିକ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ହିତାଧିକାରୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ଜରିଆରେ ମିଳୁଥିବା ମାସିକ ଭତ୍ତା ଟଙ୍କା ଅପ୍ରେଲ ଓ ମେ ମାସର ପାଇ ନଥିବାକୁ ନେଇ ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଛନ୍ତି। ଶନିବାର ଏଥିନେଇ ଜନ ପ୍ରତିନିଧିମାନେ ବିଡ଼ିଓ ସଂଗ୍ରାମ କେଶରୀ ଭୋଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ତୁରନ୍ତ ଭତ୍ତା ଟଙ୍କା ପ୍ରଦାନ ପାଇଁ ଦାବି କରିବା ସହିତ ଭତ୍ତା ସମସ୍ୟାର ତୁରନ୍ତ ସମାଧାନ କରା ନଗଲେ ରାଜରାସ୍ତାକୁ ଓଲହାଇବେ ବୋଲି ଚେତାବନୀ ଦେଇଛନ୍ତି। ତିଗିରିଆ ବ୍ଲକ ରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୪ ହଜାରରୁ ଉର୍ଦ୍ଧ ହିତାଧିକାରୀ ଭତ୍ତା ପାଉଛନ୍ତି। ଏପ୍ରିଲ ମାସ ୨୮ ତାରିଖରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ଚିଠି ମାଧମରେ ବ୍ଲକ କାର୍ଯ୍ୟାଳୟକୁ ଡିବିଟି ପ୍ରକ୍ରିୟାରେ ସଂଶୋଧନ ନିମନ୍ତେ ଅପ୍ରେଲ ମାସର ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମେ ମାସରେ ଯିବବୋଲି ଜଣାଇ ଦିଆଯାଇଥିଲା। ଏ ସମ୍ପର୍କରେ ତିଗିରିଆ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପଞ୍ଚାୟତ ଜନପ୍ରତିନିଧିଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଜୁନ ମାସ ଅଧା ହେବାକୁ ବସିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ମିଳିନାହିଁ। ମାସିକ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କ ଭଳି ଅସହାୟ ବ୍ୟକ୍ତିବିଶେଷ ପାଉଥିବା ଏଇ କେତେଟା ଟଙ୍କାରେ ନିଜର ନିତ୍ୟ ବ୍ୟବହାର୍ଯ୍ୟ ଖର୍ଚ୍ଚ ଉଠାଉଥିବା ବେଳେ ଦୁଇମାସ ହେବ ଏହି ଟଙ୍କା ମିଳିନଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଜନପ୍ରତିନିଧିମାନେ ବିନା କୌଣସି କାରଣରେ ଜନଆକ୍ରୋଶର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଏହି ଘଟଣାର ସମାଧାନ ସହ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ଉପସ୍ଥିତ ଜନପ୍ରତିନିଧିମାନେ ବିଡ଼ିଓ ଶ୍ରୀ ଭୋଳଙ୍କ ନିକଟରେ ଦାବି କରିଛନ୍ତି। ଘଟଣାର ସମାଧାନ ନହେଲେ ଜନ ପ୍ରତିନିଧିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପଞ୍ଚାୟତସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ସୋମପଡା ସରପଞ୍ଚ ପ୍ରଶାନ୍ତ ରାଉତ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପୁରୁଣା ତିଗିରିଆ ସରପଞ୍ଚ ପ୍ରତାପ ଜେନା, ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା, ବଡନାଉପୁଟ ସରପଞ୍ଚ ପ୍ରୀତିମୟୀ ପଣ୍ଡା, ଯୁବ ସଙ୍ଗଠକ ଅରୁଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ୨୫ ଚୋରା ଗ୍ୟାସ୍ ସିଲିଣ୍ଡର ଜବତ; ଜଣେ ଗିରଫ



ସାଲେପୁର,୬।୬(ସମିସ): ବେଆଇନ୍ ଭାବେ ରନ୍ଧନ ଗ୍ୟାସ୍ ଚାଲାଣ କରୁଥିବାବେଳେ ସାଲେପୁର ପୁଲିସ ଚଢ଼ଉ କରି ଏକ ଟାଟା ଏସି. ଗାଡି ସହ ୨୫ଟି ଗ୍ୟାସ୍ ସିଲିଣ୍ଡର ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାର କୁଳିଆ ବଜାର ନିକଟରେ ଭୋର ସମୟରେ କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ଅଭିମୁଖେ ଏକ ଟାଟା ଏ.ସି. ଯୋଗେ ୨୫ରୁ ଉଦ୍ଧ୍ୱର୍ ଘରୋଇ ବ୍ୟବସାୟିକ ସିଲିଣ୍ଡର ଚାଲାଣ ହେଉଥିବାବେଳେ ପୁଲିସ ଗାଡ଼ିଟିକୁ ଯାଞ୍ଚ କଲାପରେ ଏହା ଚୋରା ଗ୍ୟାସ୍ ବୋଲି ଜଣାପଡ଼ିଥିଲା। ସାଲେପୁର ପୁଲିସ ପକ୍ଷରୁ ଯୋଗାଣ ବିଭାଗକୁ ଅବଗତ କଲାପରେ ଏ ସଂପର୍କରେ ସାଲେପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଯୋଗାଣ ବିଭାଗ ଅଭିଯୋଗକୁ ଆଧାର କରି ଟାଟା ଏସି. ସହ ୨୫ଟି ଚୋରା ଗ୍ୟାସ୍ ସିଲିଣ୍ଡରକୁ ଜବତ କରିବା ସହ ଖୋର୍ଦ୍ଧା ବାଲିପାଟଣା ଅଞ୍ଚଳର ବିଶ୍ୱରଂଜନ ଖୁଣ୍ଟିଆକୁ ଗିରଫ କରି ଏକ ମାମଲା ରୁଜୁ କରିଥିବା ସାଲେପୁର ଆଇଆଇସି. ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ଦାତବ୍ୟ ହୋମିଓପାଥି ଚିକିତ୍ସା ଶିବିର



ଚୌଦ୍ୱାର,୬।୬(ସମିସ): ଚୌଦ୍ୱାରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରଙ୍ଗଣରେ ଆରସିସି ବିବେକାନନ୍ଦ ପକ୍ଷରୁ ଦାତବ୍ୟ ହୋମିଓ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆରସିସି ବିବେକାନନ୍ଦର ସଭାପତି ମାନସ କୁମାର ସାହୁ ଓ ମମତା ସାହୁଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଇନଷ୍ଟିଚ୍ୟୁଟ ଅଫ୍ ହୋମିଓପାଥିକ୍‌ର ଡା.ମନୋଜ କୁମାର ମହାନ୍ତି, ଡା.ସୁଲିପ୍ତ କୁମାର ମହାନ୍ତି, ଡା. ରଜତ କୁମାର ଷଡଙ୍ଗୀ, ଡା.ମନୋଜ କୁମାର ସାହାଣୀ ପ୍ରମୁଖ ୫୫ଜଣ ରୋଗୀଙ୍କ ଚିକିତ୍ସା କରି ମେଡିସିନ ପ୍ରଦାନ କରିଥିଲେ। ଚନ୍ଦ୍ରଶେଖର ସାହୁ, ଦୁର୍ଗା ପ୍ରସାଦ, ମାନସ ରଞ୍ଜନ ସାହୁ, ପ୍ରଭାସ କୁମାର ଚୌଧୁରୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# କାଳବୈଶାଖୀର ତାଣ୍ଡବ: ଗଛ ପଡ଼ି ମୁଖ୍ୟରାସ୍ତା ଅବରୋଧ

ନରସିଂହପୁର,୬।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଶନିବାର କାଳବୈଶାଖୀ ବର୍ଷା ଓ ଝଡ଼ ତୋଫାନରେ ବ୍ୟାପକ କ୍ଷୟକ୍ଷତି ହେବା ସହିତ ସମଗ୍ର ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି। ନରସିଂହପୁରଠାରୁ ବାଲିପୁଟ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ହୋଇଛନ୍ତି। ନରସିଂହପୁର-କମଳାଡିହ ମୁଖ୍ୟରାସ୍ତାର ଘଣ୍ଟାପଡାରେ ଗଛ ଭାଙ୍ଗିବା ସହ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ଯାହାଫଳରେ ରାସ୍ତା ଅବରୋଧ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। କାଳବୈଷଖୀ ବର୍ଷାରେ କାଠଖୁଣ୍ଟ ଗ୍ରାମର ଏମଇ ସ୍କୁଲର ସମସ୍ତ ଶ୍ରେଣୀ ଗୃହର ଆଜବେଷ୍ଟସ ଭାଙ୍ଗି ଯାଇଥିବା ସହିତ ଅଫିସ୍ ଗୃହ ଆଜବେଷ୍ଟସ ଭାଙ୍ଗିଛି। ଏହି ବ୍ଲକର କୋକଳବା ପଞ୍ଚାୟତ ହଇରାଣପୁର ଗ୍ରାମର ଜଗନ୍ନାଥ ମନ୍ଦିର କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହେବା ସହିତ



ଛପର ଉଡିଯାଇଛି। ସେହିପରି ନରସିଂହପୁର-ବଡମ୍ବା। ମୁଖ୍ୟରାସ୍ତା ମଧ୍ୟରେ ଅନେକ ସ୍ଥାନରେ ଗଛ ପଡ଼ି ଯାଇଥିବାରୁ ରାସ୍ତାରେ ଦୁର୍ଘଟଣା ଘଟିବା ସହ ଯାତାୟାତର ଅସୁବିଧା ସୃଷ୍ଟି ହୋଇଛି। କାଳବୈଶାଖୀ ବର୍ଷାରେ ଫିଡ଼ର ଅଧୀନରେ ଥିବା ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଅଞ୍ଚଳ ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ଆଜି ବିଦ୍ୟୁତ ସେବା ବର୍ତ୍ତମାନ ୪ ଘଣ୍ଟା ଧରି ବନ୍ଦ ରହିଛି। ବିଭିନ୍ନ ସ୍ଥାନରେ ପଡି ରହିଥିବା ବଡ଼ ବଡ଼ ଗଛକୁ ନରସିଂହପୁର ଅଗ୍ନିଶ୍ରମ ବିଭାଗ କର୍ମଚାରୀ କାଟି ଉଠାଉଛନ୍ତି।

# ନିଖୋଜ ଆଦିତ୍ୟର ଶବ ଉଦ୍ଧାର

ନରସିଂହପୁର, ୬।୬(ସମିସ): ନରସିଂହପୁର ଥାନା ଅଧୀନ ଘୋରାଡିଆ ମହାନଦୀରେ ନିଖୋଜ ଥିବା ନାତି ଆଦିତ୍ୟର ଶବକୁ ଶନିବର ଏନଡ଼ିଆରଏଫ ଟିମ ଓ ଅଗ୍ନିଶ୍ରମ ବିଭାଗ ଉଦ୍ଧାର କରିଛନ୍ତି। ଶୁକ୍ରବାର ରାତି ସୁଦ୍ଧା ନରସିଂହପୁର ଅଗ୍ନିଶମ ବିଭାଗ ଖୋଜାଖୋଜି କରିଥିଲେ ମଧ ଆଦିତ୍ୟକୁ ପାଇ ନଥିଲେ। ଶନିବାର ଏନଡ଼ିଆରଏଫ ଟିମ, ଆଠଗଡ଼ ଓ ନରସିଂହପୁର ଅଗ୍ନିଶ୍ରମ ବିଭାଗ ମିଳିତ ଭାବେ ମହାନଦୀର ବିଭିନ୍ନ ସ୍ଥାନରେ ପ୍ରାୟ ୪ଘଣ୍ଟା ଖୋଜିବା ପରେ ଧନୀପୁର ଗ୍ରାମର ଆଦିତ୍ୟକୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ତହସିଲଦାର ଅମ୍ରିତା ସାହୁ ତଦାରଖ କରୁଥିଲେ। ଉଦ୍ଧାର ନରସିଂହପୁର ପୁଲିସ ଉକ୍ତ ଶବକୁ ବ୍ୟବଚ୍ଛେଦ ପାଇଁ ବଡମ୍ବା ଡାକ୍ତରଖାନାକୁ ପଠାଇଥିଲେ। ଗ୍ରାମବାସୀ ମହାନଦୀ ନିକଟରେ ଆଦିତ୍ୟକୁ ଦେଖିବା ପାଇଁ ଯାଇଥିଲେ। ତୁରନ୍ତ ଉକ୍ତ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ବ୍ୟବସ୍ଥା କରାଯାଇଛି।

# ଲକ୍ଷ୍ମୀ ବସ୍‌କୁ ଅଟକ ରଖିଲେ ପେଟ୍ରୋଲ ପମ୍ପ କର୍ମଚାରୀ

ତିଗିରିଆ,୬।୬ (ସମିସ): ଦୀର୍ଘ ଦିନ ଧରି ତିଗିରିଆରେ ଚାଲୁଥିବା ଏକ ଲକ୍ଷ୍ମୀ ବସରେ ପଡି ରହିଥିବା ପେଟ୍ରୋଲ ବିଲ ପୈଠ ନ କରିବା କାରଣରୁ ଆଜି ଅପରାହ୍ନରେ ଜଗାବଳିଆ ଫିଲିଂ ପଏଣ୍ଟ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ପକ୍ଷରୁ ଲକ୍ଷ୍ମୀ ବସକୁ ଅଟକ ରଖିବା ଭଳି ଘଟଣା ତିଗିରିଆ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ପଚାରିବାରେ ଆଜକୁ ପ୍ରାୟ ଦେଢ଼ ବର୍ଷ ହେବ ଲକ୍ଷ୍ମୀ ବସରେ ପଡିଥିବା ଇନ୍ଧନ ବାବଦରେ ବିଲ ପ୍ରାୟ ୨୫ ହଜାର ଟଙ୍କା ବାକି ରହିଛି। ଏ ସମ୍ପର୍କରେ ପେଟ୍ରୋଲ ପମ୍ପ ପକ୍ଷରୁ ଲକ୍ଷ୍ମୀ ବସ କର୍ତ୍ତୃପକ୍ଷ, ଉପରିସ୍ଥ ଅଧିକାରୀଙ୍କୁ ବକେୟା ଟଙ୍କା ପ୍ରଦାନ ପାଇଁ ବାରମ୍ବାର କୁହାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଆଜିକାଲି କହି ଟାଳି ଚାଲିଥିଲେ। ଯାହାକୁ ନେଇ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷଙ୍କ ଅସନ୍ତୋଷ ବୃଦ୍ଧି ପାଇଥିଲା। ଆଜି ଅପରାହ୍ନରେ କର୍ତ୍ତୃପକ୍ଷଙ୍କ ତରଫରୁ ଲକ୍ଷ୍ମୀ ବସକୁ ପେଟ୍ରୋଲ ପମ୍ପ ପରିସରରେ ଅଟକ ରଖାଯାଇଥିଲା। ସରକାରଙ୍କ ପକ୍ଷରୁ ତୈଳ ସଙ୍କଟ ସମୟରେ ପେଟ୍ରୋଲ ପମ୍ପକୁ ସରକାରୀ ସେବା ବ୍ୟାହତ ନହେବା ଉଦ୍ଦେଶ୍ୟରେ ଦୁଇମାସର ପେଟ୍ରୋଲ ବିଲ ବାବଦ ଅର୍ଥ ପୈଠ କରିବାକୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଲକ୍ଷ୍ମୀ ବସରେ ପଡିଥିବା ପେଟ୍ରୋଲ ବିଲ ଦେବାରେ ସରକାର ନିଜେ ଅସମର୍ଥ ହେବା କାରଣରୁ ଅଟକ ଘଟଣା ଲଜ୍ଜାକର ପରିସ୍ଥିତି ସୃଷ୍ଟି କରିଛି। କର୍ତ୍ତୃପକ୍ଷଙ୍କ ତରଫରୁ ଯଥାଶୀଘ୍ର ଘଟଣାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ବସକୁ ଛାଡିଥିବା ସୂଚନା ମିଳିଛି।

# ବ୍ଲକ୍‌ସ୍ତରୀୟ ସମୂହ ସବୁଜ ଶପଥ ପାଠ

ନିଶ୍ଚିନ୍ତକୋଇଲି,୬।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ସାମୂହିକ ସବୁଜ ଶପଥ ପାଠ କରାଯାଇ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ବଡକ୍ଷୀର ପଞ୍ଚାୟତ ଗୋପପୁର ପଣସପଡିଆସ୍ଥିତ ପଣ୍ଡା ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୃଷକ ସମ୍ବାଦ ଓ ଜନମଙ୍ଗଳ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅଧାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଂଯୋଜନା କରିଥିଲେ।



ପରିବେଶବିତ୍ ପ୍ରମୋଦ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଶୁଭସ୍ମିତା ମହାପାତ୍ର ଜୈବ ବିବିଧତାର ସୁରକ୍ଷା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଫକୀର ଚରଣ ନାୟକ, ଶଶିଭୂଷଣ ଷଡଙ୍ଗୀ, ଡ. ପ୍ରସନ୍ନ କୁମାର ଦାସ, ଡ. ଅଶ୍ୱିନୀ କୁମାର ଲେଙ୍କା, ମହନ୍ତ ଅନନ୍ତରାମ ଦାସ, ଦେବବ୍ରତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ହରିହର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

■ ଗୁନାଭାଇନା ସ୍ମାରକୀ କ୍ରିକେଟ୍

# ସୁପର୍‌ଓଭରରେ କାଳିଆଗଡ଼ ଚାମ୍ପିଅନ

ଫୁଲନଖରା, ୬।୬ (ସମିସ): ଫୁଲନଖରାସ୍ଥିତ ଅରବିନ୍ଦ ସ୍କୁଲ ଖେଳପଡିଆରେ ତ୍ରିଦିବସୀୟ ରାତ୍ରକାଳୀନ ତୃତୀୟ ଗୁନାଭାଇନା ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଥାର୍ଡ ଡିଗ୍ରୀ ଓ ଏଭରଗ୍ରୀନ୍ କ୍ରିକେଟ୍ କ୍ଲବ ଦ୍ୱାରା ପରିଚାଳିତ ଉକ୍ତ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାର ପ୍ରାୟ ୩୨ଟି କ୍ରିକେଟ୍ ଦଳ ଭାଗ ନେଇଥିଲେ। ନକ୍‌ଆଉଟ୍ ପଦ୍ଧତିରେ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଚୂଡ଼ାନ୍ତ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲାର କାଳିଆଗଡ ଓ କଟକ ଜିଲ୍ଲାର ସୁଭଦ୍ରାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଭଦ୍ରାପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୨ ରନ୍ ସଂଗ୍ରହ କରିଥିବା ବେଳେ କାଳିଆଗଡ ୭୨ରନ୍ ସଂଗ୍ରହ କରିଥିଲା। ଫଳରେ ଉଭୟଙ୍କ ମଧ୍ୟରେ ସୁପରଓଭର ଖେଳାଯାଇଥିଲା। କାଳିଆଗଡ ଦଳ ପ୍ରଥମେ ବ୍ୟାଟିଂ କରି ୬ଟି ବଲ୍‌ରୁ ୧୬ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରାପୁର ବ୍ୟାଟିଂ କରି ମାତ୍ର ୮ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲେ। କାଳିଆଗଡ ଦଳ ଚମ୍ପିୟନ ହେବା ସହ ଅର୍ଥରାଶି ୩୦ହଜାର ଟଙ୍କା ଓ ଚମ୍ପିୟନ ଟ୍ରଫି ଏବଂ ସୁଭଦ୍ରାପୁର ରନର୍ସଅପ୍ ଟ୍ରଫି ସହ ୨୦ହଜାର ଟଙ୍କା ଆର୍ଥିକ ରାଶି ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ




ଚନ୍ଦ୍ରସାରଥି ବେହେରା, ସମାଜସେବୀ ଜ୍ଞାନରଂଜନ ସାହୁ, ବିପ୍ରଚରଣ ଭୋଳ, ଶିବପ୍ରସାଦ ପଟ୍ଟନାୟକ, ପବିତ୍ର ବେହେରା, ସରୋଜ ପଟ୍ଟନାୟକ ଓ ପ୍ରକାଶ ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଦୀପକ ସାହୁ, ଅମନ୍ ପଟ୍ଟନାୟକ, ସରୋଜ ନାୟକ, ଆଲୋକ ବେହେରା, ସୁଶୀଲ ବେହେରା, ରାହୁଲ ପଟ୍ଟନାୟକ, ମନୋଜ ପଟ୍ଟନାୟକ ପ୍ରମୁଖ ଥାର୍ଡ ଡିଗ୍ରୀ ଓ ଏଭରଗ୍ରୀନ୍ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

ଜବରଦଖଲରେ ଗ୍ରାମ୍ୟ ରାସ୍ତା

# ଉଚ୍ଛେଦ ଏକ ସପ୍ତାହ ଘୁଞ୍ଚିଲା

ଟାଙ୍ଗୀ,୬।୬(ସମିସ): କୋଟସାହି ପଞ୍ଚାୟତ ବନ୍ଦାଳ ଗ୍ରାମରେ ଜବରଦଖଲ ସମସ୍ୟା ବୃଦ୍ଧିପାଇଛି। ସରକାରୀ ଗ୍ରାମ୍ୟ ରାସ୍ତାକୁ ଜବରଦଖଲ କରି ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଘରଦ୍ୱାର ଓ ପାଚେରି ନିର୍ମାଣ କରିଛନ୍ତି। ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଉଥିବାବେଳେ ବସ୍ତିକୁ ଆମ୍ବୁଲାନ୍ସ କିମ୍ବା ଦମକଳ ପଶିପାରୁନି। ଏଭଳି ଘଟଣା ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ବନ୍ଦାଳ ଗ୍ରାମରେ ଦେଖିବାକୁ ମିଳିଛି। ସ୍ଥାନୀୟ ବାସିନ୍ଦା ରାହାସ ମଳିକଙ୍କ ଅଭିଯୋଗ ଆଧାରରେ ଟାଙ୍ଗୀ-ଚୌଦ୍ୱାର ତହସିଲ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜବରଦଖଲକାରୀଙ୍କୁ ନୋଟିସ୍ ଜାରି କରାଯାଇ ଉଚ୍ଛେଦ ନିମନ୍ତେ ଶନିବାର ଦିନ ଧାର୍ଯ୍ୟ କରାଯାଇଥିଲା ବେଳେ ତହସିଲ କର୍ତ୍ତୃପକ୍ଷ ଏକ ସପ୍ତାହ ମହଲତ ନେବା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଅତିରିକ୍ତ ତହସିଲଦାର ପ୍ରଜ୍ଞାପରମିତା ପଣ୍ଡାଙ୍କ ସମେତ ଉପଖଣ୍ଡ ପୁଲିସ୍ ଅଧିକାରୀ ଉମାକାନ୍ତ ନାୟକ, ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ବିକାଶ ସେଠୀ ଓ ସୁରକ୍ଷା ବାହିନୀ ଉପସ୍ଥିତିରେ ଜବରଦଖଲକାରୀଙ୍କୁ ଚେତାବନୀ ଦିଆଯାଇଥିଲା।

# ବିଦ୍ୟାର୍ଥୀଙ୍କୁ ପୋଷାକ ବିତରଣ

ନିଶ୍ଚିନ୍ତକୋଇଲି,୬।୬(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ଜିଗ୍ନିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନାରେ ୭୧ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପୋଷାକ, ଜୋତା ଓ ଟୋପି ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମୀନାକୁମାରୀ ସେଠୀଙ୍କ ପୌରୋହିତ୍ୟରେ ଏହି ପୋଷାକ ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପିତାମ୍ବର ବେହେରା, ମୁଖ୍ୟବକ୍ତା ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଭବାନୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଉପସଭାପତି ସନ୍ତୋଷ କୁମାର ଦାସ, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ରଂଜନ କୁମାର ଦାସ, ସଭ୍ୟା ରଂଜିତା ମିଶ୍ର, ଗୀତାଞ୍ଜଳୀ ରାଉତ, ମୋହିନୀ ମଳିକ ପ୍ରମୁଖ ଯୋଗ ଦେଇଥିଲେ। ରୋଜାଲିନ୍ ସେଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଏଥିରେ ବହୁ ଅଭିଭାବକମାନେ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷୟିତ୍ରୀ ଭାରତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଚୌଦ୍ୱାର, ୬।୬(ସମିସ): ଚୌଦ୍ୱାର କଳିଙ୍ଗ ନୋଡାଲ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ନନ୍ଦଙ୍କ ୮୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଅବସରପ୍ରାପ୍ତ ଶିକ୍ଷକ ସଂଘର ସୁକାନ୍ତ କୁମାର ମହାନ୍ତି, ନରହରି ନରହରି ନାୟକ, ପ୍ରମୋଦ କୁମାର ନାୟକ, ଉତ୍ତମ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେଠୀ, ଗୌତମ କୁମାର ଆଚାର୍ଯ୍ୟ, ଶିବପ୍ରସାଦ ପତି ତଥା କଳିଙ୍ଗ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ସଭାପତି ଶୁଭେନ୍ଦୁ ସାମଲ, ଆଲମୁନି କମିଟିର ପ୍ରଶାନ୍ତ କୁମାର ବରାଳ, ଭାସ୍କରଚନ୍ଦ୍ର ପ୍ରଧାନ, ଗୋକୁଳାନନ୍ଦ ସାହୁ, ଆଶୁତୋଷ ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରି ତାଙ୍କର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ସାପ୍ତାହିକ ହାଟ ଓ ବଜାର ସମସ୍ୟା ନେଇ ବିଧାୟକଙ୍କ ସମୀକ୍ଷା

# ଜଳ ନିଷ୍କାସନ, ଆଲୋକୀକରଣ ଓ ବସ୍‌ଷ୍ଟାଣ୍ଡର ସୁବିଧାକୁ ଗୁରୁତ୍ୱ

ନିଶ୍ଚିନ୍ତକୋଇଲି,୬।୬(ସମିସ):



ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ଓ ବଜାରର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ପ୍ରଶାସନ ଓ ବିଧାୟକଙ୍କୁ ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ପ୍ରମୋଦ ପଣ୍ଡା ଓ ସଂପାଦକ ଜୀବନାନନ୍ଦ ଦାଶ ଅବଗତ କରାଇଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଶନିବାର ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ହାଟ ଓ ବଜାରରେ ରହିଥିବା ବିଭିନ୍ନ ସମସ୍ୟାର କିପରି ସମାଧାନ କରାଯିବ ସେନେଇ ଏକ ସମୀକ୍ଷା କରାଯାଇଛି। ତହସିଲଦାର ଦମୟନ୍ତୀ ସାହୁଙ୍କ ସଂଯୋଜନାରେ ଏହି ସମୀକ୍ଷା ବୈଠକକୁ ନିଶ୍ଚିନ୍ତକୋଇଲି ବିଡିଓ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ନିଶ୍ଚିନ୍ତକୋଇଲି ଥାନାଧିକାରିଣୀ, କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ସଂପାଦକ, ନିଶ୍ଚିନ୍ତକୋଇଲି ସରପଞ୍ଚ ଏବଂ ବଜାର କମିଟିର ସଭାପତିଙ୍କୁ ଏଥିରେ ଯୋଗଦେବା ପାଇଁ ଡକାଯାଇଥିଲା। ହେଲେ ବହୁ ଅଧିକାରୀ ଏହି ସମୀକ୍ଷା ବୈଠକରେ ଯୋଗଦେଇ ନଥିଲା ବେଳେ ସେମାନଙ୍କ ବିଭାଗୀୟ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ସମସ୍ତ କର୍ମଚାରୀମାନଙ୍କ ସହ ବିଧାୟକ ଶ୍ରୀ ପ୍ରଧାନ ନିଶ୍ଚିନ୍ତକୋଇଲି ହାଟ ଏବଂ ତାରିଣୀ ମନ୍ଦିର ପାଖ ରାସ୍ତାରେ ଜମି ରହୁଥିବା ବର୍ଷା ଜଳ, ହାଟ ମଧ୍ୟରେ ଗଦା ହୋଇ ରହିଥିବା ଅଳିଆ ଆବର୍ଜନା, ଜବରଦଖଲ ଅବସ୍ଥାରେ ଥିବା ଶୌଚାଳୟ, ବଜାରରେ ଜଳୁନଥିବା ଷ୍ଟ୍ରିଟ୍ ଲାଇଟ୍ ଏବଂ ଜଳ ନିଷ୍କାସନରେ ବାଧକ ସୃଷ୍ଟି ହୋଇଥିବା ନୟନଯୋରୀକୁ ବୁଲି ଦେଖିଥିଲେ। ଏହାପରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ନିଶ୍ଚିନ୍ତକୋଇଲି ବଜାର ଓ ହାଟରେ ରହିଥିବା ବିଭିନ୍ନ ସମସ୍ୟାକୁ କିଭଳି ତୁରନ୍ତ ସମାଧାନ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ପ୍ରଥମେ ୮ ନଂ କେନାଲ ପାଶ୍ୱର୍ରେ ରହିଥିବା ନୟନଯୋରୀରୁ

**ଯୋଗଦେଲେନି ବହୁ ଅଧିକାରୀ**

ଜବରଦଖଲକାରୀମାନଙ୍କୁ ଉଚ୍ଛେଦ କରାଯାଇ ତାହାକୁ ଖୋଳାଯାଇ ବଜାର ଓ ହାଟର ଉଦ୍‌ବୃତ ବର୍ଷା ଜଳକୁ ନିଷ୍କାସନର ବ୍ୟବସ୍ଥା କରାଯିବା ପାଇଁ ଆଲୋଚନା ହୋଇଥିଲା। ଜବରଦଖଲକାରୀ ଅଧିନରେ ଥିବା ଶୌଚାଳୟକୁ ଖୁବ୍ ଶୀଘ୍ର ଉଚ୍ଛେଦ କରାଯାଇ ଏହାକୁ ପଞ୍ଚାୟତ ଅଧିନକୁ ହସ୍ତାନ୍ତର କରିବା ପାଇଁ ବିଧାୟକ ଶ୍ରୀ ପ୍ରଧାନ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ ବିଲ୍ ପଇଠ ନ ହେବାରୁ ବଜାର ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଯୋଗୁ ଦୀର୍ଘ ଦିନ ହେବ ବଜାର ଅନ୍ଧାରରେ ରହୁଥିବା ସମସ୍ୟାକୁ ବିଦ୍ୟୁତ ବିଭାଗୀୟ ସହିତ ଆଲୋଚନା କରାଯାଇ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ। ସାପ୍ତାହିକ ହାଟକୁ ଜବରଦଖଲକାରୀଙ୍କ କବ୍‌ଜାରୁ ଉଚ୍ଛେଦ କରାଯାଇ ହାଟ ପାଶ୍ୱର୍ରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବା ସହିତ ଏହାର ଉପର ମହଲାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନର ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା। ହାଟ ମଧ୍ୟରେ ଥିବା ନର୍ଦ୍ଦମା ନାଳକୁ ସଂପୂର୍ଣ୍ଣ ବନ୍ଦ୍ କରାଯାଇ ଏହାର ବର୍ଷା ଜଳ ନିଷ୍କାସନ ପାଇଁ ମାଟି ତଳେ ପାଇପ୍‌ର ବ୍ୟବସ୍ଥା କରାଯିବା ନିମନ୍ତେ ଆଲୋଚନା ହୋଇଛି। ଏଭଳି ସମସ୍ୟା ଗୁଡିକର ସମାଧାନ କରାଗଲେ ବଜାରର ସମସ୍ତ ବ୍ୟବସାୟୀ, ସାପ୍ତାହିକ ହାଟର ବ୍ୟବସାୟୀ, ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ଜଣାଯାଇଛି। ତେବେ, ବୈଠକର ନିଷ୍ପତ୍ତି କେତେ ଦୂର କାର୍ଯ୍ୟକାରୀ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# କାଳବୈଶାଖୀ ପବନରେ ଉପୁଡ଼ିଲା ଗଛ, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ




ବେଗୁନିଆ,୬।୬(ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ କାଳ ବୈଶାଖୀ ପବନ ଯୋଗୁଁ ଏକ ଆମ୍ବ ଗଛ ଉପୁଡ଼ି ଯାଇ ବିଦ୍ୟୁତ୍ ଖୁଣ୍ଟ ଉପରେ ପଡ଼ି ଯାଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯିବା ସହ ରାସ୍ତା ଉପରେ ପଡ଼ି ଯିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିଲା। ଏଥିରେ ସେଭଳି କୌଣସି ଦୁର୍ଘଟଣା ଘଟି ନ ଥିବା ବେଳେ ଆମ୍ବ ଗଛଟିକୁ ହଟାଇବା ପାଇଁ ବିଦ୍ୟୁତ୍ ବିଭାଗ ଓ ବେଗୁନିଆ ଅଗ୍ନିଶମ ବିଭାଗକୁ ଖବର ଦିଆ ଯାଇଥିଲା। ପରେ ଅଗ୍ନିବୀର ମୁସ୍ତାକିମ୍ ମହମ୍ମଦଙ୍କ ନେତୃତ୍ୱରେ କର୍ମଚାରୀ ମାନେ ପହଁଚି ଗଛ କାଟି ରାସ୍ତା ଅବରୋଧ ହଟାଇ ଥିଲେ।

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପେନସନ ଅଦାଲତ

# ସ୍ଥଗିତ ପେନସନ କେସ୍ ୧୫ ଦିନରେ ସମାଧାନ କର

ଖୋର୍ଦ୍ଧା,୬।୬ (ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପ୍ରତ୍ୟେକ କାର୍ଯ୍ୟାଳୟରେ ଅବସର ଗ୍ରହଣ କରିବାକୁ ଯାଉଥିବା ସରକାରୀ କର୍ମଚାରୀଙ୍କ ଚାକିରି ନିୟମିତୀକରଣ କରିବା ବିଭାଗୀୟ ଅଧିକାରୀ ମାନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ଅଟେ। ପ୍ରତ୍ୟେକ କର୍ମଚାରୀ ମାନଙ୍କ ପେନସନ କାଗଜାତ ନିଶ୍ଚିତ ଭାବେ ଦୁଇମାସ ପୂର୍ବରୁ ଚୂଡାନ୍ତ ହୋଇ ପେନସନ ମଞ୍ଜୁରି କରୁଥିବା ଅଧିକାରୀ ଓ ମହାଲେଖାଗାର କାର୍ଯ୍ୟାଳୟକୁ ପଠାଇବାକୁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବା ଜରୁରୀ ବୋଲି କହିଥିଲେ। ଜିଲ୍ଲାର ୮୬ ଗୋଟି ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟର ୨୨୨ ଗୋଟି ପେନସନ କେସ ସମୀକ୍ଷା କରି ଉପରୋକ୍ତ ବିଷୟ ପ୍ରକାଶ କରି ୧୫ ଦିନ ମଧ୍ୟରେ କର୍ମଚାରୀମାନଙ୍କ ସ୍ଥଗିତ ଥିବା ପେନସନ କେସ ସମାଧାନ କରିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଭିଜିଲାନ୍ସ କେସ ଥିବା କର୍ମଚାରୀ ମାନଙ୍କ କେସ ଗୁଡ଼ିକର ସ୍ଥିତି ପରଖି ଜିଲ୍ଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଜିଲ୍ଲାରେ ସମସ୍ତ ତହସିଲ, ବ୍ଲକ, ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ, ପୂର୍ତ୍ତ, ବନଖଣ୍ଡ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ, ଶିକ୍ଷା ,ଜଳ ବିଭାଜିକା, କୃଷି, ପରିବହନ, ଅବକାରୀ ଆଦି କାର୍ଯ୍ୟାଳୟ ଗୁଡିକର ପେନସନ କେସ ଗୁଡ଼ିକୁ ସମୀକ୍ଷା କରି ଅବସର କରୁଥିବା କର୍ମଚାରୀ ମାନଙ୍କୁ ଅବସର ଗ୍ରହଣ ଦିନ ଅସ୍ଥାୟୀ ପେନସନ ପ୍ରଦାନ କରିବା ସହ ସେମାନଙ୍କର ସ୍ଥାୟୀ ପେନସନ ପ୍ରଦାନ ଦିଗରେ ସମସ୍ତ କାର୍ଯ୍ୟ ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଉପ ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ ପ୍ରମୁଖ ଯୋଗଦେଇଥିଲେ।

# ୩ ଦିନ ଧରି ଜମିବ 'ତପସ୍ୟା' ରଜ ମହୋତ୍ସବ

ଖୋର୍ଦ୍ଧା,୬।୬(ସମିସ): ଖୋର୍ଦ୍ଧା ବ୍ଲକ୍ ତାପଙ୍ଗ ପଞ୍ଚାୟତ ଅଣ୍ଡା ଗ୍ରାମରେ ସାଂସ୍କୃତିକ ଅନୁଷ୍ଠାନ 'ତପସ୍ୟା' ଜନ ମଙ୍ଗଳ ଅନୁଷ୍ଠାନ ପକ୍ଷରୁ ଶ୍ରୀ ଶାଳେଶ୍ୱର ୧୫ତମ ରଜ ମହୋତ୍ସବ ଅନୁଷ୍ଠିତ ହେବ। ୧୪ରୁ ୧୬ ତାରିଖ ୩ ଦିନ ଧରି ଜମିବ ରଜ ମହୋତ୍ସବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ୧୪ବର୍ଷ ଧରି ଓଡ଼ିଶା ସଂସ୍କୃତିର ବାର୍ତ୍ତାବହ ଭାବେ ପିଲାଙ୍କ ମଧ୍ୟରେ ପୁଚିଖେଳ, ରଜଦୋଳି, ଝୋଟି, ଗୀତ, ନାଚ, ବେଲୁନ ଫୁଙ୍କା ଏବଂ ମହିଳାଙ୍କ କ୍ଷେତ୍ରରେ ମାଳି ଗୁନ୍ଥିବା, ପାନଭଙ୍ଗା, ପୋଡପିଠା ପ୍ରଭୃତି ପ୍ରତିଯୋଗିତା ଏବଂ ପ୍ରଦର୍ଶନୀ ଆୟୋଜନ କରି ଆସୁଛି। ଚଳିତ ବର୍ଷ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଏ ସମସ୍ତ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ୪୦ରୁ ଉର୍ଦ୍ଧ୍ୱ ଦୋଳି ଲଗାଯିବ। ଏଥିରେ ୩ଦିନ ବ୍ୟାପୀ ଯୁବତୀମାନେ ରଜ ଦୋଳିର ମଜା ଉଠାଇବେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ୩ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଆଞ୍ଚଳିକ କଳାକାରଙ୍କୁ ନେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ଅନୁଷ୍ଠାନର ସଭ୍ୟ, ଗ୍ରାମ କମିଟି ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ସେବିକା ପଦ୍ମାବତୀ ଦେବୀଙ୍କ ସ୍ମୃତିଚାରଣ



ବାଣପୁର,୬।୬(ସମିସ) : ଦେବଜାନୀ ସ୍ମାରକୀ ପାଠାଗାର ଓ ମହ୍ଲାର ନୃତ୍ୟସଂଗୀତ ବିଦ୍ୟାଳୟର ପ୍ରତିଷ୍ଠାତା ସାମ୍ବାଦିକ ରବି ମହାରଣାଙ୍କ ଧର୍ମପତ୍ନୀ ସୁପରିଚିତା ସ୍ୱାସ୍ଥ୍ୟସେବିକା ପଦ୍ମାବତୀ ଦେବୀଙ୍କ ଏକାଦଶାହ ବାଣପୁର କଲେଜ ରୋଡ଼ସ୍ଥିତ ବାସଗୃହ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ଶିବପ୍ରସାଦ ମହାରଣା ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇ ଥିବା ବେଳେ ସୁଧାନନ୍ଦ ମହାରଣା ଗୀତାପାଠ, ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ ବେଦପାଠ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାଠାଗାରର ସମ୍ପାଦକ ବାଳମୁକୁନ୍ଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ନେହରୁ ସେବା ସଂଘର ସମ୍ପାଦିକା ସରୋଜିନୀ ଦାଶ, ଏକତା ପରିଷଦ ଟ୍ରଷ୍ଟର ମୁଖ୍ୟ ସଂଧ୍ୟାଦେବୀ, କବି ପୁରୁଷୋତ୍ତମ ମହାପାତ୍ର, ଶିକ୍ଷାବିତ ଡ଼ଃ ଚିନ୍ତାମଣି ମିଶ୍ର, ଡ଼ଃ ଲକ୍ଷ୍ମୀଧର ସୁବୁଦ୍ଧି, ସର୍ବେଶ୍ୱର ଷଡ଼ଙ୍ଗୀ, ରଙ୍ଗନାଥ ସେଠୀ, ଶିଶିର ଦାସ, ବୈରାଗୀ ଚରଣ ବଳ, ନାଟ୍ୟକାର ଭିକାରୀଚରଣ ପ୍ରଧାନ, ମହେଶ୍ୱର ଜେନା, ଗବେଷକ ମଦନ ମହାପାତ୍ର, ମାଧବଚନ୍ଦ୍ର ବାରିକି, ଜୟକୃଷ୍ଣ ଦାସ, ବ୍ରଜକିଶୋର ଜେନା, ଦୁଷ୍ମନ୍ତ ହରିଚନ୍ଦନ ଓ ଜାମାତା ଅଭିରାମ ଟୁଡୁଙ୍କ ସମେତ ବହୁ ସାମ୍ବାଦିକ, ସାହିତ୍ୟିକ, ଆଇନଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରି ବାଣପୁର ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ସହିତ କଳା, ସାହିତ୍ୟ, ସଂସ୍କୃତି ଓ କନ୍ୟା ଦେବଜାନୀ ସ୍ମାରକୀ ପାଠାଗାର ଓ ମହ୍ଲାର କଳାନୁଷ୍ଠାନ ପ୍ରତିଷ୍ଠାରେ ତାଙ୍କର ଅବଦାନ ସଂପର୍କରେ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତତସହିତ ତାଙ୍କର ମାନସ ସନ୍ତାନ ସାରସ୍ୱତ ଅନୁଷ୍ଠାନ ଦେବଦାନୀ ପାଠାଗାରକୁ ଅଧିକ କ୍ରିୟାଶୀଳ କରିବାକୁ ଅତିଥି ଗଣ ପରିବାର ବର୍ଗଙ୍କୁ ଅନୁରୋଧ କରିଥିଲେ। ଚିତ୍ର ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଜେନା ,ଦୀପକ ପ୍ରହରାଜ, ପ୍ରଗତୀ, ପ୍ରଣତୀ, ପ୍ରଭାତୀ, ପିଙ୍କି ଓ ପରିବାରବର୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଭଣଜା ଆଇନଜୀବି ଶେଷଦେବ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ହେମନ୍ତ ମହାରଥୀଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନ




କଣାସ,୬।୬(ସମିସ): ବୃକ୍ଷରୋପଣ ପ୍ରକୃତି ଓ ପରିବେଶ ସଂରକ୍ଷଣ ପକ୍ଷୀ ସୁରକ୍ଷା ପ୍ରଭୃତି ସାମାଜିକ କାମରେ ଜଡ଼ିତ ଥିବା କଣାସ ବ୍ଲକ୍ ସାହସପୁର ଗ୍ରାମର ହେମନ୍ତ କୁମାର ମହାରଥୀଙ୍କୁ ଚଳିତ ବର୍ଷର 'ପ୍ରକୃତିବନ୍ଧୁ' ପୁରସ୍କାର ମିଳିଛି। ପୁରୀଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ମାନପତ୍ର, ପୁଷ୍ପଗୁଚ୍ଛ, ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନଜି ରାଓସ ମଗର, ଯୁବବ୍ରତ କର, ଆକାଶ ରଥ, ଅଶୋକ କୁମାର ବିହାରୀ, ସମ୍ବିତ୍ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ସମିତି ଦୀର୍ଘ ୧୦ ବର୍ଷ ଧରି ପକ୍ଷୀ ସୁରକ୍ଷା, ଶୋଭାଯାତ୍ରା, ହାତୀ, ପେଚା, ମାଙ୍କଡ଼, ହରିଣ ପ୍ରଭୃତି ଜୀବଜନ୍ତୁ ଉଦ୍ଧାର, ବୃକ୍ଷରୋପଣ, ରକ୍ତଦାନ ଶିବିର ଓ ବହୁବିଧ ସାମାଜିକ କାର୍ଯ୍ୟକ୍ରମରେ ଶ୍ରୀ ମହାରଥୀଙ୍କ ନିରନ୍ତର ଯୋଗଦାନ କାରଣରୁ ଏହି ପୁରସ୍କାର ମିଳିଛି। ଅଞ୍ଚଳର ବିଭିନ୍ନ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀମାନେ ଶ୍ରୀ ମହାରଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନା ଥାଉକି, ହେମନ୍ତ କୁମାର ମହାରଥୀ ଅନେକ ଦିନ ଧରି ଗଣମାଧ୍ୟମ ପ୍ରତିନିଧି ଭାବେ ଜଣାଶୁଣା ଓ ସମ୍ବର୍ଦ୍ଧିତ ହୋଇଛନ୍ତି।

# କଣାସରେ ବିଶ୍ୱ ପରିବେଶ ଦିବସ

କଣାସ,୬।୬(ସମିସ): କଣାସ ବ୍ଲକ୍ ସିରେଇ ଗ୍ରାମ ପଞ୍ଚାୟତ ତିପୁରୀ ଗ୍ରାମରେ ପ୍ରତିଷ୍ଠିତ ପଲ୍ଲୀ ସଂସ୍କୃତି ପରିଷଦ ଓ କଣାସଠାରେ ପ୍ରତିଷ୍ଠିତ ଜନମଙ୍ଗଳ କ୍ଲବ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କଣାସ ପଞ୍ଚାୟତ ସମିତି ସମ୍ମୁଖ ସହିଦ ସ୍ମୃତି ସ୍ତମ୍ଭ ସମ୍ମୁଖ ପଡ଼ିଆରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ତହସିଲ୍‌ଦାର ହିମାଂଶୁ ଶେଖର ଗିରି, କଣାସ ଥାନା ଅଧିକାରୀ ଶୁଭେନ୍ଦୁ ଭୂଷଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ଅନେକ ଶିକ୍ଷକ ଏବଂ ସମାଜସେବୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ କଣାସ ତହସିଲ୍ ଓ ଥାନା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ସଫେଇ କରାଯାଇଥିଲା। ପରିବେଶର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।




# ବାଇକ୍ ଚକା ସ୍ଲିପ୍ କରିବାରୁ ଜଣେ ମୃତ, ଜଣେ ଆହତ

ଭୁବନେଶ୍ୱର ୬।୬ (ସମିସ): ପଳାଶୁଣୀ ସପ୍ତଶତୀ ବିହାରରେ ଶନିବାର କାଳବୈଶାଖୀ ପରେ ହୋଇଥିବା ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ବାଇକ୍ ଚକା ସ୍ଲିକ୍ କରିବାରୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଚକା ତଳେ ବାଇକ ଆରୋହୀ ଆସିଯାଇଥିଲେ। ଧକ୍କା ହେବା ପରେ ଯୁବକ ଜଣକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତେବେ କାହାର ପରିଚୟ ମିଳିପାରି ନଥିଲା ବେଳେ ସେମାନେ କୋଲକତାର ବୋଲି ଜଣାପଡ଼ିଛି। ଏନେଇ ଖବର ପାଇ ମଞ୍ଚେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ମୃତ ଏବଂ ଆହତ ଉଭୟଙ୍କ ପରିଚୟ ଜଣାପଡ଼ି ନଥିବାବେଳେ ପୁଲିସ୍ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ୍ ପାଇଁ ପଠାଇଛି। କାଳବୈଶାଖୀ ପରେ ଦୁର୍ଘଟଣା ଲାଗି ଜାତୀୟ ରାଜପଥରେ ଗାଡ଼ିର ଲମ୍ବା ଧାଡ଼ି ନଜରକୁ ଆସିଥିଲା। ୪ ଘଣ୍ଟାରୁ ଉର୍ଦ୍ଧ୍ୱ ଜାମ ହୋଇଥିଲା।

# ୧୧ କେଭି ବିଦ୍ୟୁତ ତାର ଲାଗି ବାଳକ ଗୁରୁତର

ବାଲୁଗାଁ,୬।୬(ସମିସ) : ବାଲୁଗାଁ ଥାନା ଅନ୍ତର୍ଗତ ନିମକ୍ଷେତା ଗ୍ରାମରେ ଜଣେ ବାଳକ ଶନିବାର ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଆହତ ବାଳକ ଜଣକ ନିମକ୍ଷେତା ଗ୍ରାମର ବିପିନ ମହାପାତ୍ରଙ୍କ ପୁଅ ରାହୁଲ (୧୫)। ସୂଚନା ମୁତାବକ, ଶନିବାର ଅପରାହ୍ନରେ ବିପିନ ମହାପାତ୍ରଙ୍କ ପୁଅ ରାହୁଲ ସାଙ୍ଗମାନଙ୍କ ସହ ଘରର ଛାତ ଉପରେ ଖେଳୁଥିବା ସମୟରେ ଅସାବଧାନତା ବଶତଃ ଘର ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିବା ବେଳେ ହଠାତ୍ ବିଦ୍ୟୁତ ସବଷ୍ଟେସନରୁ ଫ୍ୟୁଜ କଟି ଯିବାରୁ ରାହୁଲ ଛିଟିକି ପଡି ଗୁରୁତର ଆହତ ହୋଇ ପଡିଥିଲେ। ପରିବାରବର୍ଗ ଦେଖି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇ ଭର୍ତ୍ତି କରିଥିଲେ। ହେଲେ ରାହୁଲଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଡାକ୍ତର ଅଧିକା ଚିକିତ୍ସା ନିମନ୍ତେ ଆହତଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତରିତ କରି ଦେଇଥିବା ଜଣା ଯାଇଛି।

# ୪ ବିଦ୍ୟାଳୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ସାମିଲ

ଟାଙ୍ଗୀ,୬।୬(ସମିସ): ଟାଙ୍ଗୀ ବ୍ଲକ ଅଧୀନ ୪ଟି ପଞ୍ଚାୟତର ୪ଟି ବିଦ୍ୟାଳୟକୁ ରାଜ୍ୟ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରିଥିବା ଜଣାପଡ଼ିଛି। କମାଗୁରୁ ପଞ୍ଚାୟତର କମାଗୁରୁ ହାଇସ୍କୁଲ କମାଗୁରୁ, କୁଞ୍ଜୁରୀ ପଞ୍ଚାୟତର ନରମାନବୀ ହାଇସ୍କୁଲ , ନିରାକାରପୁର ପଞ୍ଚାୟତର କେବେ ସରକାରୀ ହାଇସ୍କୁଲ ନିରାକାରପୁର, ରାମଚନ୍ଦ୍ରପୁର ପଞ୍ଚାୟତର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଝରିଆକୁ ସାମିଲ କରାଯାଇଥିବା ଜଣାପଡ଼ିଛି। ଆସନ୍ତା କାଲି ପୂର୍ବାହ୍ନ ୧୦ ଟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଲୋକନାଥ ଦେବ ସରକାରୀ ଉଚ୍ଚବିଦ୍ୟାଳୟ କୁମ୍ଭାରବସ୍ତ ଠାରେ ଆଭାସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଥିବା ସରକାରୀ ଭାବେ ଘୋଷଣା କରାଯାଇଥିବା ଜଣାପଡିଛି।

# ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ'




ନିରାକାରପୁର,୬।୬(ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ପ୍ରତିଷ୍ଠିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ "ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ-୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ କରିବା ସହ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସଭାରେ ବିଦ୍ୟାଳୟର ସମ୍ମାନିତ ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି ପୌରୋହିତ୍ୟ କରିଥିଲେ। ସେ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୃଙ୍ଖଳିତ ଜୀବନ ଗଠନ ଓ ନିଷ୍ଠାପର ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ, ଅଧ୍ୟାପକ ଅଭିରାମ ପଣ୍ଡ, ମନମୋହନ ନାୟକ, ଦିଲ୍ଲୀପ ବେହେରା, ଆଦିକନ୍ଦ ପ୍ରଧାନ, ଆଲୋକ ମଙ୍ଗରାଜ, ମୃତ୍ୟୁଞ୍ଜୟ ପଣ୍ଡା, ବିଶ୍ୱଜିତ ପଟ୍ଟନାୟକ ଓ ରାଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟରେ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ଉପସ୍ଥିତ ସମସ୍ତ ଅତିଥି, ସହକର୍ମୀ ଓ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଲୋ ଭୋଲଟେଜ୍ ସାଙ୍ଗକୁ ବିଦ୍ୟୁତ୍ କାଟ୍; ବଢୁଛି ଅସନ୍ତୋଷ

ଖୋର୍ଦ୍ଧା,୬।୬(ସମିସ)



ବାହାରେ ଅସହ୍ୟ ଖରା ଓ ଗୁଳୁଗୁଳିକୁ ଘରେ ବିଦ୍ୟୁତ୍ କାଟ୍ ଜନଜୀବନକୁ ହନ୍ତସନ୍ତ କରିସାରିଲାଣି। ଖରାଦିନେ ବିଦ୍ୟୁତ୍ କାଟ୍ ହେବନି ବୋଲି ସରକାର ଘୋଷଣା କରିଥିଲେ ହେଁ ଏହାକୁ ବାଏ ବାଏ କରିଛି ବିଭାଗ। ବିଦ୍ୟୁତ ବିଭାଗର ଖାମଖିଆଲ ନୀତି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ବିନା ସୂଚନାରେ ଘନଘନ ବିଦ୍ୟୁତ୍ କାଟ୍ ଏକପ୍ରକାର ଅତିଷ୍ଠ କରିସାରିଲାଣି। ବିନା କାରଣରେ ଦୀର୍ଘସମୟ ପର୍ଯ୍ୟନ୍ତ ବିଦ୍ୟୁତ କାଟିବା ଯେମିତି ନିତିଦିନିଆ ଅଭ୍ୟାସରେ ପରିଣତ ହେଲାଣି। ଟାଟା ପାୱାରର ମନମାନିକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଉଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ପ୍ରତ୍ୟେକ ଦିନ ଏହି ଅଞ୍ଚଳରେ ଯେଉଁଭଳି ଭାବେ ବିଦ୍ୟୁତ୍ କାଟ୍ ହେଉଛି ତାହା ଅସହ୍ୟ। ବର୍ଷା ପବନ ହେଉ କି ନହେଉ ବିଦ୍ୟୁତ କାଟ ଚାଲିଛି। ଏପରିକି ବିଦ୍ୟୁତ୍ କାଟ୍‌ର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ କି କେଉଁଦିନ କେତେ ସମୟ ବିଦ୍ୟୁତ କଟାଯିବ ସେ ନେଇ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ଫଳରେ ଖରାରେ ଲୋକ ହନ୍ତସନ୍ତ ହେଉଛନ୍ତି। ଏପରିକି ପ୍ରାୟ ସମୟ ରାତିରେ ମଧ୍ୟ ଲାଇନ କଟାଯାଉଛି। ସହରାଞ୍ଚଳକୁ ବାଦଦେଲେ ଅଧିକାଂଶ ସମୟ ବି ଲୋଭୋଲଟେଜ ଗ୍ରାମାଂଚଳ ମାନଙ୍କରେ ରହୁଥିବା ଦେଖାଯାଇଛି।

ଦିନେ ଦିନେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ ହେଉଥିଲେ ମଧ୍ୟ ସେ ଖବର ବି କାହାପାଖରେ ରହୁନି। ଇଲେକ୍ଟ୍ରି ଅଫିସକୁ ଫୋନ କଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁନଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଲିଖିତ ଅଭିଯୋଗ କଲେ ବି କିଛି ଫଳ ମିଳୁନଥିବା କେତେକ ଗ୍ରାହକ ଗଣମାଧ୍ୟମ ଆଗରେ କହିଛନ୍ତି।ବାରମ୍ବାର ଅଫିସକୁ ଗଲେ କେବଳ ହୋଇଯିବ, କଣ ହୋଇଛି ଦେଖିବା ଏଭଳି ଗ୍ରାହକଙ୍କୁ କୁହାଯାଉଥିବାବେଳେ ସେଠାରୁ ସେମାନେ ନିରାଶ ହୋଇ ଫେରୁଥିବା ଗ୍ରାହକମାନେ କହୁଛନ୍ତି। ଏଭଳି ଅଘୋଷିତ ବିଦ୍ୟୁତ କାଟ ଓ ବିଭିନ୍ନ ସମୟରେ ଲୋଭୋଲଟେଜ ଯୋଗୁ ବେଳକୁ ବେଳ ଜନ ଅସନ୍ତୋଷ ବଢିବାରେ ଲାଗିଛି।

ପ୍ରକାଶ ଥାଉକି, ବେଗୁନିଆ ବ୍ଲକ ବୋତଳମା, ହିରାପୁର, ଶଗଡଭଙ୍ଗା, ଗଡମାଣତୀର, ଗୋବିନ୍ଦପୁର, ଦେଉଳିଆଦି ଫଂଚାୟତର ସମସ୍ତ ଗ୍ରାମ ସହିତ ହଜ ଫଂଚାୟତ ଅନ୍ତର୍ଗତ ବାଲଧାଡି, ମୁକ୍ତାପୁର ଓ ନିଧିପୁର ଆଦିଗ୍ରାମରେ ପ୍ରତ୍ୟେକ ଦିନ ପ୍ରଚଣ୍ଡରୁଦ୍ରତାପ ସମୟରେ ବାରମ୍ବାର ଅଘୋଷିତ ବିଦ୍ୟୁତକାଟ ସହ ଲୋ ଭୋଲଟେଜ ସମସ୍ୟା ଗ୍ରାହକ ମୁଣ୍ଡ ବିନ୍ଧାର କାରଣ ହୋଇଛି। ବିଭାଗର ଜନୈକ କର୍ମଚାରୀ କୁହନ୍ତି ଭୋଲଟେଜ ଅନୁସାରେ ଲୋକମାନେ ଅତ୍ୟଧିକ ଏସି, ଫ୍ରିଜ ଆଦି ବୈଦ୍ୟୁତିକ ଉପକରଣ ପ୍ରଭୃତିର ବ୍ୟବହାର କରିବା ଫଳରେ ବାରମ୍ବାର ଫ୍ୟୁଜ୍ କଟିଯାଉଛି। ଗୋଟିଏ ଘରେ ଯେତିକି ରୁମ୍ ରହିଛି ଲୋକମାନେ ସେତିକିଟା ଏସି ବ୍ୟବହାର କରୁଛନ୍ତି।ଏମିତି ହେବାରୁ ବାରମ୍ବାର ଫେଜ କଟୁଛି। ତଥାପି ବହୁସ୍ଥାନରୁ ଆସୁଥିବା ଅଭିଯୋଗକୁ ଗୁରୁତ୍ୱ ଦେଇ ବିଭାଗ ପକ୍ଷରୁ ତ୍ୱରିତ ସମସ୍ୟାର ସମାଧାନ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

# ଜାତୀୟ କୃତିତ୍ୱ ପାଇଁ ଚମ୍ପୁଆ ବିଡିଓଙ୍କୁ ପ୍ରଶଂସା



ଚମ୍ପୁଆ, ୬।୬(ସମିସ): ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତରେ ଜଳଯୋଗ ଓ ଜଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଚମ୍ପୁଆ ବିଡିଓଙ୍କୁ ପଡୁଆ ପଞ୍ଚାୟତ ଜଳ ଉପଯୋଗିତା ପାଇଁ ଜାତୀୟ ପୁରସ୍କାର ପାଇ ଦିଲ୍ଲୀରେ ଚମକିଛି। ଏହି ଐତିହାସିକ ସଫଳତା ପାଇବା ପାଇଁ ଜାତୀୟ ପୁରସ୍କାର କେବଳ ଚମ୍ପୁଆ ବ୍ଲକ ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ପଞ୍ଚାୟତରାଜ ବିଭାଗ, ଜିଲ୍ଲା, ବ୍ଲକ ଓ ପଡୁଆ ପଞ୍ଚାୟତବାସୀଙ୍କ ଉଦ୍ୟମ, ପାରସ୍ପରିକ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି। ବିଶେଷ କରି ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ବଳିଷ୍ଠ ନେତୃତ୍ୱ ଏବଂ କଠିନ ପରିଶ୍ରମ, ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ନିଷ୍ଠା ଯୋଗୁଁ ଚମ୍ପୁଆ ବ୍ଲକକୁ ଏହି ଐତିହାସିକ ସଫଳତା ମିଳିଛି। ଟ୍ରଫି, ମାନପତ୍ର ଏବଂ ନଗଦ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଲ୍ଲୀରେ ଏକ ଭବ୍ୟ ସମାରୋହରେ କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରୀଙ୍କଠାରୁ ଗ୍ରହଣ କରିଛନ୍ତି ବିଡିଓ ଶ୍ରୀ ସାହୁ, ସରପଞ୍ଚ ଓ ପିଇଓ। ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତକୁ ଆହୁରି ଅଧିକ ଜନମଙ୍ଗଳ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ। ଜିଲ୍ଲାର ଏକମାତ୍ର ପଞ୍ଚାୟତ ଭାବେ ଏହି ଗୌରବମୟ ସଫଳତା ପାଇଥିବାରୁ ଆଜି ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସାଧାରଣ ଜନତା ଓ ମିଡିଆ ବନ୍ଧୁମାନେ ବିଡିଓ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଚାଷଜମିକୁ ରାସ୍ତା ଜୋରଜବରଦସ୍ତ ଆବଦ୍ଧ

**● ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**

ହାଟଡ଼ିହୀ,୬।୬(ସମିସ): ହାଟଡ଼ିହୀ ବ୍ଲକ ଢେଙ୍କା ପଞ୍ଚାୟତ ତଥା ସୋସୋ ଥାନା ଅନ୍ତର୍ଗତ ଧରମପୁର ଗ୍ରାମର ମାୟାଧର ବେହେରାଙ୍କ ଚାଷଜମିକୁ ଯିବା ରାସ୍ତାକୁ ଅନ୍ୟଜଣେ ଜୋରଜବରଦସ୍ତ ଆବଦ୍ଧ କରିବାରୁ ସେ ଉପଜିଲ୍ଲାପାଳ ଆନନ୍ଦପୁରଙ୍କ ନିକଟରେ



ଫେରାଦ ହୋଇଛନ୍ତି। ମାୟାଧର ନିଜ ପୈତୃକ ଜମିରେ ଚାଷବାସ ପାଇଁ ବଡ଼ ଭାଇ ସ୍ୱର୍ଗତଃ ନାରାୟଣ ବେହେରାଙ୍କ ବିଲ କଡ଼ ହିଡ଼ରାସ୍ତା ତଥା ସରକାରୀ ଜମିଦେଇ ଯାଆସ କରିଆସୁଥିଲେ। କିଛିଦିନ ହେବ ନାରାୟଣଙ୍କ ପୁଅମାନେ ଉକ୍ତ ସରକାରୀ ଜାଗାକୁ ସେମାନଙ୍କ ଜମି ସହ ଅକ୍ତିଆର କରି ଉକ୍ତ ବାଟରେ ସିମେଣ୍ଟ ଖୁଣ୍ଟ ପୋତି ସେସବୁ ତାଙ୍କର ବୋଲି ଦାବି କରୁଛନ୍ତି। ଯାହାଫଳରେ ମାୟାଧର ତାଙ୍କ ଚାଷବିଲକୁ ଯିବାପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଳ୍ପଦିନ ମଧ୍ୟରେ ଚାଷକାମ ଆରମ୍ଭ ହେବାକୁ ଥିବାବେଳେ ସେ କେଉଁ ବାଟ ଦେଇ ଯାଆସ କରି ଚାଷକାମ କରିବେ ତାହାକୁ ନେଇ ମାୟାଧର ଚିନ୍ତାରେ ପଡିଛନ୍ତି। ଏନେଇ ଦୁଇ ପରିବାର ମଧ୍ୟରେ ଆପୋଷ ବୁଝାମଣାରେ ଚଳିବାକୁ ଚାହିଁଲେ ସୁଦ୍ଧା ନାରାୟଣଙ୍କ ପୁଅ ହଳଧର ବେହେରା, ମାର୍କଣ୍ଡ ବେହେରା ଓ ମହେନ୍ଦ୍ର ବେହେରା ସେଥିରେ ଆଦୌ ସମ୍ମତି ଜଣାଉ ନଥିବା ନେଇ ମାୟାଧର କହିଛନ୍ତି। ତେବେ, ଚାଷରୁ ଆୟ କରି ପରିବାର ଚଳାଉଥିବା ମାୟାଧର ବାଧ୍ୟ ଏ ସଂକ୍ରାନ୍ତରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇ ଏହାର ସ୍ଥାୟୀ ସମାଧାନ ପାଇଁ ଗୁହାରି କରିଛନ୍ତି। ଯଥାଶୀଘ୍ର ତାଙ୍କ ସମସ୍ୟାର ସମାଧାନ ହେଲେ ସେ ଉପକୃତ ହୋଇପାରନ୍ତେ ଏବଂ ଚାଷ କାମରେ ଆଗେଇ ପାରନ୍ତେ ବୋଲି କହିଛନ୍ତି।

# ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ହାଟଡ଼ିହୀ,୬।୬(ସମିସ): ହାଟଡିହୀ ବ୍ଲକ ଅନ୍ତର୍ଗତ ଆଇତିପୁର ପଞ୍ଚାୟତ ଅମୃତପୁର ଗ୍ରାମର ଚିତ୍ତରଞ୍ଜନ ଭୂତିଆଙ୍କ ସାନ ପୁଅ ସୌମ୍ୟରଞ୍ଜନ (୧୫) ଏବଂ ସଦାନନ୍ଦ ଦାସଙ୍କ ପୁଅ ଆକାଶ ବୈତରଣୀ ନଦୀରେ ଗାଧୋଇବାକୁ ଯାଇଥିଲା ବେଳେ ଅଘଟଣ ଘଟିଥିଲା। ଏଥିରେ ଉଭୟ



ସୌମ୍ୟରଞ୍ଜନ ଓ ଆକାଶ ନଦୀର ଏକ ଗଭୀର ଖାଲରେ ଖସି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ନଦୀରୁ ଉଦ୍ଧାର କରି ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିବା ବେଳେ ଆକାଶ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୃତ ଛାତ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଚିକିତ୍ସାଧୀନ ଥିବା ଛାତ୍ରର ଆଶୁଆରୋଗ୍ୟ କାମନା କରିଛନ୍ତି। ଏହାସହିତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ କେନ୍ଦୁଝର ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ବିଧାୟକଙ୍କ ସହିତ ଯୁବ ବିଜେଡ଼ି ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳ, ବିଜେଡ଼ି ନେତା ଶରତ ଦେଓ, ଗଦାଧର ଦାସ, ଯୁଗଳ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ନୟନଯୋରୀରୁ ଜବରଦଖଲ ଉଚ୍ଛେଦ**

# ଢାଙ୍ଗରପଡ଼ା ଆମିଷ ବଜାରକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ

କେନ୍ଦୁଝର, ୬।୬(ସମିସ):

କେନ୍ଦୁଝରଗଡ଼ ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ କେନ୍ଦୁଝର ସଦର ତହସିଲ ମୋଚିଗାଁ ମୌଜାର ପୂର୍ତ୍ତ ବିଭାଗ ରାସ୍ତା ପାଶ୍ୱର୍ ନୟନଯୋରୀ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଶନିବାର ସକାଳୁ ଜେସିବିରେ ବେଆଇନ ନିର୍ମାଣ ଭଙ୍ଗା ଯାଇଥିଲା। କିଛି ବ୍ୟବସାୟୀ ନିଜ ଆଡୁ ଦୋକାନ ଭାଙ୍ଗି ଦେଇଥିଲେ। ଜବରଦଖଲ ଉଚ୍ଛେଦ ପରେ ମାଂସ ବ୍ୟବସାୟୀଙ୍କୁ ଢାଙ୍ଗରପଡ଼ାରେ ଥିବା ପୌରପାଳିକାର ମାଛମାଂସ ବଜାରରେ ଦୋକାନ ଘର ଦିଆଯିବ ବୋଲି କୁହାଯାଇଛି। ଢାଙ୍ଗରପଡାରେ ମାଛ, ମାଂସ ବିକ୍ରି ପାଇଁ ଆମିଷ ବଜାର କରାଯାଇଛି। ଏହାସତ୍ତ୍ୱେ ବହୁ ବ୍ୟବସାୟୀ ରାସ୍ତା କଡ଼ରେ ଖାସି କାଟି ବିକ୍ରି କରୁଛନ୍ତି। ରାସ୍ତାକଡ଼ରେ ମାଂସ ବିକ୍ରି ଉପରେ ସରକାର ନିଷେଧାଜ୍ଞା ଜାରି କରିଥିଲେ ସୁଦ୍ଧା କେନ୍ଦୁଝରଗଡ଼ ପୌରପାଳିକା



ଅଞ୍ଚଳ ମଧ୍ୟରେ ଅବାଧରେ ମାଛ ମାଂସ କାରବାର ଚାଲିଛି। କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ କେନ୍ଦୁଝରଗଡ ପୌରାଞ୍ଚଳରେ ରାସ୍ତା କଡରେ ଅତି ନିର୍ଦ୍ଦୟ ଭାବେ ଅସ୍ୱାସ୍ଥ୍ୟକର ପରିବେଶରେ ଖାସି ଓ କୁକୁଡା ମରା ଚାଲିଛି। କେନ୍ଦୁଝର ସହରରେ ମାଛ ମାଂସ ବ୍ୟବସାୟକୁ ସୁବ୍ୟବସ୍ଥିତ କରିବା ପାଇଁ ଢାଙ୍ଗରପଡା ଅଂଚଳରେ ସ୍ୱତନ୍ତ୍ର ଆମିଷ ବଜାର ନିର୍ମାଣ କରାଯାଇଛି। ଆମିଷ ବଜାର ପରିସରରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିବାବେଳେ ସମସ୍ତ ସୁବିଧା ସୁଯୋଗ ବ୍ୟବସାୟୀଙ୍କୁ ଦିଆଯାଇଛି। ନୂତନ ଆମିଷ ବଜାରକୁ ନଯାଇ ବ୍ୟବସାୟୀମାନେ ପୂର୍ବ ପରି ରାସ୍ତା କଡରେ ବସି ବ୍ୟବସାୟ କରୁଛନ୍ତି। କିଛି ବ୍ୟବସାୟୀ ସହରର ବିଭିନ୍ନ ସ୍ଥାନରେ ବ୍ୟବସାୟ କରୁଛନ୍ତି। କେନ୍ଦୁଝର ବିଭିନ୍ନ ସ୍ଥାନରେ ମାଛ, କୁକୁଡା ଏବଂ ଖାସି ବେପାରୀଙ୍କୁ ସ୍ଥାନାନ୍ତର କରାଯାଉ ନଥିବାରୁ ରାସ୍ତାକଡ଼ରେ ପଶୁ ହତ୍ୟା କରାଯାଉଛି। ଖାସି, କୁକୁଡାମାନଙ୍କୁ ସ୍ଲଟର ହାଉସରେ ଗୁପ୍ତ ଭାବରେ କାଟି ମାଂସ ବିକ୍ରି କରିବା କଥା; ମାତ୍ର ରାସ୍ତାକଡରେ ଛେଳି, କୁକୁଡା କଟାଯାଉଥିବାରୁ କୋମଳମତି ଶିଶୁଙ୍କ ଉପରେ ଏହାର ନକରାତ୍ମକ ପ୍ରଭାବ ପଡୁଛି। ସେହିପରି ମାଛ ମାଂସ ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଏଣେତେଣେ ଫିଙ୍ଗି ଦିଆଯାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ଏ ସଂପର୍କରେ କେନ୍ଦୁଝରଗଡ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ନାୟକ କହିଛନ୍ତି, କିଛି ବ୍ୟବସାୟୀ ଢାଙ୍ଗରପଡ଼ାରେ ମାଂସ ବିକ୍ରି କରୁଥିବାବେଳେ କିଛି ଅମାନିଆ ସହରର ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି। ଖୁବଶୀଘ୍ର ସହରର ବିଭିନ୍ନ ରାସ୍ତା କଡ଼ରେ ବସୁଥିବା ମାଛ, ମାଂସ ବ୍ୟବସାୟୀଙ୍କୁ ନୂତନ ଆମିଷ ବଜାରକୁ ସ୍ଥାନାନ୍ତର କରିବା ପାଇଁ ପଦକ୍ଷେପ ନିଆଯିବ। ଆଜି ଉଚ୍ଛେଦ ବେଳେ କେନ୍ଦୁଝର ସଦର ତହସିଲଦାର ଶୁଭେନ୍ଦୁ ସାହୁ, କେନ୍ଦୁଝରଗଡ ପୌର ନିର୍ବାହୀ ଅଧିକାରୀ ଲଳିତ ନାୟକ, ମ୍ୟୁନସିପାଲିଟି ଇଞ୍ଜିନିୟର ଭକ୍ତବନ୍ଧୁ ମହାନ୍ତ, ସଦର ଆରଆଇ ଶ୍ରୀକାନ୍ତ ମାଝୀ, ଏନଫୋର୍ସମେଣ୍ଟ ଅଧିକାରୀ ସୌମ୍ୟରଞ୍ଜନ ନାୟକ,କନିଷ୍ଠ ସହାୟକ ପ୍ରଦୀପ ନାୟକ, କେନ୍ଦୁଝରଗଡ ପୌରପାଳିକା ଅମିନ ଉଦୟନାଥ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଛକ ନାମକରଣକୁ ସ୍ୱାଗତ

ହାଟଡ଼ିହୀ,୬।୬(ସମିସ): ପ୍ରଶାସନ ପକ୍ଷରୁ ଓରାଳି ଛକର ନୂତନ ନାମକରଣକୁ ଉଭୟ ଆପଣ୍ଡା ଓ ଓରାଳି ଗ୍ରାମବାସୀ ଭୂୟସୀ ପ୍ରଶଂସା କରିଛନ୍ତି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ଛୋଟରାୟ ଓ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଉଭୟ ଗ୍ରାମର ଜନପ୍ରତିନିଧି ଓ ଗ୍ରାମବାସୀ ପ୍ରମୁଖ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ 'ସ୍ୱାଧୀନତା ସଂଗ୍ରାମୀ ଛକ' କରାଯିବାକୁ ଘୋଷଣା କରାଯାଇଥିଲା। ଏହାକୁ ଉପସ୍ଥିତ ସମସ୍ତ ଗ୍ରାମବାସୀ ଖୁସି ମନରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଭାଇଚାରା ବଜାୟ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯଥାଶୀଘ୍ର ସେଠାରେ ପୂର୍ତ୍ତବିଭାଗ ପକ୍ଷରୁ ନୂତନ ନାମ ଫଳକ ଲଗାଯିବା ଏବଂ ଯାତ୍ରୀ ବିଶ୍ରାମାଗାର ଖୋଲାଯିବାକୁ ପୁଲିସ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଓରାଳି ଗ୍ରାମର ୧୨ ଜଣ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇ ବିଭିନ୍ନ ଜେଲରେ କାରାଦଣ୍ଡ ଭୋଗିଥିଲେ। ସ୍ୱାଧୀନତା ସଂଗ୍ରାମୀ କୀର୍ତ୍ତନ ବିହାରୀ ମହାନ୍ତି, ରାହାସ ବିହାରୀ ମହାନ୍ତି, ହୃଷୀକେଶ ଓଝା, ବଳରାମ ପଟ୍ଟନାୟକ, ଶ୍ରୀରାମ ପଟ୍ଟନାୟକ, ଗୋଲକ ପଟ୍ଟନାୟକଙ୍କ ସମେତ ସେମାନଙ୍କ ଧର୍ମପତ୍ନୀମାନେ ଦେଶପାଇଁ ଲଢ଼େଇ କରି ଜେଲ ଯାଇଥିଲେ। ଏହି ଐତିହାସିକ ଗ୍ରାମର ବସଷ୍ଟାଣ୍ଡକୁ 'ସ୍ୱାଧୀନତା ସଂଗ୍ରାମୀ ଛକ' ଭାବେ ନାମିତ କରାଯାଇ ଥିବାରୁ ଉତ୍କଳମଣି ଯୁବକ ସଂଘ, ରାମନବମୀ ପୂଜା କମିଟି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗ୍ରାମବାସୀଙ୍କ ତରଫରୁ ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସମିତିସଭ୍ୟ ଦେବବ୍ରତ ବେହେରା, ତିଲୋତ୍ତମା ନାୟକ, ମମତା ଜେନା, ଅନନ୍ୟା ପଟ୍ଟନାୟକ, ରାଣୀ ପ୍ରିୟଦର୍ଶିନୀ, ଲଲାଟ ମହାନ୍ତି, ଶୀତାଂଶୁ ଦକ୍ଷିଣରାୟ, ଫକୀର ରାଉତ, ଗୌରାଙ୍ଗ ରାଉତ, ଶିବପ୍ରସାଦ ରାଉତ, ଶୁଭମ୍ ରାଉତ, ତୋଫାନ ଭୋଇ, ନକୁଳ ଜେନା, ସୁଧାଂଶୁ ଦକ୍ଷିଣରାୟ, ମାନଗୋବିନ୍ଦ ଜେନା, ରମେଶ ବାରିକ, ପ୍ରତାପ ଜେନା, ପ୍ରଦୀପ ରାଉତ, ତ୍ରିଲୋଚନ ରାଉତ, ବାମନ ଜେନା, ଲାଲା ମହାନ୍ତି, ଅଶୋକ ପଟ୍ଟନାୟକ, ପ୍ରମୋଦ ବେହେରା କେନ୍ଦୁଝର ଓ ଭଦ୍ରକ ଜିଲ୍ଲାପାଳଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ଅଜଣା ମୃତଦେହ ଉଦ୍ଧାର

କେନ୍ଦୁଝର, ୬।୬(ସମିସ): ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ରାଇସୁଆଁ ରେଳ ଓଭରବ୍ରିଜ ନିକଟରୁ ସଦର ପୁଲିସ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ତେବେ ମୃତକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ପୁଲିସ ସୂଚନା ଦେଇଛି। ସେ କଳା ରଙ୍ଗର ଫୁଲ୍ ପ୍ୟାଣ୍ଟ, ଧଳା ରଙ୍ଗର ଗଞ୍ଜି, ଖାକି ରଙ୍ଗର ବେଲ୍ଟ ଏବଂ ସବୁଜ ରଙ୍ଗର ଫୁଲ ସାର୍ଟ ପିନ୍ଧି ଥିବା ଦେଖିବାକୁ ମିଳିଛି। ଏନେଇ ପୁଲିସ କେସ ନମ୍ବର ୩୯/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ସହ ପରିଚୟ ସନ୍ଧାନ କରୁଛି ବୋଲି ସଦର ଥାନାଧିକାରୀ ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି।

# ନହଙ୍ଗି ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

ଆନନ୍ଦପୁର, ୬।୬(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ନହଙ୍ଗି ଗ୍ରାମରେ ନୀଳକଣ୍ଠେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ବିଚିତ୍ରାନନ୍ଦ ଦାଶ, ସହଯୋଗୀ ପଣ୍ଡିତ ଉପେନ୍ଦ୍ର ପଣ୍ଡା, ମନ୍ଦିର ପୂଜକ ପ୍ରମୋଦ ତ୍ରିପାଠୀଙ୍କ ଦ୍ୱାରା ଯଜ୍ଞମଣ୍ଡପରେ ପୂଜା ନୀତିକାନ୍ତି ନିଷ୍ଠାର ସହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପ୍ରଚେଷ୍ଟା ଓ ସହଯୋଗ ଦ୍ୱାରା ଗ୍ରାମରେ ଏକ ଭବ୍ୟ ଶିବ ମନ୍ଦିର ପ୍ରତିଷ୍ଠାର ଏକ



ବର୍ଷ ପୂର୍ତ୍ତି ହୋଇପାରିଛି। ଦୁଇ ଦିନ ଧରି ଭକ୍ତି ଅର୍ଘ୍ୟ ପ୍ରଦାନ ହୋମଯଜ୍ଞ ଆଡମ୍ବର ସହକାରେ ହୋଇଥିଲା। ଗ୍ରାମ ପୁଷ୍କରିଣୀରୁ ଶତାଧିକ ମହିଳା ଭକ୍ତ କଳସ ଶୋଭାଯାତ୍ରା ସହ ଗ୍ରାମ ପରିକ୍ରମା କରି ମନ୍ଦିରରେ ଘଟ ସ୍ଥାପନ କରି ନୀଳକଣ୍ଠେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ କର୍ତ୍ତା ଶୁଭ୍ରାଂଶୁ ଦେଓ, ସହଧର୍ମିଣୀ ମମତା ଦେଓ ଯଜ୍ଞ କଳସ ଧରି ସଂକଳ୍ପରେ ବସିଥିଲେ। ପ୍ରଥମ ଦିନ ପ୍ରାତଃ ଜଳଯାତ୍ରା ବେଦପାଠ, ପଞ୍ଚକର୍ମ, ସୂର୍ଯ୍ୟ ପୂଜା, ଗୋ-ପୂଜା, ବରୁଣ ପୂଜା ଗୁରୁପୂଜା, ଶାଳାପ୍ରବେଶ, ଯଜ୍ଞାଗ୍ନି ସ୍ଥାପନ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଦ୍ୱିତୀୟ ଦିବସରେ ପୂର୍ଣ୍ଣାହୁତି ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି। ଗ୍ରାମର ଗୌର ଭକ୍ତଙ୍କ ଦ୍ୱାରା ଭଜନ କୀର୍ତ୍ତନରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତି ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନରେ ଆଖପାଖ ଗ୍ରାମରୁ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରାମବାସୀ ତଥା ଆଖପାଖରୁ ଆସୁଥିବା ଭକ୍ତଙ୍କ ପାଇଁ ଆନନ୍ଦ ବଜାରରେ ମଧ୍ୟାହ୍ନ ଓ ରାତ୍ରୀ କାଳରେ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଥିଲା। ନହଙ୍ଗି ମନ୍ଦିର କମିଟି ସଦସ୍ୟ ଓ ଯୁବଗୋଷ୍ଠୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ବଢୁଛି ବାଇକ୍ ଚୋରି; ଟେର୍ ପାଉନି ପୁଲିସ

ଆନନ୍ଦପୁର, ୬।୬(ସମିସ): ଆନନ୍ଦପୁର ଓ ଘସିପୁରା ଥାନାଞ୍ଚଳରେ ଦିନକୁ ଦିନ ବାଇକ ଚୋରି ବଢ଼ି ଚାଲିଥିବା ବେଳେ ଚୋରଙ୍କ ଟେର ପାଉନି ପୁଲିସ। ବଜାର ଛକ ଓ ହାଟରୁ ବାଇକ ଚୋରି ହେଉଥିବା ବେଳେ ଗତ ଶୁକ୍ରବାର ରାତିରେ ଘସିପୁରା ଝାଡ଼େଶ୍ୱର ମନ୍ଦିର ସାମ୍ନାରୁ ଲୋକନାଥ ସାହୁଙ୍କ ବାଇକଟି ଚୋରି ହୋଇଥିବା ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଛି। ନିଜ ବାଇକ ନମ୍ବର ଓଡି ୦୯ ଏକ୍ସ ୭୦୬୮ ରଖି ମନ୍ଦିରରେ ରାତି ବାବାଙ୍କ ନିକଟରେ ଶୋଇଥିବା ବେଳେ ସକାଳେ ବାଇକ ନଥିବାରୁ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପୂର୍ବ ଦୁଇ ମାସରୁ ଶାଳପଡାରୁ ମଧ୍ୟ ତିନୋଟି ବାଇକ ଚୋରି ହୋଇଥିବା ବେଳେ ପୁଲିସ ଏ ସମ୍ପର୍କିତ ଅନୁସନ୍ଧାନରେ ସମ୍ପୂର୍ଣ୍ଣ ବିଫଳ ହେଉଥିବାରୁ ଜନସାଧାରଣଙ୍କ ଆସ୍ଥା ତୁଟିବାରେ ଲାଗିଛି।

# ଓଲଟିଲା ଅଟୋ; ୪ ଗୁରୁତର

ଚମ୍ପୁଆ, ୬।୬(ସମିସ): ଚମ୍ପୁଆ-ଯୋଡା ରାସ୍ତାର ଜଡିପଦା ନିକଟରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡିବାରୁ ଅଟୋ ଡ୍ରାଇଭର ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବା ବେଳେ ଅଧିକ ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଛି। କୋଦଗାଡିଆ ଅଞ୍ଚଳରୁ ଏକ ଅଟୋଯୋଗେ ଲୋକେ ଚମ୍ପୁଆ ଅଞ୍ଚଳକୁ ଆସୁଥିବା ବେଳେ ଅଟୋଟି ଜଡିପଦା ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଅଟୋରେ ବସିଥିବା ତପସ୍ୱିନୀ କାଳନ୍ଦିଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ବିଜୁକାରୁଆଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେହିପରି ମାନସୀ କାଳନ୍ଦୀଙ୍କ ଆଖିରେ ଗଭୀର ଆଘାତ ଲାଗିଥିବା ବେଳେ ସନନୋହ ବେହେରା ଗୁରୁତର ଆହତ ହୋଇଛନ୍ତି।



ଚମ୍ପୁଆ ଏନ୍‌ଏସି ୮ ନଂ ୱାର୍ଡ ନିକଟସ୍ଥ ରଜାବନ୍ଧର ପୁନରୁଦ୍ଧାର କାର୍ଯ୍ୟ ତଥା ଉଚ୍ଚ ମାଟିବନ୍ଧ କାର୍ଯ୍ୟ ଏବଂ ବର୍ଷାଜଳ ନିଷ୍କାସନର ତଦାରଖ କରୁଛନ୍ତି ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା

# ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟ ପକ୍ଷରୁ ୫୦୦ ଚାରା ରୋପଣ



ଯୋଡ଼ା, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଲୋଇଡାପଦାସ୍ଥିତ ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟ ପରିସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ଲାଣ୍ଟର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ଲାଣ୍ଟର ଏଭିପି (ଟେକ୍ନିକାଲ) ଗଜେନ୍ଦ୍ର କୁଅଁର, ପ୍ଲାଣ୍ଟ ମ୍ୟାନେଜର ବିଜୟ ନାୟକ, ପ୍ରଦୀପ ଦାସ, ମାନବ ସମ୍ବଳ ଅଧିକାରୀ ଅନିରୁଦ୍ଧ ପଟ୍ଟନାୟକଙ୍କ ସମେତ ପ୍ଲାଣ୍ଟର ସମସ୍ତ କର୍ମଚାରୀ ଅଭିରାମ ସାହୁ, ପାର୍ଥସାରଥୀ ମିଶ୍ର, ସୋଭାଗ୍ୟ ମିଶ୍ର ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ଲାଣ୍ଟ ପରିସରରେ ୫୦୦ଟି ଆମ୍ବ, ପଣସ ଓ ଲିଚୁ ଚାରା ରୋପଣ କରାଯାଇଥିଲା। ଏହାସହ ସମସ୍ତ ଅଂଶଗ୍ରହଣକାରୀ ଏକ ସବୁଜ, ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ପରିବେଶ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ପ୍ଲାଣ୍ଟ ମୁଖ୍ୟ ଶିଳ୍ପାୟନ ସହ ପରିବେଶର ସନ୍ତୁଳନ ରକ୍ଷା କରିବା ଆଜିର ସମୟର ପ୍ରମୁଖ ଆବଶ୍ୟକତା ରହିଥିବା ନେଇ ସଚେତନ କରିବା ସହ ପରିବେଶ ସୁରକ୍ଷା କେବଳ ସରକାର କିମ୍ବା ଶିଳ୍ପ ସଂସ୍ଥାର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

# ସମୟଚକ୍ରରେ ପୁଣି ବଢୁଛି ସାଇକଲ୍‌ର ଆଦର

ହାଟଡ଼ିହୀ, ୬।୬(ସମିସ):

ଆଧୁନିକ ଯୁଗରେ ଅନେକ ଯାନବାହନ ସୃଷ୍ଟି ହେଲାଣି ଓ ଲୋକଙ୍କ ରୁଚିରେ ମଧ୍ୟ ପରିବର୍ତ୍ତନ ଆସିଲାଣି। ସେସବୁ ଭିତରେ ହଜିବାକୁ ବସିଥିଲା ବିନା ପେଟ୍ରୋଲରେ ଦିଲ୍ଲୀଠାରୁ ପଲ୍ଲୀ ଯାଏଁ ବୁଲି ଆସୁଥିବା ଏକମାତ୍ର ଯାନ ସାଇକଲ। ଯାହାକୁ ଓଡ଼ିଆରେ ଶୂନ ଗାଡ଼ି ବୋଲି କୁହାଯାଇଥାଏ। ବର୍ତ୍ତମାନ ବିଶ୍ୱର ପରିସ୍ଥିତି ଓ ପରିବେଶ ସୁରକ୍ଷା ଦୃଷ୍ଟିରୁ ହଜିବାକୁ ବସିଥିବା ସାଇକଲର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି। ସାଇକଲ ଚଲାଇବା ଦ୍ୱାରା ଗାଡ଼ି ମାଟରରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ କମିଥାଏ, ଯାହା ବାୟୁ ପ୍ରଦୂଷଣ ରୋକିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ



ସାଇକଲ ଚଲାଇବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହେ, ହୃଦଘାତ ଓ ମଧୁମେହ ଭଳି ରୋଗର ଆଶଙ୍କା କମିଥାଏ। ତତ୍‌ସହ ସାଇକଲ ଏକ ଶସ୍ତା ଓ ସହଜ ପରିବହନର ମାଧ୍ୟମ ହୋଇଥିବାରୁ ଏହା ପେଟ୍ରୋଲ ଓ ଡ଼ିଜେଲ ଖର୍ଚ୍ଚ ବଞ୍ଚାଇଥାଏ। ଏହି ସବୁକୁ ଆଖି ଆଗରେ ରଖି ଏହି ଶୂନ ଗାଡ଼ି ବାବଦରେ ସଚେତନତା ସୃଷ୍ଟି କରିବା ଓ ସାଇକଲ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ପରିବେଶର ସୁରକ୍ଷା ନିମନ୍ତେ ୨୦୧୮ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସରେ ଆରମ୍ଭ ହୋଇଥିଲା। ଏହି ସାଇକେଲ ସର୍ବପ୍ରଥମେ ୧୭୯୧ ମସିହାରେ ଫ୍ରାନ୍ସ ନାଗରିକ କୋମେଟ ମେଡ଼ଡ଼ି ସିଭରାଜ ନିର୍ମାଣ କରିଥିଲେ। ସମୟାନୁସାରେ ଏହାର ଲୁକ୍ସରେ ପରିବର୍ତ୍ତନ ଆସିଥିଲା ଏବଂ ବିଭିନ୍ନ ନିର୍ମାତାମାନେ ସାଇକଲକୁ ବିକଶିତ କରିବା ଲାଗି ଅନେକ ପ୍ରଚେଷ୍ଟା ମଧ୍ୟ କରିଥିଲେ। ତେବେ ୧୮୬୯ ମସିହା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସାଇକଲ ଦେଖିବାକୁ ମିଳିଥିଲା। ସମୟ ଅନୁସାରେ ଲୋକମାନେ ଯାତାୟାତ କରିବା ଲାଗି ସାଇକଲ ଉପରେ ଆଉ ନିର୍ଭର କରୁନାହାନ୍ତି। କେଉଁଠି କାଁ ଭାଁ ଲୋକେ ସାଇକଲ ନେଇ ବଜାରକୁ ଆସୁଥିବା ଦେଖାଯାଉଛି। ଯଦ୍ୱାରା ଏହା ପିଲାଙ୍କ ପାଇଁ ଅଲୋଡ଼ା ହୋଇପଡ଼ିଛି। ସମୟଚକ୍ରରେ ସାଇକଲର ବ୍ୟବହାର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥିଲା। କିନ୍ତୁ ବର୍ତ୍ତମାନ ବିଶ୍ୱରେ ଯେଉଁ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି ଓ ତୈଳର ଯେଉଁ ଅଭାବ ଦେଖାଦେଇଛି ସେଥିରୁ ବର୍ତ୍ତିବାର ଏକମାତ୍ର ଉପାୟ ବର୍ତ୍ତମାନ ପାଲଟିଛି ସାଇକଲ। ତେଣୁ ଏକ ସବୁଜ ଏବଂ ସୁନ୍ଦର ଭବିଷ୍ୟତ ଲାଗି ସମସ୍ତେ ସାଇକଲକୁ ପୁଣି ବହୁଳ ଭାବରେ ବ୍ୟବହାର କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ମତ ପ୍ରକାଶ ପାଇଛି।

# କୁଶପଦାରେ ସା ନି ଧା ପା.. ପକ୍ଷରୁ କର୍ମଶାଳା

ଆନନ୍ଦପୁର, ୬।୬(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମନୋହରପୁର ପଞ୍ଚଯାତର ସାନ କୁଶପଦାରେ 'ସା ନି ଧା ପା' ଶାସ୍ତ୍ରୀୟ ସଂଗୀତ ମହାବିଦ୍ୟାଳୟର ଏକ ସାପ୍ତାହିକ ପାଠ୍ୟକ୍ରମ ପ୍ରଶିକ୍ଷଣ କର୍ମଶାଳାର ଶୁଭାରମ୍ଭ ହୋଇଛି। ଅନୁଷ୍ଠାନର ସଭାପତି ମଦନ ପାଣିଙ୍କ



ତତ୍ତ୍ୱାବଧାନରେ ସଂଗୀତ ଗୁରୁ ହରିହର ଜେନା ଉଦ୍ୟୋକ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସାନ କୁଶପଦା ଶାଖାର ଉଦ୍ୟୋକ୍ତା ଗଗନ ବିହାରୀ ମହାନ୍ତ ଏହି ଶାଖାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅନୁଷ୍ଠାନରେ ପଞ୍ଜିକୃତ ହୋଇଥିବା ଶିକ୍ଷାର୍ଥୀଙ୍କୁ ପ୍ରବେଶ ଉତ୍ସବର ପ୍ରାରମ୍ଭିକ ସଂଗୀତ ଶିକ୍ଷା ଦିଆଯାଇଥିଲା। ଗୁରୁ ଦୀପ୍ତିକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଘୋଷଣା ଅନେକ; କାମ ଶୂନ୍

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସର ବର୍ଷେ ପରେ ବି ଅବହେଳିତ ଗୋହିରାଟିକିରି ପୀଠ

ଦୋବଲ,୬।୬(ସମିସ):



ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବଙ୍କ ବୀରତ୍ୱ ଓ ଆତ୍ମବଳିଦାନର ମୂକସାକ୍ଷୀ ଐତିହାସିକ ଗୋହିରାଟିକିରି ପୀଠ ଆଜି ବି ବିକାଶ ପାଇଁ ଚାତକ ଭଳି ଚାହିଁ ରହିଛି। ଗତ ବର୍ଷ ଜୁନ୍ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦ୍ରକ ସହର ଉପକଣ୍ଠ ରାହାଞ୍ଜି ନିକଟ ରମ୍ଭିଲାଠାରେ ଆୟୋଜିତ ଏକ ଭବ୍ୟ ସଭାରେ ପ୍ରାୟ ୧୦ କୋଟି ଟଙ୍କାର ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ଆଜି ଏହି ପ୍ରତିଶ୍ରୁତିର ବର୍ଷେ ପୂରିଥିଲେ ମଧ୍ୟ କାମ ୧୦ ପ୍ରତିଶତ ଆଗେଇ ପାରିନାହିଁ। ସରକାରୀ ଆଡ଼ମ୍ବର ମଧ୍ୟରେ ଶିଳାନ୍ୟାସ ଶେଷ ହେଲା ସତ, କିନ୍ତୁ ବାସ୍ତବ ପ୍ରକଳ୍ପ ଏବେ ବି କାଗଜପତ୍ର ଓ ମନ୍ଥର ନୀତି ମଧ୍ୟରେ ଛନ୍ଦି ହୋଇ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ଗତ ନଭେମ୍ବର ୨୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ପୀଠ ପରିଦର୍ଶନ କରି ଦୋବଲ କାଳୀପଡ଼ିଆ ସଭାରେ ଆଉ ୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ସେନାପତିଆ ପୋଖରୀର ଉନ୍ନତୀକରଣ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ନିର୍ମାଣର ଯୋଜନା ରହିଥିଲା। ବର୍ଷକ ଭିତରେ ପ୍ରାୟ ୧୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା ହୋଇଥିବାବେଳେ ମିଳିଥିବା ସୂଚନା ମୁତାବକ, ଏଯାଏଁ ମାତ୍ର ୬ କୋଟି ଟଙ୍କାର ମଞ୍ଜୁରୀ ମିଳିଛି ଏବଂ କେବଳ ୫.୮୬ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। ଗତ ମାର୍ଚ୍ଚ ମାସରୁ ଯେନତେନ ପ୍ରକାରେ କାମ ଆରମ୍ଭ ହୋଇଥିଲେ ବି ଏହାର ଗତି ଅତ୍ୟନ୍ତ ନୈରାଶ୍ୟଜନକ।

ପ୍ରକଳ୍ପର ପ୍ରସ୍ତାବ ଅନୁସାରେ, ପୀଠରେ ଏକ ନୂତନ ପାଠାଗାର ନିର୍ମାଣ ହେବାର ଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ଏବେ ପୀଠରେ ଥିବା ଏକମାତ୍ର କଲ୍ୟାଣ ମଣ୍ଡପକୁ ପାଠାଗାରରେ ରୂପାନ୍ତରିତ କରିବାକୁ ସ୍ଥାନୀୟ ପ୍ରଶାସନ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ମୁସ୍ତଫାପୁର ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାମନଗର ବ୍ଲକ୍ ଉପାଧ୍ୟକ୍ଷ ତଥା ସ୍ଥାନୀୟ ସମିତିସଭ୍ୟ ଜଗବନ୍ଧୁ ପ୍ରଧାନ କହିଛନ୍ତି, କଲ୍ୟାଣ ମଣ୍ଡପଟି ଗ୍ରାମବାସୀଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟରେ ବ୍ୟବହାର ହେଉଛି। ଏହାକୁ ନଷ୍ଟ ନ କରି ନୂଆ ପାଠାଗାର ନିର୍ମାଣ କରାଯାଉ। ୨୦୧୬ ନଭେମ୍ବର ୨୮ରେ ତତ୍କାଳୀନ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ। ହେଲେ ୮ ବର୍ଷ ପରେ ବି ଏଠାରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ପର୍ଯ୍ୟଟକଙ୍କ ପାଇଁ ରହଣିସ୍ଥଳ, ବିଶ୍ରାମ ଗୃହ, ଶୌଚାଳୟ କିମ୍ବା ପାନୀୟ ଜଳର ସୁବିଧା ନାହିଁ। ବଣଭୋଜି ପାଇଁ ପିଣ୍ଡିଟିଏ ସୁଦ୍ଧା ନିର୍ମାଣ କରାଯାଇ ନାହିଁ। ପୀଠକୁ ସଂଯୋଗ କରୁଥିବା ଦୋବଲ ବଜାରରୁ ଗୋବିନ୍ଦାଗଡ଼ିଆ ଗେଙ୍ଗୁଟି ନଦୀବନ୍ଧ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକ୍‌ର କୁରିଗାଁ ହୋଇ ଆସିଥିବା କଂକ୍ରିଟ ରାସ୍ତାଟି ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଓଡ଼ିଶା ଇତିହାସରେ ଗୋହିରାଟିକିରି ଏକ ସ୍ମରଣୀୟ ତଥା ସମ୍ବେଦନଶୀଳ ସ୍ଥାନ। ୧୫୬୮ ମସିହାରେ ଏହିଠାରେ ହିଁ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଏବଂ ବଙ୍ଗର ସୁଲତାନଙ୍କ ମଧ୍ୟରେ ଶେଷ ଐତିହାସିକ ଯୁଦ୍ଧ ହୋଇଥିଲା, ଯେଉଁଠାରେ ଓଡ଼ିଶା ତା'ର ସ୍ୱାଧୀନତା ହରାଇଥିଲା। ଏହି ଐତିହାସିକ ପୀଠର ସୁରକ୍ଷା ଓ ବିକାଶ ଓଡ଼ିଆ ଅସ୍ମିତାର ପ୍ରତୀକ। ୟୁନେସ୍କୋ ପ୍ରତିନିଧି ଦଳ ମଧ୍ୟ ଏହି ପୀଠର ଗୁରୁତ୍ୱ ଅନୁଧ୍ୟାନ କରିସାରିଛନ୍ତି। ଏଭଳି ସ୍ଥିତିରେ ସରକାର ଓ ପ୍ରଶାସନ କେବଳ ଭାଷଣ ଓ ଶିଳାନ୍ୟାସରେ ସୀମିତ ନ ରହି ତୁରନ୍ତ ବାସ୍ତବ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସୋଲାର ଜଳ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ

ଦୋବଲ,୬।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦୋବଲ ଗ୍ରାମ ପଞ୍ଚାୟତରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବେ ବିବାଦ ଘେରରେ। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପୂର୍ବରୁ ହିଁ ଏହାର ନିର୍ମାଣ ଶୈଳୀ ଓ ବ୍ୟବହୃତ ସାମଗ୍ରୀର ଗୁଣବତ୍ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଥାଉକି, ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଏହି ସୋଲାର ପ୍ରକଳ୍ପ ହାତକୁ ନିଆଯାଇଥିଲା। ତେବେ ଘଟଣାସ୍ଥଳରେ ଦେଖିଲେ ବିଭାଗୀୟ କାର୍ଯ୍ୟର ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି। ପ୍ରଥମତଃ, ସୋଲାର ପ୍ୟାନେଲଗୁଡ଼ିକୁ ମାତ୍ର ୧୦ ଫୁଟ୍ ଉଚ୍ଚତାରେ ସ୍ଥାପନ କରାଯାଇଛି, ଯାହାକି ସୂର୍ଯ୍ୟକିରଣ ପାଇବା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଏପରିକି ଅନେକ ସ୍ଥାନରେ ଛାଇ ପଡୁଥିବା ଜାଗାରେ ଏହି ପ୍ୟାନେଲଗୁଡ଼ିକ ଲଗାଯାଇଥିବାରୁ ଏହା କିପରି ସଠିକ୍ ଭାବେ ଶକ୍ତି ଉତ୍ପାଦନ କରିବ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଦ୍ୱିତୀୟରେ,



ପ୍ରକଳ୍ପ ପାଇଁ ବ୍ୟବହାର କରାଯାଉଥିବା ପାଇପ୍‌ଗୁଡ଼ିକ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ସାଧାରଣ ଚାପରେ ମଧ୍ୟ ଏହି ପାଇପ୍‌ଗୁଡ଼ିକ ଫାଟିଯିବାର ଆଶଙ୍କା ରହିଛି। ସରକାରୀସ୍ତରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଏଭଳି ନିମ୍ନମାନର କାମ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କୁହନ୍ତି, "ଯଦି ଆରମ୍ଭରୁ କାମ ଏଭଳି ହୋଇଥାଏ, ତେବେ ଭବିଷ୍ୟତରେ ଏହି ପ୍ରକଳ୍ପରୁ ପାଣି ମିଳିବା ନିଶ୍ଚିତ ଭାବେ ସନ୍ଦେହଜନକ।" ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉନ୍ନତମାନର ସାମଗ୍ରୀ ବ୍ୟବହାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ତେବେ ଠିକାଦାରଙ୍କୁ ପଚାରିବାରୁ ଜେଇଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ହେଉଚି କହି କଥାକୁ ଆଡ଼େଇ ଦେଇଥିଲେ।

# ସ୍ୱାସ୍ଥ୍ୟମିତ୍ରଙ୍କ ପକ୍ଷରୁ ଛଟେଇର ପ୍ରତିବାଦ

ଭଦ୍ରକ,୬।୬(ସମିସ): କମୁଛି ନିଯୁକ୍ତି, ବଢୁଛି କର୍ମଚାରୀଙ୍କ ଛଟେଇ। ରାଜ୍ୟରେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଛଟେଇ ବଢ଼ିବାରେ ଲାଗିଛି। ଏବେ ପୁଣି ରାଜ୍ୟରେ କାର୍ଯ୍ୟରତ ୯ଶହରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ ମିତ୍ରଙ୍କୁ ଠିକା ସଂସ୍ଥା ପକ୍ଷରୁ ଛଟେଇ ନୋଟିସ୍ ଜାରି କରାଯାଇଛି। ଆସନ୍ତା ଜୁନ୍ ୩୦ ତାରିଖ ଚାକିରିର ଶେଷ ତାରିଖ ବୋଲି ଠିକା ସଂସ୍ଥା ପକ୍ଷରୁ ଏହି ନୋଟିସ ଜାରି କରାଯାଇଛି। ଯାହାକୁ ନେଇ ଭଦ୍ରକରେ କାର୍ଯ୍ୟରତ ୨୮ ଜଣ କର୍ମଚାରୀ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ଘଟଣାର ଅନୁଧ୍ୟାନ କରିବାକୁ ଦାବି ଜଣାଇଛନ୍ତି। ଏମାନେ ଦୀର୍ଘ ୮ ବର୍ଷ ହେବ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ କରିବା ସହିତ ବିଏସ୍‌କେୱାଇ କାର୍ଡରେ ଚିକିତ୍ସିତ ରୋଗୀଙ୍କ କାର୍ଯ୍ୟ ତଦାରଖ କରୁଥିବାବେଳେ ଏବେ ଜିଜେଏୱାଇ କାର୍ଡ ପାଇଁ କାର୍ଯ୍ୟ କରୁଛନ୍ତି। ଏମାନଙ୍କୁ ଛଟେଇ କରାଗଲେ ରୋଗୀ ସେବା ବହୁ ବ୍ୟାହତ ହେବ ବୋଲି ସେମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏନେଇ ରାଜ୍ୟ ସରକାର ଘଟଣା ପ୍ରତି ତୁରନ୍ତ ଧ୍ୟାନ ଦେବା ସହିତ ଛଟେଇ ବନ୍ଦ କରିବାକୁ ଦାବି କରିଛନ୍ତି ସ୍ୱାସ୍ଥ୍ୟମିତ୍ର ପ୍ରିୟବ୍ରତ ରାଉତ ଓ ସ୍ୱାସ୍ଥ୍ୟ ମିତ୍ର ସ୍ୱପ୍ନାରାଣୀ ପଣ୍ଡା।

## ● ଶୁଭମ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

# 'ସବୁଜ ବନାନୀ ସୃଷ୍ଟି ପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ହୁଅନ୍ତୁ'




ଭଦ୍ରକ,୬।୬(ସମିସ): ବ୍ୟାପକ ଗଛ କଟା ଓ ଦ୍ରୁତ ଶିଳ୍ପାୟନ ଯୋଗୁଁ ଏବେ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ବଢ଼ିବାରେ ଲାଗିଛି। ଫଳରେ ଜୀବଜଗତକୁ ଏହା ଅସ୍ତବ୍ୟସ୍ତ କରି ପକାଉଛି। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତି ବର୍ଷ ସଂକଳ୍ପବଦ୍ଧ ହୋଇ ବୃକ୍ଷରୋପଣ କରି ପୁଣି ଥରେ ସବୁଜ ବନାନୀ ସୃଷ୍ଟି କରନ୍ତୁ ବୋଲି ବିଶ୍ୱ ପରିବେଶ ଦିବସ ପାଳନ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଏହି ଆହ୍ୱାନ ଦେଇଛନ୍ତି। ଏହି ଉପଲକ୍ଷେ ଗରଦପୁରସ୍ଥିତ ଐତିହାସିକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରରେ ଭାରତ ସରକାରଙ୍କ ମାଇଁ ଭାରତ ସହଯୋଗରେ ଶୁଭମ୍ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସମାରୋହର ଆୟୋଜନ କରାଯାଇଥିଲା। ଶୁଭମ୍‌ର ସଭାପତି ହୃଷୀକେଶ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ଫାରୁଦ ମହମ୍ମଦ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ସମାଜସେବୀ ଅଶୋକ କୁମାର ଦାସ, ସାମାଜିକ କର୍ମୀ ସୁଧାକର ରାଉତ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପରିବେଶ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ର ନାରାୟଣ ହୋ, ରାଜା ମଲ୍ଲିକ, ସୁନୀଲ ମାଝୀଙ୍କୁ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଆଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଗୋଟିଏ ଗୋଟିଏ ଗଛ ଲଗାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେରେ ସାମ୍ବାଦିକ ନରେନ୍ଦ୍ର ସାମଲ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ସଂଗଠନର ଉପସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗଠନ ସଦସ୍ୟ ଦେବୀ କିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ, ଦେବେନ୍ଦ୍ର ଭଞ୍ଜ, ରମାକାନ୍ତ ଭଞ୍ଜ, ଲିପୁନ ପତି, ଗଙ୍ଗାଧର ଦାସ ପ୍ରମୁଖଙ୍କ ସହିତ ଗାନ୍ଧୀ ବାଳାଶ୍ରମର ସବୁ କର୍ମଚାରୀ ପରିଚାଳନା କରିଥିଲେ।

# ଦହପାଣିଆରେ ଏନ୍‌ସିସି ଶିବିର



ଭଦ୍ରକ,୬।୬(ସମିସ): ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ଦିଲ୍ଲୀପ ରାଉତରାଏ ଦହପାଣିଆସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଆୟୋଜିତ କମ୍ବାଇନ୍‌ଡ ଆନୁଆଲ୍ ତାଲିମ୍ ଶିବିର(ସିଏଟିସି)ରେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଛନ୍ତି। ଜିଲ୍ଲାପାଳ କହିଥିଲେ ଯେ, ଏନ୍‌ସିସିର ମୂଳମନ୍ତ୍ର 'ଐକ୍ୟ ଓ ଶୃଙ୍ଖଳା' କେବଳ ଏକ ସ୍ଲୋଗାନ୍ ନୁହେଁ, ବରଂ ସଫଳ ଜୀବନର ମୂଳ ଆଧାର। ଦେଶ ଓ ସମାଜର ଉନ୍ନତି ପାଇଁ ଯୁବପିଢ଼ିଙ୍କ ସକ୍ରିୟ ଅବଦାନ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କ୍ୟାଡେଟ୍‌ମାନେ ନେତୃତ୍ୱ, ପ୍ରତିଯୋଗିତାମୂଳକ ପରୀକ୍ଷା, ସିଭିଲ୍ ସର୍ଭିସ ଓ ଜିଲ୍ଲା ବିକାଶରେ ଯୁବମାନଙ୍କ ଭୂମିକା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲାପାଳ ସେଗୁଡ଼ିକର ଉତର ଦେଇ କ୍ୟାଡେଟ୍‌ମାନଙ୍କୁ ଉଚ୍ଚ ଲକ୍ଷ୍ୟ ସ୍ଥିର କରି ନିରନ୍ତର ପରିଶ୍ରମ କରିବାକୁ ଆହ୍ୱାନ ଜଣାଇଥିଲେ। ସେ କ୍ୟାଡେଟ୍‌ମାନଙ୍କ ଉତ୍ସାହ, ଶୃଙ୍ଖଳା ଓ ଉଚ୍ଚ ମନୋବଳର ପ୍ରଶଂସା କରି କହିଥିଲେ ଯେ, ଏନ୍‌ସିସି କ୍ୟାଡେଟ୍‌ମାନେ ହେଉଛନ୍ତି ଦେଶର ଭବିଷ୍ୟତ ନେତୃତ୍ୱ। ସିଭିଲ୍ ସର୍ଭିସ ଓ ସଶସ୍ତ୍ର ବାହିନୀରେ ଯୋଗଦେଇ ଦେଶସେବା କରିବା ପାଇଁ ସେ ସେମାନଙ୍କୁ ପ୍ରେରିତ କରିଥିଲେ। ଶେଷରେ କ୍ୟାମ୍ପ୍ କମାଣ୍ଡାଣ୍ଟ କର୍ଣ୍ଣେଲ ଏସ୍‌ଏସ୍ ରଘୁବଂଶୀ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ତାଙ୍କର ପ୍ରେରଣାଦାୟୀ ଉପସ୍ଥିତି ଓ ବାର୍ତ୍ତା କ୍ୟାଡେଟମାନଙ୍କ ମନୋବଳକୁ ଆହୁରି ସୁଦୃଢ଼ କରିଛି।

# ରାସ୍ତା ନିମ୍ନମାନର ଅଭିଯୋଗ

କାଳିଆପାଣି,୬।୬(ସମିସ): ସୁକିନ୍ଦା ବ୍ଲକ କାଳିଆପାଣି ହନୁମାନ ବଜାରଠାରୁ ଗୋଖତ ଭାୟା ଧବାହାଳି ଆରଡ଼ି ରାସ୍ତାରେ ଚାଲିଥିବା କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ଅନୁସାରେ, ଫର୍ଟି ମେଟାଲ ଉପରେ କେବଳ ସାମାନ୍ୟ ବାଲି ଓ ଡଷ୍ଟ ଛିଞ୍ଚି କାମ ଚାଲିଥିବା ବେଳେ ଗୁଣାତ୍ମକ ମାନକୁ ଅବହେଳା କରାଯାଉଛି।"ଏହା ସହିତ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନଥିବାରୁ କେତେ ଟଙ୍କା ବ୍ୟୟ ଅଟକଳ ରହିଛି, କିଏ ଠିକାଦାର ଓ କେଉଁ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଉଛି ସେ ନେଇ



ସାଧାରଣ ଲୋକ ଅନ୍ଧାରରେ ରହିଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁଁ ବର୍ଷା ଦିନରେ ରାସ୍ତା ଶୀଘ୍ର ନଷ୍ଟ ହେବା ସହ ଯାତାୟାତରେ ସମସ୍ୟା ସୃଷ୍ଟି ହେବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟମକା ଆରଡ଼ି ଉପଖଣ୍ଡର ଜେଇଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରିନଥିଲା। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଗୁଣାତକ ମାନରେ ରାସ୍ତା କାମ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ଡିଫା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଧର୍ମଶାଳା,୬।୬(ସମିସ): ଧର୍ମଶାଳା ଫୁଟବଲ ଆସସିଏସନ ପକ୍ଷରୁ ୨୮ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ହଜାର ହଜାର ଦର୍ଶକଙ୍କ ମଧ୍ୟରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ ଓ ସମାଜସେବୀ ମିନତୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ଉଦଘାଟନୀ ମ୍ୟାଚ ପ୍ରତାପ କ୍ଲବ କଟକ ଏବଂ ମହାବୀର ଓ ମହାବୀର କ୍ଲବ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଁଏ ଗୋଲ ଦେଇଥିବାରୁ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବ କଟକ ପକ୍ଷରୁ ରାକେଶ ଜେନା ଗୋଟିଏ ଗୋଲ ଦେଇଥିବା ବେଳେ ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ମହାବୀର ଓ ମହାବୀର କ୍ଲବ କେନ୍ଦୁଝରର ଲକ୍ଷ୍ମଣ କେରାଇ ଗୋଟିଏ ଗୋଲ ଦେଇ ମ୍ୟାଚକୁ ଅମୀମାଂସିତ କରିଥିଲେ। ପରେ ଟ୍ରାଇବ୍ରେକରର ସହାୟତା ନିଆଯାଇଥିବା ବେଳେ ପ୍ରତାପ କ୍ଲବ କଟକ ୬/୫ ଗୋଲରେ ମହାବୀର ଓ ମହାବୀର କ୍ଲବ କେନ୍ଦୁଝରକୁ ପରାସ୍ତ କରି ବିଜୟୀ ହୋଇଛି। ଆଜିର ଏହି ମ୍ୟାଚକୁ ସେକ ସଲିମ ରେଫରୀ ଭାବେ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ଓଝା ଓ ଶୈଳେଶ ପାଣି ଲାଇନମ୍ୟାନ୍ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ବସିର ଅହମଦ ରହିଥିଲେ। ଆଜିର ମ୍ୟାଚରେ ପ୍ରତାପ କ୍ଲବ କଟକର ସଞ୍ଜିବ ସ୍ୱାଇଁଙ୍କୁ ମ୍ୟାନ ଅଫଦି ମ୍ୟାଚ ଘୋଷଣା କରାଯାଇଥିଲା ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଜିଲ୍ଲାର ଅର୍ଦ୍ଧାଧିକ ମତଦାତାଙ୍କୁ ଏସଆଇଆର୍ ଫର୍ମ ବଣ୍ଟନ

ଯାଜପୁର,୬।୬(ସମିସ): ଯାଜପୁର ଜିଲ୍ଲାରେ ଗତ ୩୦ ତାରିଖରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା। ଜିଲ୍ଲାରେ ନିୟୋଜିତ ଥିବା ବ୍ଲକ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଏବଂ ରାଜନୈତିକ ଦଳ ପକ୍ଷରୁ ନିୟୋଜିତ ବୁଥ ସ୍ତରୀୟ ଏଜେଣ୍ଟ, ସ୍ୱେଚ୍ଛାସେବୀମାନେ ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଜନସାଧାରଣଙ୍କୁ ଫର୍ମ ପୂରଣରେ ବିଏଲଓ ମାନେ ସହଯୋଗ କରୁଛନ୍ତି। ଜିଲ୍ଲାରେ ମୋଟ ୧୫,୩୭,୧୦୧ ଜଣ ଭୋଟର ଅଛନ୍ତି। ଏହି ପରିପ୍ରେକ୍ଷୀରେ ୪ ଜୁନ୍ ୨୦୨୬ ସୁଦ୍ଧା ଯାଜପୁର ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୯,୬୦,୪୪୪ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏବେ ସୁଦ୍ଧା ୬୨.୪୮ ପ୍ରତିଶତ ମତଦାତାଙ୍କ ଫର୍ମ ବଣ୍ଟନ ହୋଇ ଏସଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବିଞ୍ଝାରପୁରରେ ୧୭୦୭୫୩, ବରୀରେ ୧୨୦୩୨୨, ବଡ଼ଚଣାରେ ୧୭୪୧୧୪, ଧର୍ମଶାଳାରେ ୧୨୫୬୭୩, ଯାଜପୁରରେ ୧୫୧୨୫୯, କୋରେଇରେ ୧୧୮୨୯୧, ସୁକିନ୍ଦାରେ ୧୦୦୦୩୨ ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି। ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର



ପରିଗଣନା ଫର୍ମ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଜୁନ୍ ୨୮ ଯାଏଁ ଏହି ଫର୍ମ ପୂରଣ ପ୍ରକ୍ରିୟା ଚାଲିବ। ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ହେବ। ଭୋଟର ତାଲିକାକୁ ନିର୍ଭୁଲ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଏହି ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ ରୁ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ମଧ୍ୟ ଅପଲୋଡ୍ କରିପାରିବେ।

# ଯାଜପୁର ସହର ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ



ଯାଜପୁର,୬।୬(ସମିସ): ଯାଜପୁର ସହରର ଅନେକ ରାସ୍ତା ଅଣଓସାରିଆ ହୋଇପଡିରହିଛି। ବିଗତ ସରକାର ସମୟରେ ଅନେକ ରାସ୍ତାକୁ ଚଉଡା କରାଯାଇଥିବା ବେଳେ ଅନେକ ରାସ୍ତା ଅଧିଗ୍ରହଣ କାମ ଅଧାପନ୍ତରିଆ ହୋଇପଡିରହିଥିଲା। ତେବେ ସେହି ସବୁ ରାସ୍ତାକୁ ଓସାରିଆ କରିବା ପାଇଁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଛି। ଯାଜପୁର ଟାଉନ ଥାନା ନିକଟରୁ ମାର୍କେଟ ଛକ ପର୍ଯ୍ୟନ୍ତ ରାସ୍ତାର ବାମ ପାଶ୍ୱର୍ରେ ଉଚ୍ଛେଦ କାମ ଆରମ୍ଭ ହୋଇଛି। ଯାଜପୁର ତହସିଲଦାର ତଥା ମାଜିଷ୍ଟ୍ରେଟ ରବି ନାରାୟଣ ପାତ୍ରିଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାମ ଆରମ୍ଭ ହୋଇଛି। ପୂର୍ବରୁ ଏହି ଉଚ୍ଛେଦ ପାଇଁ ହିତାଧିକାରୀ ମାନଙ୍କୁ କ୍ଷତିପୁରଣ ପ୍ରଦାନ କରାଯାଇଛି। ଆଗାମୀ ଦିନରେ କ୍ଷତିପୁରଣ ପାଇବାକୁ ଥିବା ହିତାଧିକାରୀଙ୍କୁ ସେମାନଙ୍କ କ୍ଷତିପୂରଣ ପ୍ରଦାନ କରାଯିବା ପରେ ଉଚ୍ଛେଦ କରାଯିବ ବୋଲି ଜଣାପଡିଛି। ଆଜି ଖୋଦ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ଘଟଣାସ୍ଥଳରେ ଉପସ୍ଥିତ ରହି ଉଚ୍ଛେଦ ପ୍ରକ୍ରିୟାକୁ ତଦାରଖ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

# ଶିକ୍ଷାବିତ୍ ଅବନୀ ବରାଳଙ୍କ ଜୟନ୍ତୀ



କୁଆଖିଆ,୬।୬(ସମିସ): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରାଣ ପ୍ରତିଷ୍ଠାତା ଆଜୀବନ ସାଧାରଣ ସମ୍ପାଦକ ଅବନୀ ବରାଳଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ବ୍ରହ୍ମଚାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଯାଜପୁର ଜିଲ୍ଲା ଶିକ୍ଷକ ମହାସଂଘର ସଭାପତି କୈଳାସ ବେହେରା ଓ ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ବିମ୍ବାଧର ସାହୁ ପୌରୋହିତ୍ୟ କରିଥିଲେ। ଅଲ୍‌ଓଷ୍ଟାର ରାଜ୍ୟ ସଭାପତି ବିକ୍ରମ କେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଧନଞ୍ଜୟ କେଶରୀ ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାସଂଘର ଜିଲ୍ଲା ସଂପାଦକ ମଳୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗଗନ ବିହାରୀ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ପାଇଁ ଶିକ୍ଷକ ନେତା ଉଦୟ ନାଥ ପରିଡ଼ା, ବୃନ୍ଦାବନ ସାମଲ, ଅଭିମନ୍ୟୁ ରାଉତଙ୍କୁ ଅବନୀ ବରାଳ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ରବି ଶତପଥି, କୈଳାସ ଚନ୍ଦ୍ର ନାୟକ, ସୁନାକର ସାହୁ, ବିଷ୍ଣୁ ଚରଣ ବେହେରା, ସୁରେନ୍ଦ୍ର କୁମାର ରାୟ, ପ୍ରଦୀପ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷକ ନେତା ଅରୁଣ କୁମାର ସ୍ୱାଇଁ, ବିଜୟ କୁମାର ଭଦ୍ର, ରାଜେନ୍ଦ୍ର ସାହୁ, ହୃଷିକେଶ ସାମଲ, କପିଳ ଚରଣ ସାମଲ ଏବଂ ଭରତ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ମୂଲ୍ୟହୀନ ପାଲଟିଛି ବିଶ୍ୱ ତମାଖୁ ବର୍ଜନ ଦିବସ

ବନ୍ତ/ଆଗରପଡ଼ା,୬।୬(ସମିସ):

ଧୂଆଁପତ୍ର, ଜର୍ଦ୍ଦା, ଖଇନି ଏବଂ ସିଗାରେଟ୍ ଆଦି ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ଖରାପ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳିତ ହୋଇଆସୁଛି। ଏହି ବର୍ଷର ଅଭିଯାନ 'ବିଶେଷ କରି ଯୁବପିଢ଼ିଙ୍କୁ ଆକର୍ଷିତ କରୁଥିବା ଖରାପ ବିଜ୍ଞାପନ ଏବଂ ଟ୍ରେଣ୍ଡିଂ ନିକୋଟିନ୍ ଉତ୍ପାଦ(ଯେପରିକି ଇ-ସିଗାରେଟ୍, ମିଠା ସ୍ୱାଦର ଜର୍ଦ୍ଦା) ପଛରେ ଥିବା କମ୍ପାନୀଗୁଡ଼ିକର ଚାଲାକିକୁ ପଦାରେ ପକାଇବା ଉପରେ ଆଧାରିତ ହୋଇଥିବାବେଳେ ସରକାରୀ ବିଭାଗ ଓ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ସଚେତନତାର ଅଭାବ ଯୋଗୁଁ ଏହା କାଗଜକଲମରେ ସୀମିତ ପ୍ରାୟ। ସରକାର ସଚେତନତାର ବାର୍ତ୍ତା ପ୍ରେରଣ କରୁଥିବା ସ୍ଥଳେ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଏହି ଦିବସର ତାତ୍ପର୍ଯ୍ୟ ଆଜିଯାଏ କେହି କିଛି ବୁଝିନାହାନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ସାରା ଦୁନିଆରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ଲୋକ ଏହି ଧୂଆଁପତ୍ର ସେବନ ଯୋଗୁଁ ଆଖି ବୁଜୁଛନ୍ତି। ଭାରତରେ ମଧ୍ୟ ପ୍ରତିବର୍ଷ ୧୩ ଲକ୍ଷରୁ ଅଧିକ ଲୋକ




ଏହି କାରଣରୁ ପ୍ରାଣ ହରାଉଛନ୍ତି। ଏହା କେବଳ ଏକ ସଂଖ୍ୟା ନୁହେଁ ଏହା ପଛରେ କେତେ ଯେ ପରିବାର ଉଜୁଡ଼ି ଯାଉଛି ତାହାର ହିସାବ ନାହିଁ। ଏହାକୁ ସେବନ କରିବା ଦ୍ୱାରା ପାଟି, ଗଳା ଏବଂ ଫୁସ୍‌ଫୁସ୍ କ୍ୟାନ୍ସର ଭଳି ମାରାତ୍ମକ ରୋଗ ହୋଇଥାଏ। ଏହା ଦ୍ୱାରା ହୃଦ୍‌ଘାତର ଆଶଙ୍କା ମଧ୍ୟ ବହୁତ ବଢ଼ିଥାଏ। ଏହି ସବୁ ଜାଣି ସୁଦ୍ଧା ଆଜିର ଯୁବପିଢ଼ି ଏବଂ ଛାତ୍ରଛାତ୍ରୀ ଏହାକୁ ଅଭ୍ୟାସରେ ପରିଣତ କରୁଛନ୍ତି। ବିଭିନ୍ନ କମ୍ପାନୀମାନେ ନୂଆ ନୂଆ ଫ୍ଲେଭର୍‌ର ଇ-ସିଗାରେଟ୍ ଏବଂ ଜର୍ଦ୍ଦା ବଜାରକୁ ଆଣି ଯୁବପିଢ଼ିଙ୍କୁ ଭ୍ରମିତ କରୁଛନ୍ତି। ତେଣୁ ଏହି ବର୍ଷର ମୁଖ୍ୟ ବିଷୟବସ୍ତୁ ହେଉଛି 'କିପରି ଆମେ ଯୁବପିଢ଼ିଙ୍କୁ ଏହି ନିକୋଟିନ୍ ନିଶାରୁ ଦୂରେଇ ରଖିପାରିବା'। କିନ୍ତୁ ବିଭିନ୍ନ ଦୃଷ୍ଟିକୋଣରୁ ଉକ୍ତ ବାର୍ତ୍ତା ପାଳିତ ହେବା ପରିବର୍ତ୍ତେ କେବଳ କାଗଜକଲମରେ ସୀମିତ ରହିଯାଇଥିବା ଜଣାପଡ଼ିଛି। ବନ୍ତ ତଥା ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରତି ପାନ ଦୋକାନରେ ବିଭିନ୍ନ କମ୍ପାନୀର ତମାଖୁ ଜାତୀୟ ଦ୍ରବ୍ୟ ଖୁଲମଖୁଲା ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ପାନଠାରୁ ବର୍ତ୍ତମାନ ଏହି ତମାଖୁ ଦ୍ରବ୍ୟର ଚାହିଦା ବୃଦ୍ଧି ପାଇଛି। କଲେଜ ପଢୁଆ ପିଲାଙ୍କଠାରୁ ଆରମ୍ଭ କରି ପାଠ ପଢ଼ାଉଥିବା ଯୁବ ଅଧ୍ୟାପକମାନଙ୍କର ଏହା ପ୍ରଥମ ପସନ୍ଦ ହୋଇପଡ଼ିଛି।

## କାଗଜକଲମରେ ସୀମିତ ସଚେତନତା ବାର୍ତ୍ତା

ସରକାରଙ୍କ ନିୟମ ଅନୁଯାୟୀ, ସିଗାରେଟ୍ କିମ୍ବା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ହୋଇପାରିବ ନାହିଁ। ମାତ୍ର ଏଠାରେ ଥିବା ସରକାରୀ ବାଳିକା ହାଇସ୍କୁଲ, କୃଷ୍ଣଚରଣ ବିଦ୍ୟାମନ୍ଦିର, ତୋଫାବିବି ସ୍କୁଲ, କାଦବରାଙ୍ଗ ସ୍କୁଲ, ଆଡ଼ିଆ ସ୍କୁଲ, ଅଡାଳପଙ୍କ ସ୍କୁଲ, ବନ୍ତହାଇସ୍କୁଲଆଦି ସ୍ଥାନରେଥିବା ଶିକ୍ଷାନୁଷ୍ଠାନକୁ ଲାଗି ରହିଥିବା ବିଭିନ୍ନ ଦୋକାନରେ ଏହି ଦ୍ରବ୍ୟମାନ ବିକ୍ରି ଚାଲିଛି। ସର୍ବସାଧାରଣ ଚଳପ୍ରଚଳ କରୁଥିବା ଛକ, ରାସ୍ତାଘାଟରେ ଲୋକଙ୍କ ସମେତ ଛୋଟଛୋଟ ସ୍କୁଲ ପଢ଼ନ୍ତା ପିଲା ମଧ୍ୟ ଅବାଧରେ ଧୂମ୍ରପାନ କରୁଥିବାର ଦେଖିବାକୁ ମିଳୁଛି। ଏହି ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଜରିମାନା ଆଦାୟ କରିବାର ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରୁନି।

# ସରକାରଙ୍କ ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର,୬।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ (ଆଭାସୀ) ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏଥିରେ ଜିଲ୍ଲାସ୍ତରୀୟ ସିମ୍ପୋସିୟମ, ପ୍ରକଳ୍ପ ପରିଦର୍ଶନ, ୩ ଦିନିଆ ପ୍ରଦର୍ଶନୀ, ଜୈବିକ କୃଷି କର୍ମଶାଳା, ଗଣମାଧ୍ୟମ ସମ୍ପର୍କ, ଜାତି ଜନଜାତି ସମ୍ବାଦ, କୃଷକ ସମ୍ବାଦ, ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡ଼ିଶା ସମାବେଶ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କ୍ୟାମ୍ପ ଇତ୍ୟାଦି ଆୟୋଜନ ହେବ। ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଏସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓସ୍ୱାନ ହଲରୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଆଭାସୀ ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

### ରାଜ୍ୟ ବାହାରର ଶ୍ରମିକ ହନ୍ତସନ୍ତ

# ଗଛ ପାଇଁ ଗାତ ଖୋଳିଲେ; ପାଇଲେନି ପାଉଣା

**ସମ୍ବଲପୁର, ୬।୬ (ସମିସ)**

ପେଟ ପାଇଁ ସବୁ ନାଟ। ସହର କିମ୍ବା ଜିଲ୍ଲା କାହିଁକି ଅନ୍ୟ ରାଜ୍ୟକୁ ମଧ ଯିବା ପାଇଁ ଲୋକେ ପଛଉ ନାହାନ୍ତି। କିନ୍ତୁ ସେଠାରେ କାମ ତ ମିଳୁଛି, କିନ୍ତୁ ମିଳୁନି ପାଉଣା। ଏଭଳି ଏକ ଅଭାବନୀୟ ଘଟଣା ସମ୍ବଲପୁରରେ ଦେଖିବାକୁ ମିଳିଛି। ଚାରାରୋପଣ ପାଇଁ ଗାତ ଖୋଳିଲା ପରେ ମିଳିନି ପାଉଣା। ପରିବାର ସହ ଆସି ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଦିନସାରା ବସି ରହିଛନ୍ତି। କାଠିକୁଟା ନେଇ ସେଠାରେ ରାନ୍ଧି ଖାଇଛନ୍ତି। ପୁଣି ସେଠାରୁ ସେମାନଙ୍କୁ ଘଉଡ଼ାଇ ଦିଆଯାଇଛି। ସଂଯୋଗବଶତଃ ଠିକ୍ ସେହିଦିନ ସମ୍ବଲପୁରକୁ ମୁଖ୍ୟମନ୍ତ୍ରୀ ଆସୁଛନ୍ତି। ସନ୍ଧ୍ୟା ସୁଦ୍ଧା ସେମାନଙ୍କୁ କିଛିଟା ଟଙ୍କାଦେଇ ରେଳଯୋଗେ ସମ୍ବଲପୁରରୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଅଞ୍ଚଳରେ ବନବିଭାଗ ପକ୍ଷରୁ ବ୍ୟାପକ ଚାରାରୋପଣ କରାଯାଉଛି। ସେଥିସକାଶେ ମଧ୍ୟପ୍ରଦେଶରୁ ୧୮ ଜଣ ଶ୍ରମିକ ଆସି ରେଙ୍ଗାଲି ଅଞ୍ଚଳରେ ଚାରାରୋପଣ ପାଇଁ ଗାତ ଖୋଳିଥିଲେ। କିନ୍ତୁ କାମ ପରେ ତାଙ୍କୁ ଟଙ୍କା ଦିଆଗଲା ନଥିବା ଅଭିଯୋଗ ହୋଇଛି। ସେମାନେ ବାଧ ହୋଇ



ଆସି ସମ୍ବଲପୁର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନସାରା ବସିବା ପରେ ଓଲଟା ତାଙ୍କୁ ଧମକ ଦିଆଯାଇଥିବା କୁହାଯାଉଛି। ସେମାନଙ୍କ ପାଖରେ ଖାଇବାକୁ ବା ଘରକୁ ଫେରିବାକୁ ଟଙ୍କା ନଥିଲା। ଗତକାଲି ଦିନସାରା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ଅପେକ୍ଷା କରି ସେଠାରେ ସେମାନେ ରାନ୍ଧି ଖାଇଥିଲେ। ବନବିଭାଗର ସମ୍ପୃକ୍ତ ଅଧିକାରୀ କୁଆଡ଼େ କାମ କରାଇବା ପରେ ଟଙ୍କା ଦେଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଆଜି ସନ୍ଧ୍ୟାବେଳେ ସେମାନେ ରେଳଯୋଗେ ସେମାନଙ୍କ ଘରକୁ ଫେରି ଯାଇଛନ୍ତି। ସେମାନଙ୍କ କହିବାନୁଯାୟୀ, ୧୭-୧୮ ଦିନ କାମ କରିଥିଲେ, କାମ ଆରମ୍ଭର କଥାନୁସାରେ ପାଉଣା ଦିଆଯାଇ ନ ଥିଲା। ଠିକାରେ କାମ ଦିଆଯାଇଥିଲା। ଶ୍ରମିକ ମାନଙ୍କୁ ଅଧିକ ପଚାରିବାରୁ ଯାହା କିଛି ଦେବାକଥା ଟଙ୍କା ମିଳି ଯାଇଛି ଏବଂ ରେଳଷ୍ଟେସନ୍‌ରେ ଥିବା କହି ସେମାନେ ଗଣମାଧ୍ୟମକୁ ଅଧିକ ତଥ୍ୟ ଦେବାକୁ ମନା କରି ଦେଇଛନ୍ତି। ଏନେଇ ସମ୍ବଲପୁର ବନଖଣ୍ଡ ଅଧିକାରୀଙ୍କୁ ଯୋଗାଯୋଗ ସମ୍ଭବପର ହୋଇନାହିଁ।

# ଦେଶୀ ମଦ ବିକ୍ରି ନେଇ ଦୁଇ ଭାଟି କର୍ମଚାରୀ ମାର୍‌ପିଟ୍

**ସମ୍ବଲପୁର, ୬।୬(ସମିସ):** ନିଜ ସୀମା ବାହାରେ ଦେଶୀ ମଦ ବିକ୍ରି ପାଇଁ ଦୁଇ ମଦ ଭାଟି ମଧ୍ୟରେ ସାଂଘାତିକ ଝଗଡ଼ା। କଥା ଏତେ ବିଗିଡ଼ି ଗଲା ଯେ ହାତାହାତି ହେବାକୁ ପଛେଇଲେ ନାହି। ପରେ ଥାନାରେ ଦୁଇ ପକ୍ଷରୁ ଯାଇ ଆପୋଷବୁଝାମଣା ହୋଇଛି। ସୂଚନା ଅନୁସାର ସମ୍ବଲପୁର ଜିଲ୍ଲାରେ ଦେଶୀ ମଦ ଭାଟି ଗୁଡ଼ିକ ରହିଛି। ମଦ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ଲାଇସେନ୍ସ ପ୍ରଦାନ ସହ କେଉଁଠି ବିକ୍ରି କରିବେ ତା ପାଇଁ ସୀମା ନିର୍ଦ୍ଧାରଣ ହୋଇଥାଏ। ସୀମା ଅତିକ୍ରମ କରି ମଦ ବିକ୍ରି ହେଉଥିବା ଅଭିଯୋଗରେ ଦୁଇ ଭାଟି କର୍ମଚାରୀଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଛି। ଘଟଣାରେ ୭ ଜଣ ଆହତ ହୋଇଛନ୍ତି। ଏପରିକି ନିରୀହ ଗ୍ରାମବାସୀ ହଇରାଣ ହୋଇଛନ୍ତି। ମାମଲା ଥାନାରେ ପହଞ୍ଚି ଶେଷରେ ଦୁଇ ଭାଟି ମାଲିକଙ୍କ ହସ୍ତକ୍ଷେପ ପରେ ଆପୋଷ ବୁଝାମଣା ହୋଇଛି। ଯୁଯୁମୁରା ଥାନା ହାତୀବାରିରେ ଏକ ଦେଶୀ ମଦ ଭାଟି ରହିଛି। ସେହିପରି ସଦର ଥାନା ଅଧୀନ ପଡ଼ିଆବାହାଲ ରେ ମଧ ଏକ ଦେଶୀ ଭାଟି ରହିଛି। ଉଭୟ ମାଲିକ ସମ୍ପର୍କୀୟ ହୋଇଥିଲେ ମଧ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହାତୀବାରି ଭାଟିକୁ ମେଘପାଳ ପଞ୍ଚାୟତରେ ମଦ ବିକ୍ରି କରିବା ପାଇଁ ଅନୁମତି ରହିଛି। ହେଲେ ପଡ଼ିଆବାହାଲ ଭାଟିରୁ କର୍ମଚାରୀମାନେ ଆସି ମେଘପାଳ ଅଞ୍ଚଳରେ ମଦ ବିକ୍ରି କରୁଥିଲେ। ଏହି ସମୟରେ ହାତୀବାରି କର୍ମଚାରୀମାନେ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ ଭାଟି କାର୍ମଚାରୀଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ମେଘପାଳ ଗ୍ରାମରେ ରଣ କ୍ଷେତ୍ର ପାଲଟି

**୭ ଆହତ, ଥାନାରେ ରଫାଦଫା**

ଥିଲା।ଗୋଟିଏ ପକ୍ଷର ପ୍ରାୟ ୭ ଜଣ ଆହତ ହୋଇଛନ୍ତି। କେତେକ କର୍ମଚାରୀଙ୍କ ମୁଣ୍ଡ ଫାଟି ଥିବା ବେଳେ କେତେକଙ୍କ ମୁହଁ ଫାଟିଛି। ପୁଲିସ ଆହତଙ୍କୁ ଯୁଯୁମୁରା ମେଡ଼ିକାଲରେ ଚିକିତ୍ସା କରିଥିଲା। ପରେ ଉଭୟ ମାଲିକ ଆଲୋଚନା କରିବା ପରେ ମଲାଲ ଆଗକୁ ଯାଇନଥିଲା। ପୁଲିସ ମାମଲା ରୁଜୁ କରି ଛାଡିଥିଲା।

ଅନ୍ୟପଟେ ସରକାର ଦେଶୀ ଭାଟି ଲାଇସେନ୍ସ ଦେଇଛନ୍ତି। ଖୋଲା ମଦ ବିକ୍ରି କରି ପାରିବା ନାହିଁ। କେବଳ ପ୍ୟାକେଟ କରି ସେମାନେ ବିକ୍ରି କରିବେ। ଏପରିକି କୁଟିଆ ଭାଟି ମଧ ଖୋଲିବା ଉପରେ କଟକଣା ରହିଛି। କିନ୍ତୁ କୁଟିଆରେ ମଦ ଅବାଧରେ ବିକ୍ରି ହେଉଛି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ କଂଗ୍ରେସ କର୍ମକର୍ତ୍ତା ଅଟକ

**ସମ୍ବଲପୁର, ୬।୬ (ସମିସ) :** ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ ବେଶ୍ କଡ଼ାକଡ଼ି କରାଯାଇଛି। ଏହି



ପରିପ୍ରେକ୍ଷୀରେ ସମ୍ବଲପୁର ପୁଲିସ ପକ୍ଷରୁ ପ୍ରାୟ ୧୦ ରୁ ୧୨ ଜଣ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀଙ୍କୁ ଟାଉନ୍ ଥାନାରେ ଅଟକ ରଖାଯାଇଛି। କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଜିତୁ ପ୍ରଧାନ, ଦିଲୀପ ଦୁରିଆ, ମୋହନ ସାହା, ଯୋଗେଶ ନନ୍ଦ, ତାପସ କୁମାର, କୃଷ୍ଣଚନ୍ଦ୍ର ନାଏକ, ଅଶୋକ ମେହେର, ରମେଶ ଷଣ୍ଢ, ଅଶୋକ ସୋନୀ ପ୍ରମୁଖ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କଂଗ୍ରେସ କର୍ମୀମାନେ କୌଣସି ପ୍ରକାରର ବିକ୍ଷୋଭ ପ୍ରଦର୍ଶନ ବା କଳା ପତାକା ଦେଖାଇବା ପୁଲିସ ପକ୍ଷରୁ ଆଶଙ୍କା କରାଯାଇଛି। ଏହି କାରଣରୁ ଟାଉନ ଥାନା ପରିସରର ପ୍ରତିଷେଧକମୂଳକ ଅଟକ ରଖାଯାଇଛି। ମୁଖ୍ୟମନ୍ତ୍ରୀ ସମ୍ବଲପୁରରୁ ପ୍ରତ୍ୟାବର୍ତ୍ତନ କରିବାପରେ ସେମାନଙ୍କୁ ଛଡ଼ାଯିବ ବୋଲି ସୂଚନା ମିଳିଛି। ଦୀର୍ଘଦିନର ବ୍ୟବଧାନ ପରେ ଭିଆଇପି ଗସ୍ତ ସମୟରେ କଂଗ୍ରେସ କର୍ମୀଙ୍କୁ ଅଟକ ରଖିବା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ମୁଖ୍ୟମନ୍ତ୍ରୀ ସମ୍ବଲପୁରରୁ ଝାରସୁଗୁଡ଼ା ବିମାନବନ୍ଦରକୁ ପ୍ରତ୍ୟାବର୍ତ୍ତନ କରିବାପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

## ଗୋବର୍ଦ୍ଧନ ରେଙ୍ଗାଲି ବିଧାୟକଙ୍କ ପ୍ରତିନିଧି

**ସମ୍ବଲପୁର, ୬।୬(ସମିସ):** ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଧାୟକ ସୁଦର୍ଶନ ହରିପାଲ ରେଙ୍ଗାଲି ବ୍ଲକ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରଶାସନିକ ସମନ୍ୱୟ ରକ୍ଷା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



ନେଇଛନ୍ତି। ରେଙ୍ଗାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସମିତି ସହ ଜଡ଼ିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ବୈଠକରେ ନିଜ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ସେ ଜଣେ ବିଶ୍ୱସ୍ତ ସହଯୋଗୀଙ୍କୁ ମନୋନୀତ କରିଛନ୍ତି। କତରବାଗା ଗ୍ରାମର ଗୋବର୍ଦ୍ଧନ ସାହୁଙ୍କୁ ବିଧାୟକ ନିଜର ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ବିଧାୟକ ଶ୍ରୀ ହରିପାଲ ରେଙ୍ଗାଲିର ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଏକ ସରକାରୀ ଚିଠିରେ ଆନୁଷ୍ଠାନିକ ଭାବେ ଅବଗତ କରାଇଛନ୍ତି। ଶ୍ରୀ ସାହୁ ଏଣିକି ବିଧାୟକଙ୍କ ଅନୁପସ୍ଥିତିରେ ରେଙ୍ଗାଲି ବ୍ଲକର ସମସ୍ତ ପଞ୍ଚାୟତ ସମିତି ବୈଠକରେ ଯୋଗଦେବେ ଏବଂ ବିଧାୟକଙ୍କ ପକ୍ଷରୁ ସେ ସମସ୍ତ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ।

# ବେଦାନ୍ତ ଆଲୁମିନିୟମରେ ବିଶ୍ୱ ତମାଖୁ ମୁକ୍ତ ଦିବସ

**ସମ୍ବଲପୁର, ୬।୬(ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ମିଳିତ ଭାବରେ ଝାରସୁଗୁଡାରେ ବ୍ୟାପକ ସଚେତନତା ଅଭିଯାନ ମାଧ୍ୟମରେ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳନ କରିଛି। ଏହି ପଦକ୍ଷେପ ୨୦୨୬ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱ ଥିମ୍, 'ଆବେଦନକୁ ଉନ୍ମୋଚନ-ନିକୋଟିନ୍ ଏବଂ ତମାଖୁ ନିଶାକୁ ମୁକାବିଲା କରିବା' ସହିତ ସଂଯୁକ୍ତ ହୋଇଥିଲା ଏବଂ ବୃନ୍ଦାମାଲ, ବୁଦୁଲା, ଗୁମକର୍ମା ଏବଂ ବିଶାଦେହି ଗ୍ରାମଗୁଡିକରେ ୩୦୦ରୁ ଅଧିକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଥିଲା। ବିଶ୍ୱ ତମାଖୁ ମୁକ୍ତ ଦିବସର ଲକ୍ଷ୍ୟ ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା ସହିତ ତମାଖୁ ସେବନର ସ୍ୱାସ୍ଥ୍ୟ, ସାମାଜିକ, ପରିବେଶଗତ ଏବଂ ଆର୍ଥିକ ପରିଣାମକୁ ଉଜାଗର କରିବା। ଏହି ବର୍ଷର ବିଷୟବସ୍ତୁ ସହିତ ବେଦାନ୍ତ ଆଲୁମିନିୟମର ସଚେତନତା କାର୍ଯ୍ୟକ୍ରମ ତମାଖୁ ଏବଂ ନିକୋଟିନ୍ ନିଶା ପଛରେ ଥିବା ବାସ୍ତବତାକୁ ପ୍ରକାଶ କରିବା ଉପରେ ଧ୍ୟାନ ଦେଇଥିଲା। ସଚେତନତା ଅଧିବେଶନଗୁଡ଼ିକ ବେଦାନ୍ତ ଆଲୁମିନିୟମର ମୋବାଇଲ୍ ହେଲଥ୍ ୟୁନିଟ୍‌ର ଚିକିତ୍ସା ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ତମାଖୁ ସେବନ ଏବଂ ମୁଖ କର୍କଟ, ହୃଦ୍‌ରୋଗ, ଶ୍ୱାସକ୍ରିୟା ରୋଗ ଏବଂ ଅନ୍ୟାନ୍ୟ ଅଣ-ସଂକ୍ରମିତ ରୋଗ ଭଳି ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟରେ ସମ୍ପର୍କ ବୁଝିବାରେ ସାହାଯ୍ୟ କରିଥିଲା।



**୩୦୦ରୁ ଅଧିକ ଲୋକଙ୍କୁ ସଚେତନ**

ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି.ଚନ୍ଦ୍ରୁ କହିଛନ୍ତି, 'ଏହିପରି କେନ୍ଦ୍ରିତ ସ୍ୱାସ୍ଥ୍ୟ ସଚେତନତା ପଦକ୍ଷେପ ମାଧ୍ୟମରେ, ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଏବଂ ଦୀର୍ଘକାଳୀନ କଲ୍ୟାଣକୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଆମର ସହଭାଗୀତା ତୃଣମୂଳ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଶିକ୍ଷାକୁ ବିସ୍ତାର କରିବାରେ, ସୁସ୍ଥ, ତମାଖୁ ମୁକ୍ତ ସମାଜ ଗଠନ କରିବାରେ ସାହାଯ୍ୟ କରେ। ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ସହଯୋଗୀ ହସ୍ତକ୍ଷେପ ମାଧ୍ୟମରେ, କମ୍ପାନୀ ୧୮, ୦୦୦ରୁ ଅଧିକ ବ୍ୟକ୍ତିଙ୍କୁ ଦ୍ୱାରଦେଶରେ ଚିକିତ୍ସା ପ୍ରଦାନ କରୁଛି। ଝାରସୁଗୁଡ଼ା ଏବଂ ପଡ଼ୋଶୀ ଅଞ୍ଚଳଗୁଡ଼ିକରେ ପ୍ରତିରୋଧକ ସ୍ୱାସ୍ଥ୍ୟ ସଚେତନତା ମାଧ୍ୟମରେ ବାର୍ଷିକ ୨.୮ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି।

### ବିଶ୍ୱ ପରିବେଶ ଦିବସରେ ସମ୍ବଲପୁରରୁ ଜାତୀୟ ଅଭିଯାନ

## 'ମୋର ୫୦୦ ମିଟର ସହର'ର ଶୁଭାରମ୍ଭ

**ସମ୍ବଲପୁର, ୬।୬ (ସମିସ) :** ବିଶ୍ୱ ପରିବେଶ ଦିବସ ଅବସରରେ ସର୍ବଭାରତୀୟ ସ୍ୱେଚ୍ଛାସେବୀ-ଚାଳିତ ୟୁଥ୍‌ଫର୍‌ୱାଟର-ଇଣ୍ଡିଆ ଅଭିଯାନ ପକ୍ଷରୁ ଏହାର ନୂତନ ଜାତୀୟ ପଦକ୍ଷେପ 'ମୋର ୫୦୦ ମିଟର ସହର' ଆଜି ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ଜାତୀୟ ଶୁଭାରମ୍ଭ ସମ୍ବଲପୁର ସହରର ଐତିହାସିକ ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ମହାନଦୀ ତଟରେ ଅନୁଷ୍ଠିତ ହୋଇଥିବାବେଳେ ଦେଶର ୨୦ରୁ ଅଧିକ ସହରରେ ଅଭିଯାନର ସ୍ୱେଚ୍ଛାସେବୀମାନେ ସ୍ଥାନୀୟ ସମାବେଶ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଅଭିଯାନର ପ୍ରତିଷ୍ଠାତା-ପରାମର୍ଶଦାତା ଏବଂ ଓଡ଼ିଶାର ଜଳପୁରୁଷ ଭାବେ ପରିଚିତ ରଞ୍ଜନ ପଣ୍ଡା କହିଥିଲେ ଯେ, ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ନାଗରିକମାନଙ୍କୁ ସ୍ଥାୟୀ ଯାତାୟାତ ଏବଂ ଜଳବାୟୁ-ସଚେତନ ଜୀବନଶୈଳୀ ମାଧ୍ୟମରେ ନିଜ ଆଖପାଖ ଓ ସହରକୁ ନୂଆ ଦୃଷ୍ଟିକୋଣରୁ ଗଢ଼ିବା ପାଇଁ ପ୍ରେରିତ କରିବା। ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଅଭିଯାନର ଲୋଗୋ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମର ସହ-ଆୟୋଜକ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇବାର ଉପାୟ ଖୋଜୁଥିବା ସମୟରେ ଏପରି ଅଭିଯାନ ସମୟର ଆବଶ୍ୟକତା ଏବଂ ଏହା ଅଧିକ ବାସଯୋଗ୍ୟ ସହର ଗଠନରେ ସହାୟକ ହେବ। ବରିଷ୍ଠ ସାମ୍ବାଦିକ ପ୍ରିୟରଞ୍ଜନ ସାହୁ ଓ ଶିବ ଶଙ୍କର ନନ୍ଦ ଏବଂ ସହରର ବିଶିଷ୍ଟ ନାଗରିକମାନେ ଅଭିଯାନର ମୂଳ ଧାରଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଜଳ, ଜୈବବିବିଧତା ଏବଂ ସହରୀୟ ପରିବେଶ ସଂରକ୍ଷଣ ପାଇଁ ଅଧିକ ସକ୍ରିୟ ହେବାକୁ ଆହ୍ୱାନ ଦେଇଥିଲେ।

'ମୋର ୫୦୦ ମିଟର ସହର' ଅଭିଯାନର ମୂଳ ଧାରଣା ସରଳ କିନ୍ତୁ ପରିବର୍ତ୍ତନଶୀଳ। ପ୍ରତ୍ୟେକ ନାଗରିକ ନିଜ ଘର, କାର୍ଯ୍ୟସ୍ଥଳ କିମ୍ବା ଅନୁଷ୍ଠାନକୁ କେନ୍ଦ୍ର କରି ୫୦୦ ମିଟର ପରିଧି ଚିହ୍ନଟ କରିବେ ଏବଂ ସେହି ପରିଧି ଭିତରେ ଜୀବାଶ୍ମ ଇନ୍ଧନ ଆଧାରିତ ଯାନବାହନର ବ୍ୟବହାରକୁ ଯଥାସମ୍ଭବ କମାଇବେ। କାର୍ଯ୍ୟକ୍ରମର ସମନ୍ୱୟକାରୀ ଏବଂ ୟୁଥ୍‌ଫର୍‌ୱାଟର-ଇଣ୍ଡିଆର କୋର୍ ଭୋଲେଣ୍ଟିୟର ମାସୁଦ ଆଲମ୍ ଓ ରଶ୍ମୀରଞ୍ଜନ ପାଣିଗ୍ରାହୀ, ଅଭିଯାନର ସକ୍ରିୟ ସଦସ୍ୟା ସୁହାନୀ ପାତ୍ର, ଯୁବ ସ୍ୱେଚ୍ଛାସେବୀ ସୁପ୍ରୀତି ଭିତ୍ରିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ "ବାସଯୋଗ୍ୟ ସହର: ପ୍ରକୃତି ସହ ସାମଞ୍ଜସ୍ୟରେ ବଞ୍ଚିଥିବା ସହର ସମ୍ପର୍କରେ ମୋର ଧାରଣା" ଶୀର୍ଷକ ବିଷୟକୁ ନେଇ ଆୟୋଜିତ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଜେଏସ୍ଏ ଇଣ୍ଡିଆ, ଏବିସିଡି ଚାରିଟେବୁଲ ଟ୍ରଷ୍ଟ, ସମ୍ବଲପୁର ସାଇକେଲିଂ କ୍ଲବ, ପରିବର୍ତ୍ତନ ସେତୁ, ମହାନଦୀ ଧାରା, ଆଦର୍ଶ, ଶିକ୍ଷା ନିକେତନ, ଲୋକସେବା, ଆହ୍ୱାନ ଫାଉଣ୍ଡେସନ, ମାଉଣ୍ଟ ଏକ୍ସପ୍ଲୋର୍, ରୁପାୟନ, ୱାଟର୍ ଇନିସିଏଟିଭ୍‌ସ ଇଣ୍ଡିଆ, ମହାନଦୀ ରିଭର୍ ୱାଟର୍‌କିପର୍ ପ୍ରମୁଖ ଅନେକ ସଂଗଠନ ସହଯୋଗ କରିଥିଲେ।

### ସମ୍ବଲପୁର ଫୁଟବଲ ଏକାଡେମୀ

## ୧୫ କୋଟିରେ ଫିଫା ମାନର ଆଧୁନିକ ପଡ଼ିଆ ନିର୍ମାଣ ହେବ : ମୁଖ୍ୟମନ୍ତ୍ରୀ



**ସମ୍ବଲପୁର, ୬।୬ (ସମିସ) :** ସମ୍ବଲପୁରକୁ ଦିନିକିଆ ଗସ୍ତରେ ଆସି ଶନିବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଫୁଟବଲ ଏକାଡେମୀ ପରିଦର୍ଶନ କରି ଭିତ୍ତିଭୂମିର ବିକାଶ ଓ ଆଧୁନିକୀକରଣର ମାନକୁ ପ୍ରଶଂସା କରିଛନ୍ତି। ସୂଚନା ଯୋଗ୍ୟ ଯେ, ୧୫ କୋଟି ଟଙ୍କାରେ ଆରମ୍ଭ ହୋଇଥିବା ଏକାଡେମୀ ପରିସରରେ ଅନ୍ତର୍ଜାତୀୟ ମାନର ୩ଟି ଫିଫା ଷ୍ଟାଣ୍ଡାର୍ଡ ପୂର୍ଣ୍ଣ ଆକାରର ଫୁଟବଲ ପଡ଼ିଆ ଏବଂ ୨ଟି ଅତ୍ୟାଧୁନିକ ଫୁଟ୍‌ସାଲ ଗ୍ରାଉଣ୍ଡ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ବଲପୁର ଫୁଟବଲ ଏକାଡେମୀର କ୍ରୀଡ଼ା ପ୍ରତିବଦ୍ଧତାକୁ ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମଲେଶ୍ୱରୀ ସ୍ପୋର୍ଟି କ୍ଲବ୍‌ର ଏକ ଶାଖା ଭାବେ ୨୦୦୭ ମସିହାରୁ ଆରମ୍ଭ ହୋଇଥିବା ଏହି ଏକାଡେମୀ ଆଜି ରାଜ୍ୟର କ୍ରୀଡ଼ା ପ୍ରତିଭାଙ୍କୁ ଜାତୀୟସ୍ତରରେ ପରିଚୟ ଦେବାରେ ସବୁଠାରୁ ବଡ଼ ମାଧ୍ୟମ ସାଜିଛି। ବିଗତ ୧୯ ବର୍ଷ ମଧ୍ୟରେ ଏକାଡେମୀରୁ ଶହ ଶହ ପ୍ରତିଭାବାନ୍ ଫୁଟ୍‌ବଲ ଖେଳାଳି ସୃଷ୍ଟି ହୋଇଛନ୍ତି ଏବଂ ସେମାନେ ବିଭିନ୍ନ ବୟସ ବର୍ଗରେ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ସରକାର ଏକାଡେମୀ ଉପରେ ଆଉ ଏକ ନୂଆ ତଥା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଣିକି ପ୍ରତିବର୍ଷ ଆୟୋଜିତ ହେଉଥିବା 'ସିଏମ୍ ଟ୍ରଫି' ଫୁଟବଲ୍ ଟୁର୍ଣ୍ଣାମେଣ୍ଟରୁ ତୃଣମୂଳସ୍ତରରେ ମନୋନୀତ ହେଉଥିବା ୧୪ ବର୍ଷରୁ କମ୍ ବୟସର ୩୦ ଜଣ ପ୍ରତିଭାବାନ ପିଲାଙ୍କୁ ଉଚ୍ଚକୋଟୀର ଆବାସିକ ତାଲିମ ଦେବାର ଦାୟିତ୍ୱ ଏହି ଏକାଡେମୀକୁ ଦିଆଯାଇଛି। ତାଲିମ ଗ୍ରହଣ କରୁଥିବା ଏହି ଶିଶୁମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ନିକଟସ୍ଥ ଶିକ୍ଷାନୁଷ୍ଠାନ ମାନଙ୍କରେ ଗୁଣାତ୍ମକ ଶିକ୍ଷା ଗ୍ରହଣର ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ ସରକାରଙ୍କ ପକ୍ଷରୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟସଭା ସାଂସଦ ମନମୋହନ ସାମଲ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

## ହିଣ୍ଡାଲ୍‌କୋ ବିଶ୍ୱ ପରିବେଶ ଦିବସ

**ସମ୍ବଲପୁର, ୬।୬(ସମିସ):** ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ହୀରାକୁଦ ସ୍ମେଲ୍ଟର ଏବଂ ସିପିପି ୫ ଜୁନରେ ମେନ୍ କଲୋନୀରେ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳିତ ହୋଇଛି। ଏହି ଅବସରରେ ପ୍ରାୟ ୩୦୦ ଜଣ ଅଂଶଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା, ସୁସ୍ଥ ଜୀବନଶୈଳୀ ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ବଢ଼ାଇବା ପାଇଁ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା ଏବଂ କଲୋନୀ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ଏସ୍‌ପିସିବି, ସମ୍ବଲପୁରର ଅନ୍ନମାଳା କୁସୁମ ମିଞ୍ଜ (ଉପ ପରିବେଶ ବୈଜ୍ଞାନୀ), ଇଂ. ରାକେଶ ପଣ୍ଡା (ସହାୟକ ପରିବେଶ ଇଞ୍ଜିନିୟର) ଓ ମନୋରଞ୍ଜନ ପ୍ରଧାନ (ସହାୟକ ପରିବେଶ ବୈଜ୍ଞାନୀ) ଉପସ୍ଥିତ ଥିଲେ। ଜେଷ୍ଠ ପରିଚାଳନା ମଣ୍ଡଳୀରୁ ବିଶ୍ୱାସ ଶିଣ୍ଡେ (ଏକକ ମାନବ ସମ୍ପଦ ପ୍ରମୁଖ), ପ୍ରତାପ ସାହୁ (ପ୍ଲାଣ୍ଟ ପ୍ରମୁଖ ସ୍ମେଲ୍ଟର), ଅରୁଣ ସିଂହ (ପ୍ଲାଣ୍ଟ ପ୍ରମୁଖ ସିପିପି), ରଞ୍ଜନ ଜେନା (ମୁଖ୍ୟ ପରିବେଶ ବିଭାଗ), ସତ୍ୟ ଦାସ (ମୁଖ୍ୟ କର୍ମଚାରୀ ସମ୍ପର୍କ ବିଭାଗ), ଅନ୍ନୁବାବୁ (ମୁଖ୍ୟ ପରିବର୍ତ୍ତନ କାର୍ଯ୍ୟକ୍ରମ), ତୁଷାର ପାତ୍ର (ମୁଖ୍ୟ ସୁରକ୍ଷା ବିଭାଗ), ବିଶ୍ୱଜିତ ପରିଡ଼ା ଏବଂ ଆଦିଶ ଜେନ୍ ସହ ଅନ୍ୟମାନେ ସକ୍ରିୟ ଭାବରେ ଅଂଶ ନେଇଥିଲେ। କଲୋନୀ ସମୁଦାୟର ପ୍ରତିନିଧିମାନଙ୍କ ମଧ୍ୟରୁ ସରୋଜ କୁମାର ମହାନ୍ତି (କାର୍ଯ୍ୟକାରୀ ଅଧ୍ୟକ୍ଷ), ଜିତେନ୍ଦ୍ର କୁମାର ପଟ୍ଟନାୟକ (ଉପାଧ୍ୟକ୍ଷ), ଅନିଲ ମିଶ୍ର (ଉପାଧ୍ୟକ୍ଷ), ମଧୁ ଶଙ୍କର ଏବଂ କସ୍ତୁରବା ମହିଳା ମଣ୍ଡଳର ଚିନ୍ମୟୀ (ଅଧ୍ୟକ୍ଷା), ସୁଭାଶ୍ରୀ ପୁଷ୍ଟି (ସଦସ୍ୟା), ମାଧୁମିତା ହୋତା ଉପସ୍ଥିତ ଥିଲେ।



## ସିଏମ୍ ଟ୍ରଫି ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

**ସମ୍ବଲପୁର, ୬।୬ (ସମିସ) :** ଓଡ଼ିଶା ଭଲିବଲ ଆ।।ସୋସିଏସନ୍, ଜିଲ୍ଲା କ୍ରୀଡ଼ା ସଂଘ ସମ୍ବଲପୁର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ୪ ଓ ୫ ତାରିଖ ଦୁଇଦିନ ଧରି ଆୟୋଜିତ ସିଏମ୍ ଟ୍ରଫି ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ଓ ମହିଳା ବିଭାଗରେ ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼, ଅନୁଗୋଳ, ନୂଆପଡ଼ା, ସୁନ୍ଦରଗଡ଼ ଆଦି ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ଅନୁଗୋଳ ଦଳ ବଲାଙ୍ଗୀର ଦଳକୁ ୨୫-୨୦ ଓ ୨୫-୧୨ ଦୁଇ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିବାବେଳେ ମହିଳା ବିଭାଗରେ ଅନୁଗୋଳ ଦଳ ସମ୍ବଲପୁର ଦଳକୁ ୨୫-୮ ଓ ୨୫-୭ ଦୁଇ ସେଟ୍‌ରେ ପରାସ୍ତ କରି ଜୋନ୍ ଚମ୍ପିଆନ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଅଧିକାରୀ ଡଃ ଅବିନାଶ କର, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ସୁନୀଲ କୁମାର ସାହୁ, କ୍ରୀଡ଼ା ସମ୍ପାଦକ ବିକାଶ ମିଶ୍ର, ଶାନ୍ତା ରଣବିଡ଼ା, ଆଶୁତୋଷ ବାବୁ, ମହମ୍ମଦ ଇସାକ, ସୁବୋଧ ସାହୁ, ଉମାପତି ତ୍ରିପାଠୀ, ସୁବାସ ଚନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରୀ ସନ୍ତୋଷ କୁମାର ପ୍ରଧାନ, ସତ୍ୟଜିତ ବେହେରା, ସୁଶାନ୍ତ କୁମାର ସାହୁ, ସରୋଜ କୁମାର ସେଠ, ଦେବାଶିଷ ପରିଡ଼ା, ଅଙ୍କେଶ କୁମାର ପ୍ରଧାନ, ଜ୍ଞାନ ରଞ୍ଜନ ପ୍ରହରାଜ, ଓମ ଖର୍ସେଲ, ପରିକ୍ଷିତ ଖର୍ସେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସୋଲାର ପ୍ୟାନେଲ୍ ସ୍ଥାପନ ପାଇଁ ଆଦିତ୍ୟ ଆଲୁମିନିୟମ ଏବଂ ଟିପିଡବ୍ଲୁଓଡିଏଲ୍ ମଧ୍ୟରେ ଚୁକ୍ତି

**ସମ୍ବଲପୁର, ୬।୬ (ସମିସ)**

ସବୁଜ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡର କାର୍ଯ୍ୟକ୍ଷମ କ୍ଷେତ୍ରର ଆଖପାଖରେ ଅବସ୍ଥିତ ଗ୍ରାମଗୁଡ଼ିକ ଘରର ଛାତ ଉପରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା ଅନ୍ତର୍ଗତ 'ଉଲା ମଡେଲ' ଅଧୀନରେ ସୌର ପ୍ୟାନେଲ୍ ସ୍ଥାପନ କରିବା ପାଇଁ ଆଜି ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ସମ୍ବଲପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ଉପସ୍ଥିତିରେ ଆଦିତ୍ୟ ଆଲୁମିନିୟମର ୟୁନିଟ୍ ମୁଖ୍ୟ ଜଗନ୍ନାଥ ନାୟକ ଏବଂ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ଆଦାନପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଲୁମିନିୟମର ସିପିପି ମୁଖ୍ୟ ଗୁଲସନ ତିୱାରୀ, ଜ୍ୟୋତି ମୁଦୁଲି, ଆଦିତ୍ୟ ଆଲୁମିନିୟମର ସିଏସ୍ଆର୍ ଟିମ୍ ସଦସ୍ୟ ଏବଂ ଟିପିଡବ୍ଲୁଓଡିଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ବୁଝାମଣାପତ୍ର ସ୍ୱାକ୍ଷରର ଏକ ଅଂଶ ଭାବରେ, ଆଦିତ୍ୟ ଆଲୁମିନିୟମର ପ୍ଲାଣ୍ଟ ପରିଧିରେ ଅବସ୍ଥିତ ୬ଟି ଗ୍ରାମ ପଞ୍ଚାୟତର ୪୪ଟି ଗ୍ରାମକୁ କାର୍ଯ୍ୟକାରୀ କରିବାପାଇଁ ଚିହ୍ନଟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଲୁଧାପାଲି ଏବଂ ଆରଆର କଲୋନୀ, ପଣ୍ଡଲୋଇ ଗ୍ରାମର ମୋଟ ୩୩୬ଜଣ ଯୋଗ୍ୟ ଉପଭୋକ୍ତାଙ୍କ ଘରର ଛାତ ଉପରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅନ୍ତର୍ଗତ ଟିପିଡବ୍ଲୁଓଡିଏଲର




ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ଉଲା ମଡେଲ୍) ମାଧ୍ୟମରେ ସୌର ପ୍ୟାନେଲ୍ ସ୍ଥାପନ କରାଯିବ। ଏହି ସୌର ପ୍ୟାନେଲ୍ ଗୁଡ଼ିକ ସ୍ଥାପନ ଲାଗି ଆବଶ୍ୟକ ଅର୍ଥରାଶି ଆଦିତ୍ୟ ଆଲୁମିନିୟମର ସିଏସ୍ଆର୍ ପାଣ୍ଠିରୁ ସହାୟତା କରାଯିବ। ଯାହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରଗୁଡ଼ିକ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଏବଂ ସୁଲଭ ସୌରଶକ୍ତି ଯୋଗାଇ ଦେଇପାରିବ। ଆଦିତ୍ୟ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ କହିଥିଲେ ଯେ, ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ଆଗାମୀ ଦିନରେ ଗ୍ରାମୀଣ କ୍ଷେତ୍ରରେ ଛାତଘରମାନଙ୍କରେ ସୌରଶକ୍ତିର ଉତ୍ପାଦନ, ଶୁଦ୍ଧଶକ୍ତି ଏବଂ ସ୍ଥାୟୀ ଶକ୍ତିର ବ୍ୟବହାର ଓ ଲୋକମାନଙ୍କର ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବାରେ ସହଯୋଗ କରିବ। ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, ଗ୍ରାମାଞ୍ଚଳର ପରିବାରମାନଙ୍କ ନିକଟରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ଆଦିତ୍ୟ ଆଲୁମିନିୟମ ସହ ଭାଗୀଦାରୀ କରି ଆମେ ଆନନ୍ଦିତ। ଏହି ସହଯୋଗ ସ୍ଥାୟୀ ବିକାଶ ଏବଂ ସାମାଜିକ ଅନ୍ତର୍ଭୁକ୍ତି ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହା ମାଧ୍ୟମରେ ଯୋଗ୍ୟ ପରିବାରମାନେ ବିଦ୍ୟୁତ ବିଲ୍ ଖର୍ଚ୍ଚ କମାଇ ପାରିବେ ଏବଂ ସ୍ୱଚ୍ଛ ଶକ୍ତିର ଦୀର୍ଘମିଆଦି ଲାଭ ଉପଭୋଗ କରିପାରିବେ। ଅନ୍ୟପକ୍ଷର ସମ୍ବଲପୁର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର କହିଛନ୍ତି, ଏହା ଏକ ପ୍ରଶଂସନୀୟ ପଦକ୍ଷେପ, ଯାହା ଗ୍ରାମାଞ୍ଚଳ ପରିବାରକୁ ସିଧାସଳଖ ନବୀକରଣ ଯୋଗ୍ୟ ଶକ୍ତିର ଲାଭ ପହଞ୍ଚାଇବ। ଅବଶିଷ୍ଟ ଚିହ୍ନଟ ଗ୍ରାମଗୁଡ଼ିକୁ ପର୍ଯ୍ୟାୟକ୍ରମେ ଅନ୍ତର୍ଭୁକ୍ତ କରାଯିବ। ଆଗାମୀ ଦିନଗୁଡ଼ିକରେ ହିତାଧିକାରୀଙ୍କ ସଂଖ୍ୟା ପ୍ରାୟ ୩୦୦ ରୁ ୩୦୦୦ ପରିବାରକୁ ବୃଦ୍ଧି ପାଇବ ବୋଲି ଆଶାପ୍ରକାଶ କରିଛନ୍ତି।



# କାଳବୈଶାଖୀର ତାଣ୍ଡବ; ଛାରଖାର ରାଜଧାନୀ





■ ଜନତା ମୈଦାନରେ ଟେଣ୍ଟ ଭୁସୁଡ଼ିଲା
■ ରାସ୍ତାରେ ଉପୁଡ଼ିଲା ଗଛ, ଯାତାୟତ ବାଧାପ୍ରାପ୍ତ






ଭୁବନେଶ୍ୱର, ୬।୬(ସମିସ): ଦିନସାରା ପ୍ରବଳ ଗ୍ରୀଷ୍ମପ୍ରବାହ ପରେ ଅପରାହ୍ଣରେ ରାଜଧାନୀରେ ଦେଖା ଦେଇଥିଲା କାଳବୈଶାଖୀର ତାଣ୍ଡବ। ବର୍ଷା, ଘଡ଼ଘଡ଼ି ସାଙ୍ଗକୁ କୁଆପଥର ମାଡ଼ ମଧ୍ୟ ହୋଇଥିଲା। ଏହା ଫଳରେ ସହରର ବିଭିନ୍ନ ଅଞ୍ଚଳରେ ଜନଜୀବନ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା।

ଗତକିଛିଦିନ ଧରି ସାରା ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ଏହିକ୍ରମରେ ଶନିବାର ସକାଳୁ ସକାଳୁ ରାଜଧାନୀରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଗ୍ରୀଷ୍ମତାପରେ ରାଜଧାନୀବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଏମିତି କି ସକାଳ ୮ଟା ବେଳକୁ ରାଜଧାନୀରେ ତାପମାତ୍ରା ୨୭ ଡିଗ୍ରୀ ରହିଥିଲେ ମଧ୍ୟ ଆର୍ଦ୍ରତା ଯୋଗୁଁ ୪୦ ଡିଗ୍ରୀ ଭଳି ଗ୍ରୀଷ୍ମ ଅନୁଭୂତ ହୋଇଥିଲା। ସେହିଭଳି ମଧ୍ୟାହ୍ନରେ ତାପମାତ୍ରା ୩୭ ଡିଗ୍ରୀ ରହିଥିବା ବେଳେ ୫୦ ଡିଗ୍ରୀର ଉତାପ ଅନୁଭୂତ ହୋଇଥିଲା। ଫଳରେ ପୂରା ରାଜଧାନୀବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଗ୍ରୀଷ୍ମ ଏବଂ ଗୁଳୁଗୁଳି ଯୋଗୁଁ ଲୋକେ ନା ଘର ଭିତରେ ରହିପାରି ଥିଲେ ଅବା ବାହାକୁ ବାହାରି ପାରିଥିଲେ। ଏମିତି କି ଫ୍ୟାନ ପବନ ମଧ୍ୟ କାମ କରି ନ ଥିଲା। ଅନେକ ଶୀତତାପ ନିୟନ୍ତ୍ରିତ କୋଠରୀରେ ରହିଥିବା ବେଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏସି ଭିତରେ ଅନେକ ଲୋକେ ଆଶ୍ରୟ ନେଇଥିଲେ। ବାକି କିଛି ଲୋକେ କିଣାକିଣି କରିବା ବାହାନାରେ ବିଭିନ୍ନ ମଲରେ ଭିଡ଼ ଜମାଉଥିଲେ। କିନ୍ତୁ ଅପରାହ୍ଣ ପ୍ରାୟ ସାଢ଼େ ୩ଟା ବେଳକୁ ହଠାତ୍ କାଳ ବୈଶାଖୀର ମାଡ଼ି ଆସିଥିଲା। ରାଜଧାନୀର ନୂଆପଲ୍ଲୀ ସମେତ କେତେକ ସ୍ଥାନରେ ପବନ ବର୍ଷା ମାଡ଼ି ଆସିଥିଲା। ପବନର ବେଗ ଏତେ ଥିଲାରେ ସହର ମଧ୍ୟରେ ଥିବା ଅନେକ ଘର ଭାଙ୍ଗି ଦେବା ସହ ଗଛଗୁଡ଼ିକ ଉପାଡ଼ି ଦେଇଥିଲା। ଗଛ ଉପୁଡ଼ି ଏବଂ ଭାଙ୍ଗି ରାସ୍ତା ଉପରେ ପଡ଼ିବା ଯୋଗୁଁ ସହରର ଟ୍ରାଫିକ୍ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ସେହିଭଳି ଭୁବନେଶ୍ୱର ଜନତା ମୈଦାନରେ ପଡ଼ିଥିବା ଟ୍ରେଡ୍ ଫେୟାର ପ୍ରଭାବିତ ହୋଇଥିଲା। ଟ୍ରେଡ୍ ଫେୟାର ଟେଣ୍ଟ ଭାଙ୍ଗିଯିବା ଯୋଗୁଁ ଅନେକ ସାମଗ୍ରୀ ନଷ୍ଟ ହୋଇଥିଲା। ରାଜ୍ୟ ବାହାରୁ ତଥା ଦେଶ ବାହାରୁ ପଡ଼ିଥିବା ଷ୍ଟଲଗୁଡ଼ିକ ଭାଙ୍ଗି ଯାଇଥିଲା। ଅଗ୍ନିଶମ ବିଭାଗର ୧୫ଟି ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ସେହିଭଳି କାଳ ବୈଶାଖୀ ପ୍ରଭାବରେ ବିଦ୍ୟୁତ ତାରଗୁଡ଼ିକ ଛିଡ଼ିଯିବା ସହ ଖୁଣ୍ଟଗୁଡ଼ିକ ଭାଙ୍ଗି ଯାଇଥିଲା। ଫଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇପଡ଼ିଛି।

## ୩୦ ଲକ୍ଷର ୱାର୍କ ଅର୍ଡର ଦେଇ ଠକେଇ



**୩ କର୍ମଚାରୀଙ୍କୁ ବାନ୍ଧିଲା ପୁଲିସ**

ଭୁବନେଶ୍ୱର ୬।୬ (ସମିସ): ଜଣେ ବ୍ୟକ୍ତିଙ୍କୁ ଏକ କମ୍ପାନୀରେ ୩୦ ଲକ୍ଷ ଟଙ୍କାର ୱାର୍କ ଅର୍ଡର ଦେଇ ପରବର୍ତ୍ତୀ ସମୟରେ କାମ ସରିବା ପରେ ଆଉ ଟଙ୍କା ନ ଦେବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ କଞ୍ଜ୍ୟୁମର ୱେଲଫେୟାର ଆଣ୍ଡ ଲିଗାଲ କମ୍ପ୍ଲାଏନ୍ସ କମିଶନ ଅଫ୍ ଇଣ୍ଡିଆ କମ୍ପାନୀର ୩ ଜଣ ଠକ କର୍ମଚାରୀଙ୍କୁ ଶନିବାର ଗିରଫ କରିଛି। ଗିରଫ ୩ ଅଭିଯୁକ୍ତମାନେ ହେଲେ କଟକ ସାଲେପୁରର ଅନିରୁଦ୍ଧ ପରିଡ଼ା (୩୨), କେନ୍ଦୁଝରର ଘଟଗାଁର ସୁବାଷ ଚନ୍ଦ୍ର ମହନ୍ତ (୨୮) ଓ ତ୍ରିଲୋଚନ ମହନ୍ତ (୨୯)। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ଟଙ୍କା ଜମାର ସ୍ଲିପ, ୱାର୍କ ଅର୍ଡର ସଂକ୍ରାନ୍ତୀୟ କାଗଜପତ୍ର ଓ ମୋବାଇଲ ଏବଂ ଲାପ୍‌ଟପକୁ ଜବତ କରିଛି। ଏନେଇ ପ୍ରଦୀପ୍ତ କୁମାର ପଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସଂସ୍ଥାର ଷ୍ଟେଟ ଡାଇରେକ୍ଟର ନେଲେମା ଆର୍. ପାତ୍ର ଅଭିଯୋଗକାରୀଙ୍କୁ ତିନୋଟି ପ୍ରକଳ୍ପ କାର୍ଯ୍ୟ ଦେଇଥିଲେ। ସେହି କାର୍ଯ୍ୟ ବାବଦକୁ ମୋଟ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଅଭିଯୋଗକାରୀ ପ୍ରତ୍ୟେକ ପ୍ରକଳ୍ପ ପାଇଁ ୩ଲକ୍ଷ ଟଙ୍କା ଲେଖାଏଁ ଜମା କରିଥିଲେ। ସମସ୍ତ ପ୍ରକଳ୍ପ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ କରିଥିଲେ। ମାତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ପ୍ରତିଶ୍ରୁତ ଅର୍ଥ ପ୍ରଦାନ କରାଯାଇ ନଥିଲା। ବରଂ ଅଭିଯୋଗକାରୀଙ୍କୁ ଅଧିକ ଟଙ୍କା ଜମା କରିବା ପାଇଁ କୁହାଯାଇଥିଲା। ଏହାଦ୍ୱାରା ତାଙ୍କର ଆର୍ଥିକ କ୍ଷତି ହେବା ସହ ମାନସିକ ନିର୍ଯାତନା ଓ ପାରିବାରିକ ହଇରାଣର ସମ୍ମୁଖୀନ ହେବାକୁ ପଡ଼ିଥିଲା ବୋଲି ସେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କ କାର୍ଯ୍ୟାଳୟରୁ ଜମା ରସିଦ, ୱାର୍କ ଅର୍ଡର, ମୋବାଇଲ ଫୋନ, ଲାପଟପ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଦସ୍ତାବିଜ ଜବତ କରାଯାଇଥିଲା। ତଦନ୍ତରେ ସଂଗୃହୀତ ପ୍ରମାଣରୁ ଅଭିଯୁକ୍ତମାନେ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଖାଇ ଅଭିଯୋଗକାରୀଙ୍କଠାରୁ ଅର୍ଥ ଆଦାୟ କରି ଠକେଇ କରିଥିବା ପ୍ରାଥମିକ ଭାବେ ସ୍ପଷ୍ଟ ହୋଇଥିଲା। ପରେ ପୋଲିସ ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ୩ ସିନ୍ଧିଚୋର ଗିରଫ

ଭୁବନେଶ୍ୱର ୬।୬ (ସମିସ): ଇନଫୋସିଟି ଥାନା ପୁଲିସ ଶନିବାର ୩ ଜଣ ସିନ୍ଧିଚୋରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଖରଚଣ୍ଡୀ ନଗରର ବିକି ସ୍ୱାଇଁ (୧୯), ଶିବ ସାହୁ (୨୬) ଓ ସେକ୍ ସଲିମ (୧୮)। ଏନେଇ କୌଶିକ ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗତ ୨ ତାରିଖ ରାତିରେ ଅଭିଯୋଗକାରୀ ନିଜ ଘରେ ନ ଥିବା ସମୟରେ ଅଜଣା ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଚୋରି କରିଥିଲେ। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ଦୁଇଟି ନିକନ କ୍ୟାମେରା, ୧୨ଟି କ୍ୟାମେରା ଲେନ୍ସ, ଦୁଇଟି ଟମି ହିଲଫିଗର ହାତଘଡ଼ି, ଏକ ସୋନି ସାଇବରସଟ୍ କ୍ୟାମେରା, ଗାଡ଼ି ଚାବି, ୧୨ ହଜାର ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଥିଲା। ତଦନ୍ତ ସମୟରେ ୬ ତାରିଖ ଦିନ ସୂଚନା ମିଳିଥିଲା ଯେ, ତିନିଜଣ ବ୍ୟକ୍ତି ଶିଖରଚଣ୍ଡୀ ନଗର ଅଞ୍ଚଳରେ ସନ୍ଦେହଜନକ ଭାବେ ବୁଲୁଥିବା ସହ ଅତି କମ୍ ଦରରେ ଏକ ଲାପଟପ୍ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏହି ସୂଚନା ଆଧାରରେ ପୁଲିସ ଚଢ଼ଉ କରି ଅଭିଯୁକ୍ତ ବିକି ସ୍ୱାଇଁ, ଶିବ ସାହୁ ଏବଂ ଏସ୍.କେ. ସଲିମଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଏକ କଳା ରଙ୍ଗର ମାଇକ୍ରୋମାକ୍ସ ଲାପଟପ୍ ଏବଂ ଭଙ୍ଗା ପାଣି ଟ୍ୟାପ୍ ଭର୍ତ୍ତି ଏକ ବ୍ୟାଗ ଜବତ କରାଯାଇଥିଲା। ସେମାନେ ଚୋରି ହୋଇଥିବା କ୍ୟାମେରାଗୁଡ଼ିକୁ ବାପୁଜୀ ନଗର ଅଞ୍ଚଳର ଜଣେ ଅଜଣା ଦୋକାନୀଙ୍କୁ ବିକ୍ରି କରିଦେଇଥିବା କଥା ମଧ୍ୟ ସ୍ୱୀକାର କରିଥିଲେ। ଅଭିଯୁକ୍ତମାନେ ଗତ ମେ ୧୯ ତାରିଖ ଦିନ ନନ୍ଦନବିହାର ଅଞ୍ଚଳରେ ଘଟିଥିବା ଅନ୍ୟ ଏକ ସିନ୍ଧିଚୋରି ଘଟଣାରେ ମଧ୍ୟ ସମ୍ପୃକ୍ତ ଥିଲେ। ଯେଉଁଥିରେ ଘରୁ ପାଣି ଟ୍ୟାପ୍ ଏବଂ ବିଦ୍ୟୁତ ତାର ଚୋରି ହୋଇଥିଲା। ଚୋରି ହୋଇଥିବା କେତେକ ଟ୍ୟାପ୍ ଅଭିଯୁକ୍ତମାନେ ନିଜ ପାଖରେ ରଖିଥିବା ବେଳେ ଅନ୍ୟଗୁଡ଼ିକୁ କବାଡ଼ିଆଙ୍କ ନିକଟରେ ବିକ୍ରି କରିଦେଇଥିବା ଜଣାପଡ଼ିଥିଲା।

## ବନ୍ଧକ ସୁନା ଫେରାଇବା ବଦଳରେ ମାଡ଼

ଭୁବନେଶ୍ୱର ୬।୬ (ସମିସ): କର୍ମଚାରୀଙ୍କ ଆବଶ୍ୟକତା ସମୟରେ ସୁନା ବନ୍ଧକ ରଖି ଟଙ୍କା ଧାର ଦେଲେ। ପରବର୍ତ୍ତୀ ସମୟରେ କର୍ମଚାରୀ ଜଣଙ୍କ ଋଣ ଟଙ୍କା ପରିଶୋଧ କରିବା ପରେ ବନ୍ଧକ ଥିବା ସୁନା ଫେରସ୍ତ କରିବାକୁ କହିବାରୁ ତାଙ୍କୁ ମାଡ଼ ମାରିବା ଏବଂ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଶନିବାର ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳାଙ୍କ ନାମ ଶ୍ରଦ୍ଧାଞ୍ଜଳି ବିଶୋଇ (୪୨)। ତାଙ୍କ ଘର ସନ୍ତୋଷୀ ବିହାରରେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଗତ ପ୍ରାୟ ଛଅ ବର୍ଷ ଧରି ଭୁବନେଶ୍ୱର କେନାଲ ରୋଡ୍‌ସ୍ଥିତ "ବ୍ରିଭାସ କ୍ରିଷ୍ଟ" ନାମକ ଏକ ଟେଲରିଂ ଦୋକାନରେ କାର୍ଯ୍ୟ କରୁଥିଲେ। ଯାହା ଅଭିଯୁକ୍ତା ଶ୍ରଦ୍ଧାଞ୍ଜଳି ବିଶୋଇଙ୍କର ଥିଲା। ଜାନୁଆରୀ ୨୦୨୪ ମସିହାରେ ଅଭିଯୋଗକାରିଣୀ ପ୍ରାୟ ୬୦ ଗ୍ରାମ ସୁନା ଅଳଙ୍କାର ବନ୍ଧକ ରଖି ଅଭିଯୁକ୍ତାଙ୍କଠାରୁ ୨ଲକ୍ଷ ୨୬ ହଜାର ଟଙ୍କା ନେଇଥିଲେ। ଏହାପରେ ସେ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ମାସିକ ଦରମା ଏବଂ କମିଶନ ଆଧାରରେ ଉକ୍ତ ଦୋକାନରେ କାମ କରିଥିଲେ। ଚାକିରି କରୁଥିବା ସମୟରେ ତାଙ୍କ ଦରମା ଏବଂ ଅନ୍ୟାନ୍ୟ ଦେୟ ମାଧ୍ୟମରେ ସେ ଉକ୍ତ ଟଙ୍କାର ଏକ ବଡ଼ ଅଂଶ ପରିଶୋଧ କରିଥିବା ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ନଭେମ୍ବର ୨୦୨୪ ରେ ଚାକିରି ଛାଡ଼ିବା ପରେ ଅଭିଯୋଗକାରିଣୀ ତାଙ୍କ ବକେୟା ପାଉଣା ଏବଂ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଫେରସ୍ତ ପାଇଁ ଦାବି କରିଥିଲେ। ମାତ୍ର ଅଭିଯୁକ୍ତା ଏବଂ ତାଙ୍କ ସ୍ୱାମୀ ବିଭିନ୍ନ ବାହାନା ଦେଖାଇ ତାଙ୍କୁ ଏଡ଼ାଇ ଚାଲିଥିଲେ ଏବଂ ସୁନା ଅଳଙ୍କାର ଫେରାଇବା କିମ୍ବା ବକେୟା ଅର୍ଥ ପ୍ରଦାନ କରିନଥିଲେ। ଅଭିଯୋଗକାରିଣୀ ଆହୁରି ଅଭିଯୋଗ କରିଥିଲେ ଯେ, ସେ ବାରମ୍ବାର ନିଜ ପାଉଣା ଓ ସୁନା ଅଳଙ୍କାର ଫେରସ୍ତ ପାଇଁ ଅଭିଯୁକ୍ତାଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କୁ ଦୋକାନକୁ ଡକାଯାଇଥିଲା। ସେଠାରେ ଅଭିଯୁକ୍ତା ଏବଂ ତାଙ୍କ ସ୍ୱାମୀ ତାଙ୍କୁ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଅଭିଯୋଗକାରିଣୀ ଥାନାରେ ଏତଲା ଦେଇଥିଲେ।

## ଡେଲିଭରି ବୟଙ୍କୁ ଆକ୍ରମଣ କରି ଲୁଟ୍: ଜଣେ ଗିରଫ

ଭୁବନେଶ୍ୱର ୬।୬ (ସମିସ): ଜଣେ ଡେଲିଭରି ବୟଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ କରିବା ମାମଲାର ତଦନ୍ତ କରି ଖଣ୍ଡଗିରି ଥାନା ପୁଲିସ ଶନିବାର ଆକ୍ରମଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ରାହୁଲ ବେହେରା (୨୪) ଓ ତାଙ୍କ ଘର ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରର ଲେନ ୪ ବୈଶିଷ୍ଟ ନଗରରେ ବୋଲି ଜଣାପଡ଼ିଛି। ଏନେଇ ତାପସ କୁମାର ବେହେରା ଥାନାରେ ଅଭିଯୋଗ କରିଥିଲେ।

ପୁଲିସ ସୂଚନା ମୁତାବକ ଗତ ୪/୫ ତାରିଖ ରାତି ପ୍ରାୟ ୧୨ଟା ୧୫ ସମୟରେ ଅଭିଯୋଗକାରୀ ବ୍ଲିଙ୍କିଟ୍‌ର ଜଣେ ଡେଲିଭରୀ ପାର୍ଟନର ଭାବେ ଜଗମରାରୁ ଗଣ୍ଡମୁଣ୍ଡା ଅଭିମୁଖେ ଏକ ଅନଲାଇନ୍ ଅର୍ଡର ଡେଲିଭରୀ କରିବାକୁ ଯାଉଥିବା ବେଳେ ଗଣ୍ଡମୁଣ୍ଡା ସ୍ଥିତ ରିଲାଏନ୍ସ ଷ୍ଟୋର ନିକଟରେ ଏକ ମୋଟରସାଇକେଲରେ ଆସିଥିବା ତିନିଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେମାନେ ଏକ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ଆହତ କରିଥିଲେ। ତାଙ୍କଠାରୁ ଏକ ମୋଟୋ ଜି-୬୭ ପାୱାର ମୋବାଇଲ ଫୋନ ଓ ୨ ହଜାର ଟଙ୍କା ଲୁଟି ନେଇଥିଲେ। ଘଟଣା ପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଆହତ ଅଭିଯୋଗକାରୀଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ପ୍ରମାଣର ବିଶ୍ଳେଷଣ ଆଧାରରେ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଓ ସନ୍ଦିଗ୍ଧ ଅଭିଯୁକ୍ତମାନଙ୍କ ପରିଚୟ ଚିହ୍ନଟ କରାଯାଇଥିଲା। ତାଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଏବଂ ୧୨ଶହ ଟଙ୍କା ନଗଦ ଜବତ କରାଯାଇଥିଲା। ସେ ଆହୁରି ପ୍ରକାଶ କରିଥିଲେ ଯେ, ସେ ତାଙ୍କ ସହଯୋଗୀ ପପୁ ଓରଫ ରଶ୍ମି ରଞ୍ଜନ ବେହେରା ଏବଂ କିଶନ ବେହେରାଙ୍କ ସହ ମିଶି ଏମ୍ସ ଅଞ୍ଚଳ, ଗଣ୍ଡମୁଣ୍ଡା, ଧଉଳି ଓ ପଞ୍ଚସଖା ନଗର ସମେତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିଳମ୍ବିତ ରାତିରେ ଏକୁଟିଆ ଯାଉଥିବା ଲୋକମାନଙ୍କୁ ଟାର୍ଗେଟ କରି ଏକାଧିକ ଲୁଟପାଟ ଘଟଣା ଘଟାଇଥିଲେ। ଯାଞ୍ଚରୁ ଅଭିଯୁକ୍ତ ପୂର୍ବରୁ ଶ୍ରୀଲିଙ୍ଗରାଜ ଥାନା ଏବଂ ଖଣ୍ଡଗିରି ଥାନାରେ ମୋଟ ୪ଟି ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି।

## ବାଇକ୍ ଚକା ସ୍ଲିପ୍ କରିବାରୁ ଜଣେ ମୃତ, ଜଣେ ଆହତ

ଭୁବନେଶ୍ୱର ୬।୬ (ସମିସ): ପଳାଶୁଣୀ ସପ୍ତଶତୀ ବିହାରରେ ଶନିବାର କାଳବୈଶାଖୀ ପରେ ହୋଇଥିବା ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ବାଇକ୍ ଚକା ସ୍ଲିକ୍ କରିବାରୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଚକା ତଳେ ବାଇକ ଆରୋହୀ ଆସିଯାଇଥିଲେ। ଧକ୍କା ହେବା ପରେ ଯୁବକ ଜଣକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତେବେ କାହାର ପରିଚୟ ମିଳିପାରି ନଥିଲା ବେଳେ ସେମାନେ କୋଲକତାର ବୋଲି ଜଣାପଡ଼ିଛି। ଏନେଇ ଖବର ପାଇ ମଞ୍ଚେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ମୃତ ଏବଂ ଆହତ ଉଭୟଙ୍କ ପରିଚୟ ଜଣାପଡ଼ି ନଥିବାବେଳେ ପୁଲିସ୍ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ୍ ପାଇଁ ପଠାଇଛି। କାଳବୈଶାଖୀ ପରେ ଦୁର୍ଘଟଣା ଲାଗି ଜାତୀୟ ରାଜପଥରେ ଗାଡ଼ିର ଲମ୍ବା ଧାଡ଼ି ନଜରକୁ ଆସିଥିଲା। ୪ ଘଣ୍ଟାରୁ ଊର୍ଦ୍ଧ୍ୱ ଜାମ ହୋଇଥିଲା।

## କପଡ଼ା ଫ୍ୟାକ୍ଟ୍ରିରେ ବ୍ରଏଲର ଫାଟି ୪ଗୁରୁତର

ଭୁବନେଶ୍ୱର ୬।୬ (ସମିସ): ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ କପଡ଼ା ଫ୍ୟାକ୍ଟ୍ରିରେ ପାଣି ଗରମ କରାଯାଉଥିବା ବ୍ରଏଲର ମେସିନ୍ ବ୍ଲାଷ୍ଟ ଯୋଗୁଁ ୪ଜଣ ଶ୍ରମିକ ଜଳି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଆହତ ଥିଲା ବେଳେ ଅନ୍ୟ ଦୁଇ ଜଣ ଆଂଶିକ ଭାବେ ଆହତ ହୋଇଛନ୍ତି। ଗୁରୁତର ଆହତମାନଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଶରୀର ୬୦ପ୍ରତିଶତ ଜଳି ଯାଇଥିବା ନେଇ ସୂଚନା ମିଳିଛି। ତେବେ ଫ୍ୟାକ୍ଟ୍ରିରେ ଅଘଟଣ ସମ୍ପର୍କରେ ପୁଲିସ ମୁହଁ ଖୋଲିବାକୁ ନାରାଜ ହେଉଛି।

**ନାଇଟ୍ ବ୍ଲକିଂ ଯାନବାହନ ଯାଞ୍ଚ**

## ଚାଳକ ଗିରଫ, ୨ ହାଇୱା ଜବତ

ଧଉଳି, ୬।୬(ସମିସ)

କିଛି ଦିନ ହେବ ବାଲିଅନ୍ତା ଓ ଧଉଳି ଥାନା ପୁଲିସ ଦ୍ୱାରା ନିଜ ନିଜ ଅଞ୍ଚଳରେ ବିଭିନ୍ନ ଛକଠାରେ ନାଇଟ୍ ବ୍ଲକିଂ ଓ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଯାହା ଦ୍ୱାରା ବିଭିନ୍ନ ଲୁଟ୍, ଚୋର ନିଶା କାରବାର, ବେଆଇନ ମାଟି, ବାଲି ଚୋରା ଚାଲାଣ ଆଦି ଅନେକେ ଅପରାଧିକ କାର୍ଯ୍ୟକୁ କାବୁ କରାଯାଇ ପାରିବ।ସବୁଦିନ ପରି ରାତ୍ରିକାଳୀନ ପଇଁତରା ମାରୁଥିବା ବାଲିଅନ୍ତା ଥାନାର ଏକ ପୁଲିସ୍ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ରଙ୍ଗବଜାର ଛକଠାରେ ନାଇଟ୍ ବ୍ଲକିଂ ଓ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ବଇଁଚୁଆ ଗ୍ରାମ ପଟୁ ଏକ ଟାଟା ଟିପ୍ପର ଦ୍ରୁତଗତିରେ ସତ୍ୟଭାମାପୁର ଆଡକୁ ଆସୁଥିବା ଦେଖାଯାଇଥିଲା। ପୁଲିସ ପକ୍ଷରୁ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯିବାରୁ ଗାଡ଼ିରେ ବାଲି ପରିବହନ ହେଉଥିବା ଜଣାପଡ଼ିଥିଲା। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଗୋହିରପଡ଼ ଗ୍ରାମର ଡ୍ରାଇଭର କୁରୁପା ମାଝୀଙ୍କୁ ବାଲି ପରିବହନ ସମ୍ପର୍କିତ ବୈଧ ଦସ୍ତାବିଜ, ଟ୍ରାନ୍ସିଟ୍ ପାସ୍ କିମ୍ବା ଅନ୍ୟ କୌଣସି ଅନୁମତିପତ୍ର ଦେଖାଇବାକୁ କୁହାଯାଇଥିଲେ ମଧ୍ୟ ସେ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ।

ତଦନ୍ତ ସମୟରେ ପଚରାଉଚରା ବେଳେ ଅଭିଯୁକ୍ତ କୁରୁପା ମାଝୀ, ଗାଡ଼ି ମାଲିକଙ୍କ ନିର୍ଦ୍ଦେଶରେ ବେଆଇନ ଭାବରେ ବାଲି ଖନନ, ପରିବହନ ଓ ଚୋରାଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଏହାଦ୍ୱାରା ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବା ସତ୍ତ୍ୱେ ବ୍ୟକ୍ତିଗତ ଲାଭ ପାଇଁ ଏହି କାର୍ଯ୍ୟ ଦୀର୍ଘଦିନ ଧରି ଚାଲିଆସୁଥିଲା। ଘଟଣାସ୍ଥଳରୁ ବାଲି ବୋଝେଇ ଟାଟା ଟିପ୍ପରକୁ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, ସେ ତମାଣ୍ଡୋ ଥାନା ଏବଂ ବୈଦେଶ୍ୱର ଥାନାରେ ସମାନ ପ୍ରକାର ମାମଲାରେ ପୂର୍ବରୁ ସମ୍ପୃକ୍ତ ରହିଥିବା ଜଣାପଡ଼ିଛି।






ଅଭିଯୁକ୍ତ କୁରୁପା ମାଝୀଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଧଉଳି ଥାନା ପୁଲିସ ଗୁରୁବାର ରାତିରେ ଏଏସ୍ଆଇ. ପ୍ରବୀର କୁମାର ଲେଙ୍କା ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଟିକରପଡ଼ା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଏବଂ ଯାନବାହନ ଯାଞ୍ଚ ଡ୍ୟୁଟି କରୁଥିବା ସମୟରେ ରାତି ପ୍ରାୟ ୧୨.୩୦ ରେ ଟିକରପଡ଼ା ପଟରୁ ଧଉଳି ଅଭିମୁଖେ ଯାଉଥିବା ବାଲି ବୋଝେଇ ଏକ ହାଇୱା ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ପୋଲିସ ଗାଡ଼ି ଅଟକାଇବାକୁ ସଙ୍କେତ ଦେବା ପରେ ଚାଳକ କିଛି ଦୂରରେ ଗାଡ଼ି ଅଟକାଇ ଚାବି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗାଡ଼ିରେ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲା, ଯିଏ ନିଜର ପରିଚୟ ଖୋର୍ଦ୍ଧା ଜିଲ୍ଲା ଧଉଳି ଥାନା ବୁଧିପଡ଼ା ଗ୍ରାମର ପପୁ ଓରଫ ଦେବାଶିଷ ଜେନା ବୋଲି କହିଥିଲେ। ଯାଞ୍ଚ ସମୟରେ ସେ ନଦୀ ବାଲି ଖନନ, ପରିବହନ କିମ୍ବା ବହନ କରିବା ସମ୍ପର୍କିତ କୌଣସି ବୈଧ ପରମିଟ, "କେ" ଫର୍ମ, ଟ୍ରାନ୍ସିଟ ପାସ୍ କିମ୍ବା ଅନ୍ୟ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ।

ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଉକ୍ତ ହାଇୱା ଗାଡ଼ିକୁ ଲିଜ୍‌ରେ ନେଇ ଫେରାର ଚାଳକଙ୍କ ସହ ମିଶି ଗଙ୍ଗୁଆ କେନାଲ ଅଞ୍ଚଳରୁ ବିନା ଅନୁମତିରେ ବେଆଇନ ଭାବରେ ବାଲି ଉତ୍ତୋଳନ ଏବଂ ପରିବହନ କରୁଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ସ୍ୱୀକାର କରିଥିଲେ ଯେ, ଗାଡ଼ି ମାଲିକଙ୍କ ଅଜାଣତରେ ବ୍ୟକ୍ତିଗତ ଆର୍ଥିକ ଲାଭ ପାଇଁ ଏହି ବେଆଇନ କାର୍ଯ୍ୟ କରାଯାଉଥିଲା। ଏହି ବେଆଇନ ଖନନ ଓ ପରିବହନ ଦ୍ୱାରା ସରକାରୀ ରାଜସ୍ୱର କ୍ଷତି ଘଟିଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ତାଙ୍କ ହେପାଜତରୁ ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରାଯାଇଥିଲା। ପ୍ରମାଣରୁ ଅଭିଯୁକ୍ତଙ୍କ ବେଆଇନ ଉପର ମାଟି ପରିବହନରେ ସମ୍ପୃକ୍ତି ପ୍ରମାଣିତ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଫେରାର ଚାଳକଙ୍କୁ ଗିରଫ ପାଇଁ ଅଧିକ ତଦନ୍ତ ଜାରି ରହିଛି।



# ଭୁବନେଶ୍ୱର ସିଟି

# ଦୁଇ ହଜାର ସିଡ୍‌ବଲ୍ ପ୍ରସ୍ତୁତ କଲେ ଲେପର୍ସି କଲୋନୀର ମହିଳା

ଭୁବନେଶ୍ୱର, ୬।୬(ସମିସ)

କାହାର ହାତରେ ଅଙ୍ଗୁଳି ନାହିଁ ତ ଆଉ କାହାର ପାପୁଲି ନାହିଁ। ସମାଜର ଆଖିରେ ସେମାନେ ହୁଏତ ଅକ୍ଷମ, କିନ୍ତୁ ପ୍ରକୃତି ମାଆ ପାଇଁ ସେମାନଙ୍କର ଦରଦ ଏବଂ ଦୃଢ଼ ମନୋବଳ ଆଗରେ ଆଜି ଶାରୀରିକ ଅକ୍ଷମତା ସମ୍ପୂର୍ଣ୍ଣ ରୂପେ ହାର୍ ମାନିଛି। ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ଉପକଣ୍ଠ ଯାଁଳା ସ୍ଥିତ ଲେପର୍ସି କଲୋନୀର ମହିଳାମାନେ ବନୀକରଣ ପାଇଁ ଏକ ଅଭିନବ ପ୍ରୟାସ କରି ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ସମାଜର ମୁଖ୍ୟ ସ୍ରୋତରୁ ଦୂରରେ ରହୁଥିବା ଏହି ମହିଳାମାନେ ନିଜର ସୀମିତ ସାମର୍ଥ୍ୟ ଭିତରେ ପ୍ରାୟ ୨୦୦୦ ସିଡ୍‌ସ ବଲ୍ (ବିହନ ପେଣ୍ଡୁ) ତିଆରି କରି ସବୁଜ ପରିବେଶର




ମଙ୍ଗ ଧରିଛନ୍ତି। ମାଇଣ୍ଡ ଏମ୍‌ପାୱାରମେଣ୍ଟ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ପରିବେଶ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ କଲୋନୀର ମହିଳାମାନଙ୍କୁ ସିଡ୍‌ସ୍ ବଲ୍ ପ୍ରସ୍ତୁତିର ଉପାୟ ଓ ବୈଜ୍ଞାନିକ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ପାଇବା ପରେ ମହିଳାମାନଙ୍କ ମଧ୍ୟରେ ଏକ ନୂଆ ଶକ୍ତିର ଜାଗରଣ ହୋଇଥିଲା। ସେମାନେ ବିଭିନ୍ନ ଗଛର ମଞ୍ଜି ଯଥା: ପଣସ, ତେନ୍ତୁଳି, କଟକି ତେନ୍ତୁଳି ଗଛର ମଞ୍ଜି, ଉର୍ବର ମାଟି ଏବଂ ଜୈବିକ ଖତକୁ ସବୁଜ ପେଣ୍ଡୁ ପ୍ରସ୍ତୁତି କରିଥିଲେ। ଏହି ସିଡ୍‌ସ୍ ବଲ୍ ଗୁଡ଼ିକ ଆଗାମୀ ବର୍ଷାଋତୁରେ ପତିତ ଜମି ଓ ପାହାଡ଼ ପଡ଼ିଆରେ ନୂଆ ଜଙ୍ଗଲ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ମନୋଜ ପ୍ରଧାନ ଯୋଗଦେଇ ମହିଳାମାନଙ୍କର ଏହି ଅଦମ୍ୟ ସାହାସକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଆଗାମୀ ଦିନରେ ଏହି ସବୁଜ ଅଭିଯାନକୁ ଆହୁରି ବ୍ୟାପକ ଓ ସୁଦୂରପ୍ରସାରୀ କରାଯିବ ବୋଲି କହିଥିଲେ।

## ପୁରୁଣା ଫଟୋ
## ପୁରୁଣା ସ୍ମୃତି



ଭୁବନେଶ୍ୱର, ୬।୬(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା ବର୍ତ୍ତମାନ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ। ଯେଉଁ ସମୟରେ ରାଜଧାନୀ ଭୁବନେଶ୍ୱରରେ ଛୁଇଁନଥିଲା ପରିବର୍ତ୍ତନର ସୁଅ ନା ଉନ୍ନତିକରଣ। ସରଳ ଜୀବନଯାପନ କରୁଥିବା ମଣିଷଙ୍କ କୋଳାହଳ ଭିତରେ ସିମୀତ ଥିଲା ଏହି ସହର। ଗାଡ଼ି ମଟର, ବଡ ବଡ ବିଲ୍ଡିଂ ବଦଳରେ ଏଠାରେ ଚାଲିଥିଲା ଶଗଡ଼ ଏବଂ ମୁଣ୍ଡ ଗୁଞ୍ଜିବାକୁ ଥିଲା ମାଟି ଛପର ଘର। ରାଜଧାନୀର ସର୍ବପ୍ରାଚୀନ ଲିଙ୍ଗରାଜ ମନ୍ଦିର ସମେତ ସାଇତା ହୋଇ ରହିଛି ଅନେକ ଶତାବ୍ଦୀ ପୁରାତନ ମନ୍ଦିର। ଯାହାକି ସେସମୟରୁ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ସାଜି ଆସିଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ମୁକ୍ତେଶ୍ୱର ମନ୍ଦିର ଏବଂ ସିଦ୍ଧେଶ୍ୱର ମନ୍ଦିର।

ସାମଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ସେହି ମନ୍ଦିରର ଅନେକ ବର୍ଷ ପୁରୁଣା ଏକ ଫଟୋଚିତ୍ର। ଯେଉଁଥିରେ ପୁରୁଣା ସମୟରେ ସିଦ୍ଧେଶ୍ୱର ମନ୍ଦିରର ଝଲକ ପରିଲକ୍ଷିତ ହେଉଛି। ଫଟୋଚିତ୍ରରେ ଦର୍ଶାଯାଇଥିବା ଦୃଶ୍ୟଟି ମନ୍ଦିରର ଏକ ପାର୍ଶ୍ୱ ହୋଇଥିବାବେଳେ ଏହା ୧୮୬୬ ମସିହାର ଫଟୋ ବୋଲି ଜଣାପଡ଼ିଛି। ଏହି ଫଟୋରୁ ଅନୁମାନ କରି ହେଉଛି କି ସେତେବେଳେ ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟୀକରଣ ଦୁହେଁ ସେତେ ଦ୍ରୁତ ଗତିରେ ଆଗେଇ ନଥିଲା। ଫଳରେ ଚାରିପାଖ ପରିବେଶ ସବୁଜମୟ ଥିଲା।

# ବିଜେଡି ପକ୍ଷରୁ ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କ ଜୟନ୍ତୀ




ଭୁବନେଶ୍ୱର, ୬।୬(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରାଜଧାନୀର ଅଭିଲେଖାଗାର ପ୍ରାଙ୍ଗଣରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ବିନୋଦ କାନୁନଗୋଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଭୁବନେଶ୍ୱର ଗୌରବ ଗିରିଜା ଶଙ୍କର ମହାପାତ୍ର, ବିଜୟ କୁମାର ସାହୁ, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଚୈତନ୍ୟ ତ୍ରିପାଠୀ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଓ ସଂଯୁକ୍ତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଭାସ ନଳିନୀ ସୁନ୍ଦରାୟଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୬।୬(ସମିସ): ଜଟଣୀ ରାଜାବଜାର ନିବାସୀ ସ୍ୱର୍ଗତ ପ୍ରଭାସ ନଳିନୀ ସୁନ୍ଦରାୟଙ୍କ ଆତ୍ମାର ସଦ୍‌ଗତି କାମନା କରି ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଏୟାରଭେଟେରାନ୍ କୃତିବାସ ମିଶ୍ର ଓ ଅଳକା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ସ୍ମୃତି ସଭା ଶାସ୍ତ୍ରୀ ନଗର ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରେ ତମାଳ ଚକ୍ରବର୍ତ୍ତୀ, ଜୟାଶ୍ରୀ ଚକ୍ରବର୍ତ୍ତୀ, ରାଜେନ୍ଦ୍ର ପଣ୍ଡା, ତିଳୋତ୍ତମା ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତାଙ୍କ ସହ ବିତାଇଥିବା ସ୍ମୃତି ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜଳପୋକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କଳିଙ୍ଗ ମହୋତ୍ସବ



ଭୁବନେଶ୍ୱର, ୬।୬(ସମିସ): ଜଳପୋକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗରେ ବାରଙ୍ଗ ବସଷ୍ଟାଣ୍ଡ ତ୍ରିଶୁଳିଆରେ କଳିଙ୍ଗ ମହୋତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିଜୟ ମହାନ୍ତି ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶୈଳେନ୍ଦ୍ର ପଟ୍ଟନାୟକ, ସଦସ୍ୟ ଜୁଲିଏଟ୍ ମହାନ୍ତି, ଦୁର୍ଗା ପ୍ରସାଦ ଜେନା, ନମ୍ରତା ଧଳ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ବିଭିନ୍ନ ସାମାଜିକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ କୁନି କୁନି ପିଲାଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ପାଲା, ଦାସକାଠିଆ ସହ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା।

# କେ-୮ କଳିଙ୍ଗନଗରରେ ବିଶ୍ୱ ପରିବେଶ ଦିବସ

ଭୁବନେଶ୍ୱର, ୬।୬(ସମିସ): କେ-୮, କଳିଙ୍ଗନଗର ବରିଷ୍ଠ ନାଗରିକ ମଞ୍ଚ, ଆବାସିକ ଉନ୍ନୟନ ପରିଷଦ, 'ଅପୂର୍ବା' ମହିଳା ସଂଗଠନ ଦ୍ୱାରା ମିଳିତ ଭାବେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିରଞ୍ଚି ନାରାୟଣ ଧଳ, ମମତା ଲେଙ୍କା, ଦାଶରଥି ସାହୁ, ଶର୍ମିଳା ପଣ୍ଡାଙ୍କ ନେତୃତ୍ୱରେ ଏକ ପରିବେଶ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଉଦ୍ୟାନବିତ ଡା. ସୁଶାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କରାଯାଇଥିଲା। ସନ୍ଧ୍ୟାରେ ମଞ୍ଚର ସଭାପତି ବୃନ୍ଦାବନ ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦକ ଦାଶରଥି ସାହୁ, ଗିରିଜା ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରଦୂଷଣ ବିଜ୍ଞାନୀ ପୁଷ୍କର ଚନ୍ଦ୍ର ବେହେରା, ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଅବସରପ୍ରାପ୍ତ ନିର୍ଦ୍ଦେଶକ ଶିଶିର ଚନ୍ଦ୍ର ରଥ ଯୋଗ ଦେଇଥିଲେ। ଗୋବର୍ଦ୍ଧନ ହାତୀ ବେଦପାଠ ଓ ତପସ୍ୱିନୀ ଗିରି, ସାଗରିକ ମହାନ୍ତି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରମୋଦ କୁମାର ଶତପଥୀ, ଉମେଶ ଚନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ବସ୍ତିଆ ପରିଚାଳନାରେ ସହଯୋଗ କରିଥିଲେ। ଚନ୍ଦ୍ରକାନ୍ତ ଦାସମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁବନେଶ୍ୱର ରଜ ମହୋତ୍ସବରେ ଲାଗିବ ୫୦୦ ଦୋଳି

ନନ୍ଦନକାନନ, ୬।୬(ସମିସ): ଭୁବନେଶ୍ୱର ଉପକଣ୍ଠ କଲ୍ୟାଣପୁର ପଞ୍ଚାୟତ ସ୍ୱସ୍ତିବନ ଠାରେ ଚଳିତବର୍ଷ ନବମ ଭୁବନେଶ୍ୱର ରଜ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଶନିବାର ଅପରାହ୍ନରେ ମହୋତ୍ସବ ସମିତିର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ନବମ ବାର୍ଷିକ ଭୁବନେଶ୍ୱର ରଜମହୋତ୍ସବ-୨୦୨୬ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ମହୋତ୍ସବ ସମିତି ସଦସ୍ୟ ତଥା କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, କଲ୍ୟାଣପୁର ଗ୍ରାମ ମୁରବୀ ରାଜେନ୍ଦ୍ର ସ୍ୱାଇଁ, ପ୍ରଭାତ ସ୍ୱାଇଁ, ବସନ୍ତ ସ୍ୱାଇଁ, ଧନୁ ସ୍ୱାଇଁ, ଜ୍ଞାନରଞ୍ଜନ ରାଉତ, ନିର୍ମଳ ରାଉତ, ପୂର୍ବତନ ସରପଞ୍ଚ ଗୋପୀନାଥ ଦାଶ, ସନ୍ତୋଷ ନାଥ, ସନ୍ତୋଷ ମହାନ୍ତି, ସନତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜୁନ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ରଜ ମହୋତ୍ସବ ପାଳିତ ହେବାକୁ ଥିବା ରଜ ମହୋତ୍ସବକୁ ସୁଚାରରୂପେ ଆୟୋଜନ ଉପରେ ଗୁରୁତ୍ୱ




ଦିଆଯାଇଥିଲା। ସମିତି ପକ୍ଷରୁ ଚଳିତ ବର୍ଷ ୫୦୦ରୁ ଊର୍ଦ୍ଧ୍ୱ ରଜଦୋଳି ବ୍ୟବସ୍ଥା ସହ ଝୋଟି, ପୁଚି, ଦୌଡି ଡିଆଁ, ମ୍ୟୁଜିକ ଚେୟାର, ହୁଳହୁଳି, ଶଙ୍ଖ, କବାଡ଼ି ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମିତିର କର୍ମକର୍ତ୍ତା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଭାରତ ମୃତ୍ତିକା ସ୍ୱାସ୍ଥ୍ୟ ନୀତି କର୍ମଶାଳା

ଭୁବନେଶ୍ୱର, ୬।୬ (ସମିସ) ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ଭାରତ ମୃତ୍ତିକା ସ୍ୱାସ୍ଥ୍ୟ ନୀତି ପ୍ରସ୍ତୁତି ନିମନ୍ତେ ଏକ ରାଷ୍ଟ୍ରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଆଇସିଏଆରର ପ୍ରାକୃତିକ ସମ୍ପଦ ପରିଚାଳନା ବିଭାଗର ଉପ ମହାନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି କୃଷି ବୈଜ୍ଞାନିକ ଚୟନ ମଣ୍ଡଳର ପୂର୍ବତନ ସଦସ୍ୟ ଡା. ବିଏସ ଦ୍ୱିବେଦୀ, ଆର ଭି ଏସ କୃଷି ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡା. ଏକେ ସିଂହ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ଆଇଆଇଡବ୍ଲ୍ୟୁଏମର ନିର୍ଦ୍ଦେଶକ ଡା. ଅର୍ଜମାଦତ୍ତ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତୀୟ ମୃତ୍ତିକା ବିଜ୍ଞାନ ପ୍ରତିଷ୍ଠାନ, ଭୋପାଳର ନିର୍ଦ୍ଦେଶକ ଡା. ମନୋରଞ୍ଜନ ମହାନ୍ତି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ମାନେ ବିଭିନ୍ନ ଗବେଷଣା ପୁସ୍ତିକାର ଉନ୍ମୋଚନ କରିଥିଲେ। ଶେଷରେ ଆୟୋଜକ ସଚିବ ଡା. କେକେ ବନ୍ଦୋପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

# ସୁଶ୍ରୀର ରଜତ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, ୬।୬(ସମିସ): ସୁଶ୍ରୀର ରଜତ ଜୟନ୍ତୀ ଉତ୍ସବ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୁଶ୍ରୀର ସଭାପତି ଡ. ସୁଧାରାଣୀ ଆଚାର୍ଯ୍ୟ, ତନୁଶ୍ରୀ ପଟ୍ଟନାୟକ ଓ ସ୍ନିଗଧା ଦାଶ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ଗୁରୁ ମିନାକ୍ଷୀ ବେହେରା, ଗୁରୁ ଚପଳା ମିଶ୍ର, ଗୁରୁ ଡ. ମନୋଜ କୁମାର ବେହେରା, ଗୁରୁ ଡ. ପୀତାମ୍ବର ବିଶ୍ୱାଳ ଏବଂ ଗୁରୁ ଡ. ଶୁଭଶ୍ରୀ ପଟ୍ଟନାୟକଙ୍କୁ ଅତିଥି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡିଶୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଶୁଭଶ୍ରୀ ପଟ୍ଟନାୟକ 'ସୁଶ୍ରୀ ନୃତ୍ୟକଳା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ କଲିକତାରୁ ଆସିଥିବା ଡ. ଅର୍ପିତା ଭେଙ୍କଟେଶ ଓ ତାଙ୍କ ଝିଅ ବନ୍ଦିତା ଭେଙ୍କଟେଶ ପ୍ରଥମ ପର୍ଯ୍ୟାୟରେ ମଙ୍ଗଳାଚରଣରେ ଶ୍ରୀଜଗନ୍ନାଥ ସ୍ତୁତି ପରିବେଷଣ କରିଥିଲେ। ଏହାପରେ ଝିଞ୍ଜୋଟି ରାଗରେ ଝିଞ୍ଜୋଟି ପଲ୍ଲବୀ ପରିବେଷଣକରି ନିଜର ମନୋହର ନୃତ୍ୟଭଙ୍ଗୀଲୟ ଓ ଅଭିନୟ ପରିବେଷଣ କରିଥିଲେ। ସୌଭାଗ୍ୟ ନନ୍ଦିନୀ ଦାସ ରାଗ – ଶଙ୍କରାଭରଣ ଓ ତାଳ- ଏକତାଳିରେ ଆଧାରିତ ଶଙ୍କର ଭରଣମ୍ ପଲ୍ଲବି ପରିବେଷଣ କରିଥିଲେ। ଶେଷରେ ନୃତ୍ୟାୟନ ଏବଂ ନୃତ୍ୟ ଅଙ୍ଗିତାର ଶିଳ୍ପୀମାନେ ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ।

# ମାଟିର ବାସ୍ନା ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ସାରସ୍ୱତ ଉତ୍ସବ

ଭୁବନେଶ୍ୱର, ୬।୬(ସମିସ): ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ମହା ଆଡ଼ମ୍ବରରେ ମାଟିର ବାସ୍ନା ସାହିତ୍ୟ ସଂସଦ ଭଦ୍ରକର ରାଜ୍ୟସ୍ତରୀୟ ତୃତୀୟ ବାର୍ଷିକ ବନ୍ଧୁମିଳନ ଓ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ ଓ କବି ଓ କବୟିତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍ୱର୍ଣ୍ଣଲତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନର ଅବସରପ୍ରାପ୍ତ ଜଳ ସମ୍ପଦ ନିର୍ଦ୍ଦେଶକ କିଶୋର ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ସଂଯୋଜକ ହୃଷିକେଶ ପ୍ରଧାନ ସଂଯୋଜନା କରିଥିବା ବେଳେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ସମ୍ପାଦିକା ମନ୍ଦାକିନୀ ପାଢ଼ୀ। ଦ୍ୱିତୀୟ ଅଧିବେଶନରେ ମାଟିର ବାସ୍ନାର ସଭାପତି ରାଖେଲ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରତିଭା ମହାରଥି ଯୋଗଦେଇ ସାହିତ୍ୟ ଓ ସଂସ୍କୃତି ଉପରେ ବିଶେଷ



ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ନାଥ ଧନୀ, ଡ. ପ୍ରଦୀପ କୁମାର, ଗୋଦାବରୀଶ ଦାସ ଯୋଗଦେଇ ସାହିତ୍ୟ ଓ ଆଧ୍ୟାତ୍ମିକ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସାରସ୍ୱତ ସାଧକମାନଙ୍କୁ ସାହିତ୍ୟରଥି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସରସ୍ୱତୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପ୍ରମୋଦ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ପେଣ୍ଟସ୍ଥଳୀରେ ଅଂଶୁଘାତ ସଚେତନତା

ଭୁବନେଶ୍ୱର, ୬।୬(ସମିସ): ଆକ୍ସନଏଡ୍ ପକ୍ଷରୁ ନୂଆପଲ୍ଲୀ ଶ୍ରମିକ ପେଣ୍ଟସ୍ଥଳୀରେ ଅଂଶୁଘାତ ଉପରେ ସଚେତନତା ଶିବିର ଓ ଜଳ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଦହି ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ କେନ୍ଦ୍ର ସଞ୍ଚାଳକ ସଦାଶିବ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ସାମିଲ ହୋଇଥିଲେ। ସମସ୍ତଙ୍କୁ ଅଂଶୁଘାତ ପ୍ରତି ସାବଧାନ ସଂକ୍ରାନ୍ତୀୟ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା।

# ଆଳାପ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୬।୬(ସମିସ): ଗୁରୁକେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ର ପ୍ରକ୍ଷାଳରେ ଆଳାପ ସଙ୍ଗୀତ ବିଶେଷ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଦ୍ୱତୀୟ ଦିବସରେ ଭକ୍ତି ବୈରବୀ ପର୍ଯ୍ୟାୟକୁ ଅତିଥି ଭାବେ ଅନୁଷ୍ଠାନର ସଭାପତି ବ୍ରଦୀନାରୟଣ ମହାନ୍ତି, ସମ୍ପାଦକ ନିମାକାନ୍ତ ରାଉତରାୟ, ଉପସଭାପତି ଅଳକା ନନ୍ଦ, ପତିଷ୍ଠାତା ଶିଳ୍ପୀ ଉଦ୍ୟୋଗୀ ମାନସ ଜେନା ଯୋଗଦେଇ ଥିଲେ। ଏଥି ସହିତ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ମା ମାନେ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଆରମ୍ଭ କରିଥିଲେ। ଗୁରୁ ଡ. ନିମାକାନ୍ତ ରାଉତରାୟ ଦ୍ୱାରା ପ୍ରଷିକ୍ଷିତ ଶିଷ୍ୟ ଓ ପ୍ରଶିଶିଷ୍ୟଙ୍କ ଦ୍ୱାରା ନବୀଣ ପ୍ରବୀଣ କଳାକାର ମାନେ ଆମ ଓଡିଶୀ ସଙ୍ଗୀତର ଛାନ୍ଦ, ଚଉପଦୀ, ଚଉତିଶା, ଚମ୍ପୁ ଗୀତ ଗୋବିନ୍ଦ ପରିବେଷଣ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଅତିଥି ଭାବେ ନୟାଗଡ଼ର ବିଧାୟକ ଅରୁଣ ସାହୁ, ବିଶିଷ୍ଟ ମର୍ଦ୍ଦଳ ବାଦକ ଧନେସ୍ୱର ସ୍ୱାଇଁ, ଓପିଟିସିଏଲ ମହାପ୍ରବନ୍ଧକ ଅନିତା ମହାପାତ୍ର, କବି ଓ ଲେଖକ ଅଧ୍ୟାପକ ଅନିଲ କୁମାର ପାଢ଼ୀ, ଅନୁଷ୍ଠାନର ସଭାପତି ବଦ୍ରୀ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦିରା କଳା ସଙ୍ଗୀତ ବିଶ୍ୱବିଦ୍ୟାଳୟ ଛତିଶିଗଡ଼ ପ୍ରଫେସର କୁଳସଚିବ ଡ. ଲକ୍ଷ୍ମୀ ଶର୍ମା, ସମାଜସେବୀ କାର୍ତ୍ତିକ ଚନ୍ଦ୍ର ରାଉତ, ଓଡିଶୀ ମର୍ଦ୍ଦଳ ବାଦକ ଗୁରୁ ବୁଦ୍ଧନାଥ ସ୍ୱାଇଁଙ୍କୁ 'ଆଳାପ ସମ୍ମାନ'ରେ ସମ୍ମାନିତ କାରାଯାଇଥିଲା।

# ଚତୁର୍ଥ କଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ଭୁବନେଶ୍ୱର, ୬।୬(ସମିସ): କଳାଭୂମି ଅନୁଷ୍ଠାନ ପକ୍ଷରୁ ଚତୁର୍ଥ କଳାଭୂମି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲେ କୋଲକାତାର ପ୍ରସିଦ୍ଧ ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ସୁରମଣୀ ସନ୍ଦୀପ ଭଟ୍ଟାଚାର୍ଯ୍ୟ। ସନ୍ଦୀପଙ୍କ ସ୍ୱରରେ ତାଳ ଦେଇଥିଲେ ପଣ୍ଡିତ ଡକ୍ଟର ତାପସ ପାଲ୍। ଦ୍ୱିତୀୟ ପରିବେଶଣରେ ଥିଲା ଓଡିଶୀ ନୃତ୍ୟ। କଟକର ଗୁରୁ ମୀରା ଦାଶଙ୍କ ଗୁଞ୍ଜନ ଡାନ୍ସ ଏକାଡେମୀର କଳାକାରଙ୍କ ଜଗନ୍ନାଥ ମଙ୍ଗଳମ୍, ପଲ୍ଲବୀ ଓ ରମଣୀ ନୃତ୍ୟ ପରିବେଷଣ କରିଥିଲେ। ଶେଷ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶାର ଲୋକକଳା ସମ୍ବଳିତ ସଙ୍ଗୀତ ଓ ନୃତ୍ୟ ପରିବେଶିତ ହେବ। ଓଡିଆ କଳା, ସଂସ୍କୃତି, ଐତିହ୍ୟ ଓ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ତଥା ବିଶ୍ୱସ୍ତରରେ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ମହୋତ୍ସବରେ ୩ଦିନ ବ୍ୟାପି ଜାତୀୟସ୍ତରୀୟ ଚିତ୍ରକଳା ଓ ହସ୍ତଶିଳ୍ପ କଳା ପ୍ରଦର୍ଶନୀ ହୋଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନଜରରେ ରଖି ଚିତ୍ରକଳା ପ୍ରଦର୍ଶନୀରେ ଶ୍ରୀ ଜଗନ୍ନାଥଙ୍କୁ ନେଇ ଦେଶ ତଥା ରାଜ୍ୟର କୋଣଅନୁକୋଣର ପ୍ରମୁଖ ଚିତ୍ରକଳା ପ୍ରଦର୍ଶିତ ହୋଇଛି। କଳାଭୂମି ଅଧକ୍ଷ ଡ. ପ୍ରମୋଦ କୁମାର ପତିଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଥିରେ ଅତିଥି ବାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ପବିତ୍ର ମୋହନ ଦାସ ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଉପସ୍ଥିତ ଥିଲେ।

# ସିବିଏସ୍‌ଇ କାର୍ଯ୍ୟାଳୟ ଆଗରେ ଏଆଇଏସ୍‌ଏଫ୍‌ର ବିକ୍ଷୋଭ

ଭୁବନେଶ୍ୱର, ୬।୬(ସମିସ): ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ ଭୁବନେଶ୍ୱରସ୍ଥିତ ସିବିଏସ୍‌ଇର ଜୋନାଲ କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି ଯେ ଦେଶବ୍ୟାପୀ ପରୀକ୍ଷା ଦୁର୍ନୀତି ଏବଂ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ବଢୁଛି। ମୂଲ୍ୟାଙ୍କନରେ ତ୍ରୁଟି କେବଳ ଏକ ବୈଷୟିକ ତ୍ରୁଟି ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ଭବିଷ୍ୟତ ପ୍ରତି ଏହା ଘୋର ଅବହେଳା ବୋଲି କହିଛନ୍ତି। ଅପରପକ୍ଷେ ମାତ୍ର ପ୍ରଶ୍ନ କରୁଥିବା ପିଲାଙ୍କୁ ପାକିସ୍ତାନୀ, ଡିପ୍ ଷ୍ଟେଟ୍ ଏଜେଣ୍ଟ ଓ ଦେଶ ବିରୋଧୀ କହିବା ଅତ୍ୟନ୍ତ ନିନ୍ଦନୀୟ। ସିବିଏସ୍‌ଇର ତ୍ରୁଟିକୁ ଉଜାଗର କରିଥିବା ଛାତ୍ରଛାତ୍ରୀଙ୍କୁ ଭୟଭୀତ କରିବା ଗଣତାନ୍ତ୍ରିକ




■ ପ୍ଲାକାର୍ଡ ଧରି ପ୍ରତିବାଦ କଲେ ଛାତ୍ରଛାତ୍ରୀ

ମୂଲ୍ୟବୋଧ ଓ ଛାତ୍ର ଅଧିକାର ଉପରେ ଆକ୍ରମଣ। ଏଣୁ ଓଏସ୍‌ଏମ୍ ତ୍ରୁଟିର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ପରୀକ୍ଷା ଦୁର୍ନୀତି ଓ ମୂଲ୍ୟାଙ୍କନର ନିରପେକ୍ଷ ନ୍ୟାୟିକ ତଦନ୍ତ, ପରୀକ୍ଷା ବ୍ୟବସ୍ଥାର ବିକେନ୍ଦ୍ରୀକରଣ ସହିତ ଏକ ସ୍ୱଚ୍ଛ ପରୀକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଅନ୍ୟଥା ଏହି ଆନ୍ଦୋଳନ ଦେଶବ୍ୟାପୀ ତୀବ୍ରତର କରାଯିବ ବୋଲି ସଂଘର ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନା ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ଅବିନାଶ ବିଶ୍ୱାଳ, ଅଭିଷେକ ପଣ୍ଡା, ଗାୟତ୍ରୀ ଓଝା, ସାଗର ପ୍ରଧାନ, ସତ୍ୟଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।